

ଅଗଷ୍ଟ ୧ରେ 'ଛିରେ ନନୀ'


▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-30 ◆THURSDAY ◆24 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୦ ◆ଗୁରୁବାର ◆୨୪ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଗାଜିଆବାଦ୍‌ରେ ନକଲି ଦୂତାବାସ





■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଦୁଇ ମହଲା ବିଶିଷ୍ଟ ବିଳାସପୂର୍ଣ୍ଣ କୋଠା। ଉଡୁଛି ବିଦେଶୀ ପତାକା। ଘର ଆଗରେ ୪ଟି ଦାମୀ କାର। ପୁଣି ଏଥିରେ କୂଟନୈତିକ ନମ୍ବର। ଗୋଟିଏ କାରର ନେମ୍ ପ୍ଲେଟରେ ଲେଖା ହୋଇଛି - ଗ୍ରାଣ୍ଡ ଡଚି ଅଫ୍ ୱେଷ୍ଟାରଟିକା। ହିଜ୍ ଏକ୍ସେଲେନ୍ସି ଏଚଭି ଜୈନ। ଅନରାରୀ କନସେଲ। କିନ୍ତୁ ଏହା ଯେ ନକଲି ଦୂତାବାସ, ଏହାର ଟେର୍ କେହି ପାଇ ପାରିନଥିଲେ। ପାଖରେ ପୁଲିସ କମିସନର ଅଫିସ ଥିଲେ ମଧ୍ୟ ସନ୍ଦେହ ଘେରକୁ ଆସିନଥିଲା।

ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଦୀର୍ଘ ଦିନ ଧରି ଚାଲିଥିଲା ଏହି ନକଲି ଦୂତାବାସ। ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ହର୍ଷବର୍ଦ୍ଧନ ଜୈନ ନାମକ ଜଣେ ଠକ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ଏହାର ପର୍ଦ୍ଦାଫାସ ହୋଇଛି। ତା ପାଖରେ ଭିଆଇପି ନଂ ବିଶିଷ୍ଟ ୪ଟି ବିଳାସପୂର୍ଣ୍ଣ

## ରାଷ୍ଟ୍ରଦୂତ ନକଲି, ଗାଡ଼ି ନମ୍ବର ବି ନକଲି

କାର୍ ଜବତ କରାଯାଇଛି। ଏଥିସହ ଭିନ୍ନ ଭିନ୍ନ ଦେଶ ଓ କମ୍ପାନୀଗୁଡ଼ିକର ୩୪ଟି ଷ୍ଟାମ୍ପକୁ ମଧ୍ୟ ଜବତ କରାଯାଇଛି। ଏହାବ୍ୟତୀତ ବୈଦେଶିକ ମନ୍ତ୍ରଣାଳୟର ମୋହର ଲାଗିଥିବା ନକଲି କାଗଜ ଓ ନଗଦ ୪୪.୭୦ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି।

ହର୍ଷବର୍ଦ୍ଧନ କେଭି ୩୫ କବିନଗରରେ ଏକ ବିଳାସପୂର୍ଣ୍ଣ ଘର ଭଡା ନେଇ ଅବୈଧ ଭାବେ 'ୱେଷ୍ଟ ଆର୍କଟିକା ଦୂତାବାସ' ଚଳାଉଥିଲା। ଏହି ଅଞ୍ଚଳରେ ପୁଲିସ କମିସନ, ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କ ସମେତ ଏକାଧିକ ପଦସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ନକଲି ଦୂତାବାସ ବାହାରେ ଅନୁପ ସିଂ ନାମକ ଜଣେ ବ୍ୟକ୍ତିଙ୍କ ନେମ୍ ପ୍ଲେଟ ରହିଛି। ଏଠାରୁ ୧୦୦ମିଟର ଦୂରରେ ଥିବା ଦ୍ୱିତୀୟ ଘରେ ହର୍ଷବର୍ଦ୍ଧନ ଯିବା ଆସିବା କରୁଥିଲା। ୪୭ ବର୍ଷୀୟ ହର୍ଷବର୍ଦ୍ଧନ ଗାଜିଆବାଦ୍‌ରୁ ବିବିଏ କରିବା ପରେ ଲଣ୍ଡନରେ ଏମ୍‌ବିଏ କରିଥିଲା। ତା ପିତା ଜଣେ ଉଦ୍ୟୋଗପତି ଥିଲେ ଓ ରୋଲିଂ ମିଲର ମାଲିକ ଥିଲେ।

ସେ ନିଜକୁ ୱେଷ୍ଟ ଆର୍କଟିକା, ସାବୋର୍ଘା, ପୁଲାୱିଆ ଓ ଲୋଡୋନିଆ ଦେଶର କନସୁଲ ଆମ୍ବାସାଡାର ବା ରାଜଦୂତର ପରିଚୟ ଦେଉଥିଲା। କିନ୍ତୁ ବିଶ୍ୱରେ ଏହି ନାମରେ କୌଣସି ଦେଶ ନାହିଁ। ସେ ଡିପ୍ଲୋମାଟିକ ନମ୍ବର ପ୍ଲେଟ ଲଗାଇ ଗାଡି ଚଳାଉଥିଲା। ଲୋକଙ୍କୁ ପ୍ରଭାବିତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସହ ନିଜର ନକଲି ଫଟୋ ପ୍ରସ୍ତୁତି କରି ତା'ର ଅବୈଧ ବ୍ୟବହାର କରୁଥିଲା। ବିଦେଶରେ ଚାକିରି କରାଇଦେବା ଲୋଭ ଦେଖାଇ ସେ ଦଲାଲି କରୁଥିଲା ଏବଂ ବିଭିନ୍ନ ଶେଲ କମ୍ପାନୀ ଜରିଆରେ ହୱାଲା ର୍ୟାକେଟ୍ ଚଳାଉଥିଲା। ତାଠାରୁ ଦୁଇଟି ନକଲି ପ୍ରେସ୍ କାର୍ଡ, ପ୍ୟାନ କାର୍ଡ, ୧୨ଟି ଡିପ୍ଲୋମାଟିକ୍ ପାସ୍‌ପୋର୍ଟ, ଏକାଧିକ ଦେଶରେ ବିଦେଶୀ ମୁଦ୍ରା, ବଭିନ୍ନ କମ୍ପାନୀ କାଗଜପତ୍ର, ୧୮ଟି ଡିପ୍ଲୋମାଟିକ ନମ୍ବର ଜବତ କରାଯାଇଛି। ଚଢାଉ ପୂର୍ବରୁ ଏସ୍‌ଟିଏଫ୍ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ମାଧ୍ୟମରେ ବୈଦେଶିକ ମନ୍ତ୍ରଣାଳୟକୁ ନକଲି ଦୂତାବାସ ଚାଲୁଥିବା ନେଇ ସୂଚନା ଦେଇଥିଲା। ଏନକଲି କାମରେ ତାକୁ କିଏ ସହାୟତା କରୁଥିଲେ, ତାହାର ଖୋଳତାଡ଼ ଆରମ୍ଭ ହୋଇଛି।

# ସଂସଦ ଅଚଳାବସ୍ଥା ଜାରି

## ଆସନ୍ତା ସପ୍ତାହରେ 'ପହଲଗାମ', 'ଅପରେସନ ସିନ୍ଦୂର' ଆଲୋଚନା

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ଦାବିରେ ସଂସଦ ଆଜି ବି ଅଚଳ ରହିଛି। ଆଲୋଚନା ପାଇଁ ବିରୋଧୀ ଦଳ ଜିଦରେ ଅଟଳ ରହିଥିବା ବେଳେ ସରକାର ରାଜି ହେଉ ନାହାନ୍ତି। ଅନ୍ୟପକ୍ଷରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ସଂପର୍କରେ ଆସନ୍ତା ସପ୍ତାହ ସଂସଦରେ ଆଲୋଚନା ପାଇଁ ସ୍ଥିର ହୋଇଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଏହି ପ୍ରସଙ୍ଗରେ ୧୬ ଘଣ୍ଟା ଲେଖାଏଁ ଆଲୋଚନା ହେବ। ତେବେ ପ୍ରଧାନମନ୍ତ୍ରୀ ଆଲୋଚନାର ଉତ୍ତର ଦେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

ବିହାର ଭୋଟର ତାଲିକା ସଂଶୋଧନ ନେଇ ଉତ୍କ୍ଷିପ୍ତ ଥିବା ସମସ୍ତ ବିରୋଧୀ ଦଳ ଏହା ଉପରେ ଆଲୋଚନା ପାଇଁ ସଂସଦରେ ଆଜି ଅଡ଼ି ବସିଥିଲେ। ଲୋକସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ସଭ୍ୟମାନେ ସେମାନଙ୍କ ଦାବିରେ ସ୍ଲୋଗାନବାଜି କରିବା ସହିତ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବାଚସ୍ପତି ଓମ୍ ବିର୍ଲାଙ୍କ ଚେତାବନୀ ସତ୍ତ୍ୱେ ସେମାନେ ହଟ୍ଟଗୋଳ ଜାରି ରଖିଥିଲେ। ଫଳରେ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଦୁଇଟା ପରେ ପୁଣି ହଟ୍ଟଗୋଳ ଜାରି ରହିବାରୁ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା। ▶ପୃଷ୍ଠା-୭




## ଅଗଷ୍ଟ ଶେଷ ସୁଦ୍ଧା ଉପରାଷ୍ଟ୍ରପତି ନିର୍ବାଚନ

### ପ୍ରକ୍ରିୟା ଆରମ୍ଭ କଲେ ନିର୍ବାଚନ କମିସନ

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଅଗଷ୍ଟ ମାସ ଶେଷ ଆଡକୁ ନୂଆ ଉପରାଷ୍ଟ୍ରପତି ନିର୍ବାଚନ ହେବାର ସମ୍ଭାବନା ରହିଛି। ଏଥିପାଇଁ ନିର୍ବାଚନ କମିସନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଜଗଦୀପ ଧନଖଡ଼ଙ୍କ ଇସ୍ତଫା ସଂପର୍କରେ ସ୍ୱରାଷ୍ଟ୍ର ବିଭାଗ କମିସନଙ୍କୁ ଜଣାଇଦେବା ପରେ କମିସନ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ଦୁଇରୁ ଚାରି ଦିନ ମଧ୍ୟରେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଛି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଇନ-୧୯୫୨ ଅନୁଯାୟୀ ବିଜ୍ଞପ୍ତି ଜାରି ହେବାର ୩୨ ଦିନ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସଂପନ୍ନ ହେବା ଜରୁରି। ବିଜ୍ଞପ୍ତି ଜାରି ହେବାର ୧୪ ଦିନ ମଧ୍ୟରେ ମନୋନୟନପତ୍ର ଦାଖଲ କରିବେ ପ୍ରାର୍ଥୀ। ଏହାପରେ ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବାପରେ ଭୋଟଗ୍ରହଣ କରାଯିବ। ଲୋକସଭା ▶ପୃଷ୍ଠା-୭

### ଭେଟିବାକୁ ବିରୋଧୀଙ୍କ ଲମ୍ବାଧାଡ଼ି



## ଧରାଛୁଆଁ ଦେଉନାହାନ୍ତି ଧନଖଡ଼

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଉପରାଷ୍ଟ୍ରପତି ପଦରୁ ଯେଉଁଦିନ ଇସ୍ତଫା ଦେଲେ, ସେହିଦିନ ଠାରୁ ଘର ଖାଲି କରିବା ଆରମ୍ଭ କରିଦେଇଛନ୍ତି ଜଗଦୀପ ଧନଖଡ଼। ତେବେ ତାଙ୍କର ଅଚାନକ ଇସ୍ତଫାକୁ ନେଇ ସସପେନ୍ସ ଜାରି ରହିଥିବା ବେଳେ ତାଙ୍କୁ ଦେଖା କରିବାଲାଗି ବିରୋଧୀ ଦଳର ଅନେକ ନେତା ଉଦ୍ୟମ ଚଳାଇଥିଲେ ମଧ୍ୟ ଧନଖଡ଼ ଧରାଛୁଆଁ ଦେଉ ନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଗତ ୨୧ ତାରିଖ ରାତି ୯ଟାରେ ଧନଖଡ଼ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିବା ପରେ ୯ଟା ୨୫ରେ ଏହି ଇସ୍ତଫାପତ୍ରର ନକଲକୁ ତାଙ୍କ 'ଏକ୍ସ'ରେ ପୋଷ୍ଟ କରିଥିଲେ। ସେହି ରାତିରୁ ହିଁ ସେ ଉପରାଷ୍ଟ୍ରପତି ଭବନରୁ ନିଜର ଜିନିଷପତ୍ର ପ୍ୟାକିଂ କରିବା ଆରମ୍ଭ କରିଦେଇଥିଲେ। ପାର୍ଲାମେଣ୍ଟ ହାଉସ ନିକଟବର୍ତ୍ତୀ ଚର୍ଚ୍ଚ ରୋଡ୍‌ରେ ନବନିର୍ମିତ ଭାଇସ୍ ପ୍ରେସିଡେଣ୍ଟ ▶ପୃଷ୍ଠା-୭

# ୨୦୨୬ରୁ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ୨୦୨୬ ଜାନୁଆରୀ ପହିଲାରୁ ଦେଶରେ ଲାଗୁ ହେବ ୮ମ ବେତନ ଆୟୋଗଙ୍କ ସୁପାରିସ। କେନ୍ଦ୍ର ସରକାର ୨୦୨୫ ଜାନୁଆରୀ ୧୬ରେ ବେତନ ଆୟୋଗ ଗଠନକୁ ମଞ୍ଜୁରୀ ଦେଇଥିଲେ। ଆୟୋଗ ଦେଶର ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ସମୀକ୍ଷା କରିବେ।

୮ମ ବେତନ ଆୟୋଗଙ୍କ ସୁପାରିସ କାର୍ଯ୍ୟକାରୀ ହେଲେ ପ୍ରତିରକ୍ଷା କର୍ମଚାରୀଙ୍କ ସମେତ ଦେଶର୫୦ ଲକ୍ଷରୁ ଅଧିକ କେନ୍ଦ୍ରୀୟ କର୍ମଚାରୀ ଏବଂ ପ୍ରାୟ ୬୫ ଲକ୍ଷ ପେନସନଭୋଗୀ ଦରମା, ପେନସନ ଏବଂ ଭତ୍ତା ସଂଶୋଧନରୁ ଉପକୃତ ହେବେ। ଆଶା କରାଯାଉଛି ଯେ ୮ମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ପରେ ଲେବଲ-୧ କେନ୍ଦ୍ରୀୟ କର୍ମଚାରୀଙ୍କ ମୂଳ ଦରମା ୧୮,୦୦୦ ଟଙ୍କାରୁ ୫୧,୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ। ଆୟୋଗ ୨.୮୬ ପର୍ଯ୍ୟନ୍ତ ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରିପାରିବେ। ଏହା ଦରମା ବୃଦ୍ଧିର କାରଣ। ସେହିପରି, ଅନ୍ୟ ସ୍ତରର କର୍ମଚାରୀଙ୍କ ଦରମା ମଧ୍ୟ ଫିଟମେଣ୍ଟ ଫ୍ୟାକ୍ଟର ଆଧାରରେ ବୃଦ୍ଧି ପାଇବ। କର୍ମଚାରୀଙ୍କ ସ୍ତର ମିଶ୍ରଣ କରିବାକୁ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା।

ହେଲେ ୮ମ ବେତନ ଆୟୋଗଙ୍କ ସୁପାରିସକୁ ନେଇ ସରକାରୀ କର୍ମଚାରୀମାନେ

### ପୁରୁଣା ପେନ୍‌ସନ୍ ସ୍କିମ୍ କାର୍ଯ୍ୟକାରୀ କରିବାକୁ କର୍ମଚାରୀଙ୍କ ଦାବି

ସେତେଟା ଖୁସିନାହାନ୍ତି। ସେମାନେ ପୁରୁଣା ପେନ୍‌ସନ୍ ସ୍କିମ୍ (ଓପିଏସ୍) କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଏଥିରେ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ୍ ଯୋଜନା ପୁନଃସଂସ୍ଥାପିତ କରିବା ଏବଂ ସ୍ୱାସ୍ଥ୍ୟ-ଶିକ୍ଷା ସମ୍ବନ୍ଧୀୟ ସୁବିଧା ବୃଦ୍ଧି କରିବା ଭଳି ଦାବି ଅନ୍ତର୍ଭୁକ୍ତ। କର୍ମଚାରୀଙ୍କ ପ୍ରତିନିଧିମାନେ ୨୦୦୪ ପରେ ଚାକିରି ଆରମ୍ଭ କରିଥିବା ସରକାରୀ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ୍ ▶ପୃଷ୍ଠା-୭

# ସୌମ୍ୟାଶ୍ରୀ ଆତ୍ମଦାହ ବେଳେ ପାଖରେ ଥିବା ଦୁଇ ଛାତ୍ରୀଙ୍କୁ ଖୋଜୁଛି କ୍ରାଇମବ୍ରାଞ୍ଚ

■ ବାଲେଶ୍ୱର, ୨୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ତନାଘନା ଜାରି ରଖିଛି। ଗତ ୧୨ ତାରିଖ ଶନିବାର ଦିନ ସୌମ୍ୟାଶ୍ରୀ ଆତ୍ମଦାହ କରିବା ସମୟରେ ନିକଟରେ ଦୁଇଜଣ ଛାତ୍ରୀ ଉପସ୍ଥିତ ଥିଲେ। ତେବେ ଉକ୍ତ ଘଟଣା ପରଠାରୁ ଉଭୟଙ୍କ ଖୋଜଖବର ମିଳୁନି। ବୁଧବାର କ୍ରାଇମବ୍ରାଞ୍ଚ ଟିମ୍ ଉକ୍ତ ଦୁଇ ଛାତ୍ରୀଙ୍କ ଫଟୋକୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କୁ ଦେଇ ଚିହ୍ନଟ କରିବା ପାଇଁ କହିଥିଲେ। ହେଲେ ଏଯାବତ୍ ସମ୍ପୃକ୍ତ ଦୁଇ ଛାତ୍ରୀଙ୍କ ପରିଚୟ ଜଣାପଡ଼ିନି।

କଲେଜ ଅଧ୍ୟକ୍ଷ ଶ୍ରୀ ପାଢ଼ୀ କହିଛନ୍ତି ଯେ ଘଟଣା ଦିନ ସୌମ୍ୟାଶ୍ରୀଙ୍କ ନିକଟରେ ଉପସ୍ଥିତ ଥିବା ଦୁଇ ଛାତ୍ରୀଙ୍କ ମଧ୍ୟରୁ ଜଣେ କଲେଜ ଛାତ୍ରୀ ଭଳି ଲାଗୁଥିବା



ବେଳେ ଅନ୍ୟଜଣଙ୍କ ସଂପର୍କରେ ସଠିକ୍ ଭାବେ ଜଣାପଡ଼ିନାହିଁ। ଏପରିକି, ଭାଇରାଲ ଭିଡିଓରେ ସେମାନଙ୍କ ଫଟୋ ସଠିକ୍ ଭାବେ ଆସୁନଥିବା ବେଳେ କ୍ରାଇମବ୍ରାଞ୍ଚ ଟିମ୍ ସେମାନଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ, କିଛି ମୋବାଇଲ ନମ୍ବର ମଧ୍ୟ କ୍ରାଇମବ୍ରାଞ୍ଚକୁ କଲେଜ ପକ୍ଷରୁ ପ୍ରଦାନ କରାଯାଇଛି, ଯାହାଦ୍ୱାରା ସେମାନଙ୍କର ସନ୍ଧାନ ମିଳିପାରିବ। ଏହାଛଡ଼ା ସେମାନଙ୍କର ▶ପୃଷ୍ଠା-୭

# ବଳଙ୍ଗା ନାବାଳିକାଙ୍କୁ ଜାଳିଦେବା ଘଟଣା

## ୪ ଦିନ ପରେ ବି ପୁଲିସ ହାତ ଖାଲି | ଗାଏବ ହୋଇଗଲେ କି ଅଭିଯୁକ୍ତ ?

■ ପୁରୀ, ୨୩।୭ (ସମିସ): ରସାତଳକୁ ଗଲାଣି ରାଜ୍ୟରେ ଆଇନଶୃଙ୍ଖଳା। ବାଲେଶ୍ୱରରୁ ବଳଙ୍ଗା, ଯାଜପୁରରୁ ଜଗତ୍‌ସିଂହପୁର ଜାତୀୟସ୍ତରରେ ରାଜ୍ୟକୁ ବଦ୍‌ନାମ କଲାଣି। ଏଠି ମହିଳା ହିଂସା, ନାରୀ ନିର୍ଯାତନା ଆଉ ସରକାରଙ୍କ କାବୁରେ ନାହିଁ। ଅପରାଧୀ ବେଫିକର, ଯେଉଁଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ମାଳ ମାଳ ଅଭିଯୋଗ ଆସୁଛି। ଏସବୁ ଭିତରେ ସବୁଠୁ ଅଧିକ ଲୋମହର୍ଷଣକାରୀ ଘଟଣା ଘଟିଛି ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ। ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ହୋଇଛି ଉଦ୍ୟମ। ୭୦ ପ୍ରତିଶତରୁ ଅଧିକ ପୋଡି ଯାଇଥିବା ପୀଡ଼ିତା ଏବେ ଦିଲ୍ଲୀ ଏମ୍ସରେ ଜୀବନ ସହ ଜୁଝି ହେଉଥିବା ବେଳେ ଏପଟେ କିଏ ସେ ଅଭିଯୁକ୍ତ ତାହା ଉପରୁ ପରଦା ହଟିପାରୁ ନାହିଁ। ଏହି ସମ୍ବେଦନଶୀଳ ଘଟଣାକୁ ଇତିମଧ୍ୟରେ ପାଞ୍ଚଦିନ ବିତିଲାଣି। ହେଲେ ପୁଲିସ, କ୍ରାଇମ୍‌ବ୍ରାଞ୍ଚ ଥଳକୂଳ ପାଉ ନ ଥିବାବେଳେ ତଦନ୍ତ ନାଁରେ ଖାଲି ଅଣ୍ଡାଳି ହେଉଛନ୍ତି।

ଗତ ଶନିବାର ସକାଳେ ଏହି ଲୋମହର୍ଷଣକାରୀ ଘଟଣା ଘଟିବା ପରଠାରୁ ବଳଙ୍ଗା ଚର୍ଚ୍ଚାରେ ରହିଛି। ଏହି ପ୍ରସଙ୍ଗ ଏବେ

### ଅଣ୍ଡାଳି ହେଉଛନ୍ତି ପୁଲିସ, କ୍ରାଇମ୍‌ବ୍ରାଞ୍ଚ

### ଘଟଣାସ୍ଥଳରୁ ମିଳିଥିବା ମୁଦି, ଚୁଡ଼ି କାହାର?

କେବଳ ଓଡ଼ିଶା ନୁହେଁ, ଜାତୀୟସ୍ତରରେ ମଧ୍ୟ ଆଲୋଡନ ଖେଳାଇଛି। ଏପରି କି ସୁପ୍ରିମ୍‌କୋର୍ଟ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତଥାପି ଅଭିଯୁକ୍ତଙ୍କୁ ଖୋଜି ବାହାର କରିବାରେ ବିଫଳ ହୋଇଛି ପୁଲିସ। ଏହି ଘଟଣା ଜଣାପଡିବା ▶ପୃଷ୍ଠା-୭

## ବୟାନ ରେକର୍ଡ ପାଇଁ ଦିଲ୍ଲୀ ଗଲା ତଦନ୍ତ ଟିମ୍

### ନଦୀ ବନ୍ଧରେ କ୍ରାଇମ୍‌ବ୍ରାଞ୍ଚର ତନାଘନା

### ପୀଡ଼ିତାଙ୍କ ହେଲା ଅସ୍ତ୍ରୋପଚାର

■ ବଳଙ୍ଗା, ୨୩।୭ (ସମିସ): ବଳଙ୍ଗାରେ ଜଣେ ନାବାଳିକାକୁ ୩ ଦୁର୍ବୃତ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିବା ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ଜାରି ରହିଛି। ଏହି ଘଟଣାରେ ଆଜି କ୍ରାଇମବ୍ରାଞ୍ଚ ଓ ପୁଲିସ୍‌ର ଏକ ଟିମ୍ ଦିଲ୍ଲୀ ଏମ୍‌ସକୁ ଯାଇଛନ୍ତି। ସେଠାରେ ସେମାନେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରିବେ ବୋଲି ଜଣାଯାଇଛି। ଘଟଣା ପଛର କାରଣ ଓ ଏଥିରେ କେଉଁକେଉଁମାନେ ସଂପୃକ୍ତ ଅଛନ୍ତି, ତାହା କେବଳ ପୀଡ଼ିତା ହିଁ ଭଲ ଭାବେ କହିପାରିବେ ▶ପୃଷ୍ଠା-୭

## ଆଜି ସୃଷ୍ଟିହେବ ଲଘୁଚାପ | ୨୭ ପର୍ଯ୍ୟନ୍ତ ବର୍ଷା

■ ଭୁବନେଶ୍ୱର, ୨୩।୭ (ସମିସ): ଉତ୍ତର ବଙ୍ଗୋପସାଗରରେ ସକ୍ରିୟ ହୋଇଛି ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ପରବର୍ତ୍ତୀ ୨୪ ଘଣ୍ଟା ଅର୍ଥାତ ଗୁରୁବାର ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି। ଅନ୍ୟପଟେ ଲଘୁଚାପ ସୃଷ୍ଟି ପରେ ଏହା ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ଅବପାତର ରୂପ ନେବାକୁ ଥିବାରୁ ଆଗକୁ ବର୍ଷାର ପ୍ରଭାବ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଏହ ଲଘୁଚାପ ପ୍ରଭାବରେ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବାକୁ ଥିବା ବେଳେ ୨୪ ଓ ୨୫ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ୟେଲୋ ଓ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଗୁରୁବାର ୪ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହି ଚାରି ଜିଲ୍ଲାରେ ୭ରୁ ୨୦ ସେମି ବର୍ଷା ନେଇ ଅରେଞ୍ଜ ଆର୍ଲଟ ଜାରି ହୋଇଛି। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଜପତିକୁ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ଆସନ୍ତା ▶ପୃଷ୍ଠା-୭

## ରାଜ୍ୟ କ୍ରିକେଟ ଜଗତରେ କଳି

# ଗଠନ ହେବ ଓସିଏର ସମାନ୍ତରାଳ ସଂଘ !

■ କଟକ,୨୩।୭ (ସମିସ): ରାଜ୍ୟ କ୍ରିକେଟର ସର୍ବୋଚ୍ଚ ସଂଘ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ବିରୋଧରେ ଏକ ନୂଆ ଗୋଷ୍ଠୀ ମୁଣ୍ଡ ଟେକିଛି। ଓସିଏ ସହ ଅନୁବନ୍ଧିତ ହୋଇ ପାରି ନ ଥିବା କେତେକ କ୍ଲବ ମେଳି ହୋଇ ସମାନ୍ତରାଳ ସଂଘ ଗଠନ କରିବାକୁ ଯୋଜନା କରିଛନ୍ତି। ଭୁବନେଶ୍ୱରରେ ଏନେଇ ବୈଠକ ଅନୁଷ୍ଠିତ ହୋଇସାରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବିଜେପିର ଜଣେ ଆଗଧାଡ଼ିର ନେତାଙ୍କ ସାନଭାଇ ଏହାର ନେତୃତ୍ୱ ନେଉଥିବା କୁହାଯାଉଛି। ତେବେ ଏହି ସବୁ ଘଟଣାରେ ଓସିଏର





### ମେଳି ହୋଇଛନ୍ତି ଅଣ-ଅନୁବନ୍ଧିତ ୟୁନିଟ୍

### ଆଲୋଚନା ମୂଲ୍ୟହୀନ, ଯୋଜନା ଫସର ଫାଟିବ: ଓସିଏ

ଜନୈକ ବରିଷ୍ଠ ପଦାଧିକାରୀ କହିଛନ୍ତି ଯେ, ଓସିଏକୁ ବିରୋଧ କରୁଥିବା ଏହି ଗୋଷ୍ଠୀଙ୍କ ଆଲୋଚନା ମୂଲ୍ୟହୀନ। କ୍ରିକେଟ ପ୍ରତି ଓସିଏର ଅବଦାନକୁ ନେଇ ସମସ୍ତେ ସ୍ପଷ୍ଟ ଭାବେ ଜାଣନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନୂଆ ସଂଘକୁ ଗ୍ରହଣ କରିବ ନାହିଁ। ସେମାନଙ୍କ ଯୋଜନା ଫସର ଫାଟିବ ବୋଲି ଓସିଏର ଏହି ପଦାଧିକାରୀ ଜଣକ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

୬୦ ଦଶକ ଆରମ୍ଭରୁ ଓଡ଼ିଶା କ୍ରିକେଟକୁ ସଂଗଠିତ କରିବା ଦିଗରେ ଓଡିଶା କ୍ରିକେଟ ଆସୋସିଏସନ(ଓସିଏ) କାର୍ଯ୍ୟ କରୁଛି। ଦୀର୍ଘ ସାତ ଦଶନ୍ଧି ଭିତରେ ଅନେକ ଉତଥାନ ପତନ ଦେଇ ଏହି ସଂଘ ଗତି କରିଛି। ତେବେ ଅନେକ ବର୍ଷ ଭିତରେ ଓଡ଼ିଶା କ୍ରିକେଟକୁ ଦୃଷ୍ଟାନ୍ତମୂଳକ ସଫଳତା ନ ମିଳିବା ପ୍ରସଙ୍ଗକୁ ଆକ୍ଷେପ କରି କିଛି କ୍ରୀଡ଼ା ସଂଗଠକ ଏବେ ନୂଆ ସଂଘ ଗଠନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗତ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟିରୁ ପ୍ରତିଦ୍ୱନ୍ଦିତା କରୁ ନ ଥିଲେ ସୁଦ୍ଧା ଚର୍ଚ୍ଚାରେ ରହିଥିବା ଜଣେ ବରିଷ୍ଠ ନେତାଙ୍କ ସାନଭାଇ ଏବେ ବିଭିନ୍ନ କ୍ଲବ, କ୍ରୀଡ଼ା ▶ପୃଷ୍ଠା-୭

# ପୁଲିସ ପ୍ରଶିକ୍ଷଣ ଶିବିରରେ ବି ମହିଳା ଅସୁରକ୍ଷିତ

## ଗାଧୁଆଘରେ ଲାଗିଛି କ୍ୟାମେରା



ଗୋରଖପୁର, ୨୩।୭ (ଏଜେନ୍ସି): ସାରା ଦେଶରେ ମହିଳା ସୁରକ୍ଷା ପ୍ରସଙ୍ଗ ଚିନ୍ତାର ବିଷୟ ପାଲଟିଛି। ଏହାକୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ହୁଲସ୍ଥୁଲ୍ ହେଉଛି। ବିରୋଧୀ ସରକାରଙ୍କୁ ସମାଲୋଚନା କରୁଛନ୍ତି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଥିବା ଦାବି କରୁଛନ୍ତି। ଏପରି ସମୟରେ ଡବଲ ଇଞ୍ଜିନ୍ ସରକାର ଥିବା ଉତ୍ତର ପ୍ରଦେଶରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ସୁରକ୍ଷା ଦେଉଥିବା ପୁଲିସ ବାହିନୀରେ ବି ମହିଳା ଅସୁରକ୍ଷିତ ଅଛନ୍ତି। ମହିଳା କର୍ମୀଙ୍କ ଉପରେ ଗୁପ୍ତରେ ନଜର ରଖାଯାଉଛି। ଏଥିପାଇଁ ଗାଧୁଆଘରେ (ବାଥରୁମ୍) କ୍ୟାମେରା ଖଞ୍ଜା ଯାଇଛି। ସବୁ କିଛି ରେକର୍ଡିଂ କରି ମହିଳା କନଷ୍ଟେବଲଙ୍କ ସମ୍ମାନ ସହ ଖେଳା ଯାଉଛି। ଗୋରଖପୁରର ବିଛିଆରେ ଥିବା ପ୍ରୋଭିନସିଆଲ ଆର୍ମ୍ଡ କନଷ୍ଟାବୁଲାରୀ (ପିଏସି) ଟ୍ରେନିଂ ସେଣ୍ଟରରେ ଏଭଳି ଘଟଣା ଘଟିଛି। ଏହାକୁ ନେଇ ବୁଧବାର ସକାଳ ୮ଟାରେ ଟ୍ରେନି ମହିଳା କନଷ୍ଟେବଲମାନେ ବିକ୍ଷୋଭ କରିଛନ୍ତି। ୬୦୦ ମହିଳା କନଷ୍ଟେବଲ କାନ୍ଦି କାନ୍ଦି ପ୍ରଶିକ୍ଷଣ କେନ୍ଦ୍ରର ବାହାରକୁ ଆସି ଯାଇଛନ୍ତି। ସେମାନେ ଏହି କେନ୍ଦ୍ରର ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି।

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁରୁବାର ଏହି ପ୍ରଶିକ୍ଷଣ କେନ୍ଦ୍ର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସେ ଗୋରଖପୁରରେ ପହଞ୍ଚି ଯାଇଛନ୍ତି। ମାତ୍ର ଏହାର ଦିନକ ପୂର୍ବରୁ ଏଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା କନଷ୍ଟେବଲ କହିଛନ୍ତି ଯେ ପ୍ରଶିକ୍ଷଣ କେନ୍ଦ୍ରର ଗାଧୁଆଘରେ କ୍ୟାମେରା ଲାଗିଛି। ଆମ ଭିଡିଓ ରେକର୍ଡ କରାଯାଇଛି। ଏ ସବୁକୁ ଫେରାଇ ହେବ କି? ଏବେ କ'ଣ ହେବ? କାଲି କିଛି ଅଧିକାରୀ ଆସିଥିଲେ। ସେମାନେ ଆମକୁ ଗାଳି ଦେଇ ଚାଲିଗଲେ। କିନ୍ତୁ କିଛି ଶୁଣି ନ ଥିଲେ। ଅନ୍ୟ ଜଣେ ମହିଳା ଟ୍ରେନିଂ ସେଣ୍ଟରରେ ଥିବା ଅବ୍ୟବସ୍ଥା ବିଷୟରେ ମଧ ମୁହଁ ଖୋଲିଛନ୍ତି। ୩୬୦ ମହିଳା ରହିବାର ବ୍ୟବସ୍ଥା ଥିବାବେଳେ ୬୦୦ ଜଣ ରହୁଛନ୍ତି। ରାତିସାରା ବିଦ୍ୟୁତ ଆସୁ ନାହିଁ। ଜେନେରେଟରର ମଧ ବ୍ୟବସ୍ଥା ନାହିଁ। ସେଥିପାଇଁ ସାରା ରାତି ଅନିଦ୍ରା ହେବାକୁ ପଡୁଛି। ସକାଳେ ଗାଧୁଆଘରେ ପାଣି ମଧ ଆସୁନି। ପିଇବାକୁ ମାତ୍ର ଅଧ ଲିଟର ପାଣି ଦିଆଯାଉଛି। ଦିଆ ଯାଉଥିବା ଖାଦ୍ୟର ମାନ ମଧ ଠିକ୍ ରହୁ ନାହିଁ। ଏହି ସବୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରଶିକ୍ଷଣ କେନ୍ଦ୍ର ଭିତରକୁ ଯିବୁ ନାହିଁ ବୋଲି ବିକ୍ଷୋଭକାରୀ କହିଥିଲେ। ସେହିପରି ମହିଳାଙ୍କ ଗର୍ଭ ଯାଞ୍ଚ କରିବାକୁ ଡିଆଇଜି ରୋହନ ପି ନିର୍ଦ୍ଦେଶ ଜାରି କରିଥିଲେ। ଏଥିପାଇଁ ସିଏମଓକୁ ଚିଠି ଲେଖି ମେଡିକାଲ ଟିମ୍ ଡକା ଯାଇଥିଲା। ଏହି ଆଦେଶକୁ ମଧ ମହିଳା କନଷ୍ଟେବଲ ବିରୋଧ କରିଥିଲେ। ତେବେ ପରେ ଆଇଜି ଟ୍ରେନିଂ ଚନ୍ଦ୍ର ପ୍ରକାଶ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ନେଇଥିଲେ। ଗର୍ଭବତୀ ମହିଳା ସୂଚନା ଦେଇ ବ୍ୟାଚ୍‌ରୁ ଯାଇପାରିବେ ବୋଲି କହିଥିଲେ।

### କାନ୍ଦିଲେ ୬୦୦ ମହିଳା କନେଷ୍ଟବଲ

ଏହି ହଙ୍ଗାମାର ସୂଚନା ମିଳିବା ପରେ ଅଧିକାରୀଙ୍କ ନିଦ ହଜି ଯାଇଥିଲା। ତେଣୁ ପ୍ରଶିକ୍ଷଣ କେନ୍ଦ୍ରରେ ଟ୍ରେନର ଏବଂ ଏଡିଜିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ଯାଇଥିଲେ। ମହିଳା କନଷ୍ଟେବଲଙ୍କୁ ୫-୬ ଘଣ୍ଟା ପର୍ଯ୍ୟନ୍ତ ବୁଝାଇ ଭିତରକୁ ନେଇ ଯାଇଥିଲେ। ତାଙ୍କୁ ସୁରକ୍ଷାର ଭରସା ଦେଇଥିଲେ। ସେମାନେ ଗାଧୁଆଘରର ଗ୍ୟାଲେରିରେ ଲାଗିଥିବା କ୍ୟାମେରା ହଟାଇବାକୁ ଦାବି କରିଥିଲେ। ରାଜି ହେବା ପରେ ଏହି ମାମଲା ଶାନ୍ତ ହୋଇଥିଲା। ତେବେ ଏହି ମାମଲା ଲକ୍ଷ୍ନୌ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଅଭଦ୍ର ଭାଷା କହିଥିବାରୁ ଫିଜିକାଲ ଟ୍ରେନିଂ ଇନଷ୍ଟ୍ରକ୍ଟର (ପିଟିଆଇ)ଙ୍କୁ ନିଲମ୍ବନ କରିଦିଆଯାଇଛି। ସେହିପରି ଡିଜିପି ରାଜୀବ କୃଷ୍ଣ ନୋଟିସ ଦେବାର କିଛି ସମୟ ମଧ୍ୟରେ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ଏଥିରେ ସବୁ ପୁଲିସ ଟ୍ରେନିଂ ସେଣ୍ଟର, ପିଏସି, ଟ୍ରେନିଂ ଇନଷ୍ଟିଚ୍ୟୁଟ ଏବଂ କଲେଜର ପ୍ରମୁଖମାନେ ସାମିଲ ହୋଇଥିଲେ। ପିଏସି ଅଧିକାରୀଙ୍କୁ ଡିଜିପି ତୀବ୍ର ଭର୍ତ୍ସନା କରିଥିଲେ। ଟ୍ରେନିଂ ତାରିଖ ପୂର୍ବରୁ ଧାର୍ଯ୍ୟ ହୋଇଥିବା ସତ୍ତ୍ୱେ ଅବ୍ୟବସ୍ଥା କେମିତି ହେଲା ବୋଲି ପଚାରିଥିଲେ। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଏହାକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଯଦି ମୁଖ୍ୟ ନଗରୀର ସ୍ଥିତି ଏପରି ତେବେ ଅନ୍ୟ କେନ୍ଦ୍ରରେ କ'ଣ ହେଉ ନ ଥିବ। ବିଜେପି ଖାଲି ସ୍ଲୋଗାନରେ ନାରୀ ବନ୍ଦନା କଥା କହୁଛି ବୋଲି ସେ ଅଭିଯୋଗ କରିଛନ୍ତି।

## ବିହାରର ପ୍ରତି ନିର୍ବାଚନମଣ୍ଡଳୀରୁ ବାଦ୍‌ହେବେ ୨୩ ହଜାର ଭୋଟର

ପାଟନା, ୨୩।୭ (ଏଜେନ୍ସି): ବିହାରରେ ଚାଲିଥିବା ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରୁ ୫୬ ଲକ୍ଷ ଲୋକଙ୍କୁ ବାଦ୍ ଦିଆଯିବ। ଯାଞ୍ଚ କରି ନ ଥିବା ଭୋଟରଙ୍କ ମଧ୍ୟରେ ୨୦ ଲକ୍ଷ ମୃତ୍ୟୁବରଣ କରିଥିବାବେଳେ ୨୮ ଲକ୍ଷ ଅନ୍ୟ ରାଜ୍ୟର ବାସିନ୍ଦା ହୋଇ ଯାଇଛନ୍ତି। ୭ ଲକ୍ଷ ଦୁଇଟି ସ୍ଥାନରେ ପଞ୍ଜିକରଣ କରିଥିବାବେଳେ ଲକ୍ଷେ ଲୋକଙ୍କୁ ଠାବ କରାଯାଇପାରି ନାହିଁ ଏବଂ ୧୫ ଲକ୍ଷ ଭୋଟର ଯାଞ୍ଚ ଫର୍ମ ଫେରାଇ ନାହାନ୍ତି। ବୁଧବାର ସନ୍ଧ୍ୟାରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହା ପୂର୍ବରୁ ମଙ୍ଗଳବାର ୫୨ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରୁ ବାଦ ଦିଆଯାଇଛି ବୋଲି ଇସି କହିଥିଲେ। ବିହାରରେ ମୋଟ ୨୪୩ ବିଧାନସଭା ଆସନ ରହିଛି। ୫୬ ଲକ୍ଷ ଲୋକଙ୍କୁ ତାଲିକାରୁ ବାଦ ଦେଲେ ପ୍ରତି ନିର୍ବାଚନମଣ୍ଡଳୀରୁ ୨୩, ୦୪୫ ଭୋଟରଙ୍କୁ ଭୋଟ ଦେବାକୁ ଅଧିକାର ମିଳିବ ନାହିଁ। ତେବେ ବିରୋଧୀ ଏହାକୁ ବିରୋଧ କରିଛନ୍ତି। ଯଦି ପୂର୍ବରୁ ଥିବା ଭୋଟର ତାଲିକାରୁ ଏକ ପ୍ରତିଶତ ଭୋଟରଙ୍କୁ ବି ବାଦ ଦିଆଯାଏ ତେବେ ତାହାକୁ ଗ୍ରହଣ କରାଯିବ ନାହିଁ। ଆରଜେଡି ନେତା ତେଜସ୍ୱୀ ଯାଦବ ଅଭିଯୋଗ କରିଛନ୍ତି ଯେ ଇସି ବିଜେପି ଇଙ୍ଗିତରେ ଚାଲିଛନ୍ତି। ଭୋଟର ତାଲିକା ହେରଫେର କରୁଛନ୍ତି। ବାସ୍ତବିକ ତାଲିକାକୁ ଶେଷ କରି ଗଣତନ୍ତ୍ରକୁ ନଷ୍ଟ କରାଯାଉଛି। ଏଭଳି ସ୍ଥିତିରେ ନିର୍ବାଚନ କରାଇବା ନିରର୍ଥକ। ଯଦି ଏଭଳି ସ୍ଥିତି ଜାରି ରହେ ତେବେ ବିରୋଧୀ ଦଳମାନେ ନିର୍ବାଚନ ବର୍ଜନ କରିବାକୁ ବିଚାର କରିପାରନ୍ତି ବୋଲି ତେଜସ୍ୱୀ ସୂଚନା ଦେଇଛନ୍ତି। ଏହାକୁ ନେଇ ସବୁ ଦଳ ବିଚାର କରିବେ ବୋଲି ସେ କହିଛନ୍ତି।

## ୨ ବ୍ରିଟିଶ ପରିବାରକୁ ଯାଇଛି ଭୁଲ ମୃତଦେହ

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ସମ୍ପର୍କୀୟଙ୍କୁ ହରାଇଥିବା ବ୍ରିଟେନର ଦୁଇ ପରିବାରକୁ ଭୁଲ ମୃତଦେହ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ମୃତଦେହଗୁଡିକର ଡିଏନ୍‌ଏ ମେଳ ଖାଉନି ବୋଲି ଏହି ଦୁଇ ପରିବାରର ଓକିଲ ଜେମ୍ସ ହିଲି କହିଛନ୍ତି। ଅନ୍ତିମ ସଂସ୍କାର କରିବା ପୂର୍ବରୁ ଏହା ଜଣାପଡ଼ିଥିଲା। ତେଣୁ ଏହାକୁ ସ୍ଥଗିତ ରଖାଯାଇଛି। ଏ ନେଇ ଏୟାର ଇଣ୍ଡିଆ ଯାଞ୍ଚ ଆରମ୍ଭ କରିଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ମନ୍ତବ୍ୟ ଦିଆଯାଇନାହିଁ। ଏହି ମାମଲାର ସମାଧାନ ଲାଗି ବ୍ରିଟିଶ ଅଧିକାରୀମାନଙ୍କ ସହ ସାଥି ହୋଇ କାର୍ଯ୍ୟ କରିବୁ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ତେବେ ଭାରତରେ ଅଧିକାରୀମାନେ ନିୟମ ଅନୁସାରେ ମୃତଦେହଗୁଡିକର ପରିଚୟ ନିର୍ଦ୍ଧାରଣ କରିଥିଲେ। ୧୩ଟି ମୃତଦେହକୁ ବ୍ରିଟେନ ପଠାଯାଇଥିଲା।

## ୪ ଅଲ୍‌କାଏଦା ଆତଙ୍କବାଦୀ ଗିରଫ

ଅହମଦାବାଦ୍, ୨୩।୭(ଏଜେନ୍ସି): ଅଲ-କାଏଦାର ୪ ଆତଙ୍କବାଦୀଙ୍କୁ ଗିରଫ କରିଛି ଗୁଜରାଟ ଆଣ୍ଟି ଟେରରିଷ୍ଟ ସ୍କ୍ୱାର୍ଡ(ଏଟିଏସ୍)। ଗୁଜରାଟରୁ ଦୁଇ, ଦିଲ୍ଲୀ ଓ ନୋଇଡାରୁ ଜଣେ ଲେଖାଏଁ ଆତଙ୍କବାଦୀଙ୍କୁ ବୁଧବାର ଗିରଫ କରାଯାଇଛି। ଏହି ୪ ଜଣ ନକଲି ନୋଟ୍ ର୍‍ୟାକେଟ ଓ ଆତଙ୍କବାଦୀ ସଂଗଠନର ସଦସ୍ୟଙ୍କ ସହ ମିଶି କାର୍ଯ୍ୟ କରୁଥିଲେ। ଏମାନେ ଏକ 'ଅଟୋ ଡିଲିଟ୍ ଆପ୍' ବ୍ୟବହାର କରୁଥିଲେ। ଏଥିରେ ଚାଟ୍ ଆପେ ଆପେ ଡିଲିଟ୍ ହୋଇ ଯାଉଥିଲା। ଏହି ୪ ଜଣ ଅଲକାଏଦା ଇନ୍ ଇଣ୍ଡିଆନ ସବକଣ୍ଟିନେଣ୍ଟ (ଏକ୍ୟୁଆଇଏସ୍) ସହିତ ଜଡିତ ଥିଲେ।

## ରାଷ୍ଟ୍ରପତିଙ୍କ ୧୪ ପ୍ରଶ୍ନ ଉପରେ ଶୁଣାଣି କରିବେ ସମ୍ବିଧାନ ଖଣ୍ଡପୀଠ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ତାମିଲନାଡୁ ରାଜ୍ୟପାଳ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିଲ୍ ମଞ୍ଜୁରୀକୁ ନେଇ ଚାଲିଥିବା ବିବାଦ ଉପରେ ବିଚାର କରି ସୁପ୍ରିମକୋର୍ଟ ଏପ୍ରିଲ ୮ରେ ଐତିହାସିକ ରାୟ ଦେଇଥିଲେ। ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିମନ୍ତେ ତିନି ମାସର କଣ୍ଟ ଧାର୍ଯ୍ୟ କରିଥିଲେ। ଏହା ପରେ ମେ' ୧୩ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ପରାମର୍ଶ ମାଗିଥିଲେ। ଏବେ ସୁପ୍ରିମକୋର୍ଟଙ୍କ ୫ ସଦସ୍ୟ ବିଶିଷ୍ଟ ସମ୍ବିଧାନ ଖଣ୍ଡପୀଠ ଏହାର ଯାଞ୍ଚ କରିବାକୁ ପ୍ରସ୍ତୁତ ହୋଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଏ ନେଇ କେନ୍ଦ୍ର ଏବଂ ସବୁ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରଧାନ ବିଚାରପତି ବିଆର ଗଭାଇ ଏହି ସାମ୍ବିଧାନିକ ଖଣ୍ଡପୀଠର ନେତୃତ୍ୱ ନେଉଛନ୍ତି। ଅନ୍ୟ ବିଚାରପତିଙ୍କ ମଧ୍ୟରେ ଜଷ୍ଟିସ ବିକ୍ରମ ନାଥ, ସୂର୍ଯ୍ୟକାନ୍ତ, ପିଏସ ନରସିଂହ ଏବଂ ଅତୁଲ ଚନ୍ଦୁରକର ସାମିଲ ଅଛନ୍ତି।

**କେନ୍ଦ୍ର-ରାଜ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ**

## ଦିଲ୍ଲୀ ରାସ୍ତା ଜଳାର୍ଣ୍ଣବ: ସ୍କୁଲ୍‌ରେ ଆଣ୍ଠୁଏ ପାଣି

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ରାଜଧାନୀ ଦିଲ୍ଲୀ ସମେତ ନୋଏଡା, ଗାଜିଆବାଦ, ଗୁରଗାଁଓ, ଫରିଦାବାଦ୍ ଓ ସମ୍ପୂର୍ଣ୍ଣ ଏନ୍‌ସିଆରରେ ପ୍ରବଳ ବର୍ଷା କାରଣରୁ ନାହିଁ ନ ଥିବା ସ୍ଥିତି ସୃଷ୍ଟି ହୋଇଛି। ବୁଧବାର ସକାଳୁ ଭୀଷଣ ବର୍ଷା ଜାରି ରହିଛି। ଦିଲ୍ଲୀର କେତେକାଞ୍ଚଳରେ ରାସ୍ତା ଉପରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ଫଳରେ ଗାଡିଗୁଡିକ ଫସି ରହିଛି। ଟିକରୀ କଲାଁ ସ୍ଥିତ ନଗର ନିଗମ ବାଳିକା ବିଦ୍ୟାଳୟର କ୍ଲାସ ରୁମ୍ରେ ୨ ଫୁଟ୍ ଅର୍ଥାତ ଆଣ୍ଠୁଏ ପର୍ଯ୍ୟନ୍ତ ପାଣି ଜମା ହୋଇ ରହିଛି। ପିଲା ପାଣିରେ ଡେସ୍କ ଉପରେ ବସିଥିବାର ଦେଖାଯାଇଛି। ବହୁ ସ୍ଥାନରେ ଟ୍ରାଫିକ୍ ଜାମ୍ ହୋଇଛି। ଗାଜିଆବାଦର ରାମନଗର ରାସ୍ତାରେ କେତେ କିମି ଧରି ଗାଡିଗୁଡିକର ଲମ୍ବା ଧାଡି ଦେଖିବାକୁ ମିଳିଛି। ସେହିପରି ଝାଡଖଣ୍ଡରେ ବିଜୁଳି ମାରିବାରୁ ୪ ମହିଳା ଓ ବିହାରରେ ୩ ଜଣ ପ୍ରାଣ ହରାଇଛନ୍ତି। ବର୍ଷା ଜନିତ ଭୂସ୍ଖଳନରେ ଜମ୍ମୁ-କଶ୍ମୀରରେ ଦୁଇଜଣ ମୃତ୍ୟୁବରଣ କରିଛନ୍ତି।

## ଚୀନ୍ ନାଗରିକଙ୍କୁ ୫ ବର୍ଷପରେ ଭିସା ଦେବ ଭାରତ

ନୂଆଦିଲ୍ଲୀ/ବେଜିଂ, ୨୩।୭(ଏଜେନ୍ସି): ପୁଣିଥରେ ଚୀନ୍ ନାଗରିକଙ୍କ ପାଇଁ ଭାରତ ତା'ର ଦ୍ୱାର ଖୋଲିବାକୁ ଯାଉଛି। ଦୀର୍ଘ ୫ ବର୍ଷ ପରେ ଚୀନ୍ ନାଗରିକଙ୍କୁ ଭାରତ ପ୍ରଥମଥର ପାଇଁ ଭିସା ଦେବ। ବେଜିଂସ୍ଥିତ ଭରାତୀୟ ଦୂତାବାସ ଏ ନେଇ ସୂଚନା ଦେଇଛି। ୨୦୨୦ରେ କରୋନା ମହମାରୀ ପାଇଁ ଭିସା ପ୍ରକ୍ରିୟା ବନ୍ଦଥିଲା। ଏହାପରେ ୨୦୨୦ ଜୁନ୍‌ରେ ଗଲୱାନ ଘାଟିରେ ସୈନିକମାନଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ପାଇଁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆହୁରି ଖରାପ୍ ହୋଇଥିଲା। ଭିସା ଦେବା ପ୍ରକ୍ରିୟା ଗୁରୁବାରଠାରୁ ଆରମ୍ଭ ହେବ। ଚୀନ ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ ମଧ ଏ ନେଇ ଖବର ପରିବେଷଣ କରିଛି। ଫଳରେ ଚୀନ୍ ନାଗରିକ ଭାରତ ଆସିବା ନେଇ ପଥ ପରିଷ୍କାର ହୋଇଛି।

ଭାରତ ଭ୍ରମଣ କରିବାକୁ ଚୀନ୍ ନାଗରିକ ଏବେ ଭିସା ଆବେଦନ କରିପାରିବେ ବୋଲି ଭାରତୀୟ ଦୂତାବାସ ତରଫରୁ କୁହାଯାଇଛି। ଏଥିପାଇଁ ପ୍ରଥମେ ଅନ୍‌ଲାଇନ୍ ଆବେଦନ ଫର୍ମ ପୂରଣ କରିବାକୁ ହେବ ଓ ୱେବ୍‌ସାଇଟ୍‌ରେ ଆପଏଣ୍ଟମେଣ୍ଟ ନେବାକୁ ହେବ। ଏହାପରେ ନିଜର ପାସପୋର୍ଟ ଓ ଆବଶ୍ୟକୀୟ କାଗଜପତ୍ର ନେଇ ଭିସା କେନ୍ଦ୍ରକୁ ଯିବାକୁ ହେବ। ଏହି ଭିସା କେନ୍ଦ୍ର ବେଜିଂ, ସାଂଘାଇ, ଗୁଆଙ୍ଗଝୁ ଭଳି ସହରରେ ରହିଛି। ଆବେଦନକାରୀ ଏହି କେନ୍ଦ୍ରଗୁଡିକୁ ଯାଇ ଆବେଦନ କରିପାରିବେ ବୋଲି କୁହାଯାଉଛି।

### ଆଜିଠୁ ଆବେଦନ ଆରମ୍ଭ

କରୋନା ମହାମାରୀ ସମୟରେ ସବୁ ପର୍ଯ୍ୟଟକଙ୍କ ଭିସାକୁ ଭାରତ ବାତିଲ କରିଥିଲା। ଏହାପରେ ଗଲୱାନ ସଂଘର୍ଷ ପାଇଁ ଦୁଇ ଦେଶର ସମ୍ପର୍କ ଆହୁରି ଖରାପ ହୋଇଥିଲା। ୨୦୨୨ ଏପ୍ରିଲରେ ଅନ୍ତର୍ଜାତୀୟ ବାୟୁ ପରିବହନ ସଂଘ (ଆଇଏଟିଏ) ଚୀନ ନାଗରିକଙ୍କ ସବୁ ପର୍ଯ୍ୟଟକ ଭିସାକୁ ବାତିଲ କରିଥିଲା। ସେତେବେଳେ ଚୀନ୍ ମଧ ୨୨, ୦୦୦ ଭାରତୀୟ ଛାତ୍ରଙ୍କୁ ପୁଣି ଚୀନ୍ ଯିବାକୁ ଅନୁମତି ଦେଇ ନ ଥିଲା। ଏହାପରେ ଭାରତ ଯେସାକୁ ତେସା ନୀତିରେ ଚୀନ୍ ନାଗରିକଙ୍କ ଟୁରିଷ୍ଟ ଭିସାକୁ ବାତିଲ କରି ଦେଇଥିଲା। କିନ୍ତୁ ୨୦୨୨ ଜୁନ୍‌ରେ ଚୀନ୍ ଭାରତୀୟ ପର୍ଯ୍ୟଟକଙ୍କୁ ଭିସା ଆବେଦନ ପାଇଁ ଅନୁମତି ଦେଇଥିଲା। ସାଧାରଣତଃ ୯୦ଦିନ ବୈଧ ରହିଥିବା ଭିସାକୁ ଚୀନ ୩୦ ଦିନ ପର୍ଯ୍ୟନ୍ତ ସୀମିତ ରଖିଥିଲା। ଏହାପରେ ଚୀନ ଭାରତୀୟ ନାଗରିକଙ୍କୁ ସବୁ ପ୍ରକାର ଭିସା ଦେବା ପ୍ରକ୍ରିୟା ଆରମ୍ଭ କରିଥିଲା। ଗଲୱାନ ସଂଘର୍ଷରେ ୨୦ ଭାରତୀୟ ଓ ୪୦ ଚୀନ୍ ନାଗରିକ ମୃତ୍ୟୁବରଣ କରିବାପରେ ସମ୍ପର୍କ ଆହୁରି ଖରାପ୍ ହୋଇଥିଲା। ଆମେରିକା ସହିତ ଚାଲିଥିବା ଟ୍ରେଡ ୱାରକୁ ଦୃଷ୍ଟିରଖି ଚୀନ୍ ଭାରତୀୟ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ପାଇଁ ଗତ ଏପ୍ରିଲ ୯ ପର୍ଯ୍ୟନ୍ତ ୮୫, ୦୦୦ ଭାରତୀୟ ନାଗରିକଙ୍କୁ ଭିସା ଦେଇସାରିଛି।

## ବିନା ଭିସାରେ ୫୯ ଦେଶକୁ ଯାଇପାରିବେ ଭାରତୀୟ

### ପାସ୍‌ପୋର୍ଟ ର୍‍ୟାଙ୍କିଙ୍ଗ୍‌ରେ ୭୭ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ଭାରତୀୟ ନାଗରିକ ବିନା ଭିସାରେ ୫୯ଟି ଦେଶକୁ ଯାଇପାରିବେ। ମଙ୍ଗଳବାର ପ୍ରକାଶିତ ପାର୍ସପୋର୍ଟ ଇଣ୍ଡେକ୍ସରେ ଏ ନେଇ ସୂଚନା ଦିଆଯାଇଛି। ବିଶ୍ୱ ପାସପୋର୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୭୭ତମ ସ୍ଥାନରେ ରହିଛି। ବିଶ୍ୱର ବିଭିନ୍ନ ଦେଶର ପାସପୋର୍ଟର ଭିସା- ଫ୍ରି ଯାତ୍ରା ସଂଖ୍ୟାକୁ ଆଧାର କରି ଏହି ର୍‍ୟାଙ୍କିଙ୍ଗ୍ ଜାରି କରାଯାଇଛି। ଗତବର୍ଷ ଭାରତ ୮୫ତମ ସ୍ଥାନରେ ରହିଥିଲା। ଅନ୍ୟପଟେ ପାକିସ୍ତାନ ଏହି ର୍‍ୟାଙ୍କିଙ୍ଗ୍‌ରେ ୯୬ତମ ସ୍ଥାନରେ ରହିଛି। ଫଳରେ ଭାରତ ୮ ସ୍ଥାନ ଉପରକୁ ଉଠିଛି ଓ ର୍‍ୟାଙ୍କିଙ୍ଗ୍‌ରେ ସୁଧାର ଆସିଛି। କିନ୍ତୁ ଭିସାମୁକ୍ତ ଯାତ୍ରା ସଂଖ୍ୟାରେ ଅବନତୀ ହୋଇଛି। ୨୦୨୪ରେ ଭାରତୀୟ ପାସପୋର୍ଟ ଧାରକ ୬୨ ଦେଶକୁ ବିନା ଭିଜାରେ ଯାତ୍ରା କରୁଥିଲେ ଓ ଏବେ ଏହା ୫୯କୁ କମିଛି। ଏହି ମାନ୍ୟତାରେ ସିଙ୍ଗାପୁର ଶୀର୍ଷରେ ରହିଛି। ସିଙ୍ଗାପୁର ପାସପୋର୍ଟଧାରୀ ନାଗରିକ ୧୯୩ଟି ଦେଶକୁ ବିନା ଭିସାରେ ଯାତ୍ରା କରିପାରିବେ। ସେହିପରି ୧୯୦ଟି ଦେଶକୁ ବିନା ଭିସାରେ ଯାତ୍ରା କରିବାକୁ ଅନୁମତି ପାଇଥିବା ଜାପାନ ଓ ଦକ୍ଷିଣ କୋରିଆ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଡେନମାର୍କ, ଫିନଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଆୟର୍ଲାଣ୍ଡ, ଇଟାଲୀ ଓ ସ୍ପେନ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ଦେଶଗୁଡିକ ନାଗରିକମାନେ ବିନା ଭିସାରେ ୧୮୯ ଦେଶକୁ ଯାଇପାରିବେ। ବିନା ଭିସାରେ ଭାରତୀୟ ନାଗରିକ ୧୯ ଆଫ୍ରିକୀୟ ଦେଶ, ୧୦ ଏସୀୟ ଦେଶ, ୧୦ ଉତ୍ତରଆମେରିକା ଦେଶ, ୧୦ ଓସମାନିଆ ଦେଶ ଓ ଗୋଟିଏ ଦକ୍ଷିଣ ଆମେରିକା ଦେଶକୁ ଯାତ୍ରା କରିପାରିବେ।



## ଜଷ୍ଟିସ ବର୍ମାଙ୍କ ମାମଲା ଶୁଣାଣିରୁ ଓହରିଲେ ପ୍ରଧାନବିଚାରପତି

ନୂଆଦିଲ୍ଲୀ, ୨୩।୭(ଏଜେନ୍ସି): ବୁଧବାର ସୁପ୍ରିମକୋର୍ଟରେ ବହୁ ଚର୍ଚ୍ଚିତ ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲାର ଶୁଣାଣି ହୋଇଛି। କିନ୍ତୁ ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏହି ଶୁଣାଣିରୁ ଓହରି ଯାଇଛନ୍ତି। ଏହି ମାମଲାର ଶୁଣାଣିରେ ସାମିଲ ହେବା ମୋ ପାଇଁ ଉଚିତ ହେବ ନାହିଁ। ପୂର୍ବରୁ ଏହି ମାମଲାର ଶୁଣାଣିରେ ରହିଥିବାରୁ ଏଥିରେ ସାମିଲ ହେବେ ନାହିଁ ବୋଲି ସେ ସ୍ୱଷ୍ଟ କରିଛନ୍ତି। ଗତ ୧୯ରେ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଏ ମାମଲାର ଶୁଣାଣି ପାଇଁ ଆବେଦନ କରିଥିଲେ। ସେ ଇନ୍ ହାଉସ୍ କମିଟି ରିପୋର୍ଟ ଓ ମହାଭିଯୋଗ ନେଇ ହୋଇଥିବା ସୁପାରିସ୍ ରଦ୍ଦ ପାଇଁ ଆବେଦନ କରିଥିଲେ। ଘରେ ଅଧାଜଳା ନଗଦ ଟଙ୍କା ମିଳିବା ନେଇ ଜଷ୍ଟିସ ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ସୁପ୍ରମିକୋର୍ଟରେ ଜଷ୍ଟିସ ବର୍ମାଙ୍କ ତରଫରୁ ବରିଷ୍ଠ ଓକିଲ କପିଲ ସିବଲ ଦଲିଲ ଉପାସ୍ଥାପନା କରିଥିଲେ। ଏହି ମାମଲାରେ ସାମ୍ବିଧାନିକ ସମସ୍ୟା ରହିଛି। ତେଣୁ ଯଥାଶୀଘ୍ର ଖଣ୍ଡପୀଠ ଗଠନ କରିବାକୁ ସେ ଅନୁରୋଧ କରିଥିଲେ। ସୁପ୍ରିମକୋର୍ଟ ମଧ ଏଥିରେ ସହମତି ପ୍ରକାଶ କରିଥିଲେ ଓ ନୂଆ ବେଞ୍ଚ୍ ଗଠନ କରିବାକୁ କହିଥିଲେ। ସେପଟେ ପାର୍ଲାମେଣ୍ଟରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ପାରିତ କରିବା ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତାଙ୍କୁ ହଟାଇବାକୁ ୧୫୨ ସାଂସଦ ଗତ ୨୧ ତାରିଖରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସେହିପରି ରାଜ୍ୟ ସଭାରେ ପ୍ରସ୍ତାବ ପାରିତ କରିବାକୁ ୫୦ ସାଂସଦ ସ୍ୱାକ୍ଷର କରିଛନ୍ତି। ଘରୁ ମିଳିଥିବା ନଗଦ ଟଙ୍କା ମୋର ବୋଲି କୌଣସି ପ୍ରମାଣ ନ ଥିବା ସେ କହିଛନ୍ତି। ଇତିମଧ୍ୟରେ ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି ଓ ଏହି ପ୍ରସ୍ତାବ ପାରିତ ହେବ ବୋଲି ଆଶା କରାଯାଉଛି।

**ଜଷ୍ଟିସ ବର୍ମାଙ୍କ ପିଟିସନ ବିଚାର ପାଇଁ ଗୃହୀତ**

**ସ୍ୱତନ୍ତ୍ର ବେଞ୍ଚରେ ହେବ ଆବେଦନର ଶୁଣାଣି**



## ପୁଣି ଅହମଦାବାଦରେ ଅଘଟଣ; ଆସିଲା 'ମେଡେ' କଲ୍

## ଇଣ୍ଡିଗୋ ବିମାନରେ ଲାଗିଗଲା ନିଆଁ

ଅହମଦାବାଦ, ୨୩।୭ (ଏଜେନ୍ସି): ଅହମଦାବାଦରେ ପୁଣି ବଡ଼ ଅଘଟଣ ଘଟିଛି। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୭୫ ଜଣଙ୍କ ଜୀବନ ଯିବା ଘଟଣା ମନରୁ ଯାଇ ନ ଥିବାବେଳେ ଦେଢ଼ ମାସ ଭିତରେ ଆଉ ଏକ ବିମାନରୁ 'ମେଡେ' କଲ୍ ଆସିଛି। ବୁଧବାର ସକାଳ ୧୧ଟା୧୫ରେ ଉଡ଼ାଣ ଆରମ୍ଭ ହେବାର ମିନିଟିଏ ପୂର୍ବରୁ ଅହମଦାବାଦରୁ ଡିଉ ଯାଉଥିବା ଇଣ୍ଡିଗୋ ବିମାନ (ଏଟିଆର୭୬)ର ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଏଥିଯୋଗୁଁ ପାଇଲଟ୍ ଏହି କଲ୍ ଦେଇଥିଲେ। ପରେ ଉଡ଼ାଣକୁ ବନ୍ଦ କରିଦିଆଯାଇଛି। ଏହି ବିମାନ ୬୦ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିଲା। ଏହି ସୂଚନା ମିଳିବା ପରେ ଯାତ୍ରୀଙ୍କୁ ତୁରନ୍ତ ବିମାନରୁ ବାହାର କରିଦିଆଯାଇଥିଲା। ଏବେ ମାମଲାର ଯାଞ୍ଚ ଜାରି ରହିଛି। ଇଣ୍ଡିଗୋ ପକ୍ଷରୁ କୁହାଯାଇଛି ଯେ ଉଡ଼ାଣ ପୂର୍ବରୁ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଏଥିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ପରବର୍ତ୍ତୀ ବିମାନରେ ଗନ୍ତବ୍ୟ ସ୍ଥଳକୁ ପଠାଯିବ। ଯଦି ସେମାନେ ଚାହିଁବେ ଟିକଟ ରଦ୍ଦ କରି ଅର୍ଥ ମଧ ଫେରସ୍ତ ନେଇପାରିବେ। ଗତ କିଛି ଦିନ ମଧ୍ୟରେ ତିନୋଟି ଇଣ୍ଡିଗୋ ବିମାନ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହେଲାଣି।

## ଅସ୍ତ୍ରବିରତି କରାଇବାକୁ ଟ୍ରମ୍ପ କିଏ, ମୋଦୀ ଜବାବ ଦିଅନ୍ତୁ: ରାହୁଲ ଗାନ୍ଧୀ

ୱାସିଂଟନ/ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ପୁଣି ନିଜ ଦାବି ଦୋହରାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହି ସଂଘର୍ଷରେ ୫ଟି ଲଢୁଆ ବିମାନ ଖସା ଯାଇଥିଲା ଏବଂ ସେ ଅସ୍ତ୍ରବିରତି କରାଇଥିବା କହିଛନ୍ତି। ସେ ମଙ୍ଗଳବାର ହ୍ୱାଇଟ ହାଉସର ଏକ କାର୍ଯ୍ୟକ୍ରମରେ ଏହି ଟିପ୍ପଣୀ ଦେଇଛନ୍ତି। ଟ୍ରମ୍ପ କହିଥିଲେ ଯେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବହୁତ ବଢ଼ି ଯାଇଥିଲା। ୫ଟି ଲଢୁଆ ବିମାନ ଖସା ଯାଇଥିଲା। କୌଣସି ସମୟରେ ପରମାଣୁ ଅସ୍ତ୍ର ବ୍ୟବହାରର ଭୟ ଦେଖା ଦେଇଥିଲା। ତେଣୁ ସେ ହସ୍ତକ୍ଷେପ କରି ଏହାକୁ ବନ୍ଦ କରାଇ ଥିଲେ। ଏଣେ ଏହି ପ୍ରସଙ୍ଗକୁ ନେଇ ଭାରତୀୟ ସଂସଦ ଅଚଳ ରହିଛି। ବିରୋଧୀଙ୍କ ଦାବି ପରେ 'ଅପରେସନ ସିନ୍ଦୂର'କୁ ନେଇ ସରକାର ଚର୍ଚ୍ଚା ପାଇଁ ରାଜି ହୋଇଛନ୍ତି। ତେବେ ଏହାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ସରକାରଙ୍କୁ ଘେରିଛନ୍ତି।

ମୌସୁମୀ ଅଧିବେଶନରେ ଭାଗ ନେବା ପରେ ରାହୁଲ କହିଛନ୍ତି ଯେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରିଥିବା ନେଇ ଟ୍ରମ୍ପ ୨୫ ଥର ଦାବି କଲେଣି। ଟ୍ରମ୍ପ କିଏ? ଏହା ତାଙ୍କ କାମ ନୁହେଁ। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ନିରବ ରହିଛନ୍ତି। ସେ ଥରେ ହେଲେ ବି ଟ୍ରମ୍ପଙ୍କୁ ଜବାବ ଦେଇନାହାନ୍ତି। ପ୍ରଧାନମନ୍ତ୍ରୀ କ'ଣ କହିବେ? ପାକିସ୍ତାନ ସହ ଚୁକ୍ତିରେ ଟ୍ରମ୍ପ ସହାୟତା କରିଥିଲେ ବୋଲି କେମିତି କହିବେ? ଟ୍ରମ୍ପ ଅସ୍ତ୍ରବିରତିଘୋଷଣା କରିଥିଲେ ବୋଲି ସାରା ବିଶ୍ୱ ଜାଣିଛି। କିନ୍ତୁ ଏହା ପ୍ରଧାନମନ୍ତ୍ରୀ କହିପାରିବେ ନାହିଁ। ଯେଉଁ ଲୋକ ନିଜକୁ ଦେଶଭକ୍ତ କହୁଛନ୍ତି ସିଏ ପଳାଇ ଯାଇଛନ୍ତି। କେନ୍ଦ୍ର ସରକାର ବିଦେଶୀ ନୀତିକୁ ବର୍ବାଦ କରିଦେଇଛନ୍ତି।

## ମହିଳା ଆଇପିଏସଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ | ଶଶୁର ଘର ଲୋକଙ୍କୁ ନିଃସର୍ତ୍ତ କ୍ଷମା ମାଗ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ନିଜ ପଦର ଅପବ୍ୟବହାର କରି ଶଶୁର ଘର ଲୋକଙ୍କ ବିରୋଧରେ ଅନେକ ମିଥ୍ୟା ମାମଲା ରୁଜୁ କରିବା ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଏହାକୁ ନେଇ ସୁପ୍ରିମକୋର୍ଟ ମହିଳାଙ୍କୁ ସମାଲୋଚନା କରିଛନ୍ତି। ସ୍ୱାମୀ ଏବଂ ଶଶୁର ଘର ଲୋକଙ୍କୁ ନିଃସର୍ତ୍ତ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସବୁ ଆପରାଧିକ ମାମଲାକୁ ରଦ୍ଦ କରିଦେଇଛନ୍ତି। ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ମଙ୍ଗଳବାର କହିଥିଲେ ଯେ ଏହି ମାମଲା ପାଇଁ ସ୍ୱାମୀଙ୍କୁ ୧୦୯ ଦିନ ଏବଂ ଶଶୁରଙ୍କୁ ୧୦୩ ଦିନ ଜେଲ୍‌ରେ ରହିବାକୁ ପଡ଼ିଥିଲା। ସେମାନେ ଯାହା ସହିଛନ୍ତି ତାହାକୁ କେବେ ବି ଭରଣା କରିହେବ ନାହିଁ। ତେଣୁ ଇଂରାଜୀ ଏବଂ ହିନ୍ଦୀରେ କ୍ଷମା ପ୍ରାର୍ଥନା ଲେଖି ତାହାକୁ ପ୍ରସିଦ୍ଧ ଖବରକାଗଜର ରାଷ୍ଟ୍ରୀୟ ସଂସ୍କରଣରେ ଛପାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ତିନି ଦିନ ଭିତରେ ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ମଧ କ୍ଷମା ପ୍ରାର୍ଥନାକୁ ସେୟାର କରିବାକୁ ପଡ଼ିବ ବୋଲି କହିଛନ୍ତି। ୨୦୧୮ରୁ ଅଲଗା ରହୁଥିବା ଏହି ଯୋଡ଼ିଙ୍କ ଛାଡ଼ପତ୍ରକୁ ମଧ କୋର୍ଟ ମଞ୍ଜୁରି ଦେଇଛନ୍ତି। ଝିଅର ଦାୟିତ୍ୱ ମାଆ (ମହିଳା ଆଇପିଏସ)ଙ୍କୁ ପ୍ରଦାନ କରିଛନ୍ତି। ପୂର୍ବତନ ସ୍ୱାମୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଝିଅକୁ ଭେଟିବା ପାଇଁ ଅନୁମତି ଦେଇଛନ୍ତି।

ଏହି ମହିଳା ଅଧିକାରୀ ସ୍ୱାମୀ ଏବଂ ତାଙ୍କ ପରିବାର ବିରୋଧରେ ଆପରାଧିକ, ଛାଡ଼ପତ୍ର ଏବଂ ଭରଣପୋଷଣ ପାଇଁ ପରିବାର କୋର୍ଟରେ ମାମଲା ଦାଏର କରିଥିଲେ। ଏହାର ପ୍ରତି ବଦଳରେ ସ୍ୱାମୀ ମଧ ମାମଲା ରୁଜୁ କରିଥିଲେ। ପତିପତ୍ନୀ ଉଭୟ ମାମଲାକୁ ନିଜ ନିଜ କ୍ଷେତ୍ରକୁ ଟ୍ରାନ୍ସଫର କରିବାକୁ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଥିଲେ।

**ଖବରକାଗଜରେ ଛପାଇବେ କ୍ଷମା ପ୍ରାର୍ଥନା**

**ପଦର ଅପବ୍ୟବହାର ନ କରିବାକୁ ନିର୍ଦ୍ଦେଶ**

**ଘରୋଇ ହିଂସାକୁ ନେଇ ମିଥ୍ୟା ମାମଲା ରୁଜୁ କରିଥିଲେ**

# ବଜ୍ରପାତରେ ୮ ମୃତ

ଭୁବନେଶ୍ୱର/ ଚୌଦ୍ୱାର/ମଙ୍ଗୁଳି, ୨୩।୭(ସମିସ): ବଜ୍ରପାତ ଆଜି ରାଜ୍ୟରେ ୮ ଜଣଙ୍କ ଜୀବନ ନେଇଛି। ଢେଙ୍କାନାଳରେ ଦୁଇ ଭାଇଙ୍କ ମୃତ୍ୟୁ ହୋଇଥିବା ବେଳେ ଗଂଜାମ ଓ ନୟାଗଡ଼ ଜିଲ୍ଲାରେ ୨ଜଣ ଲେଖାଏଁ ଏବଂ ପୁରୀ ଓ କଟକ ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି।

ସୂଚନାନୁଯାୟୀ, ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ମହୁଲପଡ଼ା ପଥର ଖଣିରେ ବଜ୍ରପାତ ଘଟି ଦୁଇ ଭାଇଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କଟକ ଜିଲ୍ଲା ଖୁଣ୍ଟୁଣି ଥାନା ମହାଲକ୍ଷ୍ମୀପୁରର କୃଷ୍ଣଚନ୍ଦ୍ର ଦେହୁରୀଙ୍କ ପୁଅ କମଳାକାନ୍ତ ଦେହୁରୀ ଓ ନରେଶ ଦେହୁରୀ। ବୁଧବାର ଅପରାହ୍ଣରେ ଦୁହେଁ ମହୁଲପଡ଼ା ଗ୍ରାମ ନିକଟ ପଥରଖଣିରେ ପଥର କାଟୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଦୁଇ ଭାଇଙ୍କ ସମେତ ସେହି ଗ୍ରାମର ଶ୍ରୀକାନ୍ତ ଦେହୁରୀଙ୍କ ପୁଅ ମିଥୁନ କିସ୍କୁ ଓ ଦିବା ଜାରିକା ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ କମଳାକାନ୍ତ ଓ ନରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଗଂଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଖାରିଗୁଡ଼ା ଗାଁରେ ବଜ୍ରପାତରେ ଜଣେ ଗାଈ ଜଗୁଆଳି ପ୍ରାଣ ହରାଇଛନ୍ତି। ମୃତକ ହେଲେ, ଖାରିଗୁଡ଼ା ଗାଁର ଉଦୟ ପ୍ରଧାନଙ୍କ ପୁଅ ବସନ୍ତ ପ୍ରଧାନ (୩୮)। ବୁଧବାର ଗାଈଗୋଠ ଧରି ସେ ଗାଁ ପାଖ ଜଙ୍ଗଲକୁ ଯାଇଥିବା ବେଳେ ଅପରାହ୍ଣରେ ବଜ୍ରପାତରେ ଟଳିପଡ଼ିଥିଲେ। ସେହିପରି ଜଗନ୍ନାଥପ୍ରସାଦ ଥାନା ଅଲାଡି ପଞ୍ଚାୟତର ଅଲାଡ଼ି ଗ୍ରାମର ସନ୍ତୋଷିନୀ ବିଶ୍ୱାଳ (୫୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସନ୍ତୋଷିନୀ ପ୍ରତିଦିନ ଭଳି ଆଜି ସାଥୀ ଶ୍ରମିକମାନଙ୍କ ସହ ବିଲରେ କାମ କରୁଥିବା ସମୟରେ ବଜ୍ରପାତରେ ଟଳି ପଡ଼ିଥିଲେ।

ଅନ୍ୟ ଏକ ଘଟଣାକ୍ରମେ, ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ଶିଖରପୁର ମଣ୍ଡପସାହିର ସୁଦର୍ଶନ ପଲେଇଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଦୁଇ ସହଯୋଗୀଙ୍କ ସହ ସୁଦର୍ଶନ ଆଜି ସକାଳୁ ଗାଁ ନିକଟରେ ଥିବା ସାହାଡ଼ାମାଳ ଗହୀରର ଭିନ୍ନଭିନ୍ନ ଜମିକୁ କାମ କରିବା ପାଇଁ ଯାଇଥିଲେ। ଦିନ ପ୍ରାୟ ୩ଟାରେ ବର୍ଷା ସହ ବଜ୍ରପାତ ହେବାରୁ ୩ଜଣ ଯାକ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଓଡ଼ଗାଁ ବ୍ଲକ୍ ଗିରିଡ଼ିପଲ୍ଲୀ ପଞ୍ଚାୟତର ଅପର୍ତ୍ତି ନାହକ (୭୦) ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଛି। ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ସୁଜନପୁର ପଞ୍ଚାୟତ ଅନ୍ତର୍ଗତ କଅଁଳପଡା ଗ୍ରାମରେ ମଧ୍ୟ ବଜ୍ରପାତ ଜଣଙ୍କ ଜୀବନ ନେଇଛି। ସେ ହେଲେ, ଗ୍ରାମର ରବି ବେହେରାଙ୍କ ପୁଅ ସାଗର(୨୭)। ସାଗର ବୁଧବାର ନିଜ ଧାନ ଜମିରେ କାମ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସେହିପରି କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବ୍ରହ୍ମପୁର ପଞ୍ଚାୟତର କାଞ୍ଜିଆ ଗ୍ରାମର ବୁଲି ସାମଲ (୬୨) ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ ବିଲରେ ଚାଷ କାର୍ଯ୍ୟ କରୁଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ସେ ଚାଷଜମିରେ ଟଳି ପଡ଼ିଥିଲେ। ପରିବାରଲୋକ ତାଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ନେଇଛନ୍ତି। ଅନ୍ୟ ଏକ ଘଟଣାରେ ଏହି ବଜ୍ରପାତରେ ବ୍ରହ୍ମପୁର ଗ୍ରାମର ଜୟନ୍ତ ବେହେରା(୪୦) ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।

# ଭୁବନେଶ୍ୱର-ଝାରସୁଗୁଡ଼ା ବିମାନ ସେବା ଆରମ୍ଭ କରିବ ଷ୍ଟାର୍‌ଏୟାର

ଝାରସୁଗୁଡ଼ା, ୨୩।୭ (ସମିସ): ଭୁବନେଶ୍ୱର-ଝାରସୁଗୁଡ଼ା ମଧ୍ୟରେ ବିମାନ ସେବା ଆରମ୍ଭ କରିବାକୁ ଯାଉଛି ଷ୍ଟାର୍‌ଏୟାର୍। ଆସନ୍ତା ୧୬ ତାରିଖରୁ ଏହି ବିମାନ ସେବା ଆରମ୍ଭ ହେବ। ଏହାର ଟିକେଟ୍ ମୂଲ୍ୟ ୧୫୯୯ ଟଙ୍କା ରହିବ ବୋଲି ଜଣାଯାଇଛି। ଝାରସୁଗୁଡ଼ାକୁ ଭୁବନେଶ୍ୱର ସହ ଯୋଡ଼ିବା ଦ୍ୱାରା ଓଡ଼ିଶାର ଆଞ୍ଚଳିକ ସଂଯୋଗ ବୃଦ୍ଧି ସହିତ ଆର୍ଥିକ ବିକାଶରେ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ପଶ୍ଚିମ ଓଡ଼ିଶାର ଶିଳ୍ପ ଗଡ଼ ଭାବେ ପରିଚିତ ଝାରସୁଗୁଡ଼ା କୋଇଲା, ଆଲୁମିନିୟମ୍ ଓ ଥର୍ମାଲ୍ ପାୱାର୍ ଶିଳ୍ପ ଓ ଖଣିର ମୁଖ୍ୟ କେନ୍ଦ୍ର। ଏହାସହ ରାଜ୍ୟର ପ୍ରଶାସନିକ, ଶିକ୍ଷାନୁଷ୍ଠାନ ଓ ଆଇଟି ହବ୍ ହେଉଛି ରାଜଧାନୀ ଭୁବନେଶ୍ୱର। ଷ୍ଟାର ଏୟାରର ଚିଫ୍ କମର୍ସିଆଲ ମାର୍କେଟିଂ ଅଫିସର୍ ଶିଲ୍ପା ଭାଟିଆ ଏହି ସେବା ଆରମ୍ଭ କରିବା ନେଇ ଉତ୍ସାହିତ ଥିବା କହିଛନ୍ତି।

## ୧୩ ମାସରେ ବ୍ୟବସ୍ଥା ଫେଲ୍; ଜନତାଙ୍କ ମଧ୍ୟରେ ଆକ୍ରୋଶର ମାହୋଲ୍

# ଅକଳରେ ସରକାର; ଦାନା ବାନ୍ଧୁଛି ଅନାସ୍ଥା

**ଭୁବନେଶ୍ୱର,୨୩।୭ (ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବେ ସଙ୍ଗିନ ଅବସ୍ଥାରେ ଥିବା ବେଳେ ପ୍ରତିଦିନ ମା' ଭଉଣୀଙ୍କ ଉପରେ ଘଟିଚାଲିଥିବା ନିର୍ଯାତନା, ଦୁଷ୍କର୍ମ, ହିଂସା ଭଳି ଛାତିଥରା ଘଟଣା ସୀମା ଟପିଲାଣି। ମହିଳା ନିର୍ଯାତନାକୁ ନେଇ ରାଜ୍ୟ ସରକାର ଲଗାତାର ଭାବେ ଜାତୀୟ ସ୍ତରରେ ଲଜ୍ଜିତ ହେଉଛନ୍ତି। ଓଡ଼ିଶାରେ ନାରୀ ସୁରକ୍ଷାକୁ ନେଇ ଆମେରିକା ରାଷ୍ଟ୍ରପତି ଚିନ୍ତାପ୍ରକଟ କରିବା ସହ ସେ ଦେଶର ନାଗରିକଙ୍କୁ ଓଡ଼ିଶା ନଯିବାକୁ ବାରଣ କରିଥିଲେ। ଏବେ ପୁଣି ବଲଙ୍ଗୀ ଓ ବାଲେଶ୍ୱର ଘଟଣାକୁ ନେଇ ସୁପ୍ରିମକୋର୍ଟ ନିଜକୁ ଲଜ୍ଜିତ ମନେ କରି ଟିପ୍ପଣୀ ଦେବା ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇଛି। ସମାନ ସମୟରେ ବିକାଶ ପ୍ରକ୍ରିୟା ମନ୍ଥର ପଡ଼ିବା, ପ୍ରଶାସନିକ ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ ପାଲଟିଯିବାକୁ ନେଇ ରାଜ୍ୟ ବିଜେପି ସରକାର ସାଧାରଣରେ ନିନ୍ଦିତ ହେଉଛି। ସରକାରଙ୍କ ବିରୋଧରେ ସାଧାରଣରେ ଏକ ବଡ଼ ଧରଣର ନକରାତ୍ମକ ମାହୋଲ ସୃଷ୍ଟି ହୋଇଥିବା ବେଳେ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବା ଆରମ୍ଭ କଲେଣି। ଆଗାମୀ ବିଧାନସଭା ମୌସୁମୀ ଅଧିବେଶନରେ ସରକାରଙ୍କୁ ଏଥିପାଇଁ ବେଶ୍ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ମୁଖ୍ୟ ବିରୋଧୀ ଦଳ ବିଜେଡି ଓ ବିରୋଧୀ କଂଗ୍ରେସ ଏନେଇ ସଜବାଜ ହେଉଥିବା ବେଳେ ସରକାରଙ୍କ ବିରୋଧରେ ବର୍ତ୍ତମାନ ଅନାସ୍ଥା ଦାନା ବାନ୍ଧୁଥିବା ଉଭୟ ଦଳର ଆଭିମୁଖ୍ୟରୁ ଆପାତତଃ ସ୍ପଷ୍ଟ ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ରାଜ୍ୟରେ ବିଜେପି ସରକାର ଗଠନ କରିବାକୁ ୧୩ ମାସ ପୂରିଲାଣି। ଏହି ୧୩ ମାସ ମଧ୍ୟରେ ଦୃଢ଼ ନେତୃତ୍ୱର ଅଭାବ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ପିସି କାରବାର, ଦୁର୍ନୀତି, ଉନ୍ନୟନ ମୂଳକ କାମ ଠପ୍ ହୋଇ ପଡ଼ିବାକୁ ନେଇ ସରକାର ବେଶ୍ ଅପଦସ୍ତ ହେଲେଣି। ଏହାସହ ବରାବର ଭାବେ ନିଯୁକ୍ତି ଦୁର୍ନୀତି, ପରୀକ୍ଷା ପରିଚାଳନା ବିଭ୍ରାଟ, ରଥଯାତ୍ରା ପରିଚାଳନାରେ ମହାବିଭ୍ରାଟ ଯୋଗୁଁ ସରକାରଙ୍କ ଉପରୁ ସାଧାରଣ ଲୋକେ ବିଶ୍ୱାସ ହରାଇବାରେ ଲାଗିଛନ୍ତି। ମଦମୃତ୍ୟୁ, ହଇଜା ମୃତ୍ୟୁ, ଚାଷୀ ଆତ୍ମହତ୍ୟା ରାଜ୍ୟ ବିଜେପି ସରକାରଙ୍କ ପ୍ରତିବଦ୍ଧତା ଏବଂ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ରଥ ଉପରୁ ବଡ଼ଠାକୁର ପଡ଼ିଯିବା, ରାଜ୍ୟପାଳ ପୁଅଙ୍କ ମାଡ଼ ମାରିବା ଘଟଣାରେ ସରକାର କେବଳ ନିରବଦ୍ରଷ୍ଟା ହୋଇ ବସିରହିବାକୁ ନେଇ ବିରୋଧୀ ଦଳଠାରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ତାତିଲେଣି।

ସାଧାରଣ ଲୋକ ଏବଂ ବିରୋଧୀ ଦଳଙ୍କ ଅନୁଯାୟୀ ଯାହା କେବେ ଓଡ଼ିଶା ଇତିହାସରେ ଆଗରୁ ହୋଇ ନ ଥିଲା, ତାହା ଏହି ସରକାର ଅମଳରେ ଘଟୁଛି। ଓଡ଼ିଶା ଆସିବା ପାଇଁ ଆମେରିକା ନିଜ ଦେଶର ଲୋକଙ୍କୁ ବାରଣ କରୁଥିବା ବେଳେ ବେଳାଭୂମିରେ ମହିଳାଙ୍କୁ ଗଣଦୁଷ୍କର୍ମର ସାମ୍ନା କରିବାକୁ ପଡୁଛି। ରାଜ୍ୟରେ ମହିଳାଙ୍କ ସୁରକ୍ଷା ଅତ୍ୟନ୍ତ ସଂଗିନ ସ୍ଥିତିରେ ଥିବା ବେଳେ ବାଲେଶ୍ୱର ଏଫଏମ୍ କଲେଜ ପୀଡ଼ିତାଙ୍କ ଆତ୍ମାହୁତି, ବଲଙ୍ଗୀରେ ଜଣେ ନାବାଳିକାକୁ ଦୁର୍ବୃତ୍ତମାନେ କିରାସିନି ଢାଳି ଜାଳିଦେବା ଘଟଣା ଓଡ଼ିଶାକୁ ଜାତୀୟ ସ୍ତରରେ ନିନ୍ଦିତ କଲାଣି। ମାତ୍ର ୧୩ ମାସର ସରକାରରେ ଏପରି ବ୍ୟବସ୍ଥାଗତ ତ୍ରୁଟି ଏବଂ ଅରାଜକତାକୁ ନେଇ ସାଧାରଣରେ ଆକ୍ରୋଶ ଚରମ ସୀମାରେ ପହଞ୍ଚିଲାଣି। ଲୋକ ସରକାରଙ୍କ ଉପରୁ ଆସ୍ଥା ହରାଉଥିବା ବେଳେ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଲୋକଙ୍କ ଆଭିମୁଖ୍ୟକୁ ପୁଞ୍ଜି କରି ସରକାରଙ୍କୁ ଅକଳରେ ପକାଇବା ସହ ଜବାବ ମାଗିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ଏହିକ୍ରମରେ ଆସନ୍ତା ମୌସୁମୀ ଅଧିବେଶନରେ ରାଜ୍ୟ ବିଜେପି ସରକାର ବିରୋଧରେ ଅନାସ୍ଥା ଆଣିବାକୁ ବିଜେଡିର ସହଯୋଗ ଲୋଡ଼ିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ନାରୀ ସୁରକ୍ଷା ପ୍ରସଙ୍ଗକୁ ନେଇ ମୁଖ୍ୟ ବିରୋଧି ଦଳ ହିସାବରେ ବିଜେଡି ଅନାସ୍ଥା ପ୍ରସ୍ତାବ ଆଣୁ ଏବଂ କଂଗ୍ରେସ ତାକୁ ସମର୍ଥନ କରିବ। ଯଦି ବିଜେଡି ଅନାସ୍ଥା ପ୍ରସ୍ତାବ ନ ଆଣେ, ତେବେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ ଏବଂ ବିଜେଡି ସମର୍ଥନ କରୁ ବୋଲି ଭକ୍ତ କହିଛନ୍ତି।

ଅପରପକ୍ଷେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ରାଜ୍ୟର ମା' ଭଉଣୀଙ୍କ ସୁରକ୍ଷା ପାଇଁ ବିଜେଡି କ୍ରମାଗତ ଭାବେ ଲଢ଼େଇ କରି ଆସୁଛି। ବାଲେଶ୍ୱର ଏଫଏମ ଝିଅକୁ ନ୍ୟାୟ ଦେବା ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇଥିଲା। ବାଲେଶ୍ୱର ବନ୍ଦଠାରୁ ଆରମ୍ଭ କରି ଲୋକସେବା ଭବନ ଘେରାଉ, ଆରଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ କରିଥିଲା। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ଉପରୁ ସାଧାରଣ ଲୋକଙ୍କ ଆସ୍ଥା କମୁଥିବା ନେଇ ସେମାନଙ୍କ କ୍ଷୋଭ, ଆକ୍ରୋଶରୁ ସ୍ପଷ୍ଟ ହୋଇଛି। ତେବେ ବର୍ତ୍ତମାନ ସୁଦ୍ଧା ବିଧାନସଭା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ବିଜ୍ଞପ୍ତି ଆସିଲେ ଗୃହରେ ଦଳର ଭୂମିକା ନେଇ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ତେବେ ଉଭୟ ବିରୋଧୀଙ୍କ ଆଭିମୁଖ୍ୟକୁ ଅନୁଶୀଳନ କଲେ, ଆସନ୍ତା ମୌସୁମୀ ଅଧିବେଶନ ଯେ ଶାସକ ଦଳ ପାଇଁ ସହଜ ହେବ ନାହିଁ, ତାହା ଜଳଜଳ ହୋଇ ଦିଶୁଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

- ମୌସୁମୀ ଅଧିବେଶନରେ ମୁଖ୍ୟ ବିରୋଧୀ ଦଳ ବିଜେଡି ପ୍ରସ୍ତାବ ଆଣୁ: ଭକ୍ତ
- ନାରୀ ସୁରକ୍ଷା ଲଢ଼େଇ ଜାରି ରହିଛି, ବିଧାନସଭା ନିଷ୍ପତ୍ତି ନବୀନ ନେବେ: ଦେବୀ

# ମହାନଦୀ ଜଳବିବାଦ: ଉଚ୍ଚସ୍ତରୀୟ ବୈଠକ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୭ (ସମିସ):** ବୁଧବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛତିଶଗଡ଼ ସହିତ ଚାଲିଥିବା ମହାନଦୀ ଜଳବିବାଦର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବ। ସୂଚନାଯୋଗ୍ୟ ଯେ ପୂର୍ବରୁ ଫେବୃୟାରୀ ମାସରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା। ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।



ଦୁଇ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ଜରିଆରେ ସମାଧାନ ଉପରେ ଗୁରୁତ୍ୱାରୋପ

# ରୂପାରୋଶନ ସାହୁ ରାଜ୍ୟପାଳଙ୍କ ସଚିବ




**ଭୁବନେଶ୍ୱର, ୨୩।୭(ସମିସ):** ବରିଷ୍ଠ ଆଇଏଏସ୍ ଅଧିକାରୀ ରୂପାରୋଶନ ସାହୁ ଓଡ଼ିଶା ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଭାବେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଭାବେ ଅବସ୍ଥାପିତ ଥିଲେ। ୨୦୦୬ ବ୍ୟାଚ୍‌ର ଅଧିକାରୀ ଶ୍ରୀମତୀ ସାହୁ ପ୍ରଶାସନିକ ସେବା ଜୀବନର ଆରମ୍ଭରୁ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି।

## ପାଠରେ ଏମ୍‌ବିଏ; ଠକେଇରେ ମାଷ୍ଟର

# ସୁନା କାରବାର ନାଁରେ ଠକିଛି ୨୦ କୋଟି

ଭୁବନେଶ୍ୱର,୨୩।୭ (ସମିସ): କାହାଠାରୁ ୬୪ ଲକ୍ଷତ ଆଉ କାହାଠାରୁ ୬ କୋଟି, ପୁଣି କାହାଠାରୁ ୩ କୋଟି। ବନ୍ଧକ ସୁନାକୁ ଅଧା ଦରରେ କିଣି ଡବଲ୍ ଦାମରେ ବିକ୍ରି କରିବା ଲୋଭ ଦେଖାଇ ୨୦ କୋଟି ଟଙ୍କା ଠକି ନେଇଛି। ଏଭଳି ଜଣେ ଧୂର୍ତ୍ତକୁ ଗିରଫ କରିଛି କମିସନରେଟ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସସିୟୁ)। ଗିରଫ ଅଭିଯୁକ୍ତ ହେଉଛି ଆଚାର୍ଯ୍ୟ ବିହାରର ରମେଶ ଚନ୍ଦ୍ର ମାଝୀ। ସେ ସୁନା କାରବାର ନାଁରେ ଏକାଧିକ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୨୦ କୋଟି ଟଙ୍କା ଠକି ନେଇଛି।

ପୁଲିସ ସୂଚନା ଅନୁସାରେ, ଷ୍ଟେୟାରୱେ ଗୋଲ୍ଡ ଓ ଡାଇମଣ୍ଡ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ମହାନ୍ତି ୨୦୨୨ ମସିହାରେ ରମେଶ ଓ ତା'ର ପତ୍ନୀ ଅନିଶା ସୁବୁଦ୍ଧିଙ୍କ ସଂସ୍ପର୍ଶରେ ଆସିଥିଲେ। ବାପୁନ୍ ବେହେରା ତାଙ୍କୁ ପରିଚିତ କରାଇଥିବା ବେଳେ ଦମ୍ପତ୍ତିଙ୍କୁ ପ୍ରତିଷ୍ଠିତ ସୁନା ବ୍ୟବସାୟୀ ବୋଲି ଦର୍ଶାଇଥିଲେ। ରମେଶ ମଧ୍ୟ ନିଜକୁ ଆରବିଆଇ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସୁନା ବ୍ୟବସାୟୀ ବୋଲି ପରିଚୟ ଦେବା ସହିତ ଆରବିଆଇ ସିଲ୍ ଥିବା ବିଭିନ୍ନ କାଗଜପତ୍ର ଦେଖାଇ ଭୋଳାନାଥଙ୍କ ବିଶ୍ୱାସଭାଜନ ହୋଇଥିଲା। ବିଭିନ୍ନ ବ୍ୟାଙ୍କରେ ବନ୍ଧକ ଥିବା ସୁନାକୁ ଅଧା ଦରରେ ନିଲାମ



କରି ଆଣି ଦୁଇ ଗୁଣ ଟଙ୍କାରେ ବିକ୍ରି କଲେ ଭଲ ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲା।

ଭୋଳାନାଥ ତା'ର କଥାକୁ ବିଶ୍ୱାସ କରି ୨୦୨୨ ରୁ ୨୦୨୩ ମସିହା ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟକୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୫ କୋଟି ୬୦ ଲକ୍ଷ ଟଙ୍କା ଦେଇଥିଲେ। ୨୦୨୩ ମସିହା ଅଗଷ୍ଟ ମାସରେ ଉଭୟଙ୍କ ମଧ୍ୟରେ ଏକ ଚୁକ୍ତିପତ୍ର ମଧ୍ୟ ହୋଇଥିଲା। ଆସନ୍ତା ୬ ମାସ ମଧ୍ୟରେ ୫ କୋଟି ୬୦ ଲକ୍ଷ ଓ ଲାଭାଂଶ ଟଙ୍କା ଫେରାଇବ ବୋଲି ରମେଶ କହିଥିଲା। ଅତିରିକ୍ତ ୨ ମାସ ମଧ୍ୟ ସମୟ ନେଇଥିଲା। ଏହାପରେ ମଧ୍ୟ ଟଙ୍କା ଫେରାଇବାକୁ ଦୁଇଥର ଚୁକ୍ତି ହୋଇଥିଲା। ହେଲେ ରମେଶ ଟଙ୍କା ଫେରାଇବା ପରିବର୍ତ୍ତେ ନୂଆପଲ୍ଲୀ ସ୍ଥିତ ଭଡ଼ା ଘର ଛାଡ଼ି ପଳାଇଥିଲା।

- ଜାଲ୍ କାଗଜପତ୍ର, ମର୍ସିଡିଜ୍ କାର୍ ଜବତ
- ଜାଲରେ ଫସିଛନ୍ତି ୩୦ରୁ ଅଧିକ ବ୍ୟବସାୟୀ

ସମସ୍ତଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ କରିବା ସହ ଫୋନ୍ ମଧ୍ୟ ସୁଇଚ୍ ଅଫ୍ କରି ଦେଇଥିଲା।

ଏହାରି ଭିତରେ ରମେଶ ଆଇନ ପାଠ ପଢ଼ିବା ସହିତ ଆଇନଜୀବୀ ଲାଇସେନ୍ସ ହାତେଇ ନେଇଥିଲେ। ଭୋଳାନାଥ ଯେତେବେଳେ ଟଙ୍କା ମାଗିବାକୁ ଯାଉଥିଲେ ଆଜିକାଲି କହି ଦିନ ଗଡ଼ାଇ ଚାଲିଥିଲା। ଏଥିସହିତ ନିଜକୁ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି ବୋଲି ଦର୍ଶାଇ ଜାତିଆଣ ଆକ୍ଷେପ ମାମଲାରେ ଫସାଇଦେବ ବୋଲି ଧମକ ମଧ୍ୟ ଦେଉଥିଲା। ଏନେଇ ଭୋଳାନାଥ ଅଭିଯୋଗ କରିବା ପରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସସିୟୁ) ମାମଲା ରୁଜୁ କରିଥିଲା। ଆଜି ବିଜୁ ପଟ୍ଟନାୟକ କଲେଜ ନିକଟରୁ ରମେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ତେବେ ରମେଶ କେବଳ ଭୋଳାନାଥଙ୍କ ଠାରୁ ନୁହଁ, ବରଂ ଅନ୍ୟ ବ୍ୟବସାୟୀଙ୍କ ଠାରୁ ମଧ୍ୟ କୋଟି କୋଟି ଟଙ୍କା ଠକି ନେଇଛି। ନିଜ ସାଙ୍ଗର ଭିଶୋଇଙ୍କୁ ମଧ୍ୟ ୬୪ ଲକ୍ଷର ଚୂନ ଲଗାଇଛି। ଏହି ଘଟଣାରେ ପୁଲିସ ବ୍ୟାଙ୍କ ଟ୍ରାନଜାକସନ, ଚୁକ୍ତିପତ୍ର, ଅରବିଆଇ ସ୍ୱୀକୃତି ପ୍ରାପ୍ତ ଜାଲ୍ କାଗଜପତ୍ର ଓ ଏକ ମର୍ସିଡିଜ୍ କାର ଜବତ କରିଛି। ଠକେଇର ଶିକାର ହୋଇଥିବା ୧୦ ଜଣ ଆଜି ପୁଲିସ କମିସନରଙ୍କୁ ଭେଟିଛନ୍ତି। ରମେଶ ନାଁରେ ଅଭିଯୋଗର ଫର୍ଦ୍ଦ ବଢ଼ିବ ବୋଲି ଅଭିଯୋଗକାରୀ ମାନେ କହିଛନ୍ତି। ସେପଟେ ଠକେଇର ଶିକାର ହୋଇଥିଲେ ନିଜ ନିକଟବର୍ତ୍ତୀ ଥାନାରେ ଅଭିଯୋଗ କରିବାକୁ କମିସନରେଟ ପୁଲିସ ପକ୍ଷରୁ କୁହାଯାଇଛି।

## ଦିଲ୍ଲୀରେ ସାଂସଦଙ୍କ ସହ ବୈଠକ କଲେ ମନମୋହନ

# ରାଜ୍ୟର ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଆଲୋଚନା



ଭୁବନେଶ୍ୱର,୨୩।୭ (ସମିସ): ବୁଧବାର ନୂଆଦିଲ୍ଲୀଠାରେ ବିଜେପିର ଉଭୟ ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ରାଜ୍ୟ ସଭାପତି ମନମୋହନ ସାମଲ ବୈଠକ କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ବିଭିନ୍ନ ଘଟଣାକୁ ନେଇ ସରକାର ବ୍ୟାକଫୁଟ୍‌ରେ ଥିବାବେଳେ ଓଡ଼ିଶାର କେତେକ ପ୍ରସଙ୍ଗ ସଂସଦରେ ଚଳିତ ମୌସୁମୀ ଅଧିବେଶନରେ ଉଠିପାରେ। ତେଣୁ ରାଜ୍ୟ ବିଜେପିର ସାଂସଦମାନେ ସଂସଦରେ ଏହାର ମୁକାବିଲା କରିବାକୁ ଏହି ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଅପରପକ୍ଷେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ ଓ ନିଗମରେ ନିଯୁକ୍ତି ନେଇ କଳ୍ପନାଜଳ୍ପନା ଜାରି ରହିଛି। ଚଳିତ ମାସ ଶେଷ ସୁଦ୍ଧା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବାକୁ ଶୀର୍ଷ ନେତୃତ୍ୱ ଜୋରସୋର୍ ଉଦ୍ୟମ ଚଳାଇଛନ୍ତି। ଏପରିସ୍ଥଳେ ମନମୋହନଙ୍କ ଏହି ବୈଠକ ବେଶ୍ ଗୁରୁତ୍ୱ ବହନ କରୁଥିବା କୁହାଯାଉଛି।

ବୈଠକରେ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ରାଜ୍ୟ ସଂଗଠନ ସମ୍ପାଦକ ମାନସ ମହାନ୍ତି ଏବଂ ଦଳର ପ୍ରାୟ ୧୮ ଜଣ ଲୋକସଭା, ରାଜ୍ୟସଭା ସାଂସଦ ଉପସ୍ଥିତ ଥିଲେ। ତେବେ ବୈଠକରେ ଓଡ଼ିଶାର ୩ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ବୈଠକରେ ଉପସ୍ଥିତ ନ ଥିଲେ।

- ସଂସଦରେ ଓଡ଼ିଶା ପ୍ରସଙ୍ଗ ଉଠାଇ ପାରନ୍ତି ବିରୋଧୀ
- ମୁକାବିଲା ନେଇ ବୈଠକରେ ହୋଇଛି ଆଲୋଚନା!
- ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀ ବୈଠକରେ ଅନୁପସ୍ଥିତ

# ସୁଇସାଇଡ୍ ନୋଟ୍ ଲେଖି ନିଜକୁ ଜାଳିଦେଲେ ବୃଦ୍ଧ

**ସାନଖେମୁଣ୍ଡି, ୨୩।୭(ସମିସ):** 'ମୋର ରହିବାକୁ ଇଚ୍ଛା ନାହିଁ, ସୀତାରାମ, ବୋଉକୁ ଅବହେଳା କରିବୁ ନାହିଁ।' ପରିବାରଲୋକଙ୍କ ଉଦ୍ଦେଶ୍ୟରେ ଏମିତି ଏକ ଚିଠି ଲେଖିବା ପରେ ଜଣେ ବୃଦ୍ଧ କିରାସିନି ଢାଳି ଆତ୍ମାହୁତି କରିବା ଭଳି ଏକ ଅଭାବନୀୟ ଘଟଣା ଗଞ୍ଜାମ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତ ବୃଦ୍ଧଜଣଙ୍କ ହେଲେ ପାଟପୁର ଥାନା ବଡ଼ିଆଓସ୍ତା ଗ୍ରାମର ପୀତବାସ ଆଚାର୍ଯ୍ୟ (୬୩)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ପୁଲିସ୍ ତାଙ୍କ ଘରୁ ଉକ୍ତ ସୁଇସାଇଡ୍ ନୋଟ୍‌କୁ ଜବତ କରିଛି। ତେବେ କେଉଁ କାରଣରୁ ପୀତବାସ ଏପରି ଚରମ ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ।

ପରିବାରଲୋକଙ୍କ କହିବାନୁଯାୟୀ, ପୀତବାସ ଉଚ୍ଚ ରକ୍ତଚାପ, ମଧୁମେହ ରୋଗରେ ପୀଡ଼ିତ ଥିଲେ। ନିୟମିତ ବ୍ୟବଧାନରେ ତାଙ୍କର ଚିକିତ୍ସା ବି ଚାଲିଥିଲା। କିନ୍ତୁ, ଗତ କିଛି ଦିନ ହେବ, ସେ ଅନ୍ୟମନସ୍କ ରହୁଥିଲେ। ତେବେ ଆଜି ଦିନ ପ୍ରାୟ ୧୧ଟା ବେଳେ ଗାଁ ଦୋକାନରୁ ଥଣ୍ଡାପାନୀୟ ଆଣିବାକୁ ସେ ତାଙ୍କ ସ୍ତ୍ରୀଙ୍କୁ ପଠାଇଥିଲେ। ଏହି ସମୟରେ ଘରେ କେହି ନଥିବା ସୁଯୋଗରେ ସେ ଘରବାରି ପଟକୁ ଯାଇ ଦେହରେ କିରାସିନି ଢାଳି ହୋଇ ନିଆଁ ଲଗାଇ ଦେଇଥିଲେ। ପରିବାରଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ପୀତବାସଙ୍କୁ ମୃତ ଘୋଷଣା କରିଥିଲେ।



'ମୋର ରହିବାକୁ ଇଚ୍ଛା ନାହିଁ; ସୀତାରାମ ବୋଉକୁ ଅବହେଳା କରିବୁନି'

## ରାଜ୍ୟରେ ବଢୁଛି ବୀଭତ୍ସ ଘଟଣା

# ସରକାରଙ୍କର ସାମାନ୍ୟ ଲଜ୍ଜାବୋଧ ନାହିଁ

ଭୁବନେଶ୍ୱର,୨୩।୭ (ସମିସ): ରାଜ୍ୟବ୍ୟାପି ହେଉଥିବା ନାରୀ ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧରେ କଂଗ୍ରେସ ଦଳର ଅବିରାମ ସଂଗ୍ରାମ ଜାରି ରଖିଛି। ଅତ୍ୟାଚାରିତ ନାରୀଙ୍କ ପାଇଁ ନ୍ୟାୟର ଉପଯୁକ୍ତ ବ୍ୟବସ୍ଥା ନ କଲା ପର୍ଯ୍ୟନ୍ତ ଏହା ଆଗକୁ ଜୋର୍‌ଦାର୍ ହେବ ବୋଲି ରାଜ୍ୟ କଂଗ୍ରେସ କହିଛି।

ବୁଧବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାମାନଙ୍କ ଉପସ୍ଥିତିରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ରାଜ୍ୟରେ ଏତେସବୁ ବୀଭତ୍ସ ଘଟଣା ଘଟିବା ପରେ ମଧ୍ୟ ସରକାରଙ୍କୁ ସାମାନ୍ୟତମ ଲଜ୍ଜାବୋଧ ହେଉନି। ନାରୀ ନିର୍ଯାତନା ପାଇଁ ରାଜ୍ୟର ଜନତା ମର୍ମାହତ ଏବଂ ଲଜ୍ଜିତ। କିନ୍ତୁ ରାଜ୍ୟ ସରକାର କିଛି ହୃଦୟଙ୍ଗମ କଲାଭଳି ଦେଖାଯାଉ ନାହିଁ। ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ଆମେରିକା ରାଷ୍ଟ୍ରପତି, ଆମେରିକୀୟ ନାଗରିକଙ୍କୁ ଓଡ଼ିଶା ନ ଯିବା ପାଇଁ ବାରଣ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କ ଓଡ଼ିଶା ଗସ୍ତ ସମୟରେ ନାରୀ ନିର୍ଯାତନା ବିଷୟରେ ସରକାରଙ୍କୁ ସୂଚାଇଥିଲେ। ଏପରିକି ବର୍ତ୍ତମାନ ସୁପ୍ରିମକୋର୍ଟ ଓଡ଼ିଶାରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଆମକୁ ଲଜ୍ଜା ଅନୁଭବ ହେଉଛି ବୋଲି ନିଜ ତରଫରୁ ଉଲ୍ଲେଖ କରିଛନ୍ତି। ଏଭଳି ଘଟଣା ପାଇଁ ବିରୋଧୀ ଦଳ ଭାବେ କଂଗ୍ରେସ ମଧ୍ୟ ଲଜ୍ଜିତ ବୋଲି ଭକ୍ତ କହିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହଛନ୍ତି ଯେ ସ୍ୱାଧୀନତାକୁ ୭୫ବର୍ଷ ବିତିଯାଇଥିଲେ ସୁଦ୍ଧା ଏଭଳି ଲଜ୍ଜାଜନକ ଘଟଣା ସବୁ ଘଟୁଛି। ଆଇନଶୃଙ୍ଖଳାକୁ ସମ୍ଭାଳିବାରେ ରାଜ୍ୟ ସରକାର ବିଫଳ ହେଉଛନ୍ତି। ଓଡ଼ିଶାର ବିଜେପି ସରକାର ବିରୋଧରେ କଂଗ୍ରେସ ଯେଉଁ ଅଭିଯୋଗ ଆଣିଥିଲା, ସୁପ୍ରିମକୋର୍ଟ ତାଙ୍କ ଟିପ୍ପଣୀ ମାଧ୍ୟମରେ ସେଥିରେ ମୋହର ଲଗାଇଛନ୍ତି। ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ରାଜ୍ୟ ବିଜେପି ସରକାର ଅନ୍ତତଃ ଇସ୍ତଫା ଦେଇଦେବା ଉଚିତ ବୋଲି ସେ କହିଛନ୍ତି।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଓଡ଼ିଶାର ଜନସାଧାରଣ ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବେ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ତାରା ପ୍ରସାଦ ବାହିନୀପତି, ଦେବାଶିଷ ପଟ୍ଟନାୟକ, ଲଲାଟେନ୍ଦୁ ମହାପାତ୍ର, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।


## ନାରୀ ଅତ୍ୟାଚାର ବିରୋଧରେ ଅବିରାମ ସଂଗ୍ରାମ ଚାଲିବ: କଂଗ୍ରେସ







# ଚିନ୍ତା ବଢ଼ାଇଲା ସିନ୍ଥେଟିକ୍ ଡ୍ରଗ୍ସ



ଭୁବନେଶ୍ବର, ୨୩।୭ (ସମିସ)

ବୁଧବାର ଏନ୍‌ସିବି ପକ୍ଷରୁ ବିଦେଶୀ ନିଶାଦ୍ରବ୍ୟ ସିନ୍ଥେଟିକ୍ ଡ୍ରଗ୍‌ସ ଜବତ ପରେ ଏବେ ପୁଲିସ ପାଇଁ ଚିନ୍ତା ବଢ଼ିଯାଇଛି। ଏହି ନିଶାଦ୍ରବ୍ୟ ସାଧାରଣ ସହ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଉପଲବ୍ଧ ହୋଇଥାଏ। ତାହା ଏବେ ଭୁବନେଶ୍ବରରେ ମିଳିବା ପରେ ଏହାର ର୍‌ୟାକେଟ୍ ଭୁବନେଶ୍ବରରେ ରହିଛି କି ନାହିଁ ତାକୁ ନେଇ ଏବେ ପୁଲିସ ଚିନ୍ତାରେ ପଡ଼ିଛି। କେବଳ ପୁଲିସ ନୁହେଁ ଅବକାରୀ ବିଭାଗ, ଏନ୍‌ସିବି ପାଇଁ ମଧ୍ୟ ଏହା ଏବେ ଚିନ୍ତାର କାରଣ ପାଲଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୟୁରୋପରୁ ଭୁବନେଶ୍ବର ଆସୁଥିବା ସିନ୍ଥେଟିକ୍ ଡ୍ରଗ୍ସ (ଏଲ୍‌ଏସ୍‌ଡି)କୁ ଜବତ କରିଛି ନାର୍କୋଟିକ କେଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଯେଉଁ ଇଞ୍ଜିନିୟରିଂ ଛାତ୍ରଙ୍କୁ ଗିରଫ କରିଛି ତା'ର ଲିଙ୍କ୍ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହ ରହିଛି କି ନାହିଁ ତାକୁ ନେଇ ଏନ୍‌ସିବି ତଦନ୍ତ ଆରମ୍ଭ କରିଛି। ମୈତ୍ରୀ ବିହାର ଏଲ୍‌ଆଇସି କଲୋନୀରୁ ଗିରଫ ହୋଇଥିବା ଛାତ୍ର ଆର୍ଯ୍ୟମାନ ପଟ୍ଟନାୟକଙ୍କ ସମ୍ପର୍କୀୟ ଏବଂ ସହପାଠୀକୁ ନେଇ ତଦନ୍ତ ଆରମ୍ଭ କରିଛି। ସେ ଅନ୍‌ଲାଇନ୍‌ରେ ୟୁରୋପୀୟ ଦେଶରୁ ଡାର୍କେ୍‌ୱେବ ଜରିଆରେ ସିନ୍ଥେଟିକ ଡ୍ରଗ୍ସ ମଗାଇଥିଲେ।



- ଶିକ୍ଷିତ ପିଲାଙ୍କୁ ନେଇ ଅଭିଭାବକଙ୍କ ମୁଣ୍ଡବ୍ୟଥା
- ଦେଢ଼ଘଣ୍ଟା ପର୍ଯ୍ୟନ୍ତ ନିୟନ୍ତ୍ରଣ ବାହାରେ ନିଶାଡ଼ି

ପ୍ରକାଶ ଥାଉ କି ଭୁବନେଶ୍ବରରେ କୋକେନ୍ ମଧ୍ୟ ଜବତ କରାଯାଇଥିଲା। ଏହି ଘଟଣାରେ ବିଦେଶୀଙ୍କ ଲିଙ୍କ୍ ଥିବା ଜଣାପଡ଼ିଥିଲା। ଏଭଳି ବିଦେଶୀ ଏବଂ ମାରାତ୍ମକ ନିଶା ଦ୍ରବ୍ୟ କାରବାର ସାଧାରଣ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କୁ ମଧ୍ୟ ଚିନ୍ତାଗ୍ରସ୍ତ କରିଛି।

ଅପରପକ୍ଷେ ସିନ୍ଥେଟିକ୍ ଡ୍ରଗ୍ସ ନିଶାରେ ଅଧିକାଂଶ ତରୁଣ ଯୁବକମାନେ ପଡ଼ିବାର ଆଶଙ୍କା ରହିଛି। ତେବେ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ କହିବାନୁଯାୟୀ ସାଧାରଣ ଗଞ୍ଜେଇ, ମଦ ନିଶାରେ ପଡୁଥିବା ନିଶାଡ଼ିଙ୍କୁ ଜାଣିବା ସହଜ ହୋଇଥାଏ। କିନ୍ତୁ ସିନ୍ଥେଟିକ୍ ଡ୍ରଗ୍ସ, ବ୍ରାଉନ୍‌ସୁଗର କିମ୍ବା କୋକେନ ଭଳି ନିଶା ସେବନ କରୁଥିବା ପିଲାଙ୍କୁ ଚିହ୍ନିବା ବା ଜାଣିବାକୁ ସମୟ ଲାଗିଥାଏ। ଅଧିକାଂଶ ଟିନ୍‌ଏଜ୍‌ର ଯୁବକମାନେ ଏହି ନିଶାରେ ପଡ଼ିବାର ଆଶଙ୍କା ରହିଛି। ତେଣୁ ଆପଣଙ୍କ ପିଲା ଯଦି ଅସ୍ୱାଭାବିକ ଆଚରଣ କରୁଛି କିମ୍ବା ଅନ୍ୟ ସାଙ୍ଗମାନଙ୍କ ସହ ଅଧିକାଂଶ ସମୟ ଏକୁଟିଆ ବିତାଉଛି ତେବେ ତା ପ୍ରତି ନଜର ରଖନ୍ତୁ। ବିଶେଷକରି ଏକ ନିର୍ଦ୍ଦିଷ୍ଟ ସମୟରେ ଯଦି ସେ ନିସ୍ତେଜ ରହୁଛି କାହା ସହିତ କଥା ହେଉନାହିଁ ତେବେ ଆପଣ ତା ପ୍ରତି ଧ୍ୟାନ ଦିଅନ୍ତୁ। ଆବଶ୍ୟକସ୍ଥଳେ ତା ସହ କାଉନ୍‌ସେଲିଂ କରନ୍ତୁ। ଏହି ନିଶାରେ କବଳିତ ହେବା ପରେ ତାକୁ ବାଟକୁ ଫେରାଇ ଆଣିବା କାଠିକର ପାଠ ହୋଇ ପଡ଼ିବ।



### କ'ଣ ଏହି ସିନ୍ଥେଟିକ୍ ଡ୍ରଗ୍ସ

ଆମେମାନେ ସାଧାରଣତଃ ଡ୍ରଗ୍‌ସ ବିଷୟରେ ଜାଣିଛେ। ହେଲେ ସିନ୍ଥେଟିକ୍ ଡ୍ରଗ୍ସ ବିଷୟରେ କମ୍ ଜାଣିଛନ୍ତି। ତେବେ କ'ଣ ଏହି ସିନ୍ଥେଟିକ୍ ଡ୍ରଗ୍‌ସ ବା ଏଲ୍‌ଏସ୍‌ଡି। ଏଲ୍‌ଏସ୍‌ଡିର ଇଂରାଜୀରେ ପୂରା ନାମ ହେଉଛି ଲାଇସରଜିକ ଏସିଡ୍ ଡାଇଥାଇଲାମାଇଡ୍। ଯାହା ସିନ୍‌ଥେଟିକ୍ ଡ୍ରଗ୍ସ ଭାବେ ଜଣା। ଛୋଟ ପେପର ଭଳି ଏକ ଚିପ୍ ଭଳି ଦେଖାଯାଉଥିବା ଦେଖାଯାଉଥିବା ଏହି ନିଶାଦ୍ରବ୍ୟ ଅତ୍ୟନ୍ତ ଭୟଙ୍କର। ଏହାକୁ ଜିଭରେ ରଖିବା ପରେ ମଣିଷନିଜର ନିୟନ୍ତ୍ରଣ ହରାଇ ବସେ। ଏମିତି କି ଅସ୍ୱାଭାବିକ ଆଚରଣ ପରିଲକ୍ଷିତ ହୁଏ। ଏହାକୁ ସେବନ କରିବାର ମାତ୍ର କିଛି ସମୟ ମଧ୍ୟରେ ଦେହରୁ ପ୍ରଚୁର ଝାଳ ବାହାରିଥାଏ। ଏଥିସହିତ ନିଦ ଓ ଭୋକ ମଧ୍ୟ ନ ଲାଗିବା ସହ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦେଖା ଦେଇଥାଏ। ଏହାକୁ ବାରମ୍ବାର ବ୍ୟବହାର କଲେ ରକ୍ତଚାପ, ହୃଦଘାତ ସମସ୍ୟା ଦେଖା ଦେବାର ଆଶଙ୍କା ରହିଛି। ତେବେ ଏଭଳି ନିଶା ଭାରତରେ ବା ଓଡ଼ିଶାରେ କ୍ୱଚିତ୍ ଦେଖା ଦେଇଥାଏ। ଏହି ଡ୍ରଗ୍ସ କିଭଳି ଭୁବନେଶ୍ବରକୁ ଆସିଲା ତାକୁ ନେଇ ଏବେ ପୁଲିସର ମୁଣ୍ଡବ୍ୟଥା ଆରମ୍ଭ ହୋଇଛି। କିଛି ନୂଆ ଚ୍ୟାନେଲ୍ ଦେଇ ଏହା ଓଡ଼ିଶାକୁ ଆସିଥାଇପାରେ ବୋଲି ପୁଲିସ ଅନୁମାନ କରୁଛି। ଏ ନେଇ ପୂରା କମିସନରେଟ୍ ପୁଲିସର ବିଶେଷଜ୍ଞମାନେ ତଦନ୍ତ କରୁଛନ୍ତି।

## ବିଜେପି ଯୁବ ମୋର୍ଚ୍ଚା ସଭାପତିଙ୍କ ନାଁରେ ଏତଲା ଦେଲା କଂଗ୍ରେସ



ଭୁବନେଶ୍ବର, ୨୩।୭ (ସମିସ)

ଭାରତୀୟ ଜନତାପାର୍ଟିର ଯୁବମୋର୍ଚ୍ଚା ଓଡ଼ିଶା ଶାଖା ସଭାପତି ଅଭିଲାଶ ପଣ୍ଡାଙ୍କ ବିରୋଧରେ ଥାନାରେ ଏତଲା ଦେଇଛି କଂଗ୍ରେସ। ଭୁବନେଶ୍ବର ଜିଲ୍ଲା କଂଗ୍ରେସ ସଂଯୋଜକ ବିଶ୍ୱଜିତ ଦାଶଙ୍କ ସହିତ ଜିଲ୍ଲାର ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ବୁଧବାର ଭୁବନେଶ୍ବରର କ୍ୟାପିଟାଲ ଥାନାରେ ଅଭିଲାଶଙ୍କ ନାମାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି ଗତ ଜୁଲାଇ ୨୧ ତାରିଖ ଦିନ ବିଜେପି କାର୍ଯ୍ୟାଳୟଠାରେ ତାଙ୍କର ଅନ୍ୟକିଛି ସହକର୍ମୀଙ୍କ ସହିତ ଏକ ସାମ୍ବାଦିକ ସମ୍ମିଳନୀରେ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅତ୍ୟନ୍ତ ଅଶ୍ଳୀଳ ମନ୍ତବ୍ୟ ଦେଇ ତାଙ୍କ ଚରିତ୍ର ସଂହାର କରିଛନ୍ତି। ଏପରିକି ସମସ୍ତ କଂଗ୍ରେସ ଦଳର ନେତୃବର୍ଗ ଜଣେ ଜଣେ ବଳାତ୍କାରୀ ବୋଲି ଗଣମାଧ୍ୟମ ସମ୍ମୁଖରେ କହିବାକୁ କୁଣ୍ଠାବୋଧ କରି ନ ଥିଲେ। ଏହା ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ଘୋର ଆଘାତ ଦେବା ସହିତ ତାଙ୍କପ୍ରତି ଶ୍ରୀ ପଣ୍ଡା ଯେଉଁ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି ତାହା ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାର ଉଲ୍ଲଙ୍ଘନ କରୁଛି। ତେଣୁ ତାଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା କଂଗ୍ରେସ ନେତୃବର୍ଗ ଥାନାର ବରିଷ୍ଠ ଅଧିକାରୀ ତଥା ଜୋନର ଏସିପିଙ୍କ ଠାରେ ଦାବି କରିଛନ୍ତି। ଥାନାର ବରିଷ୍ଠ ଅଧିକାରୀ ଏହାକୁ ଏଫଆଇଆର ରୂପେ ଗ୍ରହଣ କରିବା ସହିତ ତାର ଏକକିତା ନକଲ ମଧ୍ୟ ପ୍ରଦାନ କରିଛନ୍ତି। ଶ୍ରୀ ଦାଶ କହିଛନ୍ତି ଯଦି ଅଭିଲାଷ ପଣ୍ଡାଙ୍କୁ ତୁରନ୍ତ ଗିରଫ କରାଯିବ ନାହିଁ, ତାହାଲେ କଂଗ୍ରେସ ଆଇନଗତ ଲଢ଼େଇ ଲଢ଼ିବା ସହିତ ପୁଲିସ ବିଭାଗର ପାତରଅନ୍ତର ବିରୋଧରେ ମଧ୍ୟ ଲଢ଼େଇ କରିବ।


**ଅସ୍ତିତ୍ୱ ହରାଉଛି ଐତିହ୍ୟ**

## ଶିଉଳି ଆସ୍ତରଣରେ ଲୁଚିଯାଉଛି ସୌର ଘଡ଼ି

ଭୁବନେଶ୍ବର, ୨୩।୭(ସମିସ): ଏକଦା ସମୟ ଜାଣିବାର ପ୍ରମୁଖ ମାଧ୍ୟମ ପାଲଟିଥିଲା ବ୍ରିଟିଶ ଅମଳର ସୌର ଘଡ଼ି। କିନ୍ତୁ ଭୁବନେଶ୍ବରର ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ଏହି ସୌର ଘଡ଼ିଟି ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି।

ରାଜଧାନୀର ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ଏହି ସୌରଘଡ଼ି ବ୍ରିଟେନ୍ ରାଣୀ ଭିକ୍ଟୋରିଆଙ୍କ ରାଜୁତିର ୫୦ବର୍ଷ ପୂର୍ତ୍ତି ଅବସରରେ ୧୮୮୭ ମସିହାରେ ଏହି ସୂର୍ଯ୍ୟଘଡ଼ି ପ୍ରତିଷ୍ଠା କରାଯାଇଥିଲା ବୋଲି କୁହାଯାଉଛି। ହେଲେ ଏବେ ହାତ ଘଣ୍ଟା, କାନ୍ଥ ଘଣ୍ଟା, ମୋବାଇଲ୍, ଲାପ୍‌ଟପ ଆଦିରେ ସମସ୍ତେ ସମୟକୁ ଦେଖି ପାରୁଛନ୍ତି କିନ୍ତୁ ପୂର୍ବରୁ ସମୟ ନିର୍ଦ୍ଧାରଣ କରି ଆସୁଥିବା ଏହି ସୌରଘଡ଼ି ଏକ ପ୍ରକାରର ଅବହେଳିତ ହୋଇ ରହିଛି।

**ଦେଖିବାକୁ ଆସି ନିରାଶ ହୋଇ ଫେରୁଛନ୍ତି ପର୍ଯ୍ୟଟକ**



ହେଲେ ଏହି ସୌରଘଡ଼ି ଚାରିପଟେ ଶିଉଳି ଲାଗିବା ସହ ସୌରଘଡ଼ି ବୋଲି ସୂଚନା ଫଳକଟିଏ ନାହିଁ। ଯେଉଁଥିପାଇଁ ବୁଲିବାକୁ ଆସୁଥିବା ଲୋକମାନେ ଏହା ଭିତରକୁ ଛେପ, ଖଙ୍ଗାର ଆଦି ପକାଉଛନ୍ତି। ଯାହା ଐତିହ୍ୟ ପ୍ରେମୀଙ୍କୁ ଅଧିକ ବ୍ୟଥିତ କରୁଛି। ଫଳରେ ଇତିହାସର ପୃଷ୍ଠାରେ ଗୁରୁତ୍ୱବହନ କରୁଥିବା ଏହି ଐତିହ୍ୟଟି କ୍ରମେ ଅଲୋଡ଼ା ହେବାରେ ଲାଗିଛି। କେବଳ ଏହି ସୌରଘଡ଼ି ନୁହେଁ ସହରରେ ଅନେକ ସ୍ଥାନରେ ପୁରୁଣା ଐତିହ୍ୟ ସ୍ମାରକୀ, ମନ୍ଦିର ଆଦି ରହିଛି। ହେଲେ ଏହି ସବୁ ପାଖରେ ନା ଅଛି ନାମ ଫଳକ ନା ଏହାର ରକ୍ଷଣାବେକ୍ଷଣ ସଠିକ୍ ଭାବରେ ନିଆଯାଉଛି। ଯାହା ଏବେ ସବୁ ଐତିହାସିକମାନଙ୍କର ପାଇଁ ଚିନ୍ତାର କାରଣ ପାଲଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ ଐତିହ୍ୟ ଗବେଷଣ, ବିଶେଷଜ୍ଞ ଏବଂ ଐତିହାସିକ ବିଭିନ୍ନ ଇତିହାସ ପୃଷ୍ଠାରୁ ଏହି ସୌରଘଡ଼ି ସମ୍ପର୍କରେ ସୂଚନା ପାଇଁ ଏଠାକୁ ଆସୁଥିଲେ ମଧ୍ୟ ସୂଚନା ଫଳକ ନ ଥିବାରୁ ଏହାକୁ ନ ଦେଖି ଫେରି ଯାଉଛନ୍ତି।

ପ୍ରକାଶ ଥାଉ କି ଓଡ଼ିଶାରେ ପୁରୀର କୋଣାର୍କ, କଟକ ରେଭେନ୍ସା କଲେଜ, ନୟାଗଡ଼ ଖଣ୍ଡପଡ଼ା ରାଜା ପ୍ୟାଲେସ୍, କେନ୍ଦ୍ରାପଡ଼ା ପୁରୁଣା ବସଷ୍ଟାଣ୍ଡ ନିକଟ, ଯାଜପୁରର ମଧୁପୁରଗଡ଼ରେ ଏହି ସୂର୍ଯ୍ୟଘଡ଼ି ରହଥିବା ବେଳେ ରାଜଧାନୀର ମୁକ୍ତେଶ୍ୱର ମନ୍ଦିର ପରିସରରେ ମଧ୍ୟ ଏହି ସୂର୍ଯ୍ୟଘଡ଼ି ରହିଛି। ମୁକ୍ତେଶ୍ୱର ମନ୍ଦିରକୁ ଦେଶ ତଥା ବିଦେଶରୁ ଅନେକ ପର୍ଯ୍ୟଟକ ପରିଦର୍ଶନ ନିମନ୍ତେ ଆସୁଛନ୍ତି, ଏହି ପ୍ରକାର ଐତିହାସିକ ତଥ୍ୟ ପ୍ରଦର୍ଶନ ଦ୍ୱାରା ସ୍ଥାନଟିର ଐତିହାସିକ ଗୁରୁତ୍ୱ ନିଶ୍ଚିତ ବୃଦ୍ଧି ପାଇବ ବୋଲି ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଛନ୍ତି। ସେହିଭଳି ସଂସ୍କୃତି ବିଭାଗ ଏହି ପୁରାତନ ବିରଳ ଐତିହ୍ୟଟିର ସୁରକ୍ଷା ସହିତ ଏହାର ଇତିହାସ ତଥା ବ୍ୟବହାର ସମ୍ପର୍କିତ ସବିଶେଷ ତଥ୍ୟଯୁକ୍ତ ଏକ ସୂଚନା ଫଳକ ମୁକ୍ତେଶ୍ୱର ମନ୍ଦିର ପରିସରରେ ସ୍ଥାନିତ କରାଗଲେ ପରପିଢ଼ି ଏ ନେଇ ଅଧିକ ଜ୍ଞାନ ଆସଲ କରିପାରିବେ।

## ଦେଢ଼ ଘଣ୍ଟାରେ ଏତେ; ଆଗକୁ କେତେ

ଭୁବନେଶ୍ବର, ୨୩।୭ (ସମିସ)



ବୁଧବାର ଅପରାହ୍ଣରେ ମାତ୍ର ଦେଢ଼ ଘଣ୍ଟା ବର୍ଷାରେ ରାଜ୍ୟ ରାଜଧାନୀ ରାସ୍ତାଘାଟରେ ପାଣି ଭରିଗଲା। ଆଣ୍ଠୁଏ ଆଣ୍ଠୁଏ ପାଣିରେ ଯିବା ଆସିବା କରିବାକୁ ପଡ଼ିଲା। ପରିସ୍ଥିତି ଏଭଳି ହେଲେ ଯେ ଲୋକଙ୍କୁ ଘରୁ ବାହାରିବା କାଠିକର ପାଠ ହୋଇଗଲା। ବହୁ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଲା। ଏହି ବର୍ଷାରେ ଉପକଣ୍ଠ ଏବଂ ତଳି ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହୋଇଛି। ଆଗକୁ ଆସୁଥିବା ଏକାଧିକ ଲଘୁଚାପରେ ପରିସ୍ଥିତି କଣ ହେବ ତାହାକୁ ନେଇ ରାଜଧାନୀବାସୀ ଏବେ ଆଶଙ୍କା ଭିତରେ ରହିଛନ୍ତି।

ଭୁବନେଶ୍ବରରେ ମାତ୍ର ଦେଢ଼ ଘଣ୍ଟା ମଧ୍ୟରେ ୭୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହାର ପ୍ରଭାବରେ ବିଏମ୍‌ସିର ୱାର୍ଡ ନମ୍ବର ୪ସ୍ଥିତ ଲକ୍ଷେଶ୍ୱର ମନ୍ଦିର ପାଣି ଘେରରେ ରହିଥିଲା। ବିଏମ୍‌ସି ଅପହଞ୍ଚ ହେବାରୁ ସ୍ଥାନୀୟ ଲୋକେ ଜଳ ନିଷ୍କାସନ ପାଇଁ ଉଦ୍ୟମ କରିଥିଲେ। ଅନ୍ୟପକ୍ଷରେ ଉତ୍କଳ ସିଗ୍‌ନେଚର ନିକଟରେ କୃତ୍ରିମ ବନ୍ୟା ପରିସ୍ଥିତି ହୋଇଥିଲା। ଅଣ୍ଡର ପାସ୍ ଠାରୁ ହଂସପାଳ ଆଡ଼କୁ ସର୍ଭିସ ରୋଡ୍‌ରେ ଅଣ୍ଟାଏରୁ ଅଧିକ ପାଣି ହୋଇଗଲା। ରାସ୍ତାରେ ବର୍ଷା ପାଣି ଲହଡ଼ି ଭାଙ୍ଗିଲା। ଦୁଇଚକିଆ ଗାଡ଼ିମୋଟର କଥା ଛାଡ଼ନ୍ତୁ ୪ଚକିଆ ଯାନ ବି ବର୍ଷା ପାଣିରେ ଭାସିଲା। ପଟିଆ, ସୌଭାଗ୍ୟନଗର, ଚକେଇସିଆଣି, ସତ୍ୟବିହାର ଏବଂ ଅନ୍ୟାନ୍ୟ ତଳି ଅଞ୍ଚଳରେ ପରିସ୍ଥିତି ବେହାଲ ହୋଇଯାଇଥିଲା। ପାଣି ଏତେ ଅଧିକ ଥିଲା ଯେ ପମ୍ପ ସେଟ୍ ବି କାମ କଲାନି।

ଅନ୍ୟପକ୍ଷରେ ବଡ଼ଗଡ଼ ଅଞ୍ଚଳରେ ସାଇଫନ୍ ବର୍ଷା ଜଳ ନିଷ୍କାସନର ପ୍ରମୁଖ ବାଟ। ହେଲେ କିଛିଦିନ ହେବ ଏହାକୁ ଭଙ୍ଗା ଯାଇଥିଲେ ମଧ୍ୟ ମରାମତି ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଆଗାମୀ ସପ୍ତାହରେ ଲଗାତାର ବଙ୍ଗୋପସାଗରରେ ଲଘୁଚାପ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ହେବ। ଯଦି ଦେଢ଼ ଘଣ୍ଟା ବର୍ଷାରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ତେବେ ଲଗାତାର ଲଘୁଚାପରେ କଣ ହେବ ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

### ପ୍ରେମିକାକୁ ହଇରାଣ କରି ପ୍ରେମିକ ଗିରଫ

ଭୁବନେଶ୍ବର, ୨୩।୭ (ସମିସ): ପ୍ରେମିକାକୁ ହଇରାଣ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିର ନିର୍ମଳ କୁମାର ବେହେରା (୩୨)।

ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରିଣୀଙ୍କ ସହ ୨୦୨୩ ମାର୍ଚ୍ଚ ମାସରୁ ନିର୍ମଳର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଚଳିତବର୍ଷ ଏପ୍ରିଲ ମାସ ପର୍ଯ୍ୟନ୍ତ ସାଲିଆ ସାହି ଅଞ୍ଚଳରେ ଏକାଠି ରହି ଆସୁଥିଲେ। କିନ୍ତୁ ନିର୍ମଳର ଆଚରଣ ଓ ବ୍ୟବହାରରେ ଅତିଷ୍ଠ ହୋଇ ଯୁବତୀ ଜଣକ ଅନ୍ୟ ଏକ ସ୍ଥାନରେ ଯାଇ ଅଲଗା ରହିଥିଲେ। ଏହି ଘଟଣା ପରେ ନିର୍ମଳ ତାଙ୍କୁ ନିୟମିତ ଭାବେ ପିଛା କରିବା ସହ ଗାଳିଗୁଲଜ କରୁଥିଲା। ଘର ଠାରୁ ଆରମ୍ଭ କରି ତାଙ୍କ କର୍ମ ସ୍ଥଳ ପର୍ଯ୍ୟନ୍ତ ପିଛା କରିବା ସହ ତାଙ୍କୁ ହଇରାଣ ହରକତ କରୁଥିଲା ଓ ଜୀବନରୁ ମାରିଦେବାକୁ ଧମକ ଦେଉଥିଲା। ଯୁବତୀଙ୍କ ଠାରୁ ଜୋରଜବରଦସ୍ତ ସୁନା ମଧ୍ୟ ନେଇଯାଇଥିଲା। ନିର୍ମଳ ଗତ ୨୦ ତାରିଖ ଦିନ ଯୁବତୀଙ୍କ ପିଛା କରି ତାଙ୍କୁ ସର୍ବସାଧାରଣ ସ୍ଥାନରେ ହଇରାଣ ହରକତ କରିବା ସହିତ ଅପମାନିତ କରିଥିଲା। ଯୁବତୀ ଜଣକ ଭୟଭୀତ ହୋଇ ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା।

## ଦୁର୍ଘଟଣାରେ ଭଉଣୀ ମୃତ, ଭାଇ ଆହତ

ଯାଁଳା, ୨୩।୭(ସମିସ): ଇନଫୋସିଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗପଡ଼ା ପୁରୁଣା ଟୋଲ ଗେଟ ନିକଟରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଗୋଟିଏ ମୋଟରସାଇକଲ ପଛରେ ଏକ ଟ୍ରକ ଧକ୍କା ଦେବାରୁ ଭଉଣୀର ମୃତ୍ୟୁ ଘଟିଛି। ମୃତ ଯୁବତୀ ଜଣକ ହେଲେ ନୟାଗଡ଼ ଜିଲ୍ଲା ରଣପୁର ଥାନା କେଶିଆପାଲି ଗ୍ରାମର ଅନାଦି ନାଏକଙ୍କ ଝିଅ ସୁମିତ୍ରା ସାମନ୍ତରାୟ (୨୨)।

ମିଳିଥିବା ସୂଚନା ଅନୁସାରେ ଗତକାଲି ଭାଇ ଆଶିଷ ଓ ଭଉଣୀ ସୁମିତ୍ରା କୌଣସି କାମରେ ଭୁବନେଶ୍ବର ଆସିଥିଲେ। ଆଜି ପୂର୍ବାହ୍ନ ୮ଟା ବେଳେ ଭାଇ ଓ ଭଉଣୀ ଏକ ମୋଟରସାଇକଲ ଯୋଗେ ଭୁବନେଶ୍ବରରୁ ନିଜ ଗାଁ ରଣପୁର ଯାଉଥିଲେ। ଗଙ୍ଗପଡ଼ା ପୁରୁଣା ଟୋଲ ଗେଟ ନିକଟରେ ପଛରୁ ଆସୁଥିବା ଏକ ଆଇଚର ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଦେବା ପରେ ସୁମିତ୍ରା ରାସ୍ତାର ମଝିରେ ଖସିପଡ଼ିଥିଲେ। ଫଳରେ ଉକ୍ତ ଟ୍ରକଟି ସୁମିତ୍ରାଙ୍କ ଉପରେ ଚଢି ଯାଇଥିଲା। ଘଟଣା ସ୍ଥଳରେ ହିଁ ସୁମାତ୍ରାଙ୍କ ମୃତ୍ୟୁ ଘଟିଥିଲା। ଭାଇ ଆଶିଷ ମଧ୍ୟ ଗାଡିରୁ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଦୁର୍ଘଟଣା ଦେଖି ଘଟଣା ସ୍ଥଳକୁ ଢ଼ି ଆସିଥିଲେ। ଇନଫୋସିଭ୍ୟାଲି ଥାନା ପୁଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଖୋର୍ଦ୍ଧା ଜିଲ୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୁଲିସ ଖୋଜୁଛି।

## ଉପରମୁହାଁ ସାଇବର ଠକେଇ | ଦେଢ଼ମାସରେ ନେଇଗଲେ ୪୬ କୋଟି

ଭୁବନେଶ୍ବର, ୨୩।୭ (ସମିସ): ରାଜ୍ୟରେ ବଢ଼ିବାରେ ଲାଗିଛି ଅଦୃଶ୍ୟ ଆତଙ୍କ। ଦେଶର ବିଭିନ୍ନ ସ୍ଥାନରେ ବସି ଆତଙ୍କ ଖେଳାଉଛନ୍ତି ସାଇବର୍ ଠକ। ଆଖି ପିଛୁଳାକେ ଖାଲି କରି ଦେଉଛନ୍ତି ପୂରା ଆକାଉଣ୍ଟ। ଅନେକ ସଚେତନତା ସତ୍ତ୍ୱେ ସାଇବର ଠକେଇ ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ପରିସ୍ଥିତି ଏମିତି ଯେ, ସାଇବର ଠକଙ୍କ ଗୋଟି ଚାଳନା ଆଗରେ ପୁଲିସର ରଣନୀତି ଏକପ୍ରକାର ଫେଲ୍ ମାରୁଛି। ଫଳରେ ରାଜ୍ୟରେ ସାଇବର ଠକେଇ ବଢୁଥିବା ବେଳେ ଗିରଫଦାରୀ ଓ ଟଙ୍କା ଜବତ ହାର ଆଖିଦୃଶିଆ ହେଉନାହିଁ। ଗତ ୪୫ ଦିନ ମଧ୍ୟରେ ୪୬ କୋଟି ଟଙ୍କା ଠକି ନେଇଛନ୍ତି ଏହି ଅଦୃଶ୍ୟ ଠକ। ସେହିପରି ଗତ ସାଢେ ୬ ମାସ ମଧ୍ୟରେ ସାଇବର୍ ଠକମାନେ ରାଜ୍ୟରୁ ପ୍ରାୟ ୧୯୦ କୋଟି ଟଙ୍କା ଉଡ଼ାଇ ନେଲେଣି।



- ପ୍ରତିଦିନ ଫସୁଛନ୍ତି ୧୩୦ରୁ ଅଧିକ
- ସାଢ଼େ ୬ ମାସରେ ଗଲାଣି ୧୯୦ କୋଟି
- ଫ୍ରିଜ୍ ହେଇଛି ମାତ୍ର ୨୧ କୋଟି


ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ବରର ସଞ୍ଜୟ କୁମାର ମିଶ୍ରଙ୍କ ହ୍ୱାଟ୍ସଆପକୁ ଏକ ଲିଙ୍କ୍ ସହ ମେସେଜ ଆସିଥିଲା। ଲିଙ୍କରେ କ୍ଲିକ୍ କରିବା ପରେ ସାଇବର ଠକ ତାଙ୍କୁ ଏକ ଗ୍ରୁପରେ ଯୋଡି ଦେଇଥିଲେ। ଗ୍ରୁପର ସଦସ୍ୟମାନେ ଏକ ନିର୍ଦ୍ଦିଷ୍ଟ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ଲାଭବାନ ହେଉଥିବା ଚର୍ଚ୍ଚା ହେଉଥିଲା। ସଦସ୍ୟମାନେ ପ୍ରବର୍ତ୍ତାଇବା ପରେ ସଞ୍ଜୟ ମଧ୍ୟ ଉକ୍ତ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ଟାସ୍କ କରିଥିଲେ ଓ ପ୍ରତିଶ୍ରୁତି ମୁତାବକ ଲାଭ ମଧ୍ୟ ପାଇଥିଲେ। ସଞ୍ଜୟ ଲୋଭରେ ପଡ଼ି ପ୍ରାୟ ୧୦ ଲକ୍ଷରୁ ଅଧିକ ଟଙ୍କା ବିନିଯୋଗ କରିଥିଲେ। ହେଲେ ଏହାର କିଛି ସମୟ ପରେ ତାଙ୍କ ଆକାଉଣ୍ଟ ଅଚଳ ହୋଇ ଯାଇଥିଲା। ହେଲେ ଆକାଉଣ୍ଟକୁ ସଚଳ କରିବା ପାଇଁ ସାଇବର ଠକମାନେ ତାଙ୍କୁ ଆହୁରି ଟଙ୍କା ମାଗିଥିଲେ। ମୂଳଧନ ଫେରିପାଇବା ଆଶାରେ ବ୍ୟବସାୟୀ ଜଣକ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୯ ଲକ୍ଷ ବିନିଯୋଗ କରି ଦେଇଥିଲେ। ୨୦ ଲକ୍ଷ ନିବେଶ ପରେ ଟଙ୍କା ଫେରାଇବା ପରିବର୍ତ୍ତେ ତାଙ୍କୁ ଗ୍ରୁପରୁ ବାହାର କରି ଦେଇଥିଲେ। ଏନେଇ ସେ ସାଇବର ହେଲ୍ପ ଡେସ୍କରେ ଅଭିଯୋଗ କରିଛନ୍ତି।

| ମାସ | ଅଭିଯୋଗ ସଂଖ୍ୟା | ଅଭିଯୋଗ ପରିମାଣ |
|---|---|---|
| ଜାନୁୟାରୀ | ୪୨୯୯ | ୪୧ କୋଟି |
| ଫେବୃୟାରୀ | ୩୬୬୨ | ୨୨ କୋଟି |
| ମାର୍ଚ୍ଚ | ୪୦୪୯ | ୨୫ କୋଟି |
| ଏପ୍ରିଲ୍ | ୩୯୪୭ | ୩୩ କୋଟି |
| ମେ | ୩୮୭୮ | ୨୩ କୋଟି |
| ଜୁନ୍ | ୩୮୬୭ | ୨୮ କୋଟି |
| ଜୁଲାଇ ୧ରୁ ୧୫ | ୧୯୧୯ | ୧୮ କୋଟି |

ଗତ ସାଢେ ୬ ମାସ ମଧ୍ୟରେ ରାଜ୍ୟରୁ ପ୍ରାୟ ୧୯୦ କୋଟି ଟଙ୍କା ଠକେଇ ହୋଇଛି। ଚଳିତବର୍ଷ ଜାନୁୟାରୀରୁ ଜୁଲାଇ ୧୫ ତାରିଖ ମଧ୍ୟରେ ରାଜ୍ୟର ପ୍ରାୟ ୨୫ ହଜାର ଲୋକ ସାଇବର ଠକଙ୍କ ଠକେଇର ଶିକାର ହୋଇଛନ୍ତି। ଅଦୃଶ୍ୟ ଠକ ଗତ ସାଢ଼େ ୬ ମାସ ମଧ୍ୟରେ ୨୫ ହଜାର ୬୨୧ ଲୋକଙ୍କ ଠାରୁ ୧୯୦ କୋଟି ଟଙ୍କା ଠକି ନେଇଛନ୍ତି।

ଯଦି ଏଇ ତଥ୍ୟକୁ ହିସାବକୁ ନିଆଯାଏ, ତେବେ ସାଇବର ଠକ ମାନେ ପ୍ରତିଦିନ ରାଜ୍ୟରୁ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟୁଥିବା କଥା ସ୍ପଷ୍ଟ ହୋଇଛି। ଆଉ ପ୍ରତିଦିନ ପ୍ରାୟ ୧୩୦ରୁ ଅଧିକ ଲୋକ ଠକେଇର ଶିକାର ହେଉଛନ୍ତି। ହେଲେ ସେଥିମଧ୍ୟରୁ ପୁଲିସ ମାତ୍ର ୨୧ କୋଟି ଟଙ୍କା ହୋଲ୍ଡ (ଫ୍ରିଜ୍) କରିଛି। ହେଲେ ତାହା ମୋଟ ଠକେଇ ହୋଇଥିବା ଟଙ୍କାର ୧୧ ପ୍ରତିଶତ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ
ଆବିର୍ଭାବ - ୨୫.୧୨.୧୯୪୩
ତିରୋଧାନ - ୨୪.୦୭.୨୦୨୪
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ
ବାପା...
ଚାହୁଁ ଚାହୁଁ ବର୍ଷେ ବିତିଗଲା।
ଯେଉଁଠି ଥାଅ ଭଲରେ ଥାଅ
ଆପଣଙ୍କ ନୀତି ଆଦର୍ଶ ଓ ଆଶ୍ରିବାଦ
ସଦାସର୍ବଦା ଆମ ସହିତ ରହିଥାଉ।
ହତଭାଗ୍ୟ
ପତ୍ନୀ - ଶାନ୍ତିଲତା ରାଉତ,
ପୁଅ - ବଦ୍ରୀ ନାରାୟଣ ରାଉତ
୨୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା
ବିରଞ୍ଚିନାରାୟଣ ରାଉତ
ବିଶିଷ୍ଟ ସମାଜସେବୀ ତଥା
ଯୁବ ଉଦ୍ୟୋଗୀ

## ମଦ ଭାଟି କର୍ମଚାରୀଙ୍କୁ ହତ୍ୟା

**ବଲାଙ୍ଗିର,୨୩।୭(ସମିସ):** ବିବାଦ ସମାଧାନ କରିବାକୁ ଯାଇ ଜଣେ ମଦଭାଟି କର୍ମଚାରୀ ହତ୍ୟାର ଶିକାର ହୋଇଛନ୍ତି। ବଲାଙ୍ଗିର ସଦର ଥାନା ସିନଖମନରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ସାରଦା ଯାଦବ (୫୧)। ମଙ୍ଗଳବାର ଅପରାହ୍ଣରେ ୪ଜଣ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ରାସ୍ତାକଡ଼ରେ ଫିଙ୍ଗି ଦେଇଥିଲେ। ଗୁରୁତର ସାରଦାଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସଂପର୍କରେ ମଦଭାଟିର ମ୍ୟାନେଜର ବିଶାଳ ରଞ୍ଜନ କୁମାର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାରଦାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଛାନଭିନ୍ ଚଳାଇଛି। ତେବେ, ତାଙ୍କୁ ଗାଁର କିଛି ଯୁବକ ହତ୍ୟା କରିଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।



ସୂଚନା ଅନୁସାରେ, ଉକ୍ତ ମଦଭାଟି ନିକଟରେ ଥିବା ଗାଁର ବଳରାମ ବାରିକଙ୍କ ତେଜରାତି ଦୋକାନ ରହିଛି। ଭାଟିର କର୍ମଚାରୀମାନେ ସେଠାରୁ ଖାଉଟି ସାମଗ୍ରୀ କିଣନ୍ତି। ବଳରାମଙ୍କ ଦୋକାନରେ ତାଙ୍କ ପତ୍ନୀ ମଧ୍ୟ ବସନ୍ତି। ତେବେ ଭାଟି ମ୍ୟାନେଜର୍ ବିଶାଳଙ୍କ ସହ ତାଙ୍କ ସ୍ତ୍ରୀ କଥାବାର୍ତ୍ତା କରୁଥିବାରୁ ଏହାକୁ ନେଇ ବଳରାମଙ୍କ ସନ୍ଦେହ ହୋଇଥିଲା। ପରେ କଥା ବଢ଼ିବାରୁ, ସୋମବାର ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହା ଦେଖି ବିଶାଳାଙ୍କ ସପକ୍ଷରେ ତାଙ୍କର ୨ କର୍ମଚାରୀ ସାରଦା ଯାଦବ ଓ ବିକାଶ ବିଶି ବାହାରିଥିଲେ। ସେମାନେ ବିବାଦର ସମାଧାନ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ବଳରାମ ଏଥିରେ ଆହୁରି ରାଗି ଯାଇଥିଲେ। ଘଟଣାସ୍ଥଳରୁ ସେ ନିଜର ୩ ସହଯୋଗୀ ବଳରାମ ଚିନ୍ଦା, ସଂଜୀବ ଚିନ୍ଦା ଓ ସୁନୀଲ ବାଗଙ୍କୁ ଡକାଇଥିଲେ। ଝଗଡ଼ା ବଢ଼ିବାରୁ ସେମାନେ ସାରଦାଙ୍କୁ ଅଟକ ରଖିଥିଲେ। ତେବେ ମଙ୍ଗଳବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ସାରଦା ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାକଡ଼ରେ ଦେଖିବାକୁ ପାଇ ଭାଟି କର୍ମଚାରୀମାନେ ତାଙ୍କୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବଳରାମ ବାରିକଙ୍କ ସହ ୪ ଅଭିଯୁକ୍ତ ସାରଦାଙ୍କୁ ହତ୍ୟା କରିଥିବା ନେଇ ଭାଟି ମ୍ୟାନେଜର୍ ବିଶାଳ ବଲାଙ୍ଗିର ସଦର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ବଲାଙ୍ଗିର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ କହିଛନ୍ତି ଯେ ଅଭିଯୁକ୍ତମାନେ ଗିରଫ ହେବା ପରେ ହତ୍ୟାର କାରଣ ସ୍ପଷ୍ଟ ହେବ।

■ ସାନଖେମୁଣ୍ଡିରେ ଝାଡ଼ାବାନ୍ତି

## ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଲା

ସାନଖେମୁଣ୍ଡି, ୨୩।୭ (ସମିସ): କିଛି ଦିନ ହେବ ସାନଖେମୁଣ୍ଡି ଓ ଦିଗପହଣ୍ଡିର ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି ଲାଗି ରହିଛି। ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉନଥିବାରୁ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ିବାରେ ଲାଗିଛି। କିଛି ଦିନ ତଳେ, ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ପଞ୍ଚାୟତର ତାଳପୁର, କଂସାମାରି ପଞ୍ଚାୟତରେ ଝାଡ଼ାବାନ୍ତିରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ମଙ୍ଗଳାବର ଆଦିବାସୀ ଅଧ୍ୟୁଷିତ ଦାମପୁର ଗ୍ରାମର ସମ୍ବାରି ମଲ୍ଲିକ (୬୦), କାନ୍ଦରା ମଲ୍ଲିକ(୬୩)ଙ୍କ ମୃତ୍ୟୁ ହୋଇଥିବା ବେଳେ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଶୁକୁରି ମଲ୍ଲିକଙ୍କ ମୃତ୍ୟୁ ଘଟିଛି।। ସେହିପରି ବୁଧବାର ଦିନ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଫାଶୀଗୁଡ଼ା ଗ୍ରାମର ଭାସ୍କର ମଲ୍ଲିକ(୬୫), ଦାମପୁର ଗ୍ରାମର ସମୀର ମଲ୍ଲିକ (୮), ରଞ୍ଜିତା ଦଳେଇ, ସରସ୍ୱତୀ ମଲିକ, ରଙ୍ଗବତୀ ଦଳେଇଙ୍କୁ ପ୍ରଥମେ ଦିଗପହଣ୍ଡି ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

**ଆଉ ୫ ଗୁରୁତରଙ୍କୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର**

ଅପରପକ୍ଷେ, ଆଜି ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହରମୋହନ ପଣ୍ଡା, ଆଡ଼ପନା ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ବାହାନ ଦାସ, ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମାଙ୍ଗ ଓ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପହଞ୍ଚି ପାନୀୟ ଜଳ ସଂଗ୍ରହ କରି ଯାଞ୍ଚ ପାଇଁ ପଠାଇଛନ୍ତି। ଏହାସହ ସ୍ୱାସ୍ଥ୍ୟ ଅଧିକାରୀମାନେ ଲୋକଙ୍କୁ ସଚେତନ କରିବା ସହ ଔଷଧ ବଣ୍ଟନ କରିଥିଲେ। ୨୪ଘଣ୍ଟାରେ ତିନି ଜଣଙ୍କ ମୃତ୍ୟୁ ପରେ ଉକ୍ତ ଗାଁ ଓ ଆଖପାଖ ଗାଁରେ ଭୟର ବାତାବରଣ ଦେଖାଦେଇଛି। ଦାମପୁର ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ରୋଗୀ ସ୍ଥାନାନ୍ତର ପାଇଁ ସମସ୍ୟା ହେଉଥିବା ଅଭିଯୋଗ କରିଛନ୍ତି ସରପଞ୍ଚ ପ୍ରତିନିଧି ଶ୍ରୀ ଗମାଙ୍ଗ। ଅପରପକ୍ଷେ ସ୍ଥାନୀୟ ତହସିଲଦାର ପ୍ରତି ମୃତକଙ୍କ ପରିବାରକୁ ୨୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି।

## ଥାର୍‌ରୁ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ

ଭୁବନେଶ୍ୱର,୨୩।୭ (ସମିସ):କନ୍ଧମାଳରୁ କୋଲକାତାକୁ ଗଞ୍ଜେଇ ଚାଲାଣ କରୁଥିବା ଜଣେ କୁଖ୍ୟାତ ନିଶା ବେପାରୀକୁ ସ୍ପେଶାଲ ଟାସ୍କଫୋର୍ସ (ଏସଟିଏଫ୍) ଗିରଫ କରିଛି। ସେ ହେଲା, ଗଡ଼ିଶାଗଡା ଥାନା ବେଢ଼ାତଣ୍ଡୁଳ ଗାଁର ଲଳିତ ଭୁଜବଳ(୩୬)। ତା’ ପାଖରୁ ଏକ ଗଞ୍ଜେଇ ଭର୍ତ୍ତି ଏକ ଦାମୀ



■ ବେପାରୀ ଗିରଫ
■ କନ୍ଧମାଳରୁ କୋଲକାତା ଚାଲାଣ ହେଉଥିଲା
■ ପାରାଦୀପ ଥାନାରେ ରହିଛି ୧୭ ମାମଲା

ଥାର୍ କାର୍ ଜବତ ହୋଇଛି। ପୁଲିସ ସୂଚନାନୁସାରେ,ଏକ କାର୍ ଯୋଗେ କନ୍ଧମାଳରୁ କୋଲକାତାକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍ ଗୋହିରା ଛକରେ ଡେରା ପକାଇଥିଲା। ପୁଲିସକୁ ଦେଖି ଲଳିତ ଦ୍ରୁତଗତିରେ କାର୍ ଚଳାଇଥିଲା। ପୁଲିସ ତାକୁ ପିଛା କରି ତମାଣ୍ଡୋ ଓଭରବ୍ରିଜ୍ ଉପରେ ଅଟକାଇବାରେ ସକ୍ଷମ ହୋଇଥିଲା। ଯାଞ୍ଚ ସମୟରେ କାର୍ ଭିତରୁ ୭ବସ୍ତା ଗଞ୍ଜେଇ ଜବତ ହୋଇଥିଲା। ସେଥିରେ ମୋଟ ୧୪୭କିଲୋ ଗଞ୍ଜେଇ ଥିଲା। ପରେ ପୁଲିସ୍ ଉକ୍ତ କାର୍ ଓ ଗଂଜେଇକୁ ଜବତ କରିବା ସହ ଲଳିତକୁ ଗିରଫ କରିଥିଲା। ସେ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି କୋଲକାତାକୁ ଚାଲାଣ କରୁଥିବା ନେଇ ସ୍ୱୀକାର କରିଛି। ଏନେଇ ଏସଟିଏଫ୍ ନମ୍ବର ୧୫/୨୫ରେ ଏକ ମାମଲା ରୁଜୁ କରି ଲଳିତକୁ କୋର୍ଟ ଚାଲାଣ କରିଛି। ଲଳିତ ନାଁରେ ପୂର୍ବରୁ ପାରାଦୀପ ଥାନାରେ ୧୭ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ସ୍କୁଲ ଯିବା ବେଳେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ

ଗରଦପୁର, ୨୩।୭ (ସମିସ): ସ୍କୁଲ ଯିବା ବେଳେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ବାଟରେ ଅଟକାଇ ଅସଦାଚରଣ। କୁଦାନଗରୀ ଥାନା ଅଞ୍ଚଳରେ ଆଜି ସକାଳ ପ୍ରାୟ ୧୦ଟାରେ ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଅଭିଯୋଗ ମୁତାବକ, ନାବାଳିକାଜଣଙ୍କ ସ୍କୁଲ ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ରାସ୍ତା ମଝିରେ ତାଙ୍କୁ ଅଟକାଇଥିଲା। ନାବାଳିକାଜଣକ କିଛି ବୁଝିବା ପୂର୍ବରୁ ସେ ତାକୁ ଅସଦାଚରଣ କରିଥିଲା।। ତେବେ ନାବାଳିକାଜଣଙ୍କ ଜୋରରେ କାନ୍ଦିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇଯିବା ଦେଖି ଦୁର୍ବୃତ୍ତଜଣଙ୍କ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ କିଛି ବାଟ ତାକୁ ଗୋଡ଼ାଇଥିଲେ ହେଁ ସେ ଅନ୍ତର୍ଧ୍ୟାନ ହୋଇଯାଇଥିଲା।

**ବାହାସ୍ଫୋଟ ମାରି ପଛଘୁଞ୍ଚା ଦେଲେ ଯୋଗାଣ ମନ୍ତ୍ରୀ**

# ଆଳୁ ପାଇଁ ପୁଣି ପଶ୍ଚିମବଙ୍ଗଙ୍କୁ ହାତ ପତାଇବେ

**ଭୁବନେଶ୍ୱର, ୨୩।୭ (ସମିସ):** ଗତବର୍ଷ ଅଗଷ୍ଟ ମାସରେ ଘୋର ଆଳୁ ସଂକଟର ସାମ୍ନା କରିଥିଲା ଓଡ଼ିଶା। ଆଳୁ ପାଇଁ ଖାଉଟି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବର୍ଷ ବି ସେଭଳି ସ୍ଥିତି ହେବା ନେଇ ଆଶଙ୍କା ସୃଷ୍ଟି ହେଲାଣି। କାରଣ ଗତବର୍ଷ ଆଳୁର ତିରୋଟ ସମୟରେ ପଶ୍ଚିମବଙ୍ଗ ଓଡ଼ିଶାକୁ ରପ୍ତାନୀ ବନ୍ଦ କରି ଦେଇଥିଲା। ସେତେବେଳେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବାହାସ୍ଫୋଟ ମାରି କହିଲେ, ଆମେ ଏଥର ଆଳୁ ନିଜେ ଚାଷ କରିବୁ। ପଶ୍ଚିମବଙ୍ଗ ଉପରେ ଆଉ ନିର୍ଭରଶୀଳ ହେବୁନି। ଆମ ରାଜ୍ୟ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ। ଏଥିପାଇଁ ସରକାର କୃଷି ବିଭାଗ ସହ ମିଶି ସମସ୍ତ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଖୁବ୍‌ଶୀଘ୍ର ଏହାର ଫଳାଫଳ ଦେଖିବେ ରାଜ୍ୟବାସୀ। ମାତ୍ର ବର୍ଷକ ପରେ ଯୋଗାଣ ମନ୍ତ୍ରୀ ନିଜ ମତ ବଦଳାଇଛନ୍ତି। ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆମ ରାଜ୍ୟର ଆବଶ୍ୟକତାନୁସାରେ ଆମେ ଆଳୁ ଉତ୍ପାଦନ କରିପାରିନୁ। ଆମକୁ ପଶ୍ଚିମବଙ୍ଗରୁ ଆଣିବାକୁ ପଡ଼ିବ। ମୁଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଏ ବାବଦରେ ଆଲୋଚନା କରିବି। ମନ୍ତ୍ରୀଙ୍କ ଏଭଳି ପ୍ରତିକ୍ରିୟା ପରେ ବିରୋଧୀ ଉଭୟେ ବିଜେଡି ଓ କଂଗ୍ରେସ ତୀବ୍ର ସମାଲୋଚନା କରିଛନ୍ତି।

ସୂଚନାନୁସାରେ, ଆମ ରାଜ୍ୟରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଆବଶ୍ୟକତା ରହିଛି। ଏଥିରୁ ୩ ଲକ୍ଷ ମେଟ୍ରିକ୍ ଟନ୍ ଓଡ଼ିଶା ଚାଷୀ ଉତ୍ପାଦନ କରିଥାନ୍ତି। ବାକି ପଶ୍ଚିମବଙ୍ଗଠାରୁ ଆମଦାନୀ କରିବାକୁ ପଡ଼ିଥାଏ। ମାତ୍ର ଚଳିତବର୍ଷ ଆମ ରାଜ୍ୟରେ ଆଉ ୨ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ବୃଦ୍ଧି



**ଉତ୍ପାଦନରେ ଆତ୍ମନିର୍ଭର ଧୂଆଁବାଣ**

**ତୀବ୍ର ସମାଲୋଚନା କଲେ ବିରୋଧୀ**

ପାଇଛି। ଏବେ ବି ରାଜ୍ୟବାସୀଙ୍କ ଭରଣା ପାଇଁ ଆହୁରି ୯ ଲକ୍ଷ ମେଟ୍ରିକ ଟନ୍ ଆଳୁର ଆବଶ୍ୟକତା ରହିଛି। ତେବେ ଏଥିପାଇଁ ଆମକୁ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ଯୋଗାଣ ମନ୍ତ୍ରୀ ଆଜି ସ୍ୱୀକାର କରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଓଡ଼ିଶାବାସୀଙ୍କର ଉତ୍ତରପ୍ରଦେଶ ଆଳୁ ପସନ୍ଦ ହେଉନି। ତେଣୁ ବାଧହୋଇ ଆମକୁ ପଶ୍ଚିମବଙ୍ଗଠାରୁ ଆଳୁ ଆଣିବାକୁ ପଡ଼ିବ। ଆଳୁର ସମସ୍ୟା ହୋଇଥିଲାବେଳେ ରାଜ୍ୟବାସୀ ଉତ୍ତରପ୍ରଦେଶ ଆଳୁକୁ ପ୍ରତ୍ୟାଖାନ କରିଥିଲେ। କାରଣ ସେଠୁ ଗାଡ଼ିରେ ଆଳୁ ଆସିଲା ବେଳକୁ ୪ ଦିନରୁ ଅଧିକ ସମୟ ଲାଗୁଛି। ତା’ପରେ ଖାଉଟି କିଣି ନେଇ ଦୁଇ ଦିନ ରଖିଲା ବେଳକୁ ଆଳୁ ପଚି ନଷ୍ଟ ହୋଇଯାଉଛି। ଏପରିସ୍ଥଳେ ପଶ୍ଚିମବଙ୍ଗ ଆଳୁ ୧୨ ଘଣ୍ଟାରେ ଆମ ପାଖରେ ପହଞ୍ଚି ଯାଉଛି। ଖାଉଟି ଏହାକୁ ନେଇ ୭ରୁ ୮ ଦିନ ଗଚ୍ଛିତ କରି ରଖିପାରୁଛନ୍ତି। ତା’ପରେ ଉତ୍ତରପ୍ରଦେଶ ଓ ପଞ୍ଜାବ ଆଳୁ ଅପେକ୍ଷା ପଶ୍ଚିମବଙ୍ଗ ଆଳୁ ସ୍ୱାଦିଷ୍ଟ। ଏସବୁ ଦୃଷ୍ଟିରୁ ଲୋକମାନେ ପଶ୍ଚିମବଙ୍ଗ ଆଳୁକୁ ପସନ୍ଦ କରୁଛନ୍ତି। ମାତ୍ର ଲୋକଙ୍କ ଆବଶ୍ୟକତା ଓ ମତ ବିନା ଯୋଗାଣ ମନ୍ତ୍ରୀ ପୂର୍ବରୁ ପଶ୍ଚିମବଙ୍ଗ ଆଳୁକୁ ଓଡ଼ିଶାରେ ସମ୍ପୂର୍ଣ୍ଣ ବ୍ୟାନ୍ କରି ଦିଆଯିବ ବୋଲି ମନ୍ତବ୍ୟ ଦେବାକୁ ମଧ୍ୟ ପଛାଇ ନାହାନ୍ତି।

ମନ୍ତ୍ରୀଙ୍କ ଏଭଳି ବିବୃତ୍ତିକୁ ନେଇ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଲଜ୍ଜାର ବିଷୟ ହେଉଛି ଆଳୁ ପ୍ରସଙ୍ଗକୁ ନେଇ ମନ୍ତ୍ରୀ ବାରମ୍ବାର ବିଭ୍ରାନ୍ତିକର ବୟାନ ଦେଇଛନ୍ତି। ଏବେ ପୁଣି ମମତାଙ୍କ ଗୋଡ଼ ଧରିବେ ବୋଲି ନିଜ ମୁହଁରେ ସ୍ୱୀକାର କରିଛନ୍ତି। ଜଣେ ମନ୍ତ୍ରୀ କୌଣସି ପ୍ରସଙ୍ଗରେ ମନ୍ତବ୍ୟ ଦେବାବେଳକୁ ସଂଯମତା ରକ୍ଷା କରିବା କଥା। ମାତ୍ର ଯୋଗାଣ ମନ୍ତ୍ରୀ ପ୍ରତିଥର ଏହାର ଉଲଂଘନ କରିଛନ୍ତି। ବିଜେଡିର ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି କହିଛନ୍ତି, ପୂର୍ବରୁ ମନ୍ତ୍ରୀ ଯେଉଁ ଛେପ ପକାଇଥିଲେ, ଆଜି ସେ ନିଜେ ଢୋକୁଛନ୍ତି। ଉତ୍ପାଦନର ସ୍ଥିତାବସ୍ଥା ଯାଞ୍ଚ ନ କରି କେବଳ ମିଛ ବାହାସ୍ଫୋଟ ମାରିବାରେ ବ୍ୟସ୍ତ ଥିଲେ ଯୋଗାଣ ମନ୍ତ୍ରୀ। ଏବେ ପଶ୍ଚିମବଙ୍ଗ ଶରଣ ପଶିବା ନେଇ ନିଜେ ସ୍ୱୀକାର କରିଛନ୍ତି।

**ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତିଙ୍କ ନିଯୁକ୍ତି ରଦ୍ଦ**

## ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

କଟକ,୨୩।୭(ସମିସ): ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬(୧) ଅନୁସାରେ ସ୍ଥାୟୀ କୁଳପତି ନିଯୁକ୍ତ ନହେବା ଓ ଆଇନ ଅନୁସାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ନିଯୁକ୍ତି ପାଇନଥିବା ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣିରେ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଭାରପ୍ରାପ୍ତ କୁଳପତି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ନିଯୁକ୍ତିକୁ କୁଳାଧିପତିଙ୍କ କାର୍ଯ୍ୟାଳୟ ଗତକାଲି ରଦ୍ଦ କରିଦେଇଥିବା ନେଇ ଆଜି ହାଇକୋର୍ଟଙ୍କୁ ଅବଗତ କରିଥିଲେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ଏହାକୁ ଦୃଷ୍ଟି ରଖି ଅଦାଲତ ମାମଲାର ଅନ୍ତ ଘଟାଇଥିଲେ। ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୩ ନଭେମ୍ବର ୨୦୨୪ରେ ସମ୍ପୂର୍ଣ୍ଣ ହେବା ପରେ କୁଳାଧିପତି ତାଙ୍କର କାର୍ଯ୍ୟକାଳକୁ ଆଉ ୬ ମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ୨୩ ମେ’ ୨୦୨୫ରେ ସମାପ୍ତ ହେଲା ପରେ କୁଳାଧିପତିଙ୍କ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ପ୍ରଫେସର୍ ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବରେ ଗତ ୨୦୨୫ ମେ’ ୨୭ରେ ନିଯୁକ୍ତି ଦିଆଯାଇଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬(୧୦) ଅନୁସାରେ କୌଣସି କାରଣବଶତଃ ସ୍ଥାୟୀ କୁଳପତି ନିଯୁକ୍ତି ସମ୍ଭବ ନ ହେଲେ, ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାର ନିୟମ ରହିଛି। ହେଲେ ଏଥିରେ ବ୍ୟତିକ୍ରମ ହୋଇଥିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ନିଯୁକ୍ତିକୁ କୁଳାଧିପତି ରଦ୍ଦ କରିଥିବା ଜଣାଇଲେ ଏଜି**

### ଭାରପ୍ରାପ୍ତ କୁଳପତି ନିଯୁକ୍ତି ପାଇଁ ଅଧ୍ୟାଦେଶ ଆଣିବେ ସରକାର!

**ଭୁବନେଶ୍ୱର, ୨୩।୭(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ ମାମଲାରେ ଅଦାଲତୀ ଝଟକା ପାଇବା ପରେ ସରକାର ବିକଳ୍ପ ଚିନ୍ତା କରୁଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। କୁଳପତିଙ୍କ କାର୍ଯ୍ୟକାଳ ସରିବା ପରେ ନିକଟସ୍ଥ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ବଦଳରେ ସେହି ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଦେବାକୁ ଯୋଜନା କରୁଛନ୍ତି। ଏଥିପାଇଁ ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧିନିୟମ-୨୦୨୪ ଉପରେ ଅଧ୍ୟାଦେଶ ଆଣିବାକୁ ସରକାର ବିଚାର କରୁଛନ୍ତି। ଏପରି ହେଲେ, ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ଥିବା ପ୍ରାଧ୍ୟାପକମାନେ ସ୍ଥାୟୀ କୁଳପତି ନିଯୁକ୍ତି ସରିବା ପର୍ଯ୍ୟନ୍ତ ଦାୟିତ୍ୱରେ ରହିପାରିବେ ବୋଲି ଆଇନ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

■ ହାଇକୋର୍ଟରେ ଶ୍ରମ ସେସ୍ ବିନିଯୋଗ ପ୍ରସଙ୍ଗ

## ଅଡିଟ୍ ରିପୋର୍ଟ ଉପରେ ଜବାବ ରଖିବେ ଆବେଦନକାରୀ

କଟକ, ୨୩।୭(ସମିସ): ରାଜ୍ୟରେ କୋଠାବାଡ଼ି ଓ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ତଥା ସାମାଜିକ ନିରାପତ୍ତା ନିମନ୍ତେ ଆଦାୟ ହେଉଥିବା ଶ୍ରମ ସେସ୍ ବିନିଯୋଗ ହୋଇପାରୁନଥିବା ସଂକ୍ରାନ୍ତରେ ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ସହ ଦାଖଲ ସତ୍ୟପାଠର ନକଲ ଆବେଦନକାରୀଙ୍କୁ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଅନୁଧ୍ୟାନ କରି ଜବାବ ରଖିବା ପାଇଁ ଆବେଦନକାରୀ ଅଧିକ ସମୟ ଲୋଡ଼ିଥିବା ବେଳେ ଆସନ୍ତା ଅଗଷ୍ଟ ୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ମାନସ ରଂଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ଅଡିଟ ରିପୋର୍ଟ ସହିତ ସତ୍ୟପାଠ ଦାଖଲ କରାଯାଇଥିଲା। ରେଗୁଲେସନ୍ ଅଫ୍ ଏମ୍ପ୍ଲୟମେଣ୍ଟ ଆଣ୍ଡ କଣ୍ଡିସନ୍ ଅଫ୍ ସର୍ଭିସ ଆକ୍ଟ-୧୯୯୬ ଓ କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ୱେଲଫେୟାର ସେସ୍ ଆକ୍ଟ-୧୯୯୬କୁ ସଠିକ ଢଙ୍ଗରେ କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହୋଇଥିଲା। ପ୍ରାୟ ୫୭୯ କୋଟି ଟଙ୍କା ସେସ୍ ଅର୍ଥ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ ନ ହୋଇ ପଡ଼ିରହିବାରୁ ଅଦାଲତ ଏହାର ସ୍ୱତନ୍ତ୍ର ଅଡିଟ୍ ପାଇଁ କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ମାମଲା ପରିଚାଳନା କରୁଛନ୍ତି।

## ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କ ନାମରେ ଏତଲା

ଜଗତସିଂହପୁର,୨୩।୭(ସମିସ): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତିଙ୍କ ନାମରେ ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଜଗତସିଂହପୁର ଥାନାରେ ଏତଲା ଦେଇଛନ୍ତି। ସେମାନଙ୍କର ଅଭିଯୋଗ ହେଲା, ଗତ ୨୧ ତାରିଖରେ ବିଜେପିର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ ସର୍ବସମ୍ମୁଖରେ କଂଗ୍ରେସ ଦଳ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏଭଳି ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଶ୍ରୀ ପଣ୍ଡା ଜାଣିଶୁଣି ଦଳ ଏବଂ ଆମ ନେତାଙ୍କୁ ଅପମାନିତ କରିଛନ୍ତି। ତାଙ୍କ ବିରୁଦ୍ଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୁବ କଂଗ୍ରେସ କର୍ମୀମାନେ ଏତଲାରେ ଉଲ୍ଲେଖ କରିଛନ୍ତି। ଏତଲା ଦେବା ବେଳେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପିସିସି ସଭ୍ୟ ଦେବପ୍ରସାଦ ନାୟକ (ଫେଲୁ), ଜଗତସିଂହପୁର ବିଧାନସଭା ଯୁବ କଂଗ୍ରେସ ସଭାପତି ସ୍ୱରୂପ କାନୁନଗୋ, ତିର୍ତ୍ତୋଲ ବିଧାନସଭା ଯୁବ କଂଗ୍ରେସ ସଭାପତି ସଫି ଆଜମ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମୁକ୍ତାର ଅଲ୍ଲୀ, ଶୁଭାଶିଷ ସ୍ୱାଇଁ, ସମରେନ୍ଦ୍ର ମହାପାତ୍ର ଓ ବିଶ୍ୱଜିତ ସାହୁ ଉପସ୍ଥିତ ଥିଲେ।

■ ରାଜ୍ୟ ବାର୍ କାଉନସିଲକୁ ବିସିଆଇର ଚିଠି

## ଓକିଲାତି ପଞ୍ଜୀକରଣ ଫି’ ତଥ୍ୟ ମାଗିଲେ

କଟକ, ୨୩।୭(ସମିସ): ସୁପ୍ରିମକୋର୍ଟଙ୍କ ଗୌରବ କୁମାର ବନାମ କେନ୍ଦ୍ର ସରକାର ମାମଲାରେ ରହିଥିବା ରାୟ ଅନୁସାରେ ଧାର୍ଯ୍ୟ ଆଇନଜୀବୀ ପଞ୍ଜୀକରଣ ଫି’ଠାରୁ କେତେକ ରାଜ୍ୟର ବାର୍ କାଉନସିଲ ଅଧିକ ଆଦାୟ କରୁଥିବା ପ୍ରସଙ୍ଗକୁ ବାର୍ କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ) ଗୁରୁତ୍ୱର ସହ ଗ୍ରହଣ କରିଛି। ଓଡ଼ିଶା ରାଜ୍ୟ ବାର୍ କାଉନସିଲକୁ ମଧ୍ୟ ଆଦାୟ ହେଉଥିବା ପଞ୍ଜୀକରଣ ଫି ସମ୍ପର୍କିତ ତଥ୍ୟ ଆସନ୍ତା ତିନି ଦିନ ମଧ୍ୟରେ ପ୍ରଦାନ କରିବାକୁ ବିସିଆଇ ପକ୍ଷରୁ ଚିଠି କରାଯାଇଛି। ବାର୍ କାଉନସିଲଗୁଡ଼ିକ ଆଇନଜୀବୀ ପଞ୍ଜୀକରଣ ଫି’ ବାବଦରେ ଯଥେଷ୍ଟ ଅଧିକ ଅର୍ଥ ଆଦାୟ କରୁଥିବାରୁ ସୁପ୍ରିମକୋର୍ଟ ୭୫୦ ଟଙ୍କାରୁ ଅଧିକ ଆଦାୟ କରାଯିବ ନାହିଁ ବୋଲି କହିଥିଲେ। ରାଜ୍ୟ ବାର୍ କାଉନସିଲର ସଦସ୍ୟ ଅକ୍ଷୟ କୁମାର ପତିଙ୍କ କହିବାନୁସାରେ ଓଡ଼ିଶା ବାର୍ କାଉନସିଲ ପକ୍ଷରୁ ସୁପ୍ରିମକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରାଯାଇ ପଞ୍ଜୀକରଣ ଫି’ ଆଦାୟ କରାଯାଇଆସୁଛି। ପ୍ରକାଶଥାଉକି ପୂର୍ବରୁ ଏହା ୪୦ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିଲା।

**ଏନ୍‌ସିଟିଇ ନିୟମ ଉଲ୍ଲଂଘନ କରି ଶିକ୍ଷକ ତାଲିମ ପ୍ରତିଷ୍ଠାନରେ ସହକାରୀ ପ୍ରାଧ୍ୟାପକ ନିଯୁକ୍ତି ପ୍ରସଙ୍ଗ**

## ନିଯୁକ୍ତି ପାଇଥିବା ୨୩ଜଣ ପ୍ରତିପକ୍ଷଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ,୨୩।୭(ସମିସ): ଏନସିଟିଇ (ନ୍ୟାସନାଲ କାଉନସିଲ ଫର ଟିଚର ଏଜୁକେସନ)ର ନିୟମାବଳୀ ବା ଗାଇଡଲାଇନ୍ ଉଲ୍ଲଂଘନ କରି ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକରେ ସହକାରୀ ପ୍ରାଧ୍ୟାପକ ନିଯୁକ୍ତି ଦିଆଯିବା ପ୍ରସଙ୍ଗରେ ଦାୟର ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଜଣିକିଆ ବିଚାରପତି ଖାରଜ ଆଦେଶକୁ ଚାଲେଞ୍ଜ କରି ରଜତ କୁମାର ମିଶ୍ରଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଏମ.ଏସ. ସାହୁଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ୩ରୁ ୨୬ନମ୍ବର ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିବା ସହ ଜବାବ ତଲବ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଏନସିଟିଇ ଗାଇଡଲାଇନ୍-୨୦୧୪ ଅନୁସାରେ ଶିକ୍ଷକ ତାଲିମ ପ୍ରତିଷ୍ଠାନ ତଥା ବିଭିନ୍ନ ବିଏଡ କଲେଜଗୁଡ଼ିକରେ ସହକାରୀ ପ୍ରାଧ୍ୟାପକ ନିଯୁକ୍ତି ପାଇଁ ଏମଏଡ୍ କିମ୍ବା ଡୁଆଲ ଏମଏଡ୍ ଡିଗ୍ରୀ ଯୋଗ୍ୟତା ମାନଦଣ୍ଡ ଧାର୍ଯ୍ୟ ହୋଇଛି। ଓଡିଶା ଲୋକସେବା ଆୟୋଗ ପକ୍ଷରୁ ବିଭିନ୍ନ ଶିକ୍ଷକ ତାଲିମ ପ୍ରତିଷ୍ଠାନ ତଥା ବିଏଡ କଲେଜମାନଙ୍କରେ ସହକାରୀ ପ୍ରାଧ୍ୟାପକ (ଶିକ୍ଷକ ଶିକ୍ଷା) ନିଯୁକ୍ତି ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁସାରେ ମଧ୍ୟ ମାଷ୍ଟର ଡିଗ୍ରୀ କିମ୍ବା ଡୁଆଲ ମାଷ୍ଟର ଡିଗ୍ରୀଧାରୀ ସହକାରୀ ପ୍ରାଧ୍ୟାପକ ପଦ ପାଇଁ ଆବେଦନ କରିପାରିବେ ଯଦି ଏନସିଟିଇ ନିୟମାବଳୀ ତାହା ଚାହୁଁଥାଏ ବୋଲି ଉଲ୍ଲେଖ ଥିଲା। ହେଲେ ଏନସିଟିଇ ଗାଇଡଲାଇନ ଅନୁସାରେ ଯୋଗ୍ୟତା ମାନଦଣ୍ଡ ନଥାଇ ୨୩ଜଣ ପ୍ରତିପକ୍ଷଙ୍କ ନିଯୁକ୍ତିକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଣିକିଆ ବିଚାରପତି ଏହାକୁ ଖାରଜ କରିବାରୁ ଏହାକୁ ଚାଲେଞ୍ଜ କରି ସେ ଦୁଇ ଜଣିଆ ଖଣ୍ଡପୀଠରେ ଆବେଦନ କରିଛନ୍ତି। ଆବେଦନକାରୀଙ୍କ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌରଭ ଦାସ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ଅଗଷ୍ଟ୧୪ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

## ୨ ନାବାଳିକାଙ୍କୁ ବାଟ ମଝିରୁ ଅପହରଣ

କରଞ୍ଜିଆ, ୨୩।୭ (ସମିସ): ମ୍ୟାଗି କିଣିବାକୁ ଘରପାଖ ଦୋକାନକୁ ଯାଇଥିବା ୨ ନାବାଳିକାଙ୍କୁ ବାଟ ମଝିରୁ ଅପହରଣ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅଧୀନ ଶରଧା ଗାଁରେ ଆଜି ସଂଧ୍ୟାରେ ଏପରି ଏକ ଆପରାଧିକ ଘଟଣା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏପରିକି, ଅପହରଣ ପରେ ଅପହର୍ତ୍ତାମାନେ ସେମାନଙ୍କ ପରିବାରକୁ ଭିଡିଓ କଲ୍ କରି କଥା ହୋଇଥିବା ଜଣାଯାଇଛି। ଏନେଇ ନାବାଳିକାଦ୍ୱୟଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ନାବାଳିକାଦ୍ୱୟଙ୍କ ବୟସ ୧୨ ଓ ୧୩ ବର୍ଷ ହେବ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଜ୍ୱର ହୋଇଥିବା ଜଣେ ସାଙ୍ଗ ସହ ସେ ପାଖ ଦୋକାନକୁ ମ୍ୟାଗି କିଣିବାକୁ ଯାଇଥିଲା। ସେମାନେ ମ୍ୟାଗି କିଣି ଘରକୁ ଫେରୁଥିବା ବେଳେ କିଛି ଦୁର୍ବୃତ୍ତ ସେମାନଙ୍କ ବାଟ ମଝିରୁ ଉଠାଇ ନେଇଥିଲେ।


**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in

Sd/-
Controller of Examinations


TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

# ସମ୍ପାଦକୀୟ



‘ବିଶ୍ୱର ଯେକୌଣସି ଅଞ୍ଚଳର ଦାରିଦ୍ର୍ୟ ସମଗ୍ର ମାନବ ସଭ୍ୟତା ପାଇଁ ଚେତାବନୀ ।

-କୋଫି ଆନନ୍

ସକାଳ THE SAKALA

## ପରୀକ୍ଷା-ପ୍ରଶ୍ନ-ପ୍ରଘଟ

ପରୀକ୍ଷା ଆରମ୍ଭ ହୋଇନି । ସିଲ୍ ପ୍ରଶ୍ନପତ୍ର ଖୋଲାଯାଇନି । ଅଥଚ ପ୍ରଶ୍ନପତ୍ର ପ୍ରଘଟ ହୋଇଗଲା । ତେଣୁ ପରୀକ୍ଷା ବାତିଲ କରାଗଲା । ହାତ ଲେଖା ପ୍ରଶ୍ନପତ୍ର, ସାମାଜିକ ଗଣମାଧ୍ୟମରେ ଘୂରିବୁଲିବାରୁ କର୍ତ୍ତୃପକ୍ଷ ନିର୍ବିଚାରରେ ଏ ପ୍ରକାର ଘୋଷଣା କଲେ । ଆମେ ଏଠାରେ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) କଥା କହୁଛୁ । ଗତ ସପ୍ତାହର ଶେଷଭାଗର ଏହି ଘଟଣାଟି କେବଳ ଶିକ୍ଷକ ସମାଜକୁ ନୁହେଁ, ସମଗ୍ର ରାଜ୍ୟବାସୀଙ୍କୁ ଚକିତ କରିଛି । ସିଲ୍ ପ୍ରଶ୍ନପତ୍ରରେ କ’ଣ ଅଛି ତାହା ଜାଣିବାର ଅବକାଶ. ନାହିଁ । ତଥାପି ପ୍ରଘଟ ହେଲା । ବିଚିତ୍ର ପରିଚାଳନା ବ୍ୟବସ୍ଥା । କର୍ତ୍ତୃପକ୍ଷଙ୍କ ଅପରିଣାମଦର୍ଶିତାକୁ ଯେତେ କଠୋର ଭାଷାରେ ସମାଲୋଚନା କଲେ ମଧ୍ୟ ଯଥେଷ୍ଟ ହେବନି । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଏହି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିଲେ । ରାଜ୍ୟର ଗଣଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଶୁଡ଼ି ପଡ଼ିଥିବା ବେଳେ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଏବଂ କାର୍ଯ୍ୟରତ ଶିକ୍ଷକଙ୍କ ବେତନ ଭତ୍ତା ସମସ୍ୟାର ସମାଧାନ ଦାବି କେବେ ପୂରଣ ହୁଏନି । ବିଧାନସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ଶିକ୍ଷକ ଆନ୍ଦୋଳନ ଓ ଧାରଣା ଆରମ୍ଭ ହୋଇଯାଏ । କେବଳ ପ୍ରତିଶ୍ରୁତିରେ ସେମାନଙ୍କ ଦାବି ପୂରଣ ହୁଏ । ଏହି ଓଟିଇଟି ପରୀକ୍ଷା ହିଁ ଏକ ସୁଯୋଗ, ଯାହା ମାଧ୍ୟମରେ ସେମାନଙ୍କ ଯୋଗ୍ୟତା ସ୍ୱୀକୃତି ପାଇଥାଏ ଏବଂ ସରକାରୀ ବେତନ ଭତ୍ତା ପାଇବାର ଅବକାଶ ସୃଷ୍ଟି ହୋଇଥାଏ । ସେଥିରେ ଯଦି ବିଭ୍ରାଟ ଘଟେ ଆଶାୟୀଙ୍କ ମନରେ କିପ୍ରକାର ବିଦ୍ରୋହ ସୃଷ୍ଟି ହେଉଥିବ ତାହା ସହଜରେ ଅନୁମେୟ ।

ପରିସ୍ଥିତି ଏପରି ହେଲା ଯେ ରବିବାର ପରୀକ୍ଷା ହେବାର ଥିଲା । ଶନିବାର ରାତିରେ ପରୀକ୍ଷା ବାତିଲ ଘୋଷଣା କରାଗଲା । ପରୀକ୍ଷାର୍ଥୀଙ୍କୁ ନିଷ୍ପତ୍ତି ସଂପର୍କରେ ଜାଣିବାର ସୁଯୋଗ ନଥିଲା । ପରୀକ୍ଷା କେନ୍ଦ୍ରରେ ତାଲା ପକାଇ ବାତିଲ ନୋଟିସ ଟଙ୍ଗାଇ ଦିଆଗଲା । ଘରୁ ଆସିଥିବା ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଆସି ଏ ସଂପର୍କରେ ଅବଗତ ହେଲେ । ବିଚରା ଠିକା ଶିକ୍ଷକ ନିଜର ନ୍ୟାଯ୍ୟ ଦାବି ହାସଲ ପାଇଁ ଆଉ କେତେଦିନ ଲଢ଼ିବେ? ପରୀକ୍ଷା ପାଇଁ ପ୍ରସ୍ତୁତି ଓ ଦୂରଦୂରାନ୍ତରୁ ଦିନକ ପୂର୍ବରୁ ଆସି ପରୀକ୍ଷା କେନ୍ଦ୍ର ସନ୍ନିକଟସ୍ଥ ଅଞ୍ଚଳରେ ଅବସ୍ଥାନ କରିଥିବା ଶିକ୍ଷକଙ୍କୁ ବାତିଲ ନିଷ୍ପତ୍ତି ନିଶ୍ଚୟ ବାଧିଥିବ । ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ପରିଚାଳନା କରିବାର ଦକ୍ଷତା ଏବଂ ତଥାକଥିତ ନିଷ୍ପକ୍ଷତା ଓ ଗୋପନୀୟତା ନେଇ କେବଳ ପରୀକ୍ଷାର୍ଥୀ ନୁହନ୍ତି ଯେ କେହି ପ୍ରଶ୍ନ ଉଠାଇବା ସ୍ୱାଭାବିକ । ଏକଥା କହିଲାବେଳେ ପରିଷଦ କର୍ତ୍ତୃପକ୍ଷ ନିଶ୍ଚୟ କହିବେ ରାଜ୍ୟର ସର୍ବବୃହତ ମାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଭାବେ ପରିଚାଳନା କରୁଥିବାର ସାମର୍ଥ୍ୟ ସେମାନଙ୍କର ଅଛି । କିନ୍ତୁ ଏକ୍ଷେତ୍ରରେ ମଧ୍ୟ ଚାଲିଥିବା କେଳେଙ୍କାରୀ ଏକାଧିକ ଥର ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିଛି । ଏଠାରେ ଉଲ୍ଲେଖଯୋଗ୍ୟ କି ୭୫ ହଜାର ୪୦୩ ଶିକ୍ଷକ ଚାକିରିରେ ନିୟମିତ ହେବାର ଯୋଗ୍ୟତା ହାସଲ ସକାଶେ ଫର୍ମ ପୂରଣ କରିଥିଲେ । ସେମାନଙ୍କଠାରୁ ଆଦାୟ କରାଯାଇଥିବା ଫି ମଧ୍ୟ କିଛି କମ ନୁହେଁ । ଗୋଟିଏ ପେପର ପାଇଁ ୯୦୦ ଟଙ୍କା ଓ ଦୁଇଟି ପେପରକୁ ୧୪୦୦ ଟଙ୍କା ଆବେଦନ ବେଳେ ଦେବାକୁ ପଡିଛି । ପରୀକ୍ଷା ନହେଉଣୁ ଏହି ବିଭ୍ରାଟ । ଆଗକୁ ପରୀକ୍ଷା ଖାତା ମୂଲ୍ୟାୟନଠାରୁ ଆରମ୍ଭ କରି ଏକାଧିକ ସ୍ତର ଅଛି, ଯେଉଁଠି କାରସାଦିର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ।

ଏହି ଘଟଣାକ୍ରମକୁ ପର୍ଯ୍ୟାଲୋଚନା କଲାବେଳେ ନାନା ପ୍ରଶ୍ନ ଉଙ୍କି ମାରେ । କେଉଁସ୍ତରରୁ ପ୍ରଶ୍ନପତ୍ର ପ୍ରଘଟ ହେଲା? ପ୍ରଶ୍ନପତ୍ର ପ୍ରସ୍ତୁତି ବା ମୁଦ୍ରଣ ବେଳେ ନା ପରୀକ୍ଷାକେନ୍ଦ୍ରକୁ ପଠାଯାଇଥିବା ସିଲ୍ଡ ପ୍ରଶ୍ନପତ୍ର? ପ୍ରଶ୍ନପତ୍ର କେଉଁଠି ନା କେଉଁଠି ଖୋଲାଯାଇଛି । ପରୀକ୍ଷା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ହ୍ୱାଟସ୍ଆପ ଓ ଫେସବୁକ୍‌ରେ ଘୂରି ବୁଲୁଥିବା ହାତ ଲେଖା ପ୍ରଶ୍ନପତ୍ରକୁ କେମିତି ଓ କେଉଁ ସୂତ୍ରରେ ଯାଞ୍ଚ କରାଗଲା ? ଏଥିରୁ ସ୍ପଷ୍ଟ ଯେ ଏମିତି କିଛି କଥା ରହିଛି, ଯାହାକୁ କର୍ତ୍ତୃପକ୍ଷ ନିଜ ସ୍ତରରେ ଗୋପନ ରଖିଛନ୍ତି । ୧୩୯ ଟି ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିବା ସିଲ୍ଡ ପ୍ରଶ୍ନପତ୍ରର ଯାଞ୍ଚ ଓ ଅନୁସନ୍ଧାନ କରାଯାଉଛି । କେଉଁସ୍ତରରେ କ’ଣ ହୋଇଛି ତାହା ଯେ ପଦାକୁ ଆସିବ ଏ ବିଶ୍ୱାସ ଆମର ନାହିଁ । ସମୟକ୍ରମେ ତାହା ମଧ୍ୟ ଲୁଚି ଯିବ । ଆମମାନଙ୍କ ସ୍ମରଣଶକ୍ତି ଏତେ ଦୁର୍ବଳ ଯେ ଦିନ ଗଡ଼ି ଗଲେ ଆମେ ସବୁ ଭୁଲିଯିବା । ପୁଣି କେବେ ପରୀକ୍ଷା ହେବ ତାହାର କୌଣସି ଠିକ୍‌ଠିକଣା ନାହିଁ । କଥାରେ ଅଛି ଚକେ ଗଡ଼ିଲେ ବାର ହାତ । ଚାକିରିରେ ସ୍ଥାୟୀତ୍ୱ ହାସଲ କରିବା ଏକ ସ୍ୱପ୍ନ । ଶିକ୍ଷକଙ୍କ କ୍ଷେତ୍ରରେ ଏହା ଦୀର୍ଘଦିନର ଅପେକ୍ଷା । ‘ଠିକା’ର ମାନସିକ ଯାତନାରୁ ମୁକ୍ତି ପୁଣି ସୁଦୂର ପରାହତ. ହେଲା, ଏହି ଦୁଃଖ କେହି ଅପନୋଦନ କରିପାରିବେନି ।

ପ୍ରଶ୍ନପତ୍ର ପ୍ରଘଟ ଏକ ରୋଗ । ତାହାର ସଂକ୍ରମଣ କ୍ଷମତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣିକି ସେ ପ୍ରବେଶିକା ପରୀକ୍ଷା ହେଉ କି ନିଯୁକ୍ତି ପରୀକ୍ଷା । ପ୍ରଶ୍ନପତ୍ର ବାରମ୍ବାର ପ୍ରଘଟ ହେଉଛି ଓ ପୁଣି ପରୀକ୍ଷା ଘୁଞ୍ଚିଛି । ଏହାପଛରେ ସକ୍ରିୟ ଥିବା ରାକେଟ ସଂପର୍କରେ କର୍ତ୍ତୃପକ୍ଷ ଯେ ଅବଗତ ନ ଥା’ନ୍ତି ଏକଥା ନୁହେଁ । ସବୁ ସଳାସୁତରାରେ ଚାଲେ । ଯଦି ଧରପଗଡ଼ ସବୁ ସୁରୁଖୁରୁରେ ଚାଲେ ତେବେ ଦୁଇପକ୍ଷ ଲାଲେଲାଲ୍ । ଧରାପଡ଼ିଗଲେ ମଧ୍ୟ ସେମିତି କିଛି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସେମାନେ ମୁହଁ ପାଇଛନ୍ତି । ବେଳେ ବେଳେ ମନେ ହୁଏ କର୍ତ୍ତୃପକ୍ଷଙ୍କ ନିଯୁକ୍ତି ଦେବାର ଅଭିପ୍ରାୟ ନ ଥିଲେ ମଧ୍ୟ ପରୀକ୍ଷା ଅୟୋଜନ ହୁଏ, ଆଶାୟୀଙ୍କଠାରୁ ଫି’ ଆଦାୟ କରାଯାଏ, ହେଲେ ପ୍ରଶ୍ନପତ୍ର ପ୍ରଘଟ ହେବାରୁ ପରୀକ୍ଷା ପୁଣି ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରହେ । ଅଥଚ ଘରଠାରୁ ଦୂରରେ ରହି ପିଲାଙ୍କ କୋଚିଂ ବାବଦରେ ବିପୁଳ ଅର୍ଥଶ୍ରାଦ୍ଧ କରିଚାଲିଥା’ନ୍ତି ଅଭିଭାବକ । ଏପ୍ରକାର ନିରାଶା ଓ ହତାଶ ଦେଶବ୍ୟାପୀ ଅନୁଭୂତ ହେଉଛି । ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଆଇନଗତ ବ୍ୟବସ୍ଥାରେ ସଂଶୋଧନ ମାଧ୍ୟମରେ କଟକଣାକୁ କଡ଼ାକଡ଼ି କରାଯାଇଛି ସତ, ହେଲେ ତାହାର ସୁଫଳ ଏଯାବତ ଅନୁଭୂତ ହୋଇନାହିଁ ।

ଏକଥା ଉଲ୍ଲେଖ କଲାବେଳେ ନିକଟରେ ପ୍ରକାଶ ପାଇଥିବା ଜାତୀୟ ପରିସଂଖ୍ୟାନ ରିପୋର୍ଟ ଉପରେ ଆଖି ପକେଇ ଦେବା ଉଚିତ ହେବ । ଦେଶରେ ବଢୁଥିବା ବେକାରୀ କ୍ରମେ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ଅଧିକାଂଶ ରାଜ୍ୟରେ ପରିଲକ୍ଷିତ ପ୍ରଶ୍ନପତ୍ର ପ୍ରଘଟ ପରି ରୋଗର ନିଦାନ ପ୍ରତି ସରକାର ଅଧିକ ଯତ୍ନବାନ ଓ ସଚେତନ ହେବା ଆବଶ୍ୟକ । ଗତ ଜୁନ୍ ମାସରେ ବେକାରୀ ହାର ସହରାଞ୍ଚଳରେ ୧୮% କୁ ବୃଦ୍ଧି ପାଇଥିବା ବେଳେ ଗ୍ରାମାଞ୍ଚଳରେ ଏହି ହାର ୧୫% ରେ ସୀମିତ ଅଛି । ବେଳଥାଉ ଥାଉ ବନ୍ଧ ନ ବାନ୍ଧିଲେ ଏହି ସମସ୍ୟା ଦେଶରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ।

## ଅନେକ ସୌମ୍ୟାଶ୍ରୀ ଆଜି ମଧ୍ୟ ଜୀବିତ

ପ୍ରମୋଦ ଧଳ

ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମଦାହ ସମସ୍ତଙ୍କୁ ସ୍ତବ୍ଧ କରିଛି । ନିଜ ଶିକ୍ଷକଙ୍କ ଦ୍ୱାରା ବାରମ୍ବାର ଶରୀରିକ ଓ ମାନସିକ ଯନ୍ତ୍ରଣା ପାଇ ଅସହାୟ ହୋଇପଡ଼ିଥିଲେ । ସବୁଠି ଗୁହାରି କରିବା ପରେ ବି ନ୍ୟାୟ ମିଳିଲାନି । ଶେଷରେ ନିରାଶ ହୋଇ ଦିନ ଦ୍ୱିପ୍ରହରରେ କଲେଜ ପରିସରରେ ସମସ୍ତଙ୍କ ଉପସ୍ଥିତିରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ । କିଛି ଲୋକ ଝିଅଟି ଜଳୁଥିବାର ଦୃଶ୍ୟ ନିଜ ମୋବାଇଲରେ ଭିଡିଓ କଲେ । କିନ୍ତୁ ବଞ୍ଚେଇ ପାରିଲେନି । ଏହି ଦୁଃଖଦ ଘଟଣାକୁ ନେଇ ରାଜନୀତି ଚାଲିଛି । ରାସ୍ତାରୋକ, ଭଙ୍ଗାରୁଜାରେ କ’ଣ କାହାରି ଜୀବନ ଫେରିଆସେ? ଏବେ ପ୍ରଶ୍ନ ଉଠୁଛି ଏହା କ’ଣ ଓଡ଼ିଶାରେ ଏକମାତ୍ର ଘଟଣା? ସୌମ୍ୟାଶ୍ରୀଙ୍କ ପରି ଅନେକ ଝିଅଙ୍କ ଅକୁହା କାହାଣୀ ଲୋକଲୋଚନକୁ ଆସିପାରିନାହିଁ । ଅପବାଦରୁ ବଞ୍ଚିବା ପାଇଁ ନିଜ ଛାତିରେ ସବୁ ଯନ୍ତ୍ରଣାକୁ ଚାପିଧରି ନିଜ ଭବିଷ୍ୟତ ଗଢ଼ିବାକୁ ଅନେକ ନିରୀହାମାନେ ଜୀବନ ଚଲାପଥରେ ଆଗେଇ ଚାଲିଛନ୍ତି । ସବୁ ଝିଅ କ’ଣ ସାହସୀ ସୌମ୍ୟାଶ୍ରୀଙ୍କ ପରି ବ୍ୟବସ୍ଥା ବିରୁଦ୍ଧରେ ଲଢ଼ିପାରି ଥା’ନ୍ତେ? ଆତ୍ମସମ୍ମାନ ପାଇଁ ଜୀବନ ହାରିଥା’ନ୍ତେ?

ଶିକ୍ଷା ବିଭାଗରେ ଯୌନବିକୃତ ବ୍ୟାଧିରେ ଅନେକ ଶିକ୍ଷକ ପୀଡ଼ିତ । ସେମାନଙ୍କ ଦ୍ୱାରା ଅନେକ କୋମଳମତି ଛାତ୍ରୀଙ୍କ ଶୋଷଣ ଆରମ୍ଭ ହୁଏ ହାଇସ୍କୁଲ ସ୍ତରରୁ । ମାଷ୍ଟରଙ୍କ ସାନ୍ନିଧ୍ୟ ଲାଭ କରିବା ହେଉ ବା ଅଧିକ ନମ୍ବର ପାଇଁ ହେଉ ବା ପାସ କରିବା ଲୋଭରେ ଅନେକ କିଶୋରୀ କେତେକ ଖଳ ପ୍ରକୃତିର ଶିକ୍ଷକଙ୍କ ଜାଲରେ ପଡ଼ିଯା’ନ୍ତି । ଆଜି ଯଦି ସାମାଜିକ ସର୍ବେକ୍ଷଣ କରାଯାଏ ବହୁସଂଖ୍ୟାାରେ ପରିପକ୍ୱ ମହିଳାମାନେ ଆଗକୁ ଆଗେଇଆସି ‘ମି ଟୁ’ ଅଭିଯାନରେ ଯୋଗଦେବେ ନିଶ୍ଚୟ । ଯୌନବିକୃତି ଶିକ୍ଷକଙ୍କ ଦ୍ୱାରା ଏହିପ୍ରକାର ଶୋଷଣ ହାଇସ୍କୁଲସ୍ତରରୁ ଆରମ୍ଭ ହୋଇ ପିଏଚଡି ସ୍ତର ପର୍ଯ୍ୟନ୍ତ ଲମ୍ବିଛି । କେବଳ ମହିଳା ନୁହନ୍ତି ଛାତ୍ରଙ୍କର ଦୁର୍ଦ୍ଦଶା ବି କହିଲେ ନସରେ । ଅନେକ ଗବେଷଣା କରୁଥିବା ଛାତ୍ର ଠିକ୍ ସମୟରେ ଥେସିସ୍ ସମ୍ପୂର୍ଣ୍ଣ କରିବା ପାଇଁ ଗାଇଡ୍‌ଙ୍କ ପିଲାଛୁଆ ଓ ପରିବାର ସେବା କରିବା ଲାଗି ତାଙ୍କ ଘରପାଖରେ ଘରଭଡ଼ା ନେଇ ରହିବାକୁ ବାଧ୍ୟ ହୁଅନ୍ତି । ଫନି ବାତ୍ୟା ସମୟରେ ଜନୈକ ଛାତ୍ର ତାଙ୍କ ଗାଇଡ୍‌ଙ୍କୁ ଜେନେରେଟରଟିଏ କିଣି ଦେବାକୁ ପଡ଼ିଥିଲା । ଏପରିକି ଗାଇଡ୍‌ଙ୍କ ପିଛା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ । ପିଏଚଡି ଛାତ୍ରମାନେ କେବଳ ଥେସିସ୍ ସମାପ୍ତ ପାଇଁ ଭାରାକ୍ରାନ୍ତ ହୁଅନ୍ତି ନାହିଁ; ସେମାନଙ୍କୁ ଅନେକ ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ମଧ୍ୟ ସହିବାକୁ ପଡ଼େ । ସେତେବେଳେ ଗୋଟିଏ ଡକ୍ଟରେଟ୍ ଡିଗ୍ରୀ ଏକ ହତାସାର ଡିଗ୍ରୀ ହୋଇଯାଏ ।

ଏହା କେବଳ ଓଡ଼ିଶାରେ ନୁହେଁ, ଦେଶର ପ୍ରାୟ ପ୍ରତ୍ୟେକ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏପରି ଉଦାହରଣ ବହୁଳ । ଗତବର୍ଷ ଜୁଲାଇ ୧୨ ତାରିଖରେ ଜାମିଆ ମିଲିଆ ଇସଲାମିଆର ଜବାହରଲାଲ ନେହେରୁ ଷ୍ଟଡିଜ୍ ସେଣ୍ଟରର ତିନି ଜଣ ବିଦ୍ୱାନ ମହିଳା ଗବେଷିକା ସେମାନଙ୍କ ପିଏଚଡି ଗାଇଡ୍‌ଙ୍କ ବିରୋଧରେ ‘ମାନସିକ ଓ ଯୌନ ନିର୍ଯାତନା’ ଅଭିଯୋଗ ଆଣିଥିଲେ, ଯାହା ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ସେହିପରି ତାମିଲନାଡୁ ବିଶ୍ୱବିଦ୍ୟାଳୟର ପିଏଚ୍‌ଡି ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିବା ଏବଂ ସେମାନଙ୍କ ପର୍ଯ୍ୟବେକ୍ଷକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିବା ପରେ ଆନ୍ନା ବିଶ୍ୱବିଦ୍ୟାଳୟ ଏପରି ଘଟଣାର ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛି, ଯେଉଁଥିରେ ନିର୍ଯାତନା ଅଭିଯୋଗର ତଦନ୍ତ ପାଇଁ କୁଳପତିଙ୍କ ଦ୍ୱାରା ଗଠିତ କମିଟିର ସୁପାରିସ ଆଧାରରେ ସମ୍ପୃକ୍ତ ଗାଇଡ୍‌ମାନଙ୍କୁ ଦଣ୍ଡିତ କରାଯିବ ବୋଲି ଉଲ୍ଲେଖ ରହିଛି । ଏପରିକି ଘଟଣା ଓ ଅଭିଯୋଗର ଗମ୍ଭୀରତାକୁ ବିଚାରକୁ ନେଇ ସମ୍ପୃକ୍ତ ଗାଇଡ୍‌ଙ୍କ କ୍ଷମତା ମଧ୍ୟ ପ୍ରତ୍ୟାହାର କରାଯିବ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ବୋଲି ସେଥିରେ ଉଲ୍ଲେଖ ରହିଛି ।

ଘାଜିଆବାଦର ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସରଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ଅଭିଯୋଗରେ ଜଣେ ପିଏଚଡି ଛାତ୍ରୀ ଜୁନ, ୨୦୨୪ରେ ଥାନାରେ ଏତଲା ଦେଇଛନ୍ତି । ପୁଣେ ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ଆଇଜର) ରେ ଜନୈକା ଗବେଷଣାରତ ଛାତ୍ରୀଙ୍କୁ ତାଙ୍କ ଗାଇଡ ଅଶ୍ଳୀଳ ଭିଡିଓ ପଠାଉଥିଲେ । ଏଥିରେ ଅତିଷ୍ଠ ହୋଇ ଡିସେମ୍ବର ୨୦୨୨ରେ, ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରି ଏକ ବୋତଲ ଆଣ୍ଟିଡିପ୍ରେସାଣ୍ଟ ଗିଳି ଦେଇଥିଲେ । ଫେବୃଆରୀ ୨୦୧୬ରେ ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପିଏଚଡି ଛାତ୍ର ମୋହିତ କୁମାର ଚୌହାନଙ୍କ ମୃତଦେହ ତାଙ୍କ ହଷ୍ଟେଲ ରୁମର ଛାତରୁ ଝୁଲନ୍ତା ଅବସ୍ଥାରେ ମିଳିବା ପରେ ତାଙ୍କ ଗାଇଡ୍‌ଙ୍କ ସମେତ ତିନି ଜଣ ଅଧ୍ୟାପକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ମାର୍ଚ୍ଚ ୨୦୧୭ ରେ ଏମସ୍-ନୂଆଦିଲ୍ଲୀର ୩୬ ବର୍ଷୀୟ ପିଏଚଡି ଛାତ୍ର ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତଦନ୍ତ ବେଳେ ଜଣାପଡ଼ିଲା ଯେ ତାଙ୍କୁ ତାଙ୍କ ଗାଇଡ୍ ମାନସିକ ନିର୍ଯାତନା ସହିତ ଦୁର୍ବ୍ୟବହାର ଏବଂ ଫେଲୋସିପକୁ ବିଳମ୍ବିତ କରୁଥିଲେ । ମାର୍ଚ୍ଚ, ୨୦୧୮ ରେ ଜେଏନ୍‌ୟୁ ପ୍ରଫେସର ଅତୁଲ ଜୋହରୀଙ୍କ ବିରୁଦ୍ଧରେ ଯୌନ ନିର୍ଯାତନାର ଅଭିଯୋଗ ଆସିବା ପରେ ତାଙ୍କୁ ଗିରଫ କରାଯାଇଛି ।

କେରଳ ବିଶ୍ୱବିଦ୍ୟାଳୟର ଡକ୍ଟର ରେମା ଦେବୀଙ୍କ ନିଜ ଅଭିଜ୍ଞତା ବିଷୟରେ କହିଛନ୍ତି ଯେ ସେ ୮୦ ଦଶକର ଶେଷ ଏବଂ ୯୦ ଦଶକର ପ୍ରାରମ୍ଭରେ ପିଏଚଡି କରୁଥିବା ସମୟରେ ମାନସିକ ଓ ଯୌନ ନିର୍ଯାତନା ସହିବାକୁ ପଡୁଥିଲା । ଏଥିରେ ଅତିଷ୍ଠ ହୋଇ ତାଙ୍କର ଅନେକ ବାନ୍ଧବୀ ଅଧାରୁ ଗବେଷଣା ଛାଡ଼ି ଦେଇଥିଲେ । ପ୍ରାୟତଃ, ଗବେଷିକାମାନଙ୍କୁ ଫେଲୋସିପ୍, ପ୍ରମୁଖ ଶିକ୍ଷାଦାନ ଓ ସନ୍ଦର୍ଭ ଉପସ୍ଥାପନ ସୁଯୋଗ ପ୍ରତିବଦଳରେ ଗାଇଡ୍‌ମାନଙ୍କର ବାସନା ଚରିତାର୍ଥ କରିବାର ପ୍ରତ୍ୟକ୍ଷ ପ୍ରସ୍ତାବ ଦିଆଯାଉଥିଲା । ଯେଉଁମାନେ ସେଥିରେ ଅନିଚ୍ଛୁକ ରହୁଥିଲେ ସେମାନଙ୍କୁ ଥେସିସ୍‌କୁ ବାରମ୍ବାର ଲେଖିବାକୁ କିମ୍ବା ଜାଣିଶୁଣି ତ୍ରୁଟି ଦର୍ଶାଇବା ଆଦି ନାନା ଉପାୟରେ ହଇରାଣ ହରକତ କରାଯାଉଥିଲା ।

ମାଡ୍ରାସ ହାଇକୋର୍ଟ ଅକ୍ଟୋବର, ୨୦୨୪ରେ ଏକ ମାମଲାରେ ଟିପ୍ପଣୀ ଦେଇଥିଲେ ଯେ ‘ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କ ଦୁର୍ବଳତାର ସୁଯୋଗ ନେଇ ନିର୍ଯାତନା ବୃଦ୍ଧି ପାଉଛି । ପ୍ରାୟତଃ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପୁରୁଷ ପ୍ରାଧାନ୍ୟ ହେତୁ ଏଭଳି ଘଟୁଛି । କେବଳ ଛାତ୍ରମାନେ ନିରବରେ କଷ୍ଟ ପାଆନ୍ତି ନାହିଁ, ବରଂ ମହିଳା ଅଧ୍ୟାପକମାନେ ମଧ୍ୟ ସହ-ଅଧ୍ୟାପକ ସଦସ୍ୟ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କ ଦ୍ୱାରା ମାନସିକ ଓ ଯୌନ ନିର୍ଯାତନାର ଶିକାର ହୁଅନ୍ତି । ଏହା ଚିନ୍ତା, ଅବସାଦ, ନିଦ୍ରା ବ୍ୟାଧି, ଓଜନ ହ୍ରାସ କିମ୍ବା ବୃଦ୍ଧି, ଆତ୍ମସମ୍ମାନ ହ୍ରାସ, ପରୀକ୍ଷା ଓ ଚାକିରିରେ ବିଫଳତା କିମ୍ବା ଦୁର୍ବଳ ପ୍ରଦର୍ଶନ ଏବଂ କେତେକ ସମୟରେ ଯୌନ ଅକ୍ଷମତାର ମଧ୍ୟ କାରଣ ହୁଏ । କଠିନ ପରିଶ୍ରମ ସତ୍ତ୍ୱେ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡ଼ିଦେବାର ଉଦାହରଣ ମଧ୍ୟ ରହିଛି । ଅନେକ କ୍ଷେତ୍ରରେ ଅଧିକ ନିର୍ଯାତନା ଭୟରେ ଛାତ୍ରଛାତ୍ରୀମାନେ ଏଭଳି ନିର୍ଯାତନା ବିରୋଧରେ ଅଭିଯୋଗ ଆଣନ୍ତି ନାହିଁ । ନିରବରେ ନିର୍ଯାତନା ସହିଯାଉଥିବା ପୀଡ଼ିତାମାନଙ୍କ ମଧ୍ୟରୁ କ୍ୱଚିତ୍ ଶିକ୍ଷାକ୍ଷେତ୍ରରେ ଭଲ ପ୍ରଦର୍ଶନ କରନ୍ତି ।

ଆଡମିସନ ବନାମ ପିଏଚଡି ପ୍ରଦାନ ସମ୍ପର୍କିତ ତଥ୍ୟ ଅନୁଯାୟୀ, ଦେଶର କିଛି ଶ୍ରେଷ୍ଠ ପ୍ରତିଷ୍ଠାନର ପ୍ରାୟ ଚାଳିଶ ପ୍ରତିଶତ ଗବେଷକ ବ୍ୟକ୍ତିଗତ ସମସ୍ୟା, ଚାକିରି ସୁଯୋଗ ଏବଂ ଗାଇଡମାନଙ୍କ ଦ୍ୱାରା ହେଉଥିବା ହଇରାଣର ଅଭିଯୋଗ ଯୋଗୁଁ ପାଠପଢ଼ା ଛାଡ଼ିଛନ୍ତି । ଦୁର୍ଭାଗ୍ୟବଶତଃ, ଉପରୋକ୍ତ ସମସ୍ୟାଗୁଡ଼ିକ ସତ୍ତ୍ୱେ ଯେଉଁ ସୌମ୍ୟାଶ୍ରୀମାନେ ବଞ୍ଚି ଯାଇଛନ୍ତି ସେମାନେ ସେମାନଙ୍କ ପିଲାମାନଙ୍କର ଶିକ୍ଷକମାନଙ୍କୁ ସବୁସମୟରେ ସନ୍ଦେହ ଦୃଷ୍ଟିରେ ଦେଖିଥା’ନ୍ତି । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରାୟତଃ ଶିକ୍ଷାନୁଷ୍ଠାନ ମଧ୍ୟରେ ପଦ୍ଧତିଗତ ପରିବର୍ତ୍ତନ ଆବଶ୍ୟକ, ଯେଉଁଥିରେ ଅଧ୍ୟାପକ ଓ ଶିକ୍ଷକମାନଙ୍କ ପାଇଁ ଉତ୍ତମ ତାଲିମ, ସ୍ପଷ୍ଟ ନୀତି ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଦୃଢ଼ ସମର୍ଥନ ବ୍ୟବସ୍ଥା ରହିବା ଦରକାର । ଏକ ସୁସ୍ଥ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ଏହି ଆହ୍ୱାନଗୁଡ଼ିକ ବିଷୟରେ ଅଧିକ ଆଲୋଚନା ଜରୁରୀ ।

ଭୁବନେଶ୍ୱର, ମୋ: ୭୦୦୮୮୧୦୧୧୨

## ଅତିଥି ଅଧ୍ୟାପକ ଭରସାରେ ଓଡ଼ିଶାର ଉଚ୍ଚଶିକ୍ଷା

ସୁଧାକର ଦାସ

ଶିକ୍ଷା ହେଉଛି ସଫଳତାର ସ୍ୱର୍ଣ୍ଣିମ ଚାବିକାଠି । ସହଜ ସରଳ ଭାବେ କହିଲେ ଯେଉଁ ରାଜ୍ୟରେ ଶିକ୍ଷା ଯେତେ ଉନ୍ନତ ସେ ରାଜ୍ୟ ସେତେ ପ୍ରଗତିଶୀଳ । ନୂଆ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ କାର୍ଯ୍ୟକାରୀ କରାଯିବା ପରେ ଦୀର୍ଘ ବର୍ଷ ଧରି ଅଧ୍ୟାପକ ନିଯୁକ୍ତିକୁ ନେଇ ରହିଥିବା ପ୍ରତିବନ୍ଧକ ଦୂର ହୋଇଛି । ଏଣିକି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜେ ଅଧ୍ୟାପକ ନିଯୁକ୍ତ କରିପାରିବେ । ବାସ୍ତବରେ ସରକାରଙ୍କ ଏ ନିଷ୍ପତ୍ତି ଏକପ୍ରକାର ହାସ୍ୟାସ୍ପଦ କଥା । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯଦି ଅଧ୍ୟାପକ ନିଯୁକ୍ତ କରିବେ ଅନେକ କ୍ଷେତ୍ରରେ ଦୁର୍ନୀତି ରହିବ । ସାଧାରଣ ମଧ୍ୟବିତ୍ତ ପରିବାରର ମେଧାବୀ ଶିକ୍ଷାର୍ଥୀ ଏହାଦ୍ୱାରା ପ୍ରଭାବିତ ହେବେ । ସଠିକ ଭାବରେ ଲିଖିତ, ସାକ୍ଷାତକାର ନକରି ଯେକୌଣସି ଭାବରେ ଚିହ୍ନା ମୁହଁକୁ ପ୍ରଶ୍ରୟ ମିଳିବ, ଏଥିରେ ସନ୍ଦେହ ନାହିଁ । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ନହେଲେ ମଧ୍ୟ ଅନେକ କ୍ଷେତ୍ରରେ ଏପରି ସମସ୍ୟା ସୃଷ୍ଟି ହୋଇପାରେ ।

ଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ପ୍ରସଙ୍ଗ ଆଲୋଚନା କଲା ବେଳେ କଟକ ସହରରେ ଥିବା ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟକୁ ଉଦାହରଣ ରୂପେ ନିଆଯାଉ । ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଏବେ ବି ଅତିଥି ଏବଂ ଠିକା ଅଧ୍ୟାପକଙ୍କ ଭରସାରେ ଚାଲିଛି । ସେହିଭଳି ବିଭିନ୍ନ ମହାବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା ରହିଛି । ରାଜ୍ୟର ୭ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଛି କୁଳପତି ପଦ । ସେହି ବିଶ୍ୱବିଦ୍ୟାଳୟମାନଙ୍କରେ କେବେ ନୂତନ କୁଳପତିଙ୍କୁ ନିଯୁକ୍ତି ଦିଆଯିବ ସେ ସମ୍ପର୍କରେ କାହା ପାଖରେ ସ୍ପଷ୍ଟ ଉତ୍ତର ନାହିଁ । ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୦ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ରାଜ୍ୟ ସରକାର ଏହାର ମୂଳ ନିୟମ ଅର୍ଥାତ ଓଡ଼ିଶା ବିଶ୍ୱବିଦ୍ୟାଳୟ ନିୟମ ୧୯୮୯ରେ ସଂଶୋଧନ କରି ଆଇନ ପାରିତ କରିଛନ୍ତି । କେଉଁ ନିୟମରେ କୁଳପତି ନିଯୁକ୍ତି କରାଯିବ ସେନେଇ ରାଜ୍ୟ ସରକାର ଦୋଛକିରେ ଥିବାବେଳେ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ପଦ ଖାଲି ପଡ଼ିବା ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରୁଛି ।

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ଏବଂ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଏପର୍ଯ୍ୟନ୍ତ କୁଳପତି ନିଯୁକ୍ତ ହୋଇନାହାନ୍ତି । ଏଠାରେ ପ୍ରଶାସନିକ କାର୍ଯ୍ୟ ପରିଚାଳନା ପାଇଁ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ବା ଓଏସ୍‌ଡିଙ୍କୁ ନିଯୁକ୍ତ କରାଯାଇଛି । ପୁରୀ ସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପଦ ଖାଲି ପଡ଼ିଛି । ଏହି ୩ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ସରକାର କୌଣସି ପଦକ୍ଷେପ ବା ବିଜ୍ଞପ୍ତି ପ୍ରକାଶ କରି ନାହାନ୍ତି । ଅନ୍ୟପକ୍ଷରେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଓ ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପାଇଁ ଗତ ଜୁନ୍ ୧୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିପାଇଁ ଆଶାୟୀମାନେ ଆବେଦନ କରିଥିଲେ ମଧ୍ୟ ନିଯୁକ୍ତି ପ୍ରକ୍ରିୟା ଅଧାରେ ଅଟକିଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପାଇଁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି । କଳାହାଣ୍ଡି ଭବାନୀପାଟଣା ସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ମଧ୍ୟ ସ୍ଥାୟୀ କୁଳପତି ନାହାନ୍ତି । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି । ଏହି ଦୁଇଟି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଅସ୍ଥାୟୀ ଭାବେ କୁଳପତି ଦାୟିତ୍ୱ ପ୍ରଦାନ କରାଯାଇଛି । ସମୁଦାୟ ୭ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଫାଙ୍କା ପଡ଼ିଥିବାରୁ ଶୈକ୍ଷିକ ପରିବେଶ ପ୍ରଭାବିତ ହେଉଛି । ଆଗକୁ ବିଭିନ୍ନ ପରୀକ୍ଷା ଥିବାରୁ ପରୀକ୍ଷା ପରିଚାଳନା କରିବା ଅନ୍ୟ ଏକ ଆହ୍ୱାନ ସୃଷ୍ଟି କରିଛି । ନିକଟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି । ରାଜ୍ୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତିରେ ସମସ୍ୟା ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିଛି ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସୂଚନା ଅନୁସାରେ ୧୭ ସରକାରୀ ବିଶ୍ୱବିଦ୍ୟାଳୟରେ ୧୩୫୩ ଅଧ୍ୟାପକ ପଦବୀ ଖାଲି ପଡ଼ିଛି । ୨୦୨୭ଟି ସ୍ଥାନରେ ମାତ୍ର ୬୭୪ ଅଧ୍ୟାପକ ଓ ଅଧ୍ୟାପିକା ଅଛନ୍ତି । ୯୬୫ଟି ଶିକ୍ଷାନୁଷ୍ଠାନ ଅତିଥି ଅଧ୍ୟାପକରେ କାମ ଚଳାଉଛନ୍ତି । ଉଚ୍ଚଶିକ୍ଷା ବିଭାଗରେ ୨୦୮୧ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି । ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ପଡ଼ିଛି । ରେଭେନ୍ସାରେ ୧୬୧ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ ପଦବୀ ଖାଲିପଡ଼ିଛି ।

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପରି ଯଦି ପ୍ରତି ବର୍ଷ ଅଧ୍ୟାପକ ନିଯୁକ୍ତି ହେବ ତେବେ ଅନେକ ମେଧାବୀ ଶିକ୍ଷାର୍ଥୀ ଉପକୃତ ହୋଇପାରନ୍ତେ । ପ୍ରତିବର୍ଷ ଯଦି ସରକାର ସବୁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ତଥ୍ୟ ସଂଗ୍ରହ କରି ପ୍ରବେଶିକା ପରୀକ୍ଷା କରିବାକୁ ସକ୍ଷମ ତେବେ ପ୍ରତି ବର୍ଷ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ଅକ୍ଷମ କାହିଁକି? ବିଏଡ୍ ପ୍ରବେଶିକା ପରୀକ୍ଷାରେ ହଜାର ହଜାର ଶିକ୍ଷାର୍ଥୀ ପଢ଼ିବାକୁ ଚାହିଁଲେ ବି ଆବଶ୍ୟକ ସଂଖ୍ୟାରେ ଶିକ୍ଷାନୁଷ୍ଠାନ ନାହିଁ । ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ନାହିଁ କହିଲେ ତ୍ରୁଟି ହେବ ନାହିଁ । ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସୁଧାର ନ ଆସିବା ଯାଏଁ ବିକଶିତ ଓଡ଼ିଶାର ପରିକଳ୍ପନା କରିବା କେବଳ ସ୍ଲୋଗାନ ହୋଇ ରହିଥିବ ।

ଭବାନୀପାଟଣା, ମୋ: ୭୮୪୮୦୦୦୬୭୬

## ଗଣଚେତନାର ନିର୍ମାତା ଗଣକବି ବୈଷ୍ଣବ ପାଣି

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଗଣକବି ବୈଷ୍ଣବ ପାଣି ଯେ ଜନଗଣଙ୍କ ମାନସମନ୍ଥନ କରିପାରିଥିଲେ ତୀବ୍ର ଭାବରେ, ଏ ବିଷୟ କିଏ ଅବା ଜାଣିନାହାନ୍ତି? କିନ୍ତୁ ତାଙ୍କ ଅସାମାନ୍ୟ ଲୋକପ୍ରିୟତାର କାରଣ ବିଶ୍ଳେଷଣ ହେଉଛି ଏକବିଂଶ ଶତାବ୍ଦୀର ପ୍ରକୃତ ଆହ୍ୱାନ । ଯାତ୍ରା ନାଟକ ପ୍ରତି ପ୍ରବଳ ଆକର୍ଷିତ ବର୍ତ୍ତମାନର ଯୁବଦର୍ଶକମାନେ ଚକିତ ହେବେ ଯେ ବୈଷ୍ଣବ ପାଣିଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ ଦେଖିବା ପାଇଁ ଓଡ଼ିଶାର ଆବାଳବୃଦ୍ଧବନିତା ସହସ୍ର ସହସ୍ର ସଂଖ୍ୟାରେ କିପରି ମହାମୂଲ୍ୟ ନିଦ୍ରା ବିସର୍ଜନ କରୁଥିଲେ । ସେଇ ନାଟକର କି ଚୁମ୍ବକୀୟ ଆକର୍ଷଣ ଥିଲା? କାହିଁକି ବୈଷ୍ଣବ ପାଣି ଲାଭ କଲେ ‘ଗଣକବି’ର ସୁଉଚ୍ଚ ମର୍ଯ୍ୟାଦା? ସେ ନଥିଲେ କୌଣସି ସମ୍ଭ୍ରାନ୍ତ ପରିବାରର ସନ୍ତାନ । ସଂଘର୍ଷମୟ ଥିଲା ତାଙ୍କ ଜୀବନ । କିନ୍ତୁ ତାଙ୍କ ମଧ୍ୟରେ ଲୁକ୍କାୟିତ ରହିଥିବା ଅପୂର୍ବ ପ୍ରତିଭା ରଶ୍ମିର ଆଲୋକରେ ଝଲସି ଉଠିଲା ନିସ୍ତବ୍ଧ ଅଗଣିତ ରଜନୀ ।

ବିଂଶଶତାବ୍ଦୀର ପ୍ରଥମ ଦଶକରୁ ଚତୁର୍ଥ ଦଶକ ପର୍ଯ୍ୟନ୍ତ ସୁଆଙ୍ଗ, ଗୀତିନାଟ୍ୟ ରଚନା କରି ସେ ଅତିକ୍ରମ କରିଯାଇଥିଲେ ଏ କ୍ଷେତ୍ରରେ ସମସ୍ତଙ୍କୁ । ଯାତ୍ରାଭିନୟ ନିମିତ୍ତ ସେ ଘୂରି ବୁଲିଛନ୍ତି ଇତସ୍ତତଃ । ସାମାଜିକ ସଂଘର୍ଷର ସମ୍ମୁଖୀନ ହୋଇ ଅର୍ଜନ କରିଛନ୍ତି ବିଚିତ୍ର ଅନୁଭୂତି । ତାଙ୍କର ତାରୁଣ୍ୟ ହୋଇ ଯାଇଥିଲା ଲାଳିତ୍ୟପୂର୍ଣ୍ଣ ପାଲା ଗାୟନରେ ମନ ପ୍ରାଣ ଢାଳି ଦେଇଥିଲେ ବୋଲି । ଏହି ସମୟରୁ ହିଁ ସଙ୍ଗୀତ ରଚନା ଆରମ୍ଭ ହୋଇଥିଲା । ଜନଚିତ୍ତ ବିନୋଦନ ସହିତ ତତ୍କାଳୀନ ସମାଜ ଓ ଶାସନ ବ୍ୟବସ୍ଥା ପ୍ରତି କେତେ ସଚେତନ ଥିଲେ ତାହା ପ୍ରମାଣିତ ହୋଇଯାଏ ତାଙ୍କ ପଦସୃଜନ କଳାରୁ । ଓଡ଼ିଶାରେ ନୂଆଁ ଭାବରେ ଗଡୁଥିବା ରେଳଗାଡ଼ିକୁ ଦେଖି ସେ ଗାଇଥିଲେ

- ‘ଧନ୍ୟ ଧନ୍ୟ ଫିରିଙ୍ଗି ଯୋଡ଼ି/ଶୂନ୍ୟେ ଚଳାଉଛି ରେଳଗାଡ଼ି/ଧୂଆଁ ଉଠୁଥାଇ ଯେହ୍ନେ ବଉଦ/ପାଞ୍ଚ କୋଶକୁ ତା’ଶୁଭେ ଶବଦ/ଲାଗି ଅଛି ଚକ ପଡ଼ିଛି ସଡ଼କ/ଲୁହାକଡ଼ି ପରେ ଯାଉଛି ଗଡ଼ି ।’ ଏହାର ପରବର୍ତ୍ତୀ ଦୃଶ୍ୟ ତାଙ୍କ ଜୀବନ ନାଟକରେ ପରିଦୃଷ୍ଟ ହୁଏ ମାଳିହତା ଗ୍ରାମର ଯାତ୍ରାଦଳରେ । ସ୍ୱକୀୟ ମୌଳିକ ପ୍ରତିଭା କେତେଦିନ ଅବା ରହିଥା’ନ୍ତା ସଂଗୁପ୍ତ? ରଚନା କଲେ ସେ ‘ମେଘନାଦ ବଧ’ ଓ ‘ରାବଣ ବଧ’ । ନିଜେ ହେଲେ ନିର୍ଦ୍ଦେଶକ । ଅନେକ ଯାତ୍ରା ଦଳରେ ଏକାତ୍ମ ହୋଇଯାଇ ସେ ନିଜସ୍ୱ କଳା ପ୍ରଦର୍ଶନ କରି ଯେଉଁ ବିପୁଳ ସୁଖ୍ୟାତି ଅର୍ଜନ କଲେ, ସେଥିରେ ସ୍ତବ୍ଧ ଓ ମୁଗ୍ଧ ହୋଇଗଲେ ଜନତା ସହିତ ଶ୍ରେଷ୍ଠ ସାହିତ୍ୟ ସ୍ରଷ୍ଟାବୃନ୍ଦ । କଲିକତା ଅଞ୍ଚଳର ପୁରପଲ୍ଲୀରେ ମଧ୍ୟ ସେ ସୃଷ୍ଟି କରି ପାରିଥିଲେ ଅଦ୍ଭୁତ ଆକର୍ଷଣ । ବିଭିନ୍ନ ଯାତ୍ରା ଦଳ ସହିତ ହେଉଥିଲା ତୀବ୍ର ପ୍ରତିଯୋଗିତା । ସେଇଠି ବାରମ୍ବାର ପ୍ରମାଣିତ ହୋଇଯାଏ ତାଙ୍କ ଲୋକପ୍ରିୟତା । ସେଥିପାଇଁ ତ ପ୍ରତିଷ୍ଠିତ ହୋଇ ରହିଗଲେ ସେ ଅଗଣିତ ଲୋକ ହୃଦୟରେ । ସୁପ୍ରସିଦ୍ଧ ହେଲେ ଗଣକବିର ଅକଳ୍ପନୀୟ ସମ୍ମାନରେ ବିଭୂଷିତ ହୋଇ ।

କେତେ ଯାତ୍ରା ଦଳରେ ସେ ଶିଖାଇଛନ୍ତି ଅଭିନବ ଉପାୟରେ ଅଭିନୟ କଳା । ସୁଆଙ୍ଗ, ପ୍ରହସନ ଗୀତିନାଟ୍ୟ ଆଦି ରଚନା କରିଛନ୍ତି ସେ ଶତାଧିକ । ଲେଖିଛନ୍ତି ମଧ୍ୟ କାବ୍ୟ କବିତା । ଉଚ୍ଚକୋଟୀର ସାହିତ୍ୟଶିଳ୍ପୀ ସମାଜ ବା ସମୟ ଦ୍ୱାରା କେବଳ ପ୍ରଭାବିତ ହୁଅନ୍ତି ନାହିଁ । ସେମାନେ ଗଣଚେତନା ସୃଷ୍ଟି କରିଦିଅନ୍ତି ମନୋରଞ୍ଜନ ମାଧ୍ୟମରେ । ବୈଷ୍ଣବ ପାଣି ସେଥିପାଇଁ ରଚନା କରିଛନ୍ତି ପୌରାଣିକ ନାଟକ ସହିତ କିମ୍ବଦନ୍ତୀ ଓ ଇତିହାସ ଆଧାରିତ ନାଟକ । ଦର୍ଶକମାନଙ୍କ ପ୍ରାଣରେ କବି, ମହାପୁରୁଷଙ୍କ ଜୀବନଦର୍ଶନ ପ୍ରତି ଅନୁରାଗ ସୃଷ୍ଟି କରିବା ସକାଶେ ସେ ଲେଖିଛନ୍ତି କାଳିଦାସ, ମୀରାବାଈ, ଗୋବିନ୍ଦ ଚନ୍ଦ୍ର ପ୍ରଭୃତି ଗୀତିନାଟ୍ୟ । କର୍ଣ୍ଣ, ଅଭିମନ୍ୟୁ, ହରିଶ୍ଚନ୍ଦ୍ର, ପ୍ରହ୍ଲାଦ ଆଦି ଚରିତ୍ର ଆଧାରରେ ନାଟ୍ୟ ରଚନା କରି ମହତ୍ତର ଜୀବନବୋଧ ପ୍ରତି ପ୍ରକଟ କରିଛନ୍ତି ସେ ଆନ୍ତରିକ ଅନୁରକ୍ତି । ଦର୍ଶକପ୍ରାଣରେ ଭରି ଦେବାକୁ ଚାହିଁଛନ୍ତି ଭକ୍ତି, ବୀରତ୍ୱ, କବିତ୍ୱ, ତ୍ୟାଗ, ତିତିକ୍ଷା ପ୍ରତି ଗଭୀର ସମ୍ପ୍ରୀତି । ସେପରି ପରାଧୀନ ଭାରତ ବର୍ଷରେ ଯେଉଁମାନେ ବ୍ରିଟିଶ ସରକାର ନିକଟରେ ଚାକିରି କରି ନିଜ ସ୍ୱାଧୀନତା ବିକ୍ରି କରିଛନ୍ତି ସେମାନଙ୍କ ପ୍ରତି ବ୍ୟଙ୍ଗାସ୍ତ୍ର ପ୍ରୟୋଗ କରିଛନ୍ତି ଜାତୀୟ ଚେତନା ସୃଷ୍ଟି କରିବା ପାଇଁ । ଗାନ କରିଛନ୍ତି - ‘ପୋଡ଼ିଯାଉରେ ପୋଡ଼ା ଚାକିରି ନିଶା/ପର ଅଇଁଠାକୁ, ପର ଗୋଇଠାକୁ କେଉଁସୁଖ ପାଇଁ ବଳାଅ ଆଶା ।’

ଆମେ ଭାବୁଛୁ କି ତାଙ୍କର ସେଇ ମହିମା ମ୍ଳାନ ପଡ଼ିଗଲାଣି ବୋଲି? ତା’ହେଲେ ଆଜି ବି ବୈଷ୍ଣବ ପାଣିଙ୍କ ଆତ୍ମାର ଆହ୍ୱାନ ଶୁଣି ପୁରପଲ୍ଲୀରେ ଅଭିନୀତ ହେଉ ତାଙ୍କ ନାଟକ । ସେଥିରୁ ପ୍ରତିପାଦିତ ହୋଇଯିବ ତାଙ୍କ ନାଟ୍ୟକଳାର ରହିଛି କି ଅସୀମ ଶକ୍ତି ଓ ବ୍ୟାପ୍ତି ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

■ ଦୁଷ୍କର୍ମପୀଡ଼ିତା ଅନ୍ତଃସତ୍ତ୍ୱା

## ଯୁବକ ଗିରଫ

ଅସ୍ତରଙ୍ଗ, ୨୩।୭(ସମିସ): ଅସ୍ତରଙ୍ଗ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଦୁଷ୍କର୍ମର ଶିକାର ଜଣେ ନାବାଳିକା ଗର୍ଭବତୀ ହୋଇଛନ୍ତି। ଏନେଇ ନାବାଳିକାଙ୍କ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲା, ଏହି ଥାନା ଅଞ୍ଚଳର ବନମାଳି ନାୟକ। ପୁଲିସ୍ ନାବାଳିକାର ଡାକ୍ତରୀମାଇନା କରାଇବା ସହ ପୋକ୍ସୋ ଆକ୍ଟରେ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ଥାନାଧିକାରୀ ରାଜେଶ ବଳିଆରସିଂ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ନାବାଳିକାର ବାପା ଓ ଅଭିଯୁକ୍ତ ବନମାଳି ଗୋଟିଏ କମ୍ପାନୀରେ ଏକାଠି କାମ କରନ୍ତି। ତେଣୁ ବନମାଳି ବିଭିନ୍ନ ସମୟରେ ତାଙ୍କ ଘରକୁ ଯା'ଆସ କରିଥାଏ। ଏହାର ଫାଇଦା ନେଇ କିଛି ଦିନ ତଳେ ସେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ନାବାଳିକାଜଣଙ୍କ ଭୟରେ ଏ ସଂପର୍କରେ କାହାରିକୁ କହିନଥିଲେ। ତେବେ କିଛି ଦିନ ତଳେ ନାବାଳିକାଙ୍କ ଦେହ ଖରାପ ହେବାରୁ ପରିବାରଲୋକ ତାଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନା ନେଇଥିଲେ। ସେଠାରେ ସେ ଅନ୍ତଃସତ୍ତ୍ୱା ବୋଲି ଜଣାପଡ଼ିଥିଲା।

ବଲଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା

## ବିଜେଡି ସଂଖ୍ୟାଲଘୁ ସେଲ୍‌ର ପ୍ରାର୍ଥନା



ଭୁବନେଶ୍ୱର,୨୩।୭(ସମିସ): ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ବଲଙ୍ଗା ନାବାଳିକା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଶଙ୍ଖ ଭବନଠାରେ ବୁଧବାର ଏକ ପ୍ରାର୍ଥନା ସଭା କରାଯାଇଛି। ଏହି ପ୍ରାର୍ଥନା ସଭାରେ ବାଲେଶ୍ୱର ଏଫ୍‌ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରାଯିବା ସହ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରାଯାଇଛି। ସଂଖ୍ୟାଲଘୁ ସେଲ୍ ସହ-ସଂଯୋଜକ ରିଜୱାନ ବେଗମ୍‌ଙ୍କ ଆବାହକତ୍ୱରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଂଜୟ ଦାସ ବର୍ମା, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ମଂଜୁଲତା କହଁର, ମନ୍ମଥ ରାଉତରାୟ, ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ଦ୍ୟୁମ୍ନନାଥ ପଣ୍ଡା, ବିଜୟ ନାୟକ, ସୁବ୍ରତ ଛାଟୋଇ, କସ୍ତୁରୀ ମହାପାତ୍ର, ମୋନାଲିସା ବେହେରା, ମିହିର କୁମାର ରାଉତ, ପ୍ରସନ୍ନ ସାହୁ, ଚଗଲା

### ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା

ଜେନା, ବାସନ୍ତୀ ସିଂ, ସୁମିତ୍ରା ଜେନା, ସୋଫିଆ ଆଲାମ୍, ବନଜା ମହାନ୍ତି, ଇଲା ସ୍ୱାଇଁ ପ୍ରମୁଖ ରହିଥିଲେ। ସେହିପରି ସଂଖ୍ୟାଲଘୁ ସଂପ୍ରଦାୟର ଶେଖ୍ ନିଜାମୁଦ୍ଦିନ, ଶକିରୁଲ ରେହେମାନ, ମୁଶ୍ରତ ଖାନ, ମହମ୍ମଦ ମୁବୀନ, ଶେକ୍ ଜଲାଲ, ଶେକ୍ ସବୀର ଅଲ୍ଲୀ, ଜାକିର ଖାନ, ହାଜୀ ସଦ୍ରୁଲ୍ଲା, ପୀର ମହମ୍ମଦ କଲିମ୍, ମେହବୁମ ବେଗ୍ ଓ ଅବୁଲ ଖାୟର ପ୍ରମୁଖ ଯୋଗଦେଇ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା ସହ ପରିବାରକୁ ଏହି କଠିନ ସମୟର ସମ୍ମୁଖୀନ ହେବା ପାଇଁ ଶକ୍ତି ଓ ସାହସ ପ୍ରଦାନ ନିମନ୍ତେ ପ୍ରାର୍ଥନା କରିଥିଲେ।

■ ପୁରୀ ପ୍ରସ୍ତାବିତ ଗ୍ରୀନଫିଲ୍ଡ ଏୟାରପୋର୍ଟ

## ବନ୍ୟଜନ୍ତୁ ବିଶେଷଜ୍ଞ ଟିମ୍‌ର କ୍ଷେତ୍ର ପରିଦର୍ଶନ

ପୁରୀ, ୨୩।୭(ସମିସ): ପୁରୀ ପ୍ରସ୍ତାବିତ ଗ୍ରୀନଫିଲ୍ଡ ଏୟାରପୋର୍ଟ ପାଇଁ ସରକାରୀ ପ୍ରୟାସ ଜାରି ରହିଛି। କେନ୍ଦ୍ର ସରକାରଙ୍କ ସୁପାରିସରେ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନ ବିଶେଷଜ୍ଞ ଟିମ୍‌ର ମତାମତ ଲୋଡ଼ିଛନ୍ତି ରାଜ୍ୟ ସରକାର। ଏହି ପରିପ୍ରେକ୍ଷୀରେ ବନ୍ୟଜନ୍ତୁ ପ୍ରତିଷ୍ଠାନର ବିଶେଷଜ୍ଞ ଟିମ୍ ବିମାନବନ୍ଦର ଅଞ୍ଚଳରେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବନ୍ୟଜନ୍ତୁ ପ୍ରଜାତି, ଇରାୱାଡି ଡଲଫିନ୍, ପ୍ରବାସୀ ଜଳପକ୍ଷୀ, ଅଲିଭ୍ ରିଡଲେ ସମୁଦ୍ର କଇଁଛ ଇତ୍ୟାଦିକୁ ନେଇ ଅନୁଶୀଳନ କରିଛନ୍ତି। ଏହାକୁ ନେଇ ବିଶେଷଜ୍ଞ ଟିମ୍ ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କ ଦେବ। ଉଭୟ ଜୈବବିବିଧତା ଓ ବନ୍ୟଜନ୍ତୁ ଅନୁଶୀଳନକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦ ଅଚଳାବସ୍ଥା...

ରାଜ୍ୟସଭାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପରେ ୨ଟା ପର୍ଯ୍ୟନ୍ତ ଏବଂ ଶେଷରେ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଏହି ପ୍ରସଙ୍ଗରେ ଗତକାଲି ଭଳି ଆଜି ମଧ୍ୟ ସଂସଦ କାର୍ଯ୍ୟ ଧୋଇହୋଇଗଲା। ଅନ୍ୟପକ୍ଷରେ ସଂସଦର ଚଳିତ ଅଧିବେଶନରେ ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସରକାର ରାଜି ହୋଇଛନ୍ତି। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ୧୬ ଘଣ୍ଟାର ସମୟ ଦିଆଯାଇଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ୧୬ ଘଣ୍ଟା ଲେଖାଏଁ ଆଲୋଚନା ହେବ। ଆସନ୍ତା ସପ୍ତାହ ହେବାକୁ ଥିବା ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଉପସ୍ଥିତ ରହିବେ କି ନାହିଁ ତାହା ଜଣାପଡ଼ିନାହିଁ। ଆଲୋଚନା ପାଇଁ ଗତ ୨୧ ତାରିଖରେ ଅନୁଷ୍ଠିତ ଗୃହ ପରିଚାଳନା କମିଟି ବୈଠକରେ ସ୍ଥିର ହୋଇଛି। ଜୁଲାଇ ୨୮ରେ ଲୋକସଭାରେ ଏବଂ ୨୯ ତାରିଖରେ ରାଜ୍ୟସଭାରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ତେବେ ପ୍ରଧାନମନ୍ତ୍ରୀ ଏହି ଆଲୋଚନାର ଉତ୍ତର ଦେବେ କି ନାହିଁ ତାହା ଉଲ୍ଲେଖ କରାଯାଇ ନାହିଁ। ବିରୋଧୀ ଦଳମାନେ ଦାବି କରୁଛନ୍ତି ଯେ ପ୍ରଧାନମନ୍ତ୍ରୀ ହିଁ ଆଲୋଚନାର ଉତ୍ତର ଦିଅନ୍ତୁ।

### ଅଗଷ୍ଟ ଶେଷ ସୁଦ୍ଧା...

ଏବଂ ରାଜ୍ୟସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗନେବେ। ସଂସଦରେ ଏବେ ମୋଟ୍ ସଭ୍ୟ ସଂଖ୍ୟା ହେଉଛି ୭୮୩ (ଲୋକସଭା ୫୪୩ ଏବଂ ରାଜ୍ୟସଭା ୨୪୦)। ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଲାଗି ୩୯୨ ସଭ୍ୟଙ୍କ ସମର୍ଥନ ଦରକାର ଥିବା ବେଳେ ଏନ୍‌ଡିଏ ପାଖରେ ରହିଛି ୪୨୬ ସଭ୍ୟଙ୍କ ସମର୍ଥନ। ତେଣୁ ଶାସକ ଦଳର ପ୍ରାର୍ଥୀ ସହଜରେ ବିଜୟୀ ହୋଇପାରିବେ। ବିରୋଧୀ ଇଣ୍ଡି ମେଣ୍ଟ ପାଖରେ ୩୧୨ ସଭ୍ୟ ଥିବାରୁ ସେମାନେ ମଧ୍ୟ ପ୍ରାର୍ଥୀ ଦେଇପାରନ୍ତି। ଏହାକୁ ବାଦ ଦେଲେ ଅନ୍ୟାନ୍ୟ ୪୪ ସଭ୍ୟ ଅଛନ୍ତି। ଶାସକ ଦଳ ପକ୍ଷରୁ କିଏ ପ୍ରାର୍ଥୀ ହେ ।।ବେ, ତାହା ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରୁ ଫେରିବା ପରେ ସ୍ଥିର କରାଯିବ। ଅନ୍ୟପକ୍ଷରେ ବିରୋଧୀ ଦଳ ମିଳିତ ପ୍ରାର୍ଥୀ ଦେବାକୁ ଯୋଜନା କରିଛନ୍ତି। କଂଗ୍ରେସର ଜଣେ ନେତା କହିଛନ୍ତି ଯେ କଂଗ୍ରେସ ମେଣ୍ଟ ବାହାରେ ଥିବା ସମଭାବାପନ୍ନ ଦଳର ନେତାମାନଙ୍କ ସହିତ ବିଚାର ଆଲୋଚନା କରାଯିବ। ସେ କହିଛନ୍ତି ଯେ ବିଜୟ ଲାଗି ବିରୋଧୀଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନାହିଁ ସତ, କିନ୍ତୁ ଏହାକୁ ସଂଖ୍ୟା ଦୃଷ୍ଟିରେ ଦେଖାଯିବା ଉଚିତ ନୁହେଁ। ଏହି ନିର୍ବାଚନ ହେଉଛି ଆଦର୍ଶଗତ ଲଢ଼େଇ ଏବଂ ବିରୋଧୀ ଦଳ ନିଶ୍ଚିତ ଭାବେ ମିଳିତ ପ୍ରାର୍ଥୀ ଦେବେ ବୋଲି ସେ କହିଛନ୍ତି।

### ୨୦୨୬ରୁ ଅଷ୍ଟମ...

ଯୋଜନା ପୁନଃ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଦୀର୍ଘ ସମୟ ଧରି କର୍ମଚାରୀଙ୍କ ପାଇଁ ଏହା ଏକ ପ୍ରମୁଖ ଚିନ୍ତାର ବିଷୟ ରହିଆସିଛି। ଏହାବ୍ୟତୀତ, କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ କ୍ୟାସ୍‌ଲେସ୍ ବା ନଗଦବିହୀନ ଚିକିତ୍ସା ସୁବିଧା କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ଏକ ପ୍ରସ୍ତାବ ଦିଆଯାଇଛି, ଯାହା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ପାଇବା ଆହୁରି ସହଜ କରିବ ଏବଂ ପ୍ରଶାସନିକ ସମସ୍ୟା ହ୍ରାସ କରିବ। ପ୍ରତିନିଧିମାନେ କର୍ମଚାରୀଙ୍କ ପିଲାମାନଙ୍କ ଶିକ୍ଷା ପାଇଁ ଶିଶୁ ଶିକ୍ଷା ଭତ୍ତା ମଧ୍ୟ ଦାବି କରିଛନ୍ତି। ଉଚ୍ଚଶିକ୍ଷାର ବର୍ଦ୍ଧିତ ମୂଲ୍ୟକୁ ଦୃଷ୍ଟିରେ ରଖି କର୍ମଚାରୀମାନେ ଏହାଦ୍ୱାରା ଆର୍ଥିକ ଆଶ୍ୱସ୍ତି ପାଇପାରିବେ ବୋଲି ଏକ ପ୍ରସ୍ତାବ ଦେଇଛନ୍ତି।

### ଧରାଛୁଆଁ ଦେଉନାହାନ୍ତି...

ଏନ୍‌କ୍ଲେଭରେ ରହୁଛନ୍ତି ଧନଖଡ଼। ଗତବର୍ଷ ଏପ୍ରିଲ ମାସରେ ସେ ଏହି ନୂଆ ଘରକୁ ଆସିଥିଲେ। ଏଠି ୧୫ ମାସ ରହିବା ପରେ ୭୪ ବର୍ଷୀୟ ଧନଖଡ଼ ଘର ଖାଲି କରିବା ଆରମ୍ଭ କରିଛନ୍ତି। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ଧନଖଡ଼ଙ୍କ ନାମରେ ଖୁବଶୀଘ୍ର ଏକ ସରକାରୀ ବଙ୍ଗଳା ଆବଣ୍ଟନ କରାଯିବ। ଦିଲ୍ଲୀର ଲୁଟେନ୍ସରେ ତାଙ୍କୁ ଟାଇପ୍-୮ ବଙ୍ଗଳା ଦିଆଯିବ। ସେ ଚାହିଁଲେ ଦିଲ୍ଲୀର ଅନ୍ୟ କୌଣସି ଅଞ୍ଚଳରେ ମଧ୍ୟ ଏଭଳି ବଙ୍ଗଳାରେ ରହିପାରିବେ ବୋଲି ସେ କହିଛନ୍ତି।

ଇତିମଧ୍ୟରେ ଧନଖଡ଼ ଇସ୍ତଫା ଦେବାକୁ ତିନି ଦିନ ବିତିଯାଇଥିଲେ ମଧ୍ୟ ସେ ଅଚାନକ କାହିଁକି ଏଭଳି ନିଷ୍ପତ୍ତି ନେଲେ ତାହା ଜଣାପଡ଼ିନାହିଁ। ସେ ନିଜେ ଏସଂପର୍କରେ ମୁହଁ ଖୋଲୁ ନାହାନ୍ତି। ସରକାରୀ ନେତାମାନେ ମଧ୍ୟ ନିରବ ରହିଛନ୍ତି। ତେବେ କାରଣ ଜାଣିବା ପାଇଁ ବିରୋଧୀ ଦଳର ନେତାମାନେ ବ୍ୟାକୁଳ ହୋଇପଡ଼ିଲେଣି। ବିରୋଧୀମାନଙ୍କ ସହ ତିକ୍ତ ସଂପର୍କକୁ ନେଇ ବିବାଦରେ ଥିବା ଧନଖଡ଼ଙ୍କୁ କିନ୍ତୁ ଦେଖା କରିବା ଲାଗି ବିରୋଧୀ ଦଳର ନେତାମାନେ ଲମ୍ବା ଧାଡ଼ି ଲଗାଇଛନ୍ତି। କିନ୍ତୁ ଧନଖଡ଼ ଧରାଛୁଆଁ ଦେଉ ନାହାନ୍ତି। ବିରୋଧୀ ଦଳର ଅନେକ ନେତା ତାଙ୍କ ସହ କଥା ହେବାଲାଗି ଫୋନ୍ ମଧ୍ୟ କରୁଛନ୍ତି। କିନ୍ତୁ କଥାବାର୍ତ୍ତା ପାଇଁ ଅନୁମତି ମିଳୁନାହିଁ। ବ୍ୟକ୍ତିଗତ ଭାବେ ତାଙ୍କୁ ଭେଟିବା ଲାଗି ଯେଉଁ ନେତାମାନେ ଲାଇନ ଲଗାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଶରଦ ପାୱାର ଏବଂ ସଂଜୟ ରାଉତ। ତେବେ ଧନଖଡ଼ଙ୍କ ପକ୍ଷରୁ କୌଣସି ଉତ୍ତର ଆସୁନାହିଁ। ଅନ୍ୟପକ୍ଷରେ ଏସବୁ ଘଟଣାକ୍ରମ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, 'ଦାଲ ମେଁ କୁଛ୍ କାଲା ହେ।'

### ଗାଏବ ହୋଇଗଲେ...

ପରେ ବଲଙ୍ଗାକୁ ଧାଇଁଛନ୍ତି ନେତା, ମନ୍ତ୍ରୀଙ୍କ ସମେତ ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ। ବିଭିନ୍ନ ରାଜନୈତିକ ନେତୃତ୍ୱ ଘନ ଘନ ଗସ୍ତ କରୁଛନ୍ତି। ପୀଡ଼ିତାଙ୍କ ପରିବାରକୁ ଭେଟିବା ସହ ପୁଲିସ ସହିତ ଆଲୋଚନା କରୁଛନ୍ତି। ଖୋଦ୍ ପୁଲିସ ମହାନିର୍ଦ୍ଦେଶକ ମଧ୍ୟ ଘଟଣାସ୍ଥଳ, ପୀଡ଼ିତାଙ୍କ ପରିବାର, ଗ୍ରାମବାସୀ, ପ୍ରଥମେ ନାବାଳିକାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ପଚରାଉଚରା କରିଛନ୍ତି। ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଥିବା ବେଳେ ୫୦ଟି ମୋବାଇଲ ଫୋନକୁ ମଧ୍ୟ ଯାଞ୍ଚ କରାଯାଇଛି। ସିସିଟିଭି ଫୁଟେଜକୁ ବି ଖୋଜି ତଦନ୍ତ ପରିସରକୁ ଅଣାଯାଇଛି। ପଚରାଉଚରା କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପୀଡ଼ିତାଙ୍କ ସାଙ୍ଗ, ଗ୍ରାମବାସୀ, ପରିବାର ସଦସ୍ୟ ଏବଂ ନିକଟ ସମ୍ପର୍କୀୟ ରହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଅଭିଯୁକ୍ତ କିଏ? ସେନେଇ ଠୋସ୍ ସୁରାକ ପାଇନାହାନ୍ତି ପୁଲିସ, କ୍ରାଇମବ୍ରାଞ୍ଚ ଓ ସ୍ପେଶାଲ ବ୍ରାଞ୍ଚ ଅଧିକାରୀ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦିନ ଯେତେ ଗଡୁଛି ଏହି ପ୍ରସଙ୍ଗ ସେତେ ଜଟିଳ ହେବାରେ ଲାଗିଛି। ଘଟଣାସ୍ଥଳରୁ ସେହିଦିନ କିରୋସିନ ବୋତଲ, ଦିଆସିଲି, ରୁପା ମୁଦି, ଚୁଡ଼ି ଆଦି ପୁଲିସ ଜବତ କରିଥିଲା। ହେଲେ ପୀଡ଼ିତାଙ୍କ ପରିବାର ପକ୍ଷରୁ କୁହାଯାଇଛି ସେ ମୁଦି, ଚୁଡ଼ି ତାଙ୍କ ଝିଅର ନୁହେଁ। ତେବେ ପ୍ରଶ୍ନଉଠୁଛି ଏହି ମୁଦି, ଚୁଡ଼ି କାହାର? ସେଠାରୁ ଅନ୍ୟାନ୍ୟ ସାମଗ୍ରୀ ସହିତ ମୁଦି, ଚୁଡି ମିଳିଲା କେମିତି? ଏହାକୁ କିଏ କେଉଁଠୁ ଏବଂ କାହା ପାଇଁ କିଣିଥିଲା? ସେହିପରି ଫରେନ୍ସିକ ଟିମ୍, ସନ୍ଧାନୀ କୁକୁର ଆଦି ତଦନ୍ତ ପ୍ରକ୍ରିୟାର ବିଭିନ୍ନ କୌଶଳ ପ୍ରୟୋଗ ପରେ ବି ପୁଲିସ ହାତ ଖାଲି। ପ୍ରତିଦିନ ପୁଲିସ, କ୍ରାଇମ୍‌ବ୍ରାଞ୍ଚର ଅଧିକାରୀମାନେ ବଲଙ୍ଗା ଧାଁ ଧପଡ଼ କରି ହାଲିଆ ହେଲେଣି। ଗୁରୁବାର ମଧ୍ୟ କ୍ରାଇମବ୍ରାଞ୍ଚ ଓ ପୁଲିସର ୧୫ ଜଣିଆ ଟିମ୍ ଘଟଣାସ୍ଥଳ (ଭାର୍ଗବୀ ନଦୀବନ୍ଧ କଡ଼)ରେ ଛାନ୍‌ବିନ କରିଛନ୍ତି। ସମ୍ପୂର୍ଣ୍ଣ ସ୍ଥାନରେ ତନ୍ନ ତନ୍ନ କରି ଖୋଜାଖୋଜି କରିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ଆଧାର କରି ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ବଲଙ୍ଗାକୁ ସବୁ ରାଜନୈତିକ ଦଳ ନେତାଙ୍କ ଗସ୍ତ ଜାରି ରହିଥିବା ବେଳେ ସମସ୍ତେ ତୁରନ୍ତ ଅଭିଯୁକ୍ତଙ୍କୁ ଖୋଜି ବାହାର କରିବା ଲାଗି ଦାବି କରିଆସୁଛନ୍ତି। ହେଲେ ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ। ଅନ୍ୟପଟେ ଏହି ଘଟଣାକୁ ନେଇ ଜାତୀୟସ୍ତରେ ବେଶ୍ ଚର୍ଚ୍ଚା ଆଲୋଚନା ଚାଲିଛି। କଂଗ୍ରେସର ଜାତୀୟ ନେତୃତ୍ୱମାନେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବଲଙ୍ଗା ଘଟଣାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ 'ଆମେ ଲଜ୍ଜିତ' ବୋଲି କହିଛନ୍ତି। ଓଡ଼ିଶାରେ ଆଇନ ଶୃଙ୍ଖଳାର ନଅଙ୍କ ଚିତ୍ର ଏବେ ରାଜ୍ୟକୁ ଜାତୀୟସ୍ତରରେ ବଦ୍‌ନାମ କରିଛି। ବାଲେଶ୍ୱର ପରେ ବଲଙ୍ଗା ଏବଂ ଯାଜପୁର ପରେ ଜଗତ୍‌ସିଂହପୁର ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନାର ତାଲିକା ଲମ୍ବି ଲମ୍ବି ଚାଲିଛି। ଏହା ଉପରେ ଅଙ୍କୁଶ ଲାଗିବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ବୟାନ ରେକର୍ଡ...

ବୋଲି ତଦନ୍ତକାରୀ ଟିମ୍ ଆଶା ରଖିଛି। ସେହିପରି ପୁଲିସ୍ ଓ କ୍ରାଇମବ୍ରାଞ୍ଚର ୧୫ ଜଣିଆ ଅନ୍ୟ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତନାଘନା କରିଛନ୍ତି। ନଦୀବନ୍ଧର ଯେଉଁ ସ୍ଥାନରେ ଦୁର୍ବୃତ୍ତମାନେ ନାବାଳିକାଙ୍କ ଦେହରେ କରାସିନି ଢାଳି ନିଆଁ ଲଗାଇ ଦେଇଥିଲେ, ସେଠାରେ ଏହି ଟିମ୍ ଛାନଭିନ୍ କରିଛନ୍ତି। ନଦୀବନ୍ଧଠାରୁ ଆରମ୍ଭ କରି ଆଖପାଖ ଅଞ୍ଚଳରେ ଖାନତଲାସି କରିଛନ୍ତି। ତଦନ୍ତ ପ୍ରକ୍ରିୟାକୁ କ୍ରାଇମବ୍ରାଞ୍ଚ ଜୋରଦାର୍ କରିଥିଲେ ହେଁ ଏପର୍ଯ୍ୟନ୍ତ ଜଣେ ହେଲେ ଅଭିଯୁକ୍ତଙ୍କୁ ଠାବ କରିବାରେ ଏହି ଟିମ୍ ସଫଳ ହୋଇପାରିନାହିଁ। ଏପର୍ଯ୍ୟନ୍ତ ୫୦ରୁ ଅଧିକ ଲୋକଙ୍କୁ ଜେରା କରାଯାଇସାରିଛି। ମୋବାଇଲ ଖୋଲତାଡ଼ ସହ ସିସିଟିଭି ଯାଞ୍ଚ ମଧ୍ୟ କରାଯାଇଛି। କିନ୍ତୁ, ପୁଲିସ୍‌କୁ ସେଥିରୁ ସେମିତି କିଛି ବି ସୁରାକ ମିଳିନଥିବା କୁହାଯାଉଛି। ଅପରପକ୍ଷେ, ଏହି ଘଟଣାରେ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଘଟଣାର ୩ଦିନ ପରେ ନାବାଳିକାକୁ ଉଦ୍ଧାର କରିଥିବା ଦୁଃଖୀଶ୍ୟାମ ସେନାପତିଙ୍କୁ ୩ଜଣ ଦୁର୍ବୃତ୍ତ ଫୋନ୍ କରି ଧମକଚମକ ଦେଇଥିଲେ। ଗଣମାଧ୍ୟମ ଆଗରେ କ'ଣ ପାଇଁ ଏତେ କଥା ଗପୁଛୁ ବୋଲି ସେମାନେ ପ୍ରଶ୍ନ କରିବା ସହ ନାନା ଧମକଚମକ ଦେଇଥିଲେ। କେନାଲ ବନ୍ଧ ନିକଟରେ ଦୁଃଖୀଶ୍ୟାମଙ୍କ ଏକୁଟିଆ ଘର ହୋଇଥିବାରୁ ତାଙ୍କ ଜୀବନ ପ୍ରତି ଭୟ ଥିବା ସେ ପୁଲିସ୍‌କୁ ଜଣାଇବା ପରେ ତାଙ୍କ ଘର ଆଗରେ ଜଣେ ପୁଲିସ୍‌କୁ ନିୟୋଜିତ କରାଯାଇଛି। ସେହିପରି ଦିଲ୍ଲୀ ଏମ୍‌ସରେ ଚିକିତ୍ସାଧୀନ ଥିବା ବଲଙ୍ଗା ପୀଡ଼ିତାଙ୍କ ଆଜି ସେଠାରେ ଏକ ଅସ୍ତ୍ରୋପଚାର ହୋଇଛି। ପୀଡ଼ିତାଙ୍କ ଶରୀରର କିଛି ଅଂଶ ଗୁରୁତର ଭାବେ ପୋଡ଼ି ଯାଇଥିଲା। ଏହାର ଚିକିତ୍ସା ପାଇଁ ଅସ୍ତ୍ରୋପଚାର ହୋଇଛି। ଏନେଇ ଦିଲ୍ଲୀ ଏମ୍‌ସ ପକ୍ଷରୁ ଏକ ହେଲଥ୍ ବୁଲେଟିନ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଅନ୍ୟପଟେ, ଅସ୍ତ୍ରୋପଚାର ପରେ ମଧ୍ୟ ପୀଡ଼ିତାଙ୍କ ଅବସ୍ଥା ଏବେ ବି ସଂକଟାପନ୍ନ ରହିଛି। ଏବେ ବି ସେ ଅକ୍ସିଜେନ୍ ସହାୟତାରେ ଅଛନ୍ତି। ଏକ ସ୍ୱତନ୍ତ୍ର ଡାକ୍ତରୀଦଳ ତାଙ୍କ ଚିକିତ୍ସା ଜାରି ରଖିଥିବା ନେଇ ବୁଲେଟିନ୍‌ରେ ଦର୍ଶାଯାଇଛି।

### ସୌମ୍ୟାଶ୍ରୀ ଆତ୍ମଦାହ...

ଫଟୋକୁ କଲେଜର ସମସ୍ତ ହ୍ୱାଟ୍ସଆପ୍ ଗ୍ରୁପ ଏବଂ ଛାତ୍ରଛାତ୍ରୀଙ୍କ ଗ୍ରୁପରେ ମଧ୍ୟ ପ୍ରଦାନ କରାଯାଇଛି। ଅନ୍ୟପଟେ କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆଉ ଦୁଇଜଣ ଛାତ୍ରୀଙ୍କର ବୟାନ ରେକର୍ଡ ହୋଇଛି। ବିଏନ୍‌ଏସ୍ ଧାରା ୧୮୩ ଅନୁସାରେ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଡିଏସପି ଇମାମ କଲ୍ୟାଣ ନାୟକ କହିଛନ୍ତି ଯେ ଆଜି ଦୁଇଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

### ଗଠନ ହେବ ଓସିଏର....

ସଂଗଠନକୁ ଏକଜୁଟ କରୁଛନ୍ତି। ତାଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ବାରମ୍ବାର ବୈଠକ ଡକାଯାଉଛି। ଏପରିକି କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା ନିମନ୍ତେ ଏହି ଗୋଷ୍ଠୀ ଯାଇଥିବା କୁହାଯାଉଛି। ତେବେ ଓସିଏ ସହ ସମାନ୍ତରାଳ ସଂଘ ଗଠନ କରାଯିବା ପ୍ରସଙ୍ଗକୁ ନେଇ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କାର୍ଯ୍ୟାଳୟରେ ମଧ୍ୟ ଆଲୋଚନା ତୀବ୍ର ହୋଇଛି। କର୍ମଚାରୀ ଓ ବରିଷ୍ଠ ପଦାଧିକାରୀଙ୍କ ଭିତରେ ଆଲୋଚନା ହେଉଛି। ସମ୍ପ୍ରତି ନୂଆ ସଂଘକୁ ବିସିସିଆଇ ସ୍ୱୀକୃତି ଦେବ ନାହିଁ ବୋଲି କୁହାଯାଉଥିଲେ ସୁଦ୍ଧା ଏଭଳି ଏକ ବଡ଼ ପ୍ରସଙ୍ଗକୁ ଅଣଦେଖା କରାଯାଇ ନ ପାରେ। ଅନ୍ୟପକ୍ଷରେ ଆଉ ଦୁଇ ମାସ ପରେ ଓସିଏର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ନଜରରେ ରଖି କିଛି ଗୋଷ୍ଠୀ ଓସିଏ ବିରୋଧରେ ଏକଜୁଟ ହେଉଛନ୍ତି ବୋଲି କୁହାଯାଉଛି। ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଏଭଳି ଆଲୋଚନା ଆଗକୁ ବଢ଼ିଛି ବୋଲି ଶୁଣିବାକୁ ମିଳୁଛି।

### ୨୭ ପର୍ଯ୍ୟନ୍ତ...

୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ବୁଧବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି। ଭୁବନେଶ୍ୱର ସମେତ କଟକ, ପୁରୀ ଦାରିଙ୍ଗବାଡ଼ି, ଛତ୍ରପୁର, ନୟାଗଡ଼, ଖୋର୍ଦ୍ଧା, ରାୟଗଡ଼ା ଓ ପାରଳା ଖେମୁଣ୍ଡି ଆଦିରେ ପ୍ରବଳ ବର୍ଷା ହୋଇଛି। ଏହି ସମୟରେ ଭୁବନେଶ୍ୱରରେ ସର୍ବାଧିକ ୭୦ ମିମି ବର୍ଷା ରେକର୍ଡ ହୋଇଛି। ପ୍ରବଳ ବର୍ଷା ପ୍ରଭାବରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।


**AFFIDAVIT**

I, Amlan Ashish Rautray, S/o. Ajaya Routray, resident of Plot No. 186, Behera Sahi, Rasulgarh, Bhubaneswar, PS-Mancheswar, Bhubaneswar-751010, Dist-Khurda, Odisha declare by this Affidavit No - 602 , Dt - 23.07.2025 that, now onwards, I shall be known as **AMLAN ASHISH ROUTRAY** for all future purposes.

**AFFIDAVIT**

I MADHUSMITA, W/o SANGRAM CHETA MOHANTY resident of At-Nuapatna, Po-Banguari,Via-Fulnakhara, Dhamilo, Dt-Khurda, odisha -754 001, Odisha declare by this Affidavit No.3288, Dated -22/07/2025,that now onwards I shall be known as MADHUSMITA MOHANTY for all future purposes.

**NOTICE**

By virtue of an affidavit sworn before the Notary Public, Cuttack, dated 19.07.2025 I, Susil Kumar Das, S/o- Late Surendranath Behera resident of At- Kuansh, Po/Ps/Dist.-Bhadrak, Pin-756100, Odisha have changed my name from **Susil Kumar Behera to Susil Kumar Das.** Henceforth I shall be known as Susil Kumar Das for all purposes.

**Susil Kumar Das**

**AFFIDAVIT**

By virtue of an affidavit sworn before Executive Magistrate Gopalpur, Balasore, dated 27/07/2025 I, Biswajit Muduli, Address At- Matiapala, PO-Radhaballavpur, PS- SORO , Dist-Balasore, Odisha-756045 declare that I have changed my name from M Biswajit to Biswajit Muduli. Henceforth, I shall be known as **Biswajit Muduli** for all purposes.

**LOST**

I **Barada Prasan Mohanty,** S/o- Bhimsen Mohanty, resident At- Plot No-954/2346/2, Bhimtangi Old Town, Bhubaneswar, Dist-Khurda, Odisha declare that my link documents sale deed No-8635, dtd- 31/07/2007 ROR of Mauza BBSR Unit-24 Sundarpada, Khata No-796/2666, Plot No- 562/3499 Area Ac 0.039 decs has been misplaced somewhere and could not be traced after so many searches.

**Barada Prasan Mohanty**

**AFFIDAVIT**

By virtue of an affidavit before the Executive Magistrate, Soro, Balasore, I Shaik Hasnain Raja, S/o- SK. Faizulla , Resident of Ward No -13, Muleswar, Po/Ps- Soro, Dist- Balasore, PIN 756045, Odisha declare by this affidavit No- 739, Dated -02.04.24 that now onwards I shall be known as **SK. HASNAIN RAZA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Silipar, dated. 21.07.2025, I CHITTARANJAN SWAIN, S/o-Late Sarat Chandra Swain, At: Chhotinatara, Po: Bhimdaspur, Ps: Salipur, Dist.: Cuttack, Odisha, Pin- 754221 declare that I have changed the name of my daughter from KIRANPRAVA SWAIN to KIRANMAYEE SWAIN. Henceforth she shall be known as **KIRANMAYEE SWAIN** for all purposes.

**NOTICE FOR MINOR**

By virtue of an affidavit sworn before the Executive Magistrate, Kendrapara, dated 18.07.2025, I, Itishree Nayak, Address (Itishree Nayak, C/o-Abhaya Kumar Samal, At / Po-Karilopatana, Dist-Kendrapara, Odisha, Pin-754223, Mob-6370971396) declare that I have changed the name of my son from A.I TANMAY SAMAL to TANMAY SAMAL. Henceforth, he shall be known as **TANMAY SAMAL** for all purposes.

**Itishree Nayak**

**AFFIDAVIT**

I, Ajaya Rautray, S/o. Late Banshidhar Routray, resident of Plot No. 186, Behera Sahi, Rasulgarh, Bhubaneswar, PS-Mancheswar, Bhubaneswar-751010, Dist-Khurda, Odisha declare by this Affidavit No - 603, Dt - 23.07.2025 that, now onwards, I shall be known as **AJAYA ROUTRAY** for all future purposes.

**AFFIDAVIT**

By virtue of an Affidavit No. 3289, sworn before Notary Public, Jeypore, dated -22/07/2025, I MADHUSMITA MOHANTY, Address At-Nuapatna, Po-Banguari, Via-Fulnakhara, Dhamilo, Khurda, Odisha -754 001 declare that I have changed my name from MADHUSMITA CHHOTARAY to MADHUSMITA MOHANTY. Henceforth I shall be known as MADHUSMITA MOHANTY for all purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar on Dt.15.07.2025 I, Anish Akhtar, R/o-Kalamandal Pada, Balangir, Odisha- 767001 mentions that in Residence Certificate Vide No. E-RES/2025/858164, my name inadvertently recorded as Anish Arya Panda instead of Anish Akhtar. I declare that my correct name is Anish Akhtar for all purposes.

**AFFIDAVIT**

I, Anjaliprava Parida, aged about 50 years, D/o- Dharanidhar Jena, resident of At-Satyabhamapur, Tandilo, Dist- khordha, PIN- 752100, Odisha declared by this affidavit No- 597, dtd- 21/07/2025 that now onwards I shall be known as **ANJALI PARIDA** for all future purposes.

**AFFIDAVIT**

I GULAB CHAND JAIN, S/o BABULAL JAIN resident of Main Road, Po/ PS - Malkangiri Dt-Koraput, odisha -764 045, Odisha declare by this Affidavit No.3286, Dated -22/07/2025,that now onwards I shall be known as GULAB JAIN for all future purposes.

**AFFIDAVIT**

I, ABRAR, aged about 21 years, S/o- Faisal, resident of Masjid Pada, Khariar, Po- Khariar, Ps- Khariar, Dist- Nuapada, Odisha, Pin- 766107 declare by this affidavit No. 1436, dtd. 23/07/2025, that now onwards I shall be known as **MOHAMMAD ABRAR** for all future purposes.

**AFFIDAVIT**

I, Sekh Gulam Anwar, aged about 63 years, S/o- Late Shekh Gulam Kadar, resident of Vill-Padampur, PS-Padampur, Dist-Bargarh, Odisha declared by this affidavit No. 01, dtd- 23/07/2025 that now onwards I shall be known as **SHEKH GULAM ANWAR** for all future purposes.

**AFFIDAVIT**

**I, Purnima Mohapatra, W/o Abinash Mishra, resident of Plot No LB-104, Bhimatangi, Phase-II, Kapilprasad, PS-Airfield,Bhubaneswar- 751002, Dist- Khordha, Odisha declare by this affidavit CF No- 08, dtd. 23.07.2025 that now onwards I shall be known as PURNIMA MAHAPATRA for all future purposes.**

**Sd- PURNIMA MAHAPATRA**

**AFFIDAVIT**

I S.C.MOHANTY, S/o Nrusingh Charan MOHANTY resident of At-Nuapatna, Po-Banguari,Via-Fulnakhara, Dhamilo, Dt-Khurda, odisha -754 001, Odisha declare by this Affidavit No.3287, Dated -22/07/2025,that now onwards I shall be known as SANGRAM CHETA MOHANTY for all future purposes.

**PANCHAYAT SAMITI HIGHER SECONDARY SCHOOL, KOMNA, DIST-NUAPADA**

**WALK IN INTERVIEW**

A walk-in-Interview for the Post of PGT-in-History will be held on Dt. 30.07.2025 (Wednesday) in the Panchayat Samiti Higher Secondary School, Komna (+2 College). Intending candidates having minimum 55% marks in the subject concerned at P.G level with B.Ed. are required to walk in with Bio-data.

**No TA DA will be admissible.**

**Sd/- Principal-cum-Secretary**
**P.S. Higher Secondary School,**
**Komna, Dist.-Nuapada**

**AFFIDAVIT**

By virtue of an affidavit before the the Notary Public, Cuttack. I, Himanshu Shekhar Mohapatra, S/o- Keshab Chandra Mohapatra of Plot No. 3D/1100, Sector-10, P.S.- CDA Phase-II, Dist.: Cuttack, Odisha - 753014, declare that my correct name is Himanshu Shekhar Mohapatra as per Aadhaar and PAN. But in my Passport bearing no K3842811, my name has been wrongly mentioned as Himansu Shekhar Mohapatra. That both the names belongs to me. Henceforth I shall be known as **Himanshu Shekhar Mohapatra** for all purposes.

**NOTICE**

By virtue of an affidavit sworn before the Notary Public, Cuttack, dated 19.07.2025 I, Rohiteswar Gochhayat, S/o- Late Bhramarbar Gochhayat, resident of At- Naradia, Borikana, Po-Panchapali, Ps- Ersama, Dist.-Jagatsinghpur, Odisha, Pin-754110 have changed my name from **Rohitaswar Gochhayat to Rohiteswar Gochhayat.** Henceforth I shall be known as Rohiteswar Gochhayat for all purposes.

**Sd/- Rohiteswar Gochhayat**

**JEYPORE MUNICIPALITY, JEYPORE**

Phone No. - 06854231098, Fax no.-06854230104, email-ulbjeypore@gmail.com & jeyporem.hud@nic.in

**Quotation call notice**

Sealed quotations on the letter pad of the bidder are hereby invited from **individuals, manufacturers, or contractors** for the execution of the work titled

**"Improvement of Square by Construction of Dandi Yatra Statue of FRP Make, having 11 Nos. Life-Size Statues (4–6 ft Height Each) Including Pedestrian Unit (Civil & Electrical) with All Fitting, Fixing and Finishing Works – Complete at Jeypore Municipality".**

| | |
|---|---|
| No of works. | 01 |
| Estimated cost and work details | As per QCN |
| Date & Time of Bidding | From **24.07.2025** at 11:00 Hours to **04.08.2025** Upto 16:00Hours |
| Offline Documents Received through Speed Post/ Registered Post | **25.07.2025** at 11:00 Hours to **06.08.2025** Up to 11:00 Hours (Working Days Only) |
| Offline Documents shall be opened in the presence of the Participating Bidders | **06.08.2025** at 16:00 Hours onwards |
| Paper Cost (INR) | **Rs.600/-** |
| EMD (INR) | **Rs.10000/-** |

OIPR-13079/11/0051/2526 C-725

**Executive Officer,**
**Jeypore Municipality**

**AFFIDAVIT**

By virtue of an affidavit before the Executive Magistrate Hindol on dt 19.05.2025,I Akshaya Biswal, aged about 51 years, S/o- Late Biswambar Biswal of Vill-Kathakumpa, Po- Khaliborei, Ps-Rasol, Dist- Dhenkanal, That, in the Aadhaar card bearing no-8528 3358 2452 and OGB, Gandanali Branch bearing A/c no- 052734006001361 my name reflected as Akshaya Biswal, S/o- Biswambar Biswal and but in the LIC Policy Bond bearing Policy no- 588154567 my name reflected as Dharanidhar Biswal which is my nick name instead of Akshaya Biswal. That, Akshaya Biswal and Dharanidhar Biswal, S/o-Late Biswambar Biswal is same and one person and there is no any other person live in that name in the same locality.

**NOTICE**

By virtue of an affidavit sworn before the Notary Public, Cuttack, dated 19.07.2025 I Smt. Bithika Das, W/o- Susil Kumar Behera, D/o- Nalini Kanta Mohanty resident of At- Kuansh, Po/Ps/Dist.- Bhadrak, pin-756100 Odisha have changed my name from **Bithika Behera to Bithika Das.** Henceforth, I shall be known as Bithika Das for all purposes.

**Bithika Das**

# ନେପାଳ ଛାତ୍ରୀ ମୃତ୍ୟୁରେ ତତ୍ପର; ଓଡ଼ିଆ ବେଳକୁ ଚୁପ୍

**■ ବିହାରରେ ଓଡ଼ିଆ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ ଘଟଣା**
**■ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ସମସ୍ତେ ନିରବ**

ଭୁବନେଶ୍ୱର,୨୩।୭(ସମିସ): ବିହାର ପାଟନାସ୍ଥିତ ଏମ୍ସରେ ପିଜି ପ୍ରଥମବର୍ଷ ଛାତ୍ର ଢେଙ୍କାନାଳର ଯାଦବେନ୍ଦ୍ର ସାହୁ (୨୫)ଙ୍କ ମୃତଦେହ ଗତ ୧୮ ତାରିଖରେ ସେ ରହୁଥିବା ହଷ୍ଟେଲ କୋଠରିରୁ ଉଦ୍ଧାର କରାଯାଇଛି। ଏମ୍ସ କର୍ତ୍ତୃପକ୍ଷ ଏହାକୁ ଆମ୍ବହତ୍ୟା କହୁଥିବା ବେଳେ ପରିବାର ଲୋକ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରୁଛନ୍ତି। ଘଟଣାର ବ୍ୟାପକ ତଦନ୍ତ ପାଇଁ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରୁଛନ୍ତି। ହେଲେ ପରିବାରର ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପ୍ରତିପକ୍ଷ ମୁଖ୍ୟମନ୍ତ୍ରୀଙ୍କ ସହ କଥାହେବା ତ ଦୂରର କଥା, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ସଚିବ କିମ୍ବା ସ୍ଥାନୀୟ ବିଧାୟକ ମଧ୍ୟ ଘଟଣାର ତଦନ୍ତ ଦାବି କରୁନାହାନ୍ତି। ରାଜ୍ୟ ବାହାରେ ମୃତ୍ୟୁ ହୋଇଥିବାରୁ ତଦନ୍ତ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ। ହେଲେ ସରକାର ଓ ଜନପ୍ରତିନିଧିମାନେ ନିଦାବିଷ୍ଟ ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାଜ୍ୟର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆତ୍ମହତ୍ୟା କୁହାଯାଇଥିଲେ ମଧ୍ୟ ନେପାଳ ସରକାର ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍ସି) ନିଜଆଡ଼ୁ ମାମଲାରେ ହସ୍ତକ୍ଷେପ କରି ତଦନ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ମଧ୍ୟ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରି ତଦନ୍ତ ପାଇଁ ଓଡ଼ିଶା ଆସିଥିଲେ। ରାଜ୍ୟ ସରକାର ମଧ୍ୟ ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ କରିଥିଲେ। ମନ୍ତ୍ରୀଙ୍କ ଠାରୁ ସଚିବ ପର୍ଯ୍ୟନ୍ତ ତୁହାକୁ ତୁହା ବୈଠକ କରୁଥିଲେ। ହେଲେ ଓଡ଼ିଆ ଛାତ୍ରଙ୍କ ବିହାରରେ ମୃତ୍ୟୁ ଘଟଣାରେ ଏପରି ତତ୍ପରତା ଦେଖାଗଲା ନାହିଁ। ଏନ୍ଏଚ୍ଆର୍ସି କିମ୍ବା ୟୁଜିସି ନିଜଆଡ଼ୁ ତଦନ୍ତ ପାଇଁ ଆଗ୍ରହ ପ୍ରକାଶ କଲେନାହିଁ। ଓଡ଼ିଶା ସରକାରଙ୍କ ଓଡ଼ିଆ ଅସ୍ମିତା ମଧ୍ୟ ପଥଚ୍ୟୁତ ହେଲା। ଓଡ଼ିଆ ଛାତ୍ରଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ନୀରବ ରହିଲେ।

ଯାଦବେନ୍ଦ୍ରଙ୍କ ମୃତ୍ୟୁକୁ ଆମ୍ବହତ୍ୟା ବୋଲି ପାଟନା ଏମ୍ସ କର୍ତ୍ତୃପକ୍ଷ କହିଛନ୍ତି। ମାତ୍ରାଧିକ ନିଶା ବଟିକା ସେବନ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଦର୍ଶାଇଛନ୍ତି। ହେଲେ ଏହାକୁ ତାଙ୍କ ମା' ଖଣ୍ଡନ କରିବା ସହ ପୁଅକୁ ମାରି ଦିଆଯାଇଥିବା କହିଛନ୍ତି। ହଷ୍ଟେଲ୍‌ରେ ପୂର୍ବରୁ ରାଗିଂ ହେଉଥିବା ସେ ମା'ଙ୍କୁ କହିଥିଲେ। ତେଣୁ ତାଙ୍କୁ ରାଗିଂ କରି ତାଙ୍କୁ ମାରିଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରୁଛନ୍ତି। ସେହିପରି ପରିବାର ବର୍ଗ ହଷ୍ଟେଲ୍‌ରେ ପହଞ୍ଚିବା ପରେ ତାଙ୍କ କୋଠରୀ ଖୋଲାଥିଲା। କବାଟ ପୂର୍ବପରି ଅକ୍ଷତ ରହିଥିଲା। କୋଠରୀ ସହ ପାରିପାର୍ଶ୍ୱିକ ପରସ୍ଥିତି ଓ ସହପାଠୀଙ୍କ ସହ ଆଲୋଚନା ପରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଉଛି। ମୃତ୍ୟୁର ପାଞ୍ଚଦିନ ପରେ ଗତକାଲି ଅର୍ଥାତ୍ ମଙ୍ଗଳବାର ତାଙ୍କର ଶବ ସତ୍କାର ହୋଇଛି। ପରିବାର ଲୋକ ଘଟଣାର ବ୍ୟାପକ ତଦନ୍ତ ପାଇଁ ପାଇଁ ଦାବି କରୁଛନ୍ତି।

ପୂର୍ବରୁ ମୃତ ଛାତ୍ରଙ୍କ ବାପାଙ୍କ ଦେହାନ୍ତ ହୋଇଥିବାରୁ ମା' ଓ ଜଣେ ଭାଇ ଅଛନ୍ତି। ତଦନ୍ତ ପାଇଁ ସେମାନେ ଦାବି କରୁଥିଲେ ମଧ୍ୟ ଓଡ଼ିଶା ସରକାର କିମ୍ବା ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ଶୁଦ୍ଧିକ୍ରିୟା କରିବେ ନା ନ୍ୟାୟ ପାଇଁ ଲଢ଼ିବେ ସେନେଇ ପରିବାରବର୍ଗ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଅପରପକ୍ଷରେ ଯାଦବେନ୍ଦ୍ରଙ୍କ ମୃତ୍ୟୁକୁ ଆମ୍ବହତ୍ୟା ରୂପ ଦେବାକୁ କେହି ସହଜରେ ବିଶ୍ୱାସ କରୁନାହାନ୍ତି। ଦୃଢ଼ ମନୋବଳ ଓ ପରିସ୍ଥିତି ସହ ଲଢ଼େଇ କରି ଡ଼ାକ୍ତରୀ ପଢ଼ୁଥିବା ପିଲାଟି ଆତ୍ମହତ୍ୟା କାହିଁକି କରିବ ବୋଲି ତାଙ୍କ ସହପାଠୀ ଓ ପିଲାଦିନର ଶିକ୍ଷକମାନେ ମଧ୍ୟ ପ୍ରଶ୍ନ କରୁଛନ୍ତି। ତଦନ୍ତ ଦାବିରେ ପୁଅକୁ ଡ଼ାକ୍ତର କରିବା ପାଇଁ ଆଶା ରଖିଥିବା ମା'ର ଆଖି ଲୁହ ଆଖିରେ ଶୁଖୁଛି। ଏଣୁ ଓଡ଼ିଶା ସରକାର ତୁରନ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ପରିବାର ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

**■ ବିଏମ୍ସିରେ ପଶିଲା ଭିଜିଲାନ୍ସ**

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ; କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଟକ



ଭୁବନେଶ୍ୱର, ୨୨।୭(ସମିସ): ବିଏମ୍ସିରେ ପସିଲା ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବିଏମ୍ସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ। ଜଗନ୍ନାଥଙ୍କ ଘରୁ ଭିଜିଲାନ୍ସ ବିପୁଳ ପରିମାଣ ସମ୍ପତ୍ତି ଠାବ କରିଛି। ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ସମେତ, ପୈତୃକ ଘର ଏବଂ ବିଏମ୍ସି କାର୍ଯ୍ୟାଳୟରେ ବୁଧବାର ଦିନତମାମ ଚଢ଼ଉ ଜାରି ରହିଥିଲା। ଜଗନ୍ନାଥଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଅଟକ ରଖି ପଚରାଉଚରା କରୁଛନ୍ତି। ଭିଜିଲାନ୍ସ ସୂଚନା ମୁତାବକ, ଜଗନ୍ନାଥ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଭିଜିଲାନ୍ସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଥିଲା। ଆଜି ସକାଳେ ଏହି ଟିମ୍ ଜଗନ୍ନାଥଙ୍କ ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ୩ ମହଲା ବିଶିଷ୍ଟ କୋଠା, ବାଲିପାଟଣା ତହସିଲର ରଣପୁରସ୍ଥିତ ଫାର୍ମ ହାଉସ୍, ରାୟଗଡ଼ା ଜିଲା ଗୁଣୁପୁରସ୍ଥିତ ଦୁଇ ମହଲା ବିଶିଷ୍ଟ ପୈତୃକ ଘର ଏବଂ ବିଏମ୍ସି କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ଏହିସବୁ ସ୍ଥାନରୁ ୪୬୦ ଗ୍ରାମ୍ ସୁନା ଅଳଙ୍କାର, ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମ୍ୟୁଚୁଆଲ୍ ଫଣ୍ଡ ଏବଂ ଡିପୋଜିଟ୍ ଜବତ କରାଯାଇଛି। ଏହା ସହିତ ଦୁଇଟି ୪ ଚକିଆ ଗାଡ଼ି ଏବଂ ୭ ଲକ୍ଷ ନଗଦ ଅର୍ଥ ଜବତ କରାଯାଇଛି।

ତେବେ ଜଗନ୍ନାଥଙ୍କ ବାଲିପାଟଣାସ୍ଥିତ ଫାର୍ମ ହାଉସ୍‌କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହି ଫାର୍ମା ହାଉସ୍‌ଟି ୧.୫୭ ଏକର ବିଶିଷ୍ଟ। ଏଠାରେ ୮୩୩ ବର୍ଗଫୁଟ୍ ବିଶିଷ୍ଟ ଏକ ଦୁଇ ମହଲା ବିଶିଷ୍ଟ କୋଠା ରହିଛି। ଏଠାରେ ମାଛ ପୋଖରୀ ସମେତ ବହୁସଂଖ୍ୟାରେ ଫଳ ଗଛ ଲଗାଯାଇଛି। ଏଠାରୁ ଏକ ଦେଶୀ ବନ୍ଧୁକ ଏବଂ ମିରିଗ ଶିଙ୍ଘ ଜବତ କରାଯାଇଛି। ଏଗୁଡ଼ିକୁ ସେ କେଉଁଠୁ ଆଣିଲେ, ବନ୍ୟପ୍ରାଣୀ ଶିକାରରେ ତାଙ୍କର ସମ୍ପୃକ୍ତି ରହିଛି କି ବୋଲି ପ୍ରଶ୍ନ ଉଠିଛି। ଜବତ ଦେଶୀ ବନ୍ଧୁକ ଏବଂ ମିରିଗ ଶିଙ୍ଘକୁ ଖୁବ୍‌ଶୀଘ୍ର ବନ୍ୟପ୍ରାଣୀ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଭିଜିଲାନ୍ସ କହିଛି।

# ଜମି କାରବାରରୁ ବ୍ୟବସାୟୀଙ୍କୁ ୨ ରାଉଣ୍ଡ ଗୁଳି

ରାଉରକେଲା, ୨୩।୭(ସମିସ): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ତହସିଲ୍ କାର୍ଯ୍ୟାଳୟ ନିକଟରେ ବୁଧବାର ଦିନ ଦ୍ୱିପ୍ରହରରେ ଜଣେ ବ୍ୟବସାୟୀଙ୍କ ଉପରକୁ ୨ ରାଉଣ୍ଡ ଗୁଳିମାଡ଼ ହୋଇଛି। ତେବେ ସୌଭାଗ୍ୟକୁ ଗୁଳି ଦୁଇଟି ଲକ୍ଷ୍ୟଭ୍ରଷ୍ଟ ହେବାରୁ ବ୍ୟବସାୟୀଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବ୍ୟବସାୟୀଜଣଙ୍କ ହେଲେ,



ରାଉରକେଲା ସେକ୍ଟର-୨୦ ଅଞ୍ଚଳର ବ୍ୟବସାୟୀ ଉତ୍ତମ କୁମାର ଘୋଷ। ପରେ ଦୁର୍ବୃତ୍ତ ଦ୍ୱୟ ସେଠାରୁ ଫେରାର୍ ହୋଇଯାଇଥିଲେ। ଏହି ଗୁଳିକାଣ୍ଡ ଯୋଗୁଁ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସେପଟେ ଗୁଳିକାଣ୍ଡ କରିବା ପରେ ଦୁର୍ବୃତ୍ତଦ୍ୱୟ ବୀରମିତ୍ରପୁରର ବ୍ରାହ୍ମଣମରାଠାରେ ବାଇକ୍ ଛାଡ଼ି ନିକଟସ୍ଥ ଜଙ୍ଗଲକୁ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ରାଉରକେଲାର ସେକ୍ଟର-୨୦ ଅଞ୍ଚଳର ଉତ୍ତମ ଜମି ରେଜିଷ୍ଟ୍ରେସନ୍ କରିବା ପାଇଁ ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ପହଞ୍ଚିଥିଲେ। ସେଠାରେ କାର୍‌ରୁ ଓହ୍ଲାଉଥିବା ବେଳେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଉପରକୁ ଆଖିବୁଜା ୨ ରାଉଣ୍ଡ ଗୁଳିଚାଳନା କରି ଫେରାର୍ ହୋଇଯାଇଥିଲେ। ତେବେ ୨ଟି ଯାକ ଗୁଳି କାର୍‌ର ସମ୍ମୁଖ କାଚରେ

**କାର୍‌ରେ ବାଜିଲା ଗୁଳି, ଅଳ୍ପକେ ବର୍ତ୍ତିଗଲେ ବ୍ୟବସାୟୀ**

ବାଜି ଭିତରକୁ ଭେଦ କରିଥିବା ବେଳେ ମୁଣ୍ଡ ନୁଆଇଁଦେବାରୁ ଉତ୍ତମ ଅଳ୍ପକେ ବର୍ତ୍ତି ଯାଇଥିଲେ। ଉତ୍ତମ ଜମି ବାଡ଼ି କିଣାବିକା ବ୍ୟବସାୟରେ ସଂଶ୍ଳିଷ୍ଟ ଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ବୀରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ, ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ତେବେ କେଉଁ କାରଣରୁ ଗୁଳିକାଣ୍ଡ ହୋଇଛି, ତାହା ଜଣା ପଡିନଥିବା ବେଳେ ଏହା ପଛରେ ବେଆଇନ ଜମି କାରବାର ଓ ଜମି ଦଲାଲି କାରଣ ରହିଥିବା ଚର୍ଚ୍ଚା ହୋଇଛି।

# କଂଗ୍ରେସ ନେତାଙ୍କ ଘରେ ଜିଏସ୍‌ଟି ଚଢ଼ଉ

ରାଉରକେଲା,୨୩।୭(ସମିସ): ରାଉରକେଲା ଛେଣ୍ଡ କଲୋନୀରେ ରହୁଥିବା କଂଗ୍ରେସ ନେତା ତଥା ପୂର୍ବତନ କଂଗ୍ରେସ ଉପସଭାପତି ଆଶିଷ ମହାନ୍ତିଙ୍କ ଘରେ ବୁଧବାର ଜିଏସ୍‌ଟି ବିଭାଗର ଟିମ୍ ଚଢ଼ଉ କରିଛି। କୋଟିକୋଟି ଟଙ୍କା ଜିଏସ୍‌ଟି ଫାଙ୍କିବା ଅଭିଯୋଗରେ କଂଗ୍ରେସ ନେତା ଆଶିଷଙ୍କ ପତ୍ନୀ ତଥା ମହିଳା ବ୍ୟବସାୟୀ ସ୍ନିଗ୍ଧା ମହାନ୍ତିଙ୍କୁ ଜିଏସ୍‌ଟି ବିଭାଗର ଟିମ୍ ଗିରଫ କରିଥିବା ଜଣାପଡ଼ିଛି।

**ପୂର୍ବତନ କଂଗ୍ରେସ ଉପସଭାପତିଙ୍କ ପତ୍ନୀ ଗିରଫ**

ସୂଚନାନୁଯାୟୀ, ସ୍ନିଗ୍ଧା ବିଭିନ୍ନ ବ୍ୟବସାୟ ମାଧ୍ୟମରେ ୨୦୧୮ ମସିହାରୁ ଜିଏସ୍‌ଟି ଠକେଇ କରିଆସୁଥିଲେ ବୋଲି ଅଭିଯୋଗ ହେବା ପରେ ଜିଏସ୍‌ଟି ଗୁଇନ୍ଦା ବିଭାଗ ପକ୍ଷରୁ ଛେଣ୍ଡସ୍ଥିତ ତାଙ୍କ ବାସଭବନରେ ଚଢ଼ଉ କରାଯାଇଥିଲା। ଜିଏସ୍‌ଟି ଅଧିକାରୀମାନେ ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଜେରା କରିବା ସହ ସେମାନଙ୍କ ଫାର୍ମର ବ୍ୟାଙ୍କ ଆକାଉଣ୍ଟ, ଜିଏସ୍‌ଟି ରିଟର୍ଣ୍ଣ ଫାଇଲ ସମେତ ବ୍ୟାଙ୍କ କାରବାର ସମ୍ପର୍କିତ କାଗଜପତ୍ର ଜବତ କରିଛନ୍ତି। ସ୍ନିଗ୍ଧା ଓ ତାଙ୍କ ସ୍ୱାମୀ ଆଶିଷ ଟ୍ରାନ୍ସପୋର୍ଟ ସମେତ ଖଣିଜ ସାମଗ୍ରୀ କାରବାର କରୁଥିଲେ ବୋଲି ଜଣାପଡ଼ିଛି। ମହିଳାଜଣଙ୍କ ଏକ କମ୍ପାନୀ ଖୋଲି ସେହି କମ୍ପାନୀ ଜରିଆରେ ପ୍ରାୟ ୧୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଟିକସ ଫାଙ୍କି ଥିବା ଡିଜିଜିଆଇ ଓ ରାଜ୍ୟ ଜିଏସ୍‌ଟି ବିଭାଗ ନିକଟରେ ଖବର ରହିଥିଲା। ୨୦୧୮ ଅକ୍ଟୋବରରେ ଜିଏସ୍‌ଟି ଠକେଇ ମାମଲାରେ ନାରାୟଣ ଖୈତାନ ଓ ମାନସ ବରାଳ ଗିରଫ ହେବା ପରେ ଉକ୍ତ ମାମଲାରେ ସ୍ନିଗ୍ଧାଙ୍କ ସମ୍ପୃକ୍ତି ନେଇ ଜିଏସ୍‌ଟି ବିଭାଗ ଜାଣିବାକୁ ପାଇଥିଲା। ସେ ଚାକିରି କରାଇଦେବାକୁ ତଥା ବୀମା କରାଇଦେବାକୁ କହି ବିଭିନ୍ନ ଲୋକଙ୍କଠାରୁ କାଗଜପତ୍ର ସଂଗ୍ରହ କରି ଜାଲ କମ୍ପାନୀ ଖୋଲୁଥିଲେ। ସେହି କମ୍ପାନୀ ଜରିଆରେ ଜାଲ ଜିଏସ୍‌ଟି ବିଲ୍ କରି ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ହାସଲ କରୁଥିଲେ। ବଣାଇଁ ଅନ୍ତର୍ଗତ ନରେନ୍ଦ୍ର ଅଞ୍ଚଳର ମୀନା ସାହୁ ନାମକ ଜଣେ ମହିଳାଙ୍କ ଜରିଆରେ ବଣାଇଁ ଅଞ୍ଚଳରୁ ବହୁ ଲୋକଙ୍କ ପାନ୍, ଆଧାର, ଫଟୋ ଆଦି ସଂଗ୍ରହ କରି କମ୍ପାନୀ ଖୋଲିଥିଲେ। ସେ ସବୁ କମ୍ପାନୀ ଜରିଆରେ କୋଟିକୋଟି ଟଙ୍କାର ଜିଏସ୍‌ଟି ଠକିଥିବା ଅଭିଯୋଗ ହୋଇଥିଲା। ନିଜ କମ୍ପାନୀ ଜରିଆରେ ୧୧ରୁ ୧୨କୋଟି ଟଙ୍କା ଠକେଇ ଘଟଣାରେ ରାଜ୍ୟ ଜିଏସଟି ବିଭାଗ ମଧ୍ୟ ତଦନ୍ତ କରିଥିଲା। ପରେ ଭୁବନେଶ୍ୱରସ୍ଥିତ ଡିଜିଜିଆଇ ଓ ରାଉରକେଲା ଡିଜିଜିଆଇ ଅଧିକାରୀ ମିଳିତ ଭାବେ ଚଢ଼ଉ କରିଥିଲେ।

**■ ରାଜ୍ୟରେ ଖୋଲିବ ନୂଆ ୫୬ ସିଭିଲ କୋର୍ଟ**

# ୮୪୦ ନୂଆ ପଦବୀକୁ ରାଜ୍ୟପାଳଙ୍କ ମଞ୍ଜୁରୀ

ଭୁବନେଶ୍ୱର, ୨୩।୭ (ସମିସ): ରାଜ୍ୟରେ ଆଉ ୫୬ଟି ନୂଆ ସିଭିଲ କୋର୍ଟ ଖୋଲିବ। ଏହି କୋର୍ଟଗୁଡ଼ିକରେ ନିଯୁକ୍ତି ପାଇଁ ରାଜ୍ୟପାଳ ଉଭୟ ଗେଜେଟେଡ୍ ଓ ଅଣଗେଜେଟେଡ୍ ବର୍ଗର ୮୪୦ ନୂଆ ପଦବୀକୁ ମଞ୍ଜୁର କରିଥିବା ଜଣାପଡ଼ିଛି। ରାଜ୍ୟ ଆଇନ ବିଭାଗ ପକ୍ଷରୁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଚିଠି ଲେଖାଯାଇ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଏହି ୫୬ଟି କୋର୍ଟ ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ପୁରୀ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼, ବଲାଙ୍ଗୀର, ଗଜପତି, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, କନ୍ଧମାଳ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଭଦ୍ରକ, ଅନୁଗୋଳ, ବରଗଡ଼ ଓ ବାଲେଶ୍ୱର ଜିଲ୍ଲାରେ ଖୋଲିବ। ମୟୂରଭଞ୍ଜରେ ସର୍ବାଧିକ ୧୩ଟି କୋର୍ଟ ଖୋଲିବାକୁ ଥିବା ବେଳେ ସୁନ୍ଦରଗଡ଼ରେ ୫ଟି, ରାୟଗଡ଼ା, ବଲାଙ୍ଗୀର ଓ କେନ୍ଦୁଝରରେ ୪ଟି ଲେଖାଏଁ, ଗଜପତିରେ ୩ଟି, ସମ୍ବଲପୁର, ଗଞ୍ଜାମ, ଯାଜପୁର ଓ ପୁରୀରେ ୨ଟି ଲେଖାଏଁ କୋର୍ଟ ଖୋଲିବ। ଏହାବ୍ୟତୀତ ଅନ୍ୟ ଜିଲ୍ଲାଗୁଡ଼ିକରେ ଗୋଟିଏ ଲେଖାଏଁ କୋର୍ଟ ଖୋଲିବାକୁ ରାଜ୍ୟପାଳ ମଞ୍ଜୁରୀ ଦେଇଛନ୍ତି।

# ସବୁ ବିଦ୍ୟାଳୟରେ ଲାଗିବ ସିସିଟିଭି

ଭୁବନେଶ୍ୱର, ୨୩।୭(ସମିସ): ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯିବ। ସିବିଏସ୍‌ଇ ପରିଚାଳିତ ବିଦ୍ୟାଳୟ ପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ ବିଦ୍ୟାଳୟରେ ଲାଗିବ ସିସିଟିଭି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା କରାଯାଉଥିବା କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାର ବିଦ୍ୟାଳୟରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବେ। ଏଥିପାଇଁ ବିଦ୍ୟାଳୟର ବିଭିନ୍ନ ସ୍ଥାନ ସମେତ ଶ୍ରେଣୀଗୃହରେ ସିସିଟିଭି ଲଗାଯିବ। ଏହାସହ ଯୌନ ନିର୍ଯାତନା ନିବାରଣ ବ୍ୟବସ୍ଥା ଅନୁଯାୟୀ ଯୌନ ଉତ୍ପୀଡ଼ନ କିମ୍ବା ଲିଙ୍ଗଭିତ୍ତିକ ବୈଷମ୍ୟର ସମାଧାନ ପାଇଁ ସମସ୍ତ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କମିଟିର ସଦସ୍ୟଙ୍କୁ ତାଲିମ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ଫଳରେ ପ୍ରଭାବୀ ଢ଼ଙ୍ଗରେ ଛାତ୍ରଛାତ୍ରୀଙ୍କ ଅଭିଯୋଗର ସମାଧାନ କରିବାରେ ସେମାନେ ସଫଳ ହେବେ। ଛାତ୍ରଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। ଅଭିଯୋଗ ପାଇବା ହେବା ମାତ୍ରେ ତାକୁ ଗମ୍ଭୀରତାର ସହ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ନିଶାମୁକ୍ତ ହେବ କଲେଜ କ୍ୟାମ୍ପସ

ଭୁବନେଶ୍ୱର, ୨୩/୭(ସମିସ): ନିଶାମୁକ୍ତ କଲେଜ କ୍ୟାମ୍ପସ ଗଠନ ପାଇଁ ପଦକ୍ଷେପ ନିଆଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାମ୍ପସରେ ନିଶା କାରବାର ହେଲେ ଯେକୌଣସି ନାଗରିକ ବା ଛାତ୍ରଛାତ୍ରୀ ଅଭିଯୋଗ କରିପାରିବେ। ଏଥିପାଇଁ ହେଲ୍ପଲାଇନ ନମ୍ବର ୧୯୩୩ ଜାରି କରାଯାଇଛି। ଏହାସହ କଲେଜରେ ବ୍ୟାପକ ସଚେତନତା କରାଯିବ। ଅପରପକ୍ଷରେ କ୍ୟାମ୍ପସକୁ ନିଶା ମୁକ୍ତ କରିବାକୁ ଏନସିବି ପକ୍ଷରୁ 'ମାନସ' ପୋର୍ଟାଲ ଆରମ୍ଭ ହୋଇଛି। ଏଥିପାଇଁ ବ୍ୟାପକ ସଚେତନତା କରିବାକୁ ମଧ୍ୟ କୁହାଯାଇଛି। ଏହାସହ ମାଇଁଗଭ୍ ପୋର୍ଟାଲରେ ଆଣ୍ଟିଡ୍ରଗ୍ ଇ-ଶପଥ ନେବେ ଛାତ୍ରଛାତ୍ରୀ। ଏହାସହ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଶୋଭାଯାତ୍ରା ଆଦି ଜରିଆରେ ନିଶା ସେବନର କୁ-ପ୍ରଭାବ ସମ୍ପର୍କରେ ସଚେତନ କରିବାକୁ କୁହାଯାଇଛି।

# ପୋଶ୍ ଆଇନର ବିଭିନ୍ନ ଦିଗ ବୁଝିଲେ କର୍ମଚାରୀ

ଭୁବନେଶ୍ୱର, ୨୩।୭(ସମିସ): ସମସ୍ତ ଅନୁଷ୍ଠାନ ଓ ମହାବିଦ୍ୟାଳୟରେ ଇଣ୍ଟରନାଲ୍ କମିଟି (ଆଇସିସି) ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା। ବୁଧବାର ଲୋକସେବା ଭବନ କନଭେନସନ୍ ସେଣ୍ଟର୍‌ରେ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ (ପୋଶ) ସମ୍ପର୍କିତ ଏକ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଉଭୟ ପୁରୁଷ ଓ ମହିଳା ଲିଙ୍ଗଗତ ଉତ୍ପୀଡ଼ନର ଶିକାର ହୋଇପାରନ୍ତି। ସେଥିପାଇଁ ଏହି ଆଇନ ବିଷୟରେ ଜାଣିବା ଓ ସଚେତନ ହେବା ସମସ୍ତଙ୍କ ପାଇଁ ଆବଶ୍ୟକ। ଦୁଇଟି ଅଧିବେଶନରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢ଼ୀ ୬୦୦ରୁ ଉର୍ଦ୍ଧ୍ୱ ଲୋକସେବା ଭବନ କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ନ ଆଇନ ସମ୍ପର୍କରେ ସଚେତନ କରିଥିଲେ।

**ଯୁବକଙ୍କ ଏକତରଫା ପ୍ରେମ; ଫଟୋ ଭାଇରାଲ୍**

# ବିଷ ପିଇଦେଲେ ନର୍ସିଂ ଛାତ୍ରୀ

ନବରଙ୍ଗପୁର, ୨୩।୭ (ସମିସ): ନାରୀ ନିର୍ଯାତନାର କଳଙ୍କରେ ଓଡ଼ିଶାରେ ଯୋଡ଼ିହୋଇଛି ଆଉ ଏକ ଫର୍ଦ୍ଦ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରୀମୁଣ୍ଡା ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଏକ ଘଟଣା। ଏକତରଫା ପ୍ରେମ କରି ଜଣେ ଯୁବକ ନର୍ସିଂ ଛାତ୍ରୀଙ୍କୁ ମାଡ଼ ମାରିବା ସହ ଫଟୋ ଭାଇରାଲ କରିବା ପରେ ଲୋକଲଜ୍ଜା ଭୟରେ ଛାତ୍ରୀଜଣକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି।



ସଙ୍କଟାପନ୍ନ ସ୍ଥିତିରେ ଏମ୍ସରେ ଭର୍ତ୍ତି

ସୂଚନା ଅନୁସାରେ, ଡୁମୁରିମୁଣ୍ଡା ଗ୍ରାମର କଳ୍ପନା ରାୟଙ୍କୁ ଗୁରୁସିଙ୍ଗା ଗ୍ରାମର ସତ୍ୟଜିତ ସରକାର ଏକତରଫା ପ୍ରେମ କରୁଥିଲେ। କଳ୍ପନା ଜୟପୁରର ଏକ ନର୍ସିଂ କଲେଜରେ ପାଠ ପଢୁଛନ୍ତି। ସତ୍ୟଜିତ ଭୁବନେଶ୍ୱରର ଏକ କଲେଜରେ କୃଷି ବିଭାଗର ଛାତ୍ର। ଚଳିତ ମାସ ୧୩ ତାରିଖ ଦିନ କଳ୍ପନା ନର୍ସିଂ କଲେଜରୁ ମାର୍କେଟକୁ ଆସିଥିବା ବେଳେ ଅଚାନକ ସତ୍ୟଜିତ ଆସି କଳ୍ପନାକୁ ମାରପିଟ୍ କରିଥିଲେ। ଏହି ଘଟଣା ସ୍ଥାନୀୟ ପୁଲିସ ଦେଖିବା ପରେ ଉଭୟଙ୍କୁ ଥାନାକୁ ନେଇଥିଲେ। ଖବର ପାଇ କଳ୍ପନାଙ୍କ ବାପା ଜୟପୁରରେ ପହଞ୍ଚିଥିଲେ। ପରେ କଳ୍ପନାଙ୍କୁ ଚିକିତ୍ସା ପାଇଁ ମେଡିକାଲ୍ ପଠାଇଥଲା ପୁଲିସ। ପ୍ରାଥମିକ ଚିକିତ୍ସା ପରେ ଝିଅଙ୍କୁ ସେ ନିଜ ଘରକୁ ନେଇ ଆସିଥିଲେ। ୧୪ ତାରିଖ ଦିନ କଳ୍ପନା ଜୟପୁର ଯାଇ ଏ ସମ୍ପର୍କରେ ଏତଲା ଦେଇଥାନ୍ତେ। କିନ୍ତୁ ଅସୁସ୍ଥତା କାରଣରୁ ଯାଇ ପାରି ନଥିଲେ। ୧୫ ତାରିଖ ଦିନ ସେ ଜୟପୁର ଯାଇ ସତ୍ୟଜିତଙ୍କ ନାମରେ ଏତଲା ଦେଇଥିଲେ। କିନ୍ତୁ ଏତଲା ପାଇବା ପରେ ସତ୍ୟଜିତକୁ ପୋଲିସ ଛାଡ଼ି ଦେଇଥିବା ଝିଅର ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସତ୍ୟଜିତ କଳ୍ପନାକୁ ଜୟପୁର ବଜାରରେ ମାଡ଼ ମାରିବା ସହ କିଛି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ୍ କରିଥିଲା। ଏହା ଜାଣିବା ପରେ କଳ୍ପନା ନିଜ ଘରେ ଥିବା ଘାସ ମରା ବିଷ ପିଇ ଦେଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ଏମଏସ୍‌କୁ ସ୍ଥାନାନ୍ତର କରାଯାଇଛି। ରାଇଘର ପୁଲିସ ଘଟଣାର ତଦନ୍ତ କରି ଦୁଇଜଣଙ୍କୁ ଅଟକ ରଖିଛି।

# ୟୁରୋପରୁ ଆସୁଛି ସିନ୍ଥେଟିକ୍ ଡ୍ରଗ୍ସ

**ଇଞ୍ଜିନିୟରିଂ ଛାତ୍ରଙ୍କୁ ମାଡ଼ିବସିଲା ଏନ୍‌ସିବି**

ଭୁବନେଶ୍ୱର, ୨୩।୭(ସମିସ): ୟୁରୋପରୁ ଭୁବନେଶ୍ୱର ଆସୁଥିବା ସିନ୍ଥେଟିକ୍ ଡ୍ରଗ୍ସ (ଏଲ୍‌ଏସ୍‌ଡି)କୁ ଜବତ କରିଛି ନାର୍କୋଟିକ କେଣ୍ଟ୍ରାଲ ବ୍ୟୁରୋ(ଏନ୍‌ସିବି)। ଏହି ଘଟଣାରେ ଭୁବନେଶ୍ୱରର ଜଣେ ଇଞ୍ଜିନିୟରିଂ ଛାତ୍ରକୁ ଏନ୍‌ସିବି ଗିରଫ କରିଛି। ଗିରଫ ଛାତ୍ରଜଣଙ୍କ ହେଲେ, ମୈତ୍ରୀବିହାର ଏଲ୍‌ଆଇସି କଲୋନୀର ଆର୍ଯ୍ୟମାନ ପଟ୍ଟନାୟକ (୨୩)। ନିଶାଦ୍ରବ୍ୟର ମୂଲ୍ୟ ୧୫୦୦ରୁ ୧୬୦୦ ଡଲାର ହେବ, ଯାହା ଭାରତୀୟ ମୁଦ୍ରାରେ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ।

ଏନ୍‌ସିବି ଅଧିକାରୀଙ୍କ କହିବା ମୁତାବକ, ଆର୍ଯ୍ୟମାନ ନୋଏଡାର ଏକ ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର୍ ସାଇନ୍ସ ପାଠ ପଢ଼ିବା ପରେ ସେ ଭୁବନେଶ୍ୱରରେ ରହୁଥିଲେ। ସେ ଅନ୍‌ଲାଇନ୍‌ରେ ୟୁରୋପୀୟ ଦେଶରୁ ଡାର୍କୱେବ୍ ଜରିଆରେ ସିନ୍ଥେଟିକ ଡ୍ରଗ୍ସ ମଗାଇଥିଲେ। ଅନଲାଇନ ପାର୍ସଲରେ ୧୫ରୁ ୧୬ଟି ଏଲ୍‌ଏସ୍‌ଡି ଆସିଥିଲା। ଉକ୍ତ ନିଶାଦ୍ରବ୍ୟ ଓଡ଼ିଶା ଆସୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଏନ୍‌ସିବି ଅଧିକାରୀ ଏହି ଖବର ପାଇଥିଲେ। ଆର୍ଯ୍ୟମାନର ମୈତ୍ରୀ ବିହାରସ୍ଥିତ ଘରେ ଏହି ନିଶାଦ୍ରବ୍ୟ ପହଞ୍ଚିବା ପରେ ଏନ୍‌ସିବିର ଅଧିକାରୀମାନେ ସେଠାରେ ଚଢ଼ଉ କରିଥିଲେ। ଯାଞ୍ଚ ସମୟରେ ତାଙ୍କଠାରୁ ଜବତ ସିନ୍ଥେଟିକ ଡ୍ରଗ୍ସ ଏଲ୍‌ଏସ୍‌ଡି ଜବତ ହୋଇଥିଲା। ପରେ ଏନ୍‌ସିବି ଆର୍ଯ୍ୟମାନକୁ ଗିରଫ କରି କୋର୍ଟଚାଲାଣ କରିଛି। ଆର୍ଯ୍ୟମାନ ଡାର୍କୱେବ୍ କିପରି ପରିଚାଳନା କରୁଥିଲା, ସେ ଦିଗରେ ଏନ୍‌ସିବି ଅଧିକ ଖୋଳତାଡ଼ ଚଳାଇଛି।

# ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ପରେ ଜାତୀୟ ସ୍ତରରେ ଓଡ଼ିଶା ଲଜ୍ଜିତ

**■ ଆଇନଶୃଙ୍ଖଳା ଓ ନାରୀ ସୁରକ୍ଷାକୁ ନେଇ ସଭିଙ୍କ ଚିନ୍ତା ପ୍ରକଟ**
**■ ଦୁର୍ନାମ ମୁଣ୍ଡାଉଛନ୍ତି ସରକାର, ନିୟନ୍ତ୍ରଣ କରିବାରେ ବିଫଳ**

ଭୁବନେଶ୍ୱର,୨୩।୭(ସମିସ): ରାଜ୍ୟରେ ନାରୀ ହିଂସା ଚରମ ସୀମାରେ ପହଞ୍ଚିଛି। ପ୍ରତିଦିନ ଅସଦାଚରଣ ଦୁଷ୍କର୍ମ ମାମଲା ଗଣମାଧ୍ୟମର ପୃଷ୍ଠାମଣ୍ଡନ କରୁଛି। ଅତୀତରେ 'ମି ଟୁ' କ୍ୟାମ୍ପେନରେ ଅଭିଯୋଗକାରିଣୀଙ୍କ ସଂଖ୍ୟା ଲମ୍ବିଚାଲିଥିବା ଭଳି ଓଡ଼ିଶାରେ ଏବେ ଅସଦାଚରଣ ଓ ଦୁଷ୍କର୍ମ ଭଳି ଘଟଣା ଦୃଷ୍ଟାନ୍ତମୂଳକ ଭାବେ ବଢ଼ିଚାଲିଛି। ଏକଦା ସୁଦୃଢ଼ ଆଇନଶୃଙ୍ଖଳା ସ୍ଥିତି ପାଇଁ ଜାତୀୟସ୍ତରରେ ସୁନାମ ଅର୍ଜିଥିବା ଓଡ଼ିଶା ଏବେ ପ୍ରତିଦିନ ଜାତୀୟ ଗଣମାଧ୍ୟମର ଶିରୋନାମା ପାଲଟୁଛି। ବଡ଼ କଥା ହେଉଛି ଯେ ଗାଁ ଗହଳି ଓ ଉପାନ୍ତ ଅଞ୍ଚଳରେ ବଢ଼ୁଥିବା ଏହି ଘଟଣା ଏବେ ରାଜଧାନୀକୁ ମାଡ଼ିଛି। ଗୋପାଳପୁର, ବାଲେଶ୍ୱର ଏବଂ ପୁରୀ ବଳଙ୍ଗା ଘଟଣାକୁ ନେଇ ଓଡ଼ିଶା ଏବେ ଜାତୀୟ ସ୍ତରରେ ଦୁର୍ନାମ ସାଉଣ୍ଟୁଛି। କେବଳ ଜାତୀୟ ସ୍ତରରେ ନୁହେଁ; ଗତ ଜୁନ୍‌ରେ ଆମେରିକା ପରି ଦେଶ ମଧ୍ୟ ନିଜ ଦେଶର ନାଗରିକଙ୍କୁ ଓଡ଼ିଶା ଆସିବା ପୂର୍ବରୁ ସତର୍କ କରାଇଥିଲା, ଯାହା ମହିଳା ସୁରକ୍ଷାକୁ ନେଇ ରାଜ୍ୟର ଗୁରୁତର ସ୍ଥିତିକୁ ଦର୍ଶାଉଛି। ଏବେ ବଳଙ୍ଗା ଘଟଣାକୁ ନେଇ 'ଆମେ ଲଜ୍ଜିତ' ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ରାଜ୍ୟ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିକଟରେ ଘଟିଯାଇଥିବା କିଛି ଚର୍ଚ୍ଚିତ ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଛି। ରାଜ୍ୟରେ ଦୈନିକ କେଉଁଠି ନା କେଉଁଠି ମହିଳା ଦୁଷ୍କର୍ମ, ହିଂସା, ଉତ୍ପୀଡ଼ନର ଶିକାର ହେଉଛନ୍ତି। ଗୋପାଳପୁର ବିଚ୍‌ରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ, ବଳଙ୍ଗାରେ ନାବାଳିକାକୁ ପୋଡ଼ି ହତ୍ୟା ଉଦ୍ୟମ ଏବଂ ଖୋଦ୍ ରାଜଧାନୀର ରାଜରାସ୍ତାରେ ମହିଳାଙ୍କୁ ଲୁଟ୍ ଓ ଦୁଷ୍କର୍ମ ଉଦ୍ୟମ ଭଳି ଘଟଣା ରାଜ୍ୟରେ ଗୁରୁତର ଆଇନଶୃଙ୍ଖଳା ସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏସବୁ ଘଟଣା ପରେ ସରକାର କୋଉଠି ବୋଲି ଲୋକେ ପ୍ରଶ୍ନ କରୁଥିବା ବେଳେ ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି।

ଏସବୁ ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ବରିଷ୍ଠ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ବିଜେପି ସରକାର ଯୋଗୁଁ ଓଡିଶାବାସୀଙ୍କ ମୁଣ୍ଡ ତଳକୁ ହୋଇଯାଇଛି। ସବୁଠି ଗୋଟିଏ କଥା ଲଜ୍ଜା-ଲଜ୍ଜା-ଲଜ୍ଜା। ଜାତୀୟ ଲଜ୍ଜା ହୋଇଗଲା ଓଡିଶାର ନାରୀ ନିର୍ଯାତନା। ବିଜେପି ପଶ୍ଚାତାପ ଓ ଅନୁତାପ କରୁ। ଓଡିଶାରେ ମହିଳାମାନେ କେତେ ଅସୁରକ୍ଷିତ ହୋଇପଡିଛନ୍ତି, ତାହା ଗତକାଲିର ଘଟଣାରୁ ସ୍ପଷ୍ଟ ହୋଇଗଲା। ମନ୍ତ୍ରୀ, ଅଫିସରଙ୍କ ବାସଭବନ ଆଗରେ ତଥା ଭୁବନେଶ୍ୱର ଛାତି ଉପରେ ହଜାର ହଜାର ପୁଲିସ ଉପସ୍ଥିତିରେ ଅଭାବନୀୟ ଘଟଣା ଘଟିଲା। ସରକାରଙ୍କୁ ଦୁର୍ବୃତ୍ତମାନେ ଦୁର୍ବଳ ବୋଲି ଭାବିନେଲେଣି। ପିସିସି ସଭାପତି ଭକ୍ତ ଚରଣ ଦାସ ସୁପ୍ରିମକୋର୍ଟଙ୍କ ପ୍ରତିକ୍ରିୟା କିପରି ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ଲଜ୍ଜା ଦେଉ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏହି ଘଟଣା ପରେ ବିଜେପି ଆଉ କ୍ଷମତାରେ ରହିବା ଉଚିତ ନୁହେଁ; ତୁରନ୍ତ ସରକାର ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

**■ ଓଆଇଏସ୍‌ଏଫ୍‌ର ଗଠନ ହେବ ଆଉ ଦୁଇ ନୂଆ ବାଟାଲିଅନ**

# ୨୦୮୦ ନୂତନ ପଦବୀ ସୃଷ୍ଟି, ବାଟାଲିଅନ ସଂଖ୍ୟା ୪କୁ ବୃଦ୍ଧି

ଭୁବନେଶ୍ୱର,୨୩।୭(ସମିସ): ଓଡ଼ିଶା ଶିଳ୍ପ ନିରାପତ୍ତା ବାହିନୀ (ଓଆଇଏସ୍‌ଏଫ୍)ର ଆଉ ଦୁଇଟି ବାଟାଲିଅନ ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି। ଏହି ଦୁଇଟି ନୂତନ ବାଟାଲିଅନ ପାଇଁ ସମୁଦାୟ ୨୦୮୦ଟି ପଦବୀ ସୃଷ୍ଟି କରାଯାଇଛି। ଏଥିରୁ ୧୯୪୪ଟି ନିୟମିତ ପଦବୀ ଥିବାବେଳେ ୧୩୬ଟି ପଦବୀ ଆଉଟ୍‌ସୋର୍ସିଂ ଭିତ୍ତିରେ ସୃଷ୍ଟି କରାଯାଇଛି। ପୂର୍ବରୁ ରାଜ୍ୟରେ ଓଆଇଏସ୍‌ଏଫ୍‌ରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ଥିଲା। ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭ ରହିଥିଲା। ଗତ ଏପ୍ରିଲ ମାସରେ ମୁଖ୍ୟମନ୍ତ୍ରୀ ଗୋଟିଏ ନୂଆ ବାଟାଲିଅନ ସୃଷ୍ଟି କରିଥିବା ବେଳେ ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରୁଥିଲା। ଏହି ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ଥିଲା। ତୃତୀୟ ଓ ଚତୁର୍ଥ ବାଟାଲିଅନ ସୃଷ୍ଟି ହେବା ପରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସରେ ସମୁଦାୟ ପଦବୀ ସଂଖ୍ୟା ୪୯୨୭ ପଦବୀକୁ ବୃଦ୍ଧି ହୋଇଛି।

# ତାରିଣୀ, ବିରଜା ଓ ଏକାମ୍ର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୭(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ଘଟଗାଁ ମା' ତାରିଣୀ ପୀଠ, ଯାଜପୁର ମା' ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ସମୀକ୍ଷାରୁ ଜଣାଯାଇଛି ଯେ ଘଟଗାଁ ମା' ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯

**ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଆଲୋଚନା କରି ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ପାଇଁ ପରାମର୍ଶ**

ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି। ଅଢ଼େଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଘଟଗାଁର ମା' ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀ ନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ୍ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ବ୍ୟବସ୍ଥା, ପୁଷ୍କରିଣୀ ଏବଂ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଇତ୍ୟାଦି ରହିଛି। ମନ୍ଦିର କମିଟି ସହିତ ଆଲୋଚନା କରି ଏ ସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥି ସହିତ ଘଟଗାଁ ମନ୍ଦିର



ଚତୁଃପାଶ୍ୱର୍ରେ ଥିବା ଦୋକାନଗୁଡ଼ିକୁ ମାର୍କେଟ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିଭଳି ପ୍ରସିଦ୍ଧ ଶକ୍ତିପୀଠ ଯାଜପୁରର ମା' ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାଶ୍ୱର୍ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଛି।

ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଭୁ ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାଶ୍ୱର୍ର ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟକୁମାର ସିଂହ, ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



# ଛାତ୍ରୀଙ୍କ ସୁରକ୍ଷା ଦାବିରେ ଅଣ୍ଟା ଭିଡ଼ିଲେ ଛାତ୍ର ସଂଗଠନ

ଭୁବନେଶ୍ୱର, ୨୩।୭ (ସମିସ): ବର୍ତ୍ତମାନ ସମୟରେ ରାଜ୍ୟରେ ତଥା ବାଲେଶ୍ୱର, ବଲାଙ୍ଗୀ, ଗୋପାଳପୁର, ଜଗତସିଂହପୁରରେ ଛାତ୍ରୀମାନଙ୍କ ଉପରେ ହୋଇଥିବା ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମରେ ଜଡିତ ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ତଥା ଛାତ୍ରୀଙ୍କ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନେଇ ନ ଥିବା ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା, ଶିକ୍ଷାନୁଷ୍ଠାନର ବାହାରେ ଓ ଭିତରେ ଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଆଦି ପ୍ରମୁଖ ଦାବିରେ ଏଆଇଡିଏସଓ, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ରାଜ୍ୟ ସଚିବାଳୟ ସମ୍ମୁଖରେ ବିଶାଳ ଛାତ୍ର ବିକ୍ଷୋଭ ହୋଇଛି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ହଜାର ହଜାର ଛାତ୍ରଛାତ୍ରୀ ଉପରୋକ୍ତ ଦାବିକୁ ନେଇ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା ରାଜମହଲ ଛକରୁ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଛାତ୍ର ବିକ୍ଷୋଭ ସ୍ଥଳରେ ଏଆଇଡିଏସଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ସୋମନାଥ ବେହେରା, କେନ୍ଦ୍ରୀୟ ପରିଷଦର ଅନ୍ୟତମ ଯୁଗ୍ମ ସମ୍ପାଦକ ସମର ମହାତୋ, ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରନେତାମାନେ ନିଜର ବକ୍ତବ୍ୟ ରଖିଥିଲେ। ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରାଙ୍କ ନେତୃତ୍ୱରେ ରାଜ୍ୟ ଉପ-ସଭାନେତ୍ରୀ ନିରୂପମା ବେହେରା, କୋଷାଧ୍ୟକ୍ଷା ସପ୍ତର୍ଶିନୀ ରାଉଳ, ସମ୍ପାଦକ ମଣ୍ଡଳୀ ସଦସ୍ୟ ହରେକୃଷ୍ଣ ଦାସ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପାଖରୁ ସଂଗୃହିତ ଦସ୍ତଖତ ସମ୍ବଳିତ ଦାବି ପତ୍ର ପ୍ରଦାନ କରିଥିଲେ।

## ଗର୍ଜିଲା ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ




ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ବିଧାନ, ବଲାଙ୍ଗୀ ଛାତ୍ରୀ ପୋଡିରେ ସମସ୍ତ ଆସାମୀଙ୍କୁ ତୁରନ୍ତ ଗିରଫ ସହ ରାଜ୍ୟରେ ସର୍ବତ୍ର ଘଟି ଚାଲିଥିବା ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା, ଶିକ୍ଷାନୁଷ୍ଠାନରେ ଯୌନ ଶୋଷଣ ଓ ମାନସିକ ନିର୍ଯାତନା ଆଦି ଦାବିରେ ଆଜି ରାଜ୍ୟ ସଚିବାଳୟ ସମ୍ମୁଖରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ବିକ୍ଷୋଭ ପ୍ରଦର୍ଶନ କରିଛି। ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁର ୧୦ ଦିନ ବିତି ଯାଇଥିଲେ ମଧ୍ୟ ସମସ୍ତ ଅପରାଧୀଙ୍କୁ ଗିରଫ କରାଯାଇନାହିଁ। ଅନ୍ୟପକ୍ଷରେ ବଲାଙ୍ଗୀ ଘଟଣା ସମେତ ବହୁ ଘଟଣା ପ୍ରତିଦିନ ଘଟି ଚାଲିଛି ଯାହାକି ରାଜ୍ୟର ସାଧାରଣ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ସଙ୍ଗଠନର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ରାଜ୍ୟରେ ଛାତ୍ରୀ ଓ ମହିଳାମାନଙ୍କ ନିରାପତ୍ତାହୀନ ସ୍ଥିତି ସମ୍ପର୍କରେ ଅତ୍ୟନ୍ତ ଉଦ୍‌ବେଗ ପ୍ରକାଶ କରିବା ସହ ସମଗ୍ର ନାରୀ ସମାଜ ଏହି ସମସ୍ୟା ବିରୁଦ୍ଧରେ ଲଢେଇ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, ସୁଲୋଚନା ପ୍ରଧାନ, ତରଙ୍ଗିଣୀ ଦାସ, ବିଜୟଲକ୍ଷ୍ମୀ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧନା ଉତ୍ସବ



ଭୁବନେଶ୍ୱର, ୨୩।୭ (ସମିସ): ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ସମ୍ବର୍ଦ୍ଧିତ କରିଛନ୍ତି। ବୁଧବାର ରାଜଭବନରେ ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ବିଜେତା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା, ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ୨୦୨୪ ମସିହା ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରାଜ୍ୟର କୃତୀ ପ୍ରତିଭା ତଥା ସେମାନଙ୍କ ପିତାମାତାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମ୍‌ପାଟିଙ୍କ ସମେତ ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ, ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ବର୍ଗର କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷ ସେମାନଙ୍କର ପ୍ରେରଣାଦାୟକ ଅଭିଜ୍ଞତା ବାଣ୍ଟିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଅଦିନିଆ ରଥଯାତ୍ରାକୁ ବିରୋଧ

ଭୁବନେଶ୍ୱର, ୨୩।୭ (ସମିସ): ଧଉଳି ପାହାଡ଼ ନିକଟ ଭୌରଙ୍ଗେଶ୍ୱର ମନ୍ଦିରରେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଦିନିଆ ରଥଯାତ୍ରା, ଅଦିନିଆ ସ୍ନାନ ଯାତ୍ରା କରିବା ଘଟଣାକୁ ବିରୋଧ କରିବା ସହ ସଭାରେ ନିନ୍ଦା କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ବର୍ତ୍ତମାନ ସମାଜର ଧାର୍ମିକ ପରିସ୍ଥିତିକୁ ନେଇ ଏକ ନୂତନ ବହି ଶ୍ରୀ ଜଗନ୍ନାଥ ମନ୍ତ୍ର ଓ ସ୍ତୋତ୍ର ପ୍ରସ୍ତୁତ କରାଯାଇଛି। ଭଗବାନ ଚୈତନ୍ୟ ଓ ଶ୍ରୀକୃଷ୍ଣଙ୍କ ସମ୍ପର୍କ, କଳିଯୁଗରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଦି ବିଷୟରେ ଆଲୋଚନା ହୋଇଥିଲା। ଟ୍ରଷ୍ଟ ପକ୍ଷରୁ ଆଗାମୀ ଦିନରେ ଓଡ଼ିଶାରେ ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାର ଦିଗରେ ପ୍ରୟାସ କରାଯିବ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ଶ୍ରୀ ଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଭଗବାନ ଦାସ ଓ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ନାରାୟଣ ମହାପାତ୍ର, ସୁରେଶ କୁମାର ମିଶ୍ର ଏବଂ ଅନ୍ୟମାନଙ୍କ ସଂଯୋଜନାରେ ଏକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ସହସ୍ର ନାମ, ଗୀତ ଗୋବିନ୍ଦ ପଠନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## କଲ୍ୟାଣ ଅଭିଯାନ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର, ୨୩।୭ (ସମିସ): କଲ୍ୟାଣ ଅଭିଯାନ ଟ୍ରଷ୍ଟ ପକ୍ଷରୁ ବୁଧବାର ଭିଏସ୍‌ଏସ୍ ନଗର ସାଇବର ଥାନା ପାଖ ପଡ଼ିଆରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ସମାଜସେବୀ ଡ. ପ୍ରକାଶ ତ୍ରିପାଠୀ ଯୋଗଦେଇ କଲ୍ୟାଣ ଅଭିଯାନ ଟ୍ରଷ୍ଟର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ପତ୍ରିକାର ସମ୍ପାଦକ ଚିଦାନନ୍ଦ ଜେନା, ସୌମ୍ୟରଞ୍ଜନ ପ୍ରଧାନ, କଲ୍ୟାଣ ଅଭିଯାନ ଟ୍ରଷ୍ଟ ସଭାପତି ଲିପୁନ କୁମାର ପରିଡ଼ା, ଉପସଭାପତି ଶାଶ୍ୱତ ଅନୁରାଗ ସାହୁ ଓ ଟ୍ରଷ୍ଟର ସାଧାରଣ ସମ୍ପାଦକ ସତ୍ୟପ୍ରଜ୍ଞ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସର୍ବଜିତ ସାହୁ, ସୋମନାଥ ମଲ୍ଲିକ, ଗଣେଶ୍ୱର ମହାପାତ୍ର, ପବିତ୍ର ମଲ୍ଲିକ, ଦୁର୍ଗାଚରଣ ସାହୁଙ୍କ ସହ ବହୁ ଯୁବକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣରେ ସହଯୋଗ କରିଥିଲେ।

## ଇନର୍ ହୁଇଲ୍ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

ଭୁବନେଶ୍ୱର, ୨୩।୭ (ସମିସ): ଇନର୍ ହୁଇଲ କ୍ଲବ୍, ଭୁବନେଶ୍ୱର କନ୍‌ଫ୍ଲୁଏନ୍ସର ୧୬ ତମ ବାର୍ଷିକ ଅଧିଷ୍ଠାନ ଉତ୍ସବ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଇନ୍‌ର ହୁଇଲ ଜିଲ୍ଲା ୩୨୬ର ଅଧ୍ୟକ୍ଷ ମଧୁସ୍ମିତା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୨୫-୨୬ ବର୍ଷ ପାଇଁ ନୂତନ୍ ବୋର୍ଡ ସଭ୍ୟାମାନଙ୍କୁ ଅଧିଷ୍ଠିତ କରାଯାଇଥିଲା। ନୂତନ ସଭାପତି ଭାବେ ଜୟନ୍ତୀ କର, ସମ୍ପାଦିକା କାବେରୀ ମହାପାତ୍ର ଓ କୋଷାଧ୍ୟକ୍ଷ ସଞ୍ଜୁକ୍ତା ସାଗରିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଏଡ଼ିଟର ସୁଖଭିନ୍ଦର୍ କୌରଙ୍କ ଦ୍ୱାରା 'ପ୍ଲାବନି' ଉନ୍ମୋଚିତ ହୋଇଥିଲା। କ୍ଲବ୍ ତରଫରୁ ଜ୍ୟୋତି ଅଗ୍ରୱାଲା ମଞ୍ଚ ପରିଚାଳନା କରିଥିବା ବେଳେ ସରିତା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ବିଭିନ୍ନ ଇନ୍‌ର୍ ହୁଇଲ କ୍ଲବ୍ ସଦସ୍ୟାମାନେ ଯୋଗ ଦେଇଥିଲେ। ବିଦାଇ ସଭାପତି ଦିପ୍ତିମୟୀ ସେନାପତି ଓ ତାଙ୍କ ଟିମ୍ ସଦସ୍ୟମାନଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା।

## ଆଉଟରିଚ୍ ପକ୍ଷରୁ ଜାତୀୟ ପ୍ରସାରଣ ଦିବସ

● ଲୋକାର୍ପଣ ହେଲା ରେଡିଓ ଭୁବନେଶ୍ୱର ୮୯.୨ ଏଫଏମ୍




ଭୁବନେଶ୍ୱର, ୨୩।୭ (ସମିସ): ଆଉଟରିଚ୍ ପକ୍ଷରୁ ଜାତୀୟ ପ୍ରସାରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଲୋକାର୍ପଣ ହୋଇଛି ନୂଆ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଭୁବନେଶ୍ୱର ୮୯.୨ ଏଫଏମ୍। ଆଉଟରିଚ୍ ରେଡିଓ ନେଟୱର୍କର ଅଧ୍ୟକ୍ଷ ସୁବ୍ରତ କୁମାର ପତିଙ୍କ ପୌରୋହିତ୍ୟରେ ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଲୋକନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ରେଡ଼ିଓ ବ୍ୟକ୍ତିତ୍ୱ ତଥା ବର୍ଷିଆନ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ସୁନାମଧନ୍ୟ ଓଡିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି, ହକି ଇଣ୍ଡିଆର ସଭାପତି ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଓ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଖ୍ୟାତିସମ୍ପନ୍ନ ନ୍ୟୁରୋସର୍ଜନ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର ଅତିଥି ଭାବେ ଯୋଗଦେଇ ରେଡିଓ ଭୁବନେଶ୍ୱରକୁ ଲୋକାର୍ପିତ କରିଥିଲେ। ରେଡିଓ ଭୁବନେଶ୍ୱରର ସିଗନେଚର ଟ୍ୟୁନକୁ ଅତିଥି ମାନେ ପ୍ରସାରଣ କରିବା ସହ ଔପଚାରିକ ରେଡ଼ିଓ ପ୍ରସାରଣ ଆରମ୍ଭ ହୋଇଥିଲା। ତେବେ ୧୯୨୭ ମସିହା ଆଜିର ଦିନରେ ରେ ବମ୍ବେ ସହରରେ ପ୍ରଥମ ରେଡ଼ିଓ ପ୍ରସାରଣ ଆରମ୍ଭ ହୋଇଥିଲା। ଏହାକୁ ମନେ ରଖିବାକୁ ପ୍ରତିବର୍ଷ ୨୩ ଜୁଲାଇକୁ ଜାତୀୟ ପ୍ରସାରଣ ଦିବସ ଭାବରେ ପାଳନ କରାଯାଏ। ସେହିକ୍ରମରେ ଆଉଟରିଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ୟୁନିଟି ମିଡ଼ିଆ ଏକ୍ସପର୍ଟ ତଥା ଆଉଟରିଚର ପରାମର୍ଶଦାତା ଏନ୍‌ଏ ଶାହ ଆନସାରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ରେଡିଓ ଭୁବନେଶ୍ୱରର ଉପସ୍ଥାପକ ପାର୍ଥସାରଥୀ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ ଏବଂ ରେଡିଓ ଜକି ଲିପ୍ସା ଦାଶ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସଂସ୍କୃତି ବିଭାଗ ସହଯୋଗରେ ନୃତ୍ୟପ୍ରଭା ଡ୍ୟାନ୍ସ ଏକାଡେମୀର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବିଦ୍ୟୁତ୍ ତାର ଛିଣ୍ଡି ୯ ଗାଇ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ରାସ୍ତାରୋକ



ଯାଁଳା, ୨୩।୭ (ସମିସ) ମଙ୍ଗଳବାର ବିଳମ୍ବିତ ରାତିରେ ତଳଖେତା ଛକ ରାଧାଚରଣପୁରୁ ଠାରେ ବିଦ୍ୟୁତ ତାର ଛିଡି ପଡ଼ିବାରୁ ୯ଟି ଗାଇଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ବୁଧବାର ରାଧାଚରଣପୁର ଗ୍ରାମରେ ପ୍ରବଳ ଉତେଜନା ସୃଷ୍ଟି ହେବା ସହ ରାସ୍ତା ରୋକ ହୋଇଥିଲା। ପ୍ରାୟ ଏକ ଘଣ୍ଟା କାଳ ଇନଫୋସିଟି ରାସ୍ତାରୋକ କରିଥିଲେ ସ୍ଥାନୀୟ ଲୋକ। ମୃତ ଗାଇ ମାନଙ୍କ ପାଇଁ କ୍ଷତିପୂରଣ ଓ ଏକ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ଦାବିରେ ଉତ୍ତ୍ୟକ୍ତ ଲୋକେ ବିଦ୍ୟୁତ କର୍ମଚାରୀଙ୍କୁ ଘେରିଥିଲେ। ଖବର ପାଇ ଇନଫୋସିଟି ଥାନା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏବଂ ବିଦ୍ୟୁତ୍ ବିଭାଗର ଅଧିକାରୀ ଲୋକଙ୍କ ଦାବି ଉପରେ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ଏବଂ ରାସ୍ତା ରୋକ ହଟିଥିଲା।

**ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର ପାଇଁ ସ୍ଥାନୀୟ ଲୋକଙ୍କ ଦାବି**

**ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଅଟକ ରଖିଲେ ଲୋକେ**

ପ୍ରକାଶ ଥାଉ କି ଗତକାଲି ରାତିରେ ଖୋର୍ଦ୍ଧାରୁ ଆସିଥିବା ୩୩ କେଭି ବିଦ୍ୟୁତ୍ ଲାଇନରେ କୌଣସି ତ୍ରୁଟି ହେବାରୁ ରାଧାଚରଣପୁରସ୍ଥିତ ଜଙ୍କସନ ଜଳିଥିଲା। ରାସ୍ତା ଉପରେ ଜନ ବସତି ପାଖରେ ଥିବା ଜଙ୍କସନ ଭୟଙ୍କର ଭାବେ ଜଳିବାରୁ ପାଖରେ ଥିବା ଏକ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା। ଛିଡା ତାର ନିକଟସ୍ଥ ଏକ ଗାଇ ଗୋଠ ପାଖରେ ପଡ଼ିବାରୁ ୯ଟି ଗାଇଙ୍କ ମୃତ୍ୟୁ ଘଟିଥିଲା ଏବଂ ଗୋପାଳକ ଗୋଲକ ବେହେରା ଆହତ ହୋଇଥିଲେ। ରାତି ଅଧରେ ଏତେବଡ ଅଘଟଣ ଘଟିଲା ଅଥଚ ବିଭାଗୀୟ ଯନ୍ତ୍ରୀଙ୍କ ଦେଖା ନ ଥିଲା। ଏହାକୁ ନେଇ ଲୋକମାନଙ୍କ ଭିତରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା। ଲୋକମାନେ ଗୋରୁମାନଙ୍କ ମୃତଦେହ ଉଠାଇ ନ ଥିଲେ। ବିଦ୍ୟୁତ ବିଭାଗୀୟ ଅଧିକାରୀ ଘଟଣା ସ୍ଥଳକୁ ନାସିବାରୁ ଆଜି ସକାଳୁ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ଘେରିଯାଇ ଅଟକ ରଖିଥିଲେ। ମୃତ ଗାଈମାନଙ୍କ ବାବଦରେ କ୍ଷତି ପୂରଣ ଦେବାକୁ ଦାବି କରିଥିଲେ। ଏହା ସହ ଇନଫୋସିଟି ରାସ୍ତାକୁ ଅବରୋଧ କରିଥିଲେ। ଇନଫୋସିଟି ଥାନା ପୁଲିସ ଓ ବିଦ୍ୟୁତ ବିଭାଗ ଅଧିକାରୀ ପହଁଚିବା ପରେ ଏକ ଆପୋଷ ଆଲୋଚନା ହୋଇଥିଲା। ଗୋପାଳକଙ୍କୁ ୫ ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଥିଲା।

## 'ନିସ୍' ଶିକ୍ଷାନୁଷ୍ଠାନର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ

ଭୁବନେଶ୍ୱର, ୨୩।୭ (ସମିସ): ମଦନପୁରସ୍ଥିତ ନିସ୍ ହାୟର ସେକେଣ୍ଡାରୀ ସ୍କୁଲର ନବାଗତ ବିଜ୍ଞାନ ଓ ବାଣିଜ୍ୟର ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସ୍ୱାଗତ ଉତ୍ସବରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଉନ୍ନତମାନର ଶିକ୍ଷାଗ୍ରହଣ କରିବା ସହିତ କିପରି ସେମାନଙ୍କର ଉନ୍ନତ ଭବିଷ୍ୟତ ଗଠନ କରିପାରିବେ ତାହା ତାଙ୍କ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ଉକ୍ତ ଉତ୍ସବରେ ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଉପାଧ୍ୟକ୍ଷ ପ୍ରଫେସର ଇନ୍ଦ୍ରଜିତ ଦାସ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ, କୋଅର୍ଡିନେଟର ପ୍ରଫେସର ସ୍ମୃତିରଞ୍ଜନ ନାୟକ, ବଟନି ବିଭାଗର ମୁଖ୍ୟ ପ୍ରଫେସର ରାଜଲକ୍ଷ୍ମୀ ବଳିୟାରସିଂହଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗର ଅଧ୍ୟାପିକା ପ୍ରଫେସର ପୂର୍ଣ୍ଣିମା ମିତ୍ର ମଞ୍ଚ ପରିଚାଳନା କରିଥିଲେ। ନବାଗତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଏକ ଶପଥ ପାଠର ଆୟୋଜନ କରାଯାଇଥିଲା। ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।






ରବୀନ୍ଦ୍ର ମଣ୍ଡପରେ ଅନ୍ତର୍ଜାତୀୟ ସମ୍ବଲପୁରୀ ମହୋତ୍ସବ

## ମୋନା ଭୁବନେଶ୍ୱର ସାଙ୍ଗଠନିକ କାର୍ଯ୍ୟକାରୀ କମିଟି ଗଠିତ




ନନ୍ଦନକାନନ, ୨୩।୭ (ସମିସ): ଆଗାମୀ ଦିନରେ ମଦମୁକ୍ତ ଓଡ଼ିଶା ଗଠନନେଇ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ସୁଦୃଢ କରିବା ଏବଂ ଆନ୍ଦୋଳନକୁ ତୀବ୍ର ଓ ତ୍ୱରାନ୍ୱିତ କରିବା ପାଇଁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମୋନା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ବୈଠକରେ ମୋନାର ସଭାପତି ସ୍ୱାଧୀନତା ସଂଗ୍ରାମୀ ବର୍ଷିଆନ ଗାନ୍ଧିବାଦୀ ନେତା ପଦ୍ମ ଚରଣ ନାୟକଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଏକ ୭ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଗଲା। ଦୁଷ୍ମନ୍ତ କୁମାର ଜେନାଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଛି। ଉପ ସଭାପତି ଭାବେ ଗୀତାଞ୍ଜଳି ସ୍ୱାଇଁ, ଗୀତାଞ୍ଜଳି ଦଳେଇ, ସମ୍ପାଦକ ଭାବେ ଦୁର୍ଗା ପ୍ରସାଦ ସାହୁ, ସଂଯୋଜକ ଭାବେ ଦୁର୍ଗା ପ୍ରସାଦ ଦାଶ, ମେଡିଆ ସଂଯୋଜକ ଭାବେ ଅରୁଣ ସ୍ୱାଇଁଙ୍କୁ କାର୍ଯ୍ୟନିର୍ବାହ କରିବାକୁ ଉପସ୍ଥିତ ମୋନାର ପ୍ରମୁଖ ସଦସ୍ୟମାନେ ଚୟନ କରିଥିଲେ। ଏହି ବୈଠକରେ ମୋନାର ରାଜ୍ୟ ପ୍ରମୁଖମାନଙ୍କ ମଧ୍ୟରେ ରାଜ୍ୟ କାର୍ଯକାରୀ ସଭାପତି କାହ୍ନୁ ଚରଣ ବେହୁରା, ଅର୍ଜୁନ ଚରଣ ସାମନ୍ତରାୟ, ମଳୟ ତ୍ରିପାଠୀ, ଶୁଭେନ୍ଦୁ ରାଉତରାୟ, ସତ୍ୟନାରାୟଣ ମିଶ୍ର, ଖଗେଶ୍ୱର ବଳ, ସତ୍ୟନାରାୟଣ ସାମନ୍ତସିଂହାର ଉପସ୍ଥିତ ଥିଲେ।

# ବିଦେଶରେ ବଢୁଛି ପୌରାଣିକ ବାଦ୍ୟ ପୁସ୍ତକର ଆଦର

**ବିଦେଶୀ ପସନ୍ଦ କରୁଛନ୍ତି ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଓ ବାଦ୍ୟ**

ଭୁବନେଶ୍ୱର, ୨୩।୭ (ସମିସ): ବର୍ତ୍ତମାନ ସମୟରେ କେବଳ ଓଡିଆ ନୁହଁ ବରଂ ବିଦେଶରେ ମଧ୍ୟ ଓଡ଼ିଶାର ପୌରାଣିକ ଗାଥା ଏବଂ ବାଦ୍ୟର ଇତିହାସ ସଂକ୍ରାନ୍ତ ବହି ଆଦର ପାଉଛି। ପୂର୍ବରୁ ଯେଉଁଭଳି ଓଡ଼ିଶୀକୁ ବିଦେଶୀ ପସନ୍ଦ କରୁଥିଲେ ସେହିଭଳି ଏବେ ପ୍ରାଚୀନ ସଙ୍ଗୀତ ଏବଂ ବାଦ୍ୟକୁ ଆଦରୁ ଥିବା ଦେଖିବାକୁ ମିଳୁଛି।



କଥାଟି ହେଲା ଓଡ଼ିଶାର ପୌରାଣିକ ଗାଥା, ଇତିହାସ, ନୃତ୍ୟ, ସଙ୍ଗୀତ ଏବଂ ବାଦ୍ୟକୁ ବିଦେଶୀମାନେ ଆପଣେଇବାରେ ଲାଗିଲେଣି। ସମୟସହ ସେଠାରେ ରହୁଥିବା ବିଦେଶୀମାନେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଶିଖୁଥିବାର ଦେଖିବାକୁ ମିଳିଲାଣି। ସେହିପରି ଏବେ ପ୍ରାଚୀନ ବାଦ୍ୟରେ ମଧ୍ୟ ସେମାନେ ରୁଚି ରଖିଲେଣି। ପୌରାଣିକ ବାଦ୍ୟ ଏବଂ ସେ ସମ୍ପର୍କିତ ଲିଖିତ ପୁସ୍ତକ ସେମାନେ ଓଡ଼ିଶାରୁ ମଗାଇ ପଢୁଛନ୍ତି। ଯାହାର ଉଦାହରଣରେ ତବଲା ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଏବଂ ସେଥିରେ ନିଜ ଗବେଷଣା ଜାରି ରଖିଥିବା ବିନୋଦ ବିହାରୀ ରାଉତ କୁହନ୍ତି, ତାଙ୍କ ଦ୍ୱାରା ହଜିଯାଇଥିବା ପୂର୍ବକାଳର ସେହି ତ୍ରିପୁଷ୍କର ବାଦ୍ୟକୁ ପୁନଃ ପ୍ରସ୍ତୁତି କରିଛନ୍ତି। ଦୀର୍ଘ ୧୦ ବର୍ଷ କାଳ ଗବେଷଣା ପରେ ସେ ଏହାକୁ ପ୍ରସ୍ତୁତ କରିଛନ୍ତି। ଏହା ସହ ସେ ସମ୍ବନ୍ଧରେ ଏକ ପୁସ୍ତକ ପ୍ରସ୍ତୁତ କରି ସେଥିରେ ତାର ପ୍ରସ୍ତୁତି ଏବଂ ଇତିହାସର ବିଷୟରେ ଉଲ୍ଲେଖ କରିଛନ୍ତି। ଯାହା ବଜାରରେ ମିଳିବା ସହ ବିଦେଶକୁ ମଧ୍ୟ ବିକ୍ରି ପାଇଁ ଯାଉଛି। କେବଳ ସେହି ବହି ନୁହଁ ବରଂ ଓଡ଼ିଆ ଓ ଇଂରାଜୀରେ ତାଙ୍କ ଲିଖିତ ମୋଟ ୮ଟି ବହି ପ୍ରକାଶ ପାଇଥିବା ବେଳେ ସେସବୁ ବିଦେଶରେ ଭଲ ବିକ୍ରି ହେଉଛି। ଯେଉଁଥିରେ ତବଲା ଶିକ୍ଷା, ସଙ୍ଗୀତରେ ତାଲିମ୍ ରିୟାଜ, ତାଳ ବିନୋଦ, ତାଳ ପ୍ରଜ୍ଞା, ତାଳ ତୃପ୍ତି ଆଦି ବହି ଅନ୍ତର୍ଭୁକ୍ତ। ଏସବୁ ବହି କେବଳ ଭାରତ ନୁହଁ ବରଂ ଜର୍ମାନ, ଜାପାନ, ଅଷ୍ଟ୍ରେଲିଆ, ୱାଶିଙ୍ଗଟନ୍, ଆମେରିକା ଆଦି ସ୍ଥାନକୁ ଅର୍ଡର ଅନୁଯାୟୀ ବିକ୍ରି ହେଉଛି। କବେଳ ସେହିସବୁ ବହି ନୁହଁ ବରଂ ଓଡିଶୀ ସଙ୍ଗୀତ, ନୃତ୍ୟ ଆଦିର ବହିକୁ ବି ସେଠାରେ ପସନ୍ଦ କରୁଥିବା ସେ କହିଛନ୍ତି। ଯେଉଁମାନେ ଏଠାକୁ କୌଣସି କାର୍ଯ୍ୟକ୍ରମ ପାଇଁ କିମ୍ବା ବୁଲିବାକୁ ଆସୁଛନ୍ତି ସେମାନେ ମଧ୍ୟ ହାତରେ ଖଣ୍ଡେ ଖଣ୍ଡେ ବହି କିଣି ନେଇ ଯାଉଛନ୍ତି। ତେଣୁ ଓଡ଼ିଶାର ଇତିହାସ, ନୃତ୍ୟ, ବାଦ୍ୟ ଓ ସଙ୍ଗୀତ କେବଳ ଆମ ରାଜ୍ୟରେ ସିମୀତ ହୋଇରହି ନାହିଁ। ଅନଲାଇନ ସୁବିଧା ହେବାପରେ ଏହାର ବିକ୍ରି ବଢ଼ିଛି ବୋଲି ସେ କହିଥିଲେ।



ସକାଳ THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୮୩
- ୟୁରୋ ୧୦୧.୧୭ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୮୦୦ (ଭୁବନେଶ୍ୱର)
- ରୁପା : ୧,୨୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୭୨୬.୦୦
- ନିଫ୍ଟି ୨୫,୨୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ବଦଳିଲା ରେଳବାଇର ଏମର୍ଜେନ୍ସି କୋଟା ନିୟମ

# ଜରୁରୀ ଟିକଟ ପାଇଁ ଦିନକ ପୂର୍ବରୁ ଆବେଦନ

**ନୂଆଦିଲ୍ଲୀ,୨୩।୭ (ଏଜେନ୍ସି):** ଭାରତୀୟ ରେଳବାଇ ଏହାର ଇମରଜେନ୍ସି ବା ଜରୁରୀକାଳୀନ କୋଟା ନିୟମରେ ପରିବର୍ତ୍ତନ ଘଟାଇଛି। ଏହି ଅନୁଯାୟୀ, ଜରୁରୀକାଳୀନ ଟ୍ରେନ୍-ଟିକଟ କରିବା ପାଇଁ ଗୋଟିଏ ଦିନ ପୂର୍ବରୁ ଆବେଦନ କରିବାକୁ ପଡ଼ିବ। ଏଥିରେ ଟ୍ରେନ୍ ଛାଡିବାର ୮ ଘଣ୍ଟା ପୂର୍ବରୁ ରିଜର୍ଭେସନ୍ ବା ଟିକଟ ସଂରକ୍ଷଣ ଚାର୍ଟ ଆସିଯିବ। ଏହାଫଳରେ ଯାତ୍ରୀମାନେ ଟିକେଟ୍ ନିଶ୍ଚିତ ନ ହେଲେ ବିକଳ୍ପ ଯାତ୍ରା କିମ୍ବା ଅନ୍ୟ ଏକ ଟିକଟ୍ ବୁକ୍ କରିବାକୁ ଅଧିକ ସମୟ ପାଇପାରିବେ। ପୂର୍ବରୁ ଟ୍ରେନ୍ ଛାଡିବାର ୪ ଘଣ୍ଟା ପୂର୍ବରୁ ଟ୍ରେନ୍‌ର ସଂରକ୍ଷଣ ଚାର୍ଟ ପ୍ରସ୍ତୁତ ହେଉଥିଲା। ନିକଟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ରେଳ ବୋର୍ଡ ଖୁବ୍ ଶୀଘ୍ର ଏହି ପରିବର୍ତ୍ତନଗୁଡ଼ିକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବ।

ପ୍ରାରମ୍ଭିକ ଭାବରେ ଏହି ନିୟମକୁ କିଛି ସ୍ୱତନ୍ତ୍ର ଟ୍ରେନ୍‌ରେ କାର୍ଯ୍ୟକାରୀ କରାଯିବ। ଏହି ନିୟମ ମୁଖ୍ୟତଃ ଦୀର୍ଘ ଦୂରତା ଟ୍ରେନ୍ ପାଇଁ ଲାଗୁ ହେବ। କିନ୍ତୁ ପ୍ରାରମ୍ଭରେ ଏହାକୁ ହମସଫର ଭଳି କିଛି ବର୍ଗର କିଛି ନିର୍ଦ୍ଦିଷ୍ଟ ଟ୍ରେନରେ ଲାଗୁ କରାଯିବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ରାଜଧାନୀ, ଶତାବ୍ଦୀ, ମେଲ, ଏକ୍ସପ୍ରେସ ଏବଂ ସୁପରଫାଷ୍ଟ ଭଳି ଅନ୍ୟ ଟ୍ରେନରେ କାର୍ଯ୍ୟକାରୀ କରାଯିବ। ନୂଆ ନିୟମାନୁଯାୟୀ,

**ଟ୍ରେନ୍ ଛାଡିବାର ୮ ଘଣ୍ଟା ପୂର୍ବରୁ ଆସିବ ରିଜର୍ଭେସନ୍ ଚାର୍ଟ**

ଅପରାହ୍ନ ୨ ଟା ପୂର୍ବରୁ ଛାଡିବାକୁ ଥିବା ଟ୍ରେନଗୁଡିକର ଚାର୍ଟ ପୂର୍ବ ଦିନ ରାତି ୯ ଟାରେ ପ୍ରସ୍ତୁତ କରାଯିବ। ଉଦାହରଣ ସ୍ୱରୂପ, ଯଦି ଟ୍ରେନଟି ସକାଳ ୮ ଟାରେ ଅଛି, ତେବେ ଏହାର ଚାର୍ଟ ରାତି ୯ ଟାରେ ପ୍ରସ୍ତୁତ କରାଯିବ। ଏହା ସକାଳ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ମଧ୍ୟ ପର୍ଯ୍ୟାପ୍ତ ସମୟ ଦେବ। ପୂର୍ବରୁ, ଭାରତୀୟ ରେଳବାଇ ମେ' ପହିଲାରୁ ୱେଟିଂ ଟିକଟ ପାଇଁ ନୂତନ ନିୟମ ଲାଗୁ କରିଥିଲା। ଏହି ନିୟମ ଅନୁଯାୟୀ, ୱେଟିଂ ଲିଷ୍ଟରେ ଟିକଟ ଥିବା ଯାତ୍ରୀମାନଙ୍କୁ ଆଉ ସ୍ଲିପର କିମ୍ବା ଏସି କୋଚରେ ଯାତ୍ରା କରିବାକୁ ଅନୁମତି ଦିଆଯିବନାହିଁ। ଯେଉଁ ଯାତ୍ରୀମାନଙ୍କର ଟିକଟ ୱେଟିଂ ଲିଷ୍ଟରେ ଅଛି ସେମାନେ ଏବେ କେବଳ ସାଧାରଣ କୋଚରେ ଯାତ୍ରା କରିପାରିବେ। ଯଦି କୌଣସି ଯାତ୍ରୀ ୱେଟିଂ ଲିଷ୍ଟରେ ଏସି କିମ୍ବା ସ୍ଲିପର କୋଚରେ ଯାତ୍ରା କରୁଥିବା ଦେଖାଯାଏ, ତେବେ ତାଙ୍କ ଉପରେ ଜରିମାନା ଲଗାଯିବ।

ଏହାବ୍ୟତୀତ ଜୁଲାଇ ପହିଲାରୁ ନିୟମ ନିୟମାନୁଯାୟୀ, ତତ୍କାଳ ଟିକେଟ୍ ବୁକିଂ ପାଇଁ ଆଇଆର୍‌ସିଟିସି ୱେବସାଇଟ୍ କିମ୍ବା ଆପ୍‌ରେ ଆଧାର ପ୍ରମାଣୀକରଣ ଆବଶ୍ୟକ ହେବ। ଏହା ବ୍ୟତୀତ, ଜୁଲାଇ ୧୫ରୁ ଅନଲାଇନ୍ ତତ୍କାଳ ବୁକିଂ ପାଇଁ ମଧ୍ୟ ଆଧାର ନମ୍ବର ସହିତ ଲିଙ୍କ୍ ହୋଇଥିବା ଓଟିପି ଆବଶ୍ୟକ ହେବ। ଏହି ପରିବର୍ତ୍ତନଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଟିକଟ୍ ବୁକିଂରେ ସ୍ୱଚ୍ଛତା ଆଣିବା ଏବଂ ଦଲାଲ କିମ୍ବା ନକଲି ଏଜେଣ୍ଟଙ୍କ ମନମାନୀ ବନ୍ଦ କରିବା। ଅନେକ ଥର ଦେଖାଯାଇଥିଲା ଯେ ତତ୍କାଳ ଟିକେଟ୍ ଆରମ୍ଭ ହେବା ମାତ୍ରେ କିଛି ମିନିଟ୍ ମଧ୍ୟରେ ବିକ୍ରି ହୋଇଯାଉଥିଲା। କାରଣ ଦଲାଲ ଏବଂ ନକଲି ଏଜେଣ୍ଟମାନେ ସଫ୍ଟୱେର୍ କିମ୍ବା ଭୁଲ ପଦ୍ଧତି ମାଧ୍ୟମରେ ଟିକଟ୍ ବୁକ୍ କରୁଥିଲେ। ଏହା ସାଧାରଣ ଯାତ୍ରୀଙ୍କ ପାଇଁ ଟିକଟ ପାଇବା କଷ୍ଟକର କରିଦେଇଥିଲା। ନୂତନ ନିୟମର ଉଦ୍ଦେଶ୍ୟ ହେଉଛି କେବଳ ପ୍ରକୃତ ଯାତ୍ରୀମାନେ ଟିକଟ ବୁକ୍ କରିବାର ସୁଯୋଗ ପାଇବେ ଏବଂ ଠକେଇକୁ ରୋକିବା। ଆଧାର ଯାଞ୍ଚ ନିଶ୍ଚିତ କରିବ ଯେ ଟିକଟ ସେହି ବ୍ୟକ୍ତିଙ୍କ ଦ୍ୱାରା ବୁକ୍ କରାଯାଉଛି ଯାହାଙ୍କର ଆଧାର ନମ୍ବର ପଞ୍ଜିକୃତ। ଏଜେଣ୍ଟମାନଙ୍କୁ ପ୍ରଥମ ୩୦ ମିନିଟ୍ ପାଇଁ ଏସି ଏବଂ ନନ୍-ଏସି ଉଭୟ ଶ୍ରେଣୀ ପାଇଁ ଟିକଟ ବୁକ୍ କରିବାକୁ ଅନୁମତି ଦିଆଯିବନାହିଁ।

## ହୁ ହୁ ହୋଇ ବଢୁଛି ରୁପା ଦର

**ଭୁବନେଶ୍ୱରରେ କିଲୋ ୧.୨୧ ଲକ୍ଷ**

**ଭୁବନେଶ୍ୱର,୨୩।୭ (ସମିସ):** ବୈଶ୍ୱିକ ଉତ୍ତେଜନା । ମଧ୍ୟରେ ଘରୋଇ ବଜାରରେ ସୁନା ଓ ରୁପା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଦୈନିକ ବଦଳୁଛି ଦର। ଭାଙ୍ଗୁଛି ପୁରୁଣା ରେକର୍ଡ। ପ୍ରତିଷ୍ଠା ହେଉଛି ନୂଆ ରେକର୍ଡ। ହେଲେ କିଛି ମାସ ହେବ ସୁନାକୁ ଟପି ରୁପା ମୂଲ୍ୟରେ ଦ୍ରୁତ ବୃଦ୍ଧି ପରିଲକ୍ଷିତ ହେଉଛି। ରୁପା ଦର ଏବେ ଐତିହାସିକ ରେକର୍ଡ ସ୍ତର କିଲୋ ପିଛା ୧.୨୧ ଲକ୍ଷ ଟଙ୍କା ଛୁଇଁଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ରୁପା ଦର କିଲୋ ପିଛା ୧୫୦୦ ଟଙ୍କା ବୃଦ୍ଧି ଘଟିଛି। ବଜାର ବିଶେଷଜ୍ଞଙ୍କ ମତରେ ଭୂ-ରାଜନୈତିକ ଉତ୍ତେଜନା ଏବଂ ଆମେରିକା ଦ୍ୱାରା ଟାରିଫ୍ ନିର୍ଦ୍ଧାରଣରେ ବିଳମ୍ବ ଯୋଗୁ ସୁନା ଓ ରୁପା ମୂଲ୍ୟ ବୃଦ୍ଧି ପାଉଛି। ନୂଆଦିଲ୍ଲୀରେ ସୋମବାର ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧୦୨୫ ଟଙ୍କା ବୃଦ୍ଧି ହୋଇ ରେକର୍ଡ ୧,୦୦,୫୩୩ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୯୩,୦୦୦ ଟଙ୍କା ନିକଟତର ହୋଇଛି। ତେବେ ନୂଆଦିଲ୍ଲୀରେ ରୁପା ଦର କିଲୋ ପିଛା ଦିନକରେ ୪୦୦୦ ଟଙ୍କା ବୃଦ୍ଧି ଘଟି ୧,୧୮,୦୦୦ ଟଙ୍କାରେ ପହଞ୍ଚିଛି।

**ଚଳିତ ବର୍ଷ ସୁନା ୨୪ ହଜାର ମହଙ୍ଗା**

ତେବେ ରାଜଧାନୀ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧,୦୨,୩୩୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୯୩,୮୦୦ ଟଙ୍କା ଛୁଇଁଛି। ଭୁବନେଶ୍ୱରରେ ଆଜି ରୁପା କିଲୋ ପିଛା ୧,୨୦,୦୦୦ ଟଙ୍କା ଅତିକ୍ରମ କରି ପ୍ରଥମ ଥର ପାଇଁ ୧.୨୧ ଲକ୍ଷ ଟଙ୍କା ସ୍ତର ଛୁଇଁଛି। ସୂଚନାଯୋଗ୍ୟ, ଗତକାଲି ଭୁବନେଶ୍ୱରରେ ରୁପା କିଲୋ ପିଛା ୧,୧୯,୫୦୦ ଟଙ୍କା ରହିଥିଲା।

## ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ ହେଲା ଜିନ୍ଦଲ ଷ୍ଟିଲ ଲିମିଟେଡ

**ଭୁବନେଶ୍ୱର, ୨୩।୭ (ସମିସ):** ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାର ଲିମିଟେଡ୍‌ର ନାମ ବଦଳି ଜୁଲାଇ ୨୨ରୁ ଜିନ୍ଦଲ ଷ୍ଟିଲ ଲିମିଟେଡ୍ ହୋଇଛି। ଭାରତ ସରକାରଙ୍କ କର୍ପୋରେଟ୍ ବ୍ୟାପାର ମନ୍ତ୍ରାଳୟର ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍‌ର ମଞ୍ଜୁରୀ ପରେ ଏହି ପରିବର୍ତ୍ତନ କାର୍ଯ୍ୟକାରୀ ହୋଇଛି। ଜିନ୍ଦଲ୍ ଷ୍ଟିଲ୍ ଏଣ୍ଡ ପାୱାର ଲିମିଟେଡ୍‌ର ନାମ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍‌କୁ ପରିବର୍ତ୍ତନ କରିବା ପଛରେ ମୁଖ୍ୟ କାରଣ ହେଉଛି ଯେ କମ୍ପାନୀ କେବଳ ଏହାର ପ୍ରମୁଖ ବ୍ୟବସାୟ ଅର୍ଥାତ୍ ଇସ୍ପାତ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେବ ଏବଂ ଭବିଷ୍ୟତରେ ଏକ ମଜଭୁତ ଇସ୍ପାତ କମ୍ପାନୀ ଭାବେ ଆଗକୁ ବଢିବ। ଏହି ନୂତନ ନାମ ଦେଶ ଓ ବିଦେଶରେ ପରିଚିତ ହେବା ସହିତ କମ୍ପାନୀ ତାର ପୂର୍ବ ପୂର୍ବ ମୂଲ୍ୟବୋଧକୁ ବଜାୟ ରଖିବ।

ଏହି ନାମ ପରିବର୍ତ୍ତନ କମ୍ପାନୀ (ଇନକର୍ପୋରେସନ୍) ନିୟମ, ୨୦୧୪ର ନିୟମ ୨୯ ଅନୁଯାୟୀ କରାଯାଇଛି। ନୂତନ ନାମକୁ ପ୍ରତିଫଳିତ କରୁଥିବା ଇନକର୍ପୋରେସନ୍ ପ୍ରମାଣପତ୍ର ରେଜିଷ୍ଟ୍ରାର ଅଫ୍ କମ୍ପାନୀଜଙ୍କ ଦ୍ୱାରା ପଞ୍ଜିକାରେ ଜାରି କରାଯାଇଛି। ଅପରପକ୍ଷେ କମ୍ପାନୀର କର୍ପୋରେଟ ଆଇଡେଣ୍ଟିଫିକେସନ ନମ୍ବର କିମ୍ବା ପଞ୍ଜୀକୃତ ଠିକଣାରେରେ କିଛି ପରିବର୍ତ୍ତନ କରାଯାଇନାହିଁ। ନାମ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଜିନ୍ଦଲ ଷ୍ଟିଲ ପୂର୍ବ ଭଳି ଏକ ପବ୍ଲିକ ଲିମିଟେଡ୍ କମ୍ପାନୀ ଭାବେ ପରିଚାଳିତ ହେବ, ଯାହାର ସେୟାର ଲୋକେ କ୍ରୟ ବିକ୍ରୟ କରିପାରିବେ। କମ୍ପାନୀର ଯେତିକି ପୁରୁଣା ଅଧିକାର, ଦାୟିତ୍ୱ, ନେଣଦେଣ, ଚୁକ୍ତିନାମା ସବୁ ପୂର୍ବଭଳି ବୈଧ ରହିବ। ସମସ୍ତ ଅଂଶଧାରକ, ସହଯୋଗୀ, ଓ ସାଧାରଣ ନାଗରିକଙ୍କ ଅବଗତି ନିମନ୍ତେ କମ୍ପାନୀ ପକ୍ଷରୁ ଏହି ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚିତ କରାଯାଉଛି।

## ବେଦାନ୍ତ ଆଲୁମିନିୟମର ତୀରନ୍ଦାଜ ତାଲିମ

**ଭୁବନେଶ୍ୱର, ୨୩।୭ (ସମିସ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡିର ଯୁବ ତୀରନ୍ଦାଜମାନଙ୍କୁ ସମର୍ଥନ କରିଆସୁଛି। ଏହି ଅଞ୍ଚଳର ଜଣେ ଯୁବ ତୀରନ୍ଦାଜ ଖିରୋଦ କୁମାର କୋଲକାତାରେ ଅନୁଷ୍ଠିତ ସିବିଏସ୍‌ଇ ପୂର୍ବ ଜୋନାଲ ତୀରନ୍ଦାଜ ଚାମ୍ପିଅନସିପରେ ଦୁଇଟି ସ୍ୱର୍ଣ୍ଣ ଏବଂ ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ରାଉଣ୍ଡ ବର୍ଗରେ ପ୍ରତିଯୋଗିତା କରି, ଖିରୋଦ ଉଲ୍ଲେଖନୀୟ ଧ୍ୟାନ ଏବଂ ସଠିକତା ପ୍ରଦର୍ଶନ କରି ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବରେ ଉଭା ହୋଇଛନ୍ତି। ଜଣେ ଅନୁଶାସିତ ଓ କ୍ରୀଡା – ଅନୁରାଗୀ ଛାତ୍ର ଭାବରେ, ସେ ପୂର୍ବରୁ ଜାତୀୟ ସ୍କୁଲ ତୀରନ୍ଦାଜ ଚାମ୍ପିଅନସିପରେ ପାଞ୍ଚଟି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଗତ ତିନି ବର୍ଷ ଧରି ବେଦାନ୍ତର ତୀରନ୍ଦାଜ ତାଲିମ ପଦକ୍ଷେପ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଏହି ଅବସରରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, “ଖିରୋଦର ସଫଳତା ଆମର ତୃଣମୂଳସ୍ତରୀୟ କ୍ରୀଡା ପଦକ୍ଷେପର ପରିବର୍ତ୍ତନକାରୀ ପ୍ରଭାବର ଏକ ଶକ୍ତିଶାଳୀ ପ୍ରମାଣ। ବେଦାନ୍ତରେ, ଆମେ କ୍ରୀଡା ମାଧ୍ୟମରେ ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା, ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଜାତୀୟ ଗର୍ବକୁ ପ୍ରୋତ୍ସାହିତ କରିବା ପାଇଁ ଗଭୀର ଭାବରେ ପ୍ରତିବଦ୍ଧ। ଆମେ ଖିରୋଦର ଉତ୍ସର୍ଗ ଏବଂ ପ୍ରତିଭା ପାଇଁ ଗର୍ବିତ, ଏବଂ ଆମେ କଳାହାଣ୍ଡିରୁ ଏପରି ଆହୁରି ଅନେକ ଚାମ୍ପିଅନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ।




## ଆର୍‌ବିଆଇ ବୁଲେଟିନ୍ ରିପୋର୍ଟ
## ଟାରିଫ୍ ନୀତିର ଅନିଶ୍ଚିତତାରେ ଅର୍ଥନୀତି ଧିମା

**ନୂଆଦିଲ୍ଲୀ,୨୩।୭ (ଏଜେନ୍ସି):** ଭୂ-ରାଜନୈତିକ ଉତ୍ତେଜନା ଏବଂ ଶୁଳ୍କ ନୀତି ଅନିଶ୍ଚିତତା ମଧ୍ୟରେ ଜୁନ୍-ଜୁଲାଇ ମାସରେ ଭାରତର ଅର୍ଥନୀତିକ କାର୍ଯ୍ୟକଳାପ ମନ୍ଥର ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ବୁଧବାର ଜାରି କରାଯାଇଥିବା ଏକ ବୁଲେଟିନ୍‌ରେ ଏହା କହିଛି। ଜୁଲାଇ ବୁଲେଟିନରେ 'ଅର୍ଥନୀତିର ସ୍ଥିତି' ଉପରେ ଏକ ଲେଖାରେ କୁହାଯାଇଛି ଯେ ଭୂ-ରାଜନୈତିକ ଉତ୍ତେଜନା ଏବଂ ଶୁଳ୍କ ନୀତି ଅନିଶ୍ଚିତତା ମଧ୍ୟରେ ଜୁନ୍ ଏବଂ ଜୁଲାଇରେ ଏ ପର୍ଯ୍ୟନ୍ତ ବିଶ୍ୱର ବ୍ୟାକ୍ରୋ ଅର୍ଥନୈତିକ ପରିବେଶ ଅସ୍ଥିର ରହିଛି।

ଖରିଫ କୃଷି ଋତୁ ପାଇଁ ଉତ୍ପାଦନ ସମ୍ଭାବନାରେ ଉନ୍ନତି, ସେବା କ୍ଷେତ୍ରରେ ଦୃଢ଼ ଗତି ଜାରି ରଖିବା ଏବଂ ଶିଳ୍ପ କାର୍ଯ୍ୟକଳାପରେ ସାମାନ୍ୟ ଅଭିବୃଦ୍ଧି ଦ୍ୱାରା ପରିଚାଳିତ ଘରୋଇ ଅର୍ଥନୀତି କାର୍ଯ୍ୟକଳାପ ଦୃଢ଼ ରହିଥିବା ରିପୋର୍ଟରେ କୁହାଯାଇଛି। ଖାଦ୍ୟ ମୂଲ୍ୟ ହ୍ରାସ ଦ୍ୱାରା ଜୁନ୍ ମାସରେ ଲଗାତାର ୫ମ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ୪ ପ୍ରତିଶତ ତଳେ ରହିଛି। ଏହାସହିତ, ଋଣ ବଜାରକୁ ସୁଧ ହାର ହ୍ରାସର ଦ୍ରୁତ ପ୍ରସାରଣକୁ ସକ୍ଷମ କରିବା ପାଇଁ ବ୍ୟବସ୍ଥାଗତ ଲିକ୍ୟୁଡିଟି ବଳବତ୍ତର ରହିଛି। ପର୍ଯ୍ୟାପ୍ତ ବିଦେଶୀ ମୁଦ୍ରା ସଂରକ୍ଷଣ ଏବଂ ମଧ୍ୟମ ବାହ୍ୟ ଋଣ-ଜିଡିପି ଅନୁପାତ ଯୋଗୁଁ ବାହ୍ୟ କ୍ଷେତ୍ର ସ୍ଥିର ରହିଛି ବୋଲି ଏଥିରେ କୁହାଯାଇଛି।

## ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର ପରିଚାଳନା କଲେ ଯୁବ ଇଞ୍ଜିନିୟର

**ଭୁବନେଶ୍ୱର,୨୩।୭ (ସମିସ):** ଦକ୍ଷ ଶକ୍ତି ପ୍ରଫେସନାଲ୍ କ୍ଷେତ୍ର ଭାବେ ଓଡ଼ିଶାର ଅଭ୍ୟୁଦୟର ଏକ ଶକ୍ତିଶାଳୀ ପ୍ରମାଣ ଭାବେ ଅଧିକାଂଶ ମହିଳାଙ୍କ ସମେତ ୫୦ରୁ ଅଧିକ ଇଞ୍ଜିନିୟର ଭାରତର ପ୍ରଥମରାଜ୍ୟବ୍ୟାପୀ ବିଦ୍ୟୁତ୍ ବଣ୍ଟନ ପ୍ରଯୁକ୍ତି କେନ୍ଦ୍ର (ପିଡିଟିସି)ର ପରିଚାଳନା କରୁଛନ୍ତି। ବାସ୍ତବ ସମୟ ନିରୀକ୍ଷଣ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ସାରା ରାଜ୍ୟରେ ଉନ୍ନତ ମାନର ବିଦ୍ୟୁତ୍ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଏହି କେନ୍ଦ୍ର ତିନିଟି ସିଫ୍ଟରେ ଚବିଶ ଘଂଟା କାର୍ଯ୍ୟ କରୁଛି। ଭୁବନେଶ୍ୱର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା ଏହି ପିଡିଟିସି ହେଉଛି ପ୍ରଥମ ଧରଣର ଡିଜିଟାଲ ନର୍ଭ ସେଂଟର ଯାହା ସ୍କାଡା, ଜିଆଇଏସ୍, ଏଡିଏମ୍ଏସ୍ ଓ ୟୁଟିଲିଟି ଡାଟା ଷ୍ଟ୍ରିମ୍ ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଗ୍ରିଡ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ସମନ୍ୱିତ କରୁଛି। ଏହି କେନ୍ଦ୍ର ସାରା ଓଡ଼ିଶାରେ ଥିବା ୨୫୦ରୁ ଅଧିକସ୍କାଡା ସମନ୍ୱିତ ପ୍ରାଥମିକ ସବ୍‌ଷ୍ଟେସନର ସିଧାସଳଖ ନିରୀକ୍ଷଣ କରୁଛି, ଯାହା ଏହାକୁ ଭାରତର ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରର ଅନ୍ୟତମ ସମୃଦ୍ଧ ନିୟନ୍ତ୍ରଣ କେନ୍ଦ୍ରରେ ପରିଣତ କରିଛି। ଏହା କେବଳ ଟିପିସିଓଡିଏଲ୍ ପାଇଁ ମୁଖ୍ୟ ନିୟନ୍ତ୍ରଣ କେନ୍ଦ୍ର (ଏମ୍‌ସିସି) ଭାବେ କାମ କରୁଥିବା ବେଳେ ସମଗ୍ର ଅଂଚଳରେ ନିରବଚ୍ଛିନ୍ନ ପରିଚାଳନା ଓ ବ୍ୟବସାୟ ନିରନ୍ତରତାକୁ ସୁନିଶ୍ଚିତ କରିବା ପାଇଁ ରିମୋଟ୍ ଅଟୋମେସନ୍ ପ୍ରଯୁକ୍ତିକୁ ସମନ୍ୱିତ କରି ଏହା ଟାଟା ପାୱାର୍‌ର ନେତୃତ୍ୱାଧୀନ ଓଡ଼ିଶାର ଡିସ୍କମ୍ ଯଥା ଟିପିଏସ୍‌ଓଡିଏଲ୍ ରେ ୧୫୧ଟି, ଟିପିଡବ୍ଲ୍ୟୁଓଡିଏଲ୍ ରେ ୨୨୫ଟି ଓ ଟିପିଏନ୍‌ଓଡିଏଲ୍‌ର ୧୫୦ଟି ସ୍ଥାନରେ ବ୍ୟାକ୍‌ଅପ୍ ନିୟନ୍ତ୍ରଣ କେନ୍ଦ୍ର (ବିସିସି) ଭାବେ କାର୍ଯ୍ୟ କରୁଛି।

## ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ



**ଭୁବନେଶ୍ୱର, ୨୩।୭ (ସମିସ):** ଭୁବନେଶ୍ୱର କୌଶଲ୍ୟାଗଙ୍ଗ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଠାରେ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ମତ୍ସ୍ୟଚାଷୀ, ଉଦ୍ୟୋଗୀ ଏବଂ ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ କୌଶଳ ବିଷୟରେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଫଳରେ ମାଛ ଉତ୍ପାଦନ ବହୁଗୁଣିତ ହେବା ସହ ମତ୍ସ୍ୟଚାଷୀଙ୍କ ଜୀବନ-ଜୀବିକା ଅଧିକ ସୁରକ୍ଷିତ ହୋଇପାରିବ। ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତିନି ମହଲା ବିଶିଷ୍ଟ ଏହି ପ୍ରଶିକ୍ଷଣ ଭବନରେ ୧୨୦ କ୍ଷମତା ବିଶିଷ୍ଟ ସମ୍ମିଳନୀ କକ୍ଷ, ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ପରୀକ୍ଷାଗାର, ପାଠାଗାର, କର୍ମଚାରୀ କକ୍ଷ, ଅତିଥି କକ୍ଷ, ଅଭ୍ୟର୍ଥନା କକ୍ଷ, ଭୋଜନାଳୟ, ଯାନ ରହଣି ସ୍ଥାନ ପାଇଁ ସୁବିଧା ରହିବ। ପ୍ରତି ବ୍ୟାଚ୍‌ରେ ୧୦୦ ଜଣ ପ୍ରଶିକ୍ଷାର୍ଥୀ ଏଠାରେ ପ୍ରଶିକ୍ଷଣ ନେଇ ପାରିବେ। ମତ୍ସ୍ୟ ଚାଷୀ, ଉଦ୍ୟୋଗୀ, ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତ ଆଧୁନିକ ମାଛ ଚାଷ ପଦ୍ଧତି ଏବଂ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ବିଭାଗୀୟ ଅଧିକାରୀ, ମତ୍ସ୍ୟ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏସ୍‌ଡବ୍ଲ୍ୟୁର ପାଉଁଶ ବର୍ଷା; ସାହାଜବାହାଲରେ ଆତଙ୍କ

**ଇବ ଥର୍ମାଲ, ୨୩।୭ (ସମିସ):** ସାହାଜବାହାଲସ୍ଥିତ ଜେଏସଡବ୍ଲୁ ଉତ୍କଳ ଲିମିଟେଡ ପାୱାର ପ୍ଲାଣ୍ଟରେ ନିଆରା ପରିସ୍ଥିତି ଦେଖାଦେଇଛି। ପ୍ରଥମେ ଇଣ୍ଡବରାଥ୍ ଉତ୍କଳ ଏନର୍ଜି ଲିମିଟେଡ୍ ନାମକ କମ୍ପାନୀ ୩୫୦x୨ (୭୦୦) ମେଗାୱାଟ ପାୱାରପ୍ଲାଣ୍ଟ କରିବାକୁ ରାଜ୍ୟ ସରକାରଙ୍କଠାରେ ଚୁକ୍ତି କରିଥିଲା। ପ୍ଲାଣ୍ଟ ଚଳେଇବାକୁ ଦୈନିକ ୬୫୦୦ ଟନ କୋଇଲା ଜଳିବା ଆବଶ୍ୟକତା ଥିବା ଚୁକ୍ତିରେ ଦର୍ଶାଯାଇଥିଲା। ହେଲେ କମ୍ପାନୀ ଦେବାଳିଆ ହୋଇ ବନ୍ଦ ହେଲା। ତାକୁ ପୁଣି ଜେଏସଡବ୍ଲ୍ୟୁ ସରକାରୀ ଚୁକ୍ତିଅନୁସାରେ ଚଳେଇବାକୁ ନେବା ପରେ ଦେଢ଼ ବର୍ଷ ହେବ ପ୍ଲାଣ୍ଟ ଆରମ୍ଭ କରିଛି। ପ୍ରଥମେ ୩୫୦ର ଗୋଟିଏ ୟୁନିଟ୍ ଓ ପରବର୍ତ୍ତୀ ସମୟରେ ୩୫୦ର ଆଉ ଗୋଟିଏ ୟୁନିଟ ଏବେ ଚାଲୁଛି। ହେଲେ ପ୍ରାରମ୍ଭରୁ କେତେକ ସ୍ଥଳରେ ଯାନ୍ତ୍ରିକ ତ୍ରୁଟି ହେତୁ ନିର୍ଦ୍ଧାରିତ ଲକ୍ଷ୍ୟ ମୁତାବକ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁନାହିଁ। ଏପରିକି ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ସଠିକ ବ୍ୟବସ୍ଥା କରାଯାଉ ନାହିଁ। ଫଳରେ ଅଞ୍ଚଳରେ ତା'ର କୁ-ପ୍ରଭାବ ସ୍ପଷ୍ଟ ଦେଖାଦେଇଛି।





ସୂଚନା ମତେ, ୨X୩୫୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ସମ୍ପନ୍ନ ଏହି ପ୍ଲାଣ୍ଟ ପାଉଁଶ ପରିଚାଳନାରେ ଅନେକ ତ୍ରୁଟି କରିଛି। ୭୦୦ ମେଗାୱାଟ୍ ପ୍ଲାଣ୍ଟ ସକାଶେ ଯେତିକି ପରିମାଣର ଆସପଣ୍ଡ ଓ ପାଉଁଶ ନିଷ୍କାସନ ପାଇଁ ଯେଉଁ ଆକାରର ପାଇପ ଲଗାଯିବା ଆବଶ୍ୟକ, ସେହି ଆକାରର ପାଇପ ଲଗାଯାଇନାହିଁ। ଫଳରେ ପାଉଁଶ ହ୍ୟାଣ୍ଡଲିଂ ପ୍ଲାଣ୍ଟ ପରିବର୍ତ୍ତେ ହପର ପାଖରେ ଶୁଖିଲା ପାଉଁଶ ପରିଚାଳିତ ନହୋଇ ବେଆଇନ ଭାବେ ତଳକୁ ଖସେଇ ଦିଆଯାଉଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ଶୁଖିଲା ପାଉଁଶ ପ୍ରବଳ ମାତ୍ରାରେ ଉଡି ସମଗ୍ର ଅଞ୍ଚଳ ପାଉଁଶମୟ ହେଉଛି। ପରବର୍ତ୍ତୀ ସମୟରେ ତାକୁ ହଟାଇବାକୁ ଜେଏସଡବ୍ଲ୍ୟୁ ସାହାଜବାହାଲ ଜେସିବି ଓ ହାଇୱାରେ (ଭାରୀଯାନ) ସ୍ଥାନାନ୍ତର କରିବାକୁ ପଡୁଛି। ସେଇ ପାଉଁଶ ଚିମିନି ବାଟେ ନିଷ୍କାସନ କରାଯାଉଥିବାରୁ ସମଗ୍ର ଅଞ୍ଚଳରେ ପାଉଁଶ ବର୍ଷା ହୋଇ ଲୋକଙ୍କ ଶରୀର, ଗଛପତ୍ର, ଚାରଣ ଭୂଇଁ ସମେତ ସବୁଠି ପଡ଼ି ବ୍ୟାପକ ପ୍ରଦୂଷଣ କରୁଛି। ଦିନବେଳା ଚିମିନିରେ ଥରେ ଦୁଇଥର ପାଉଁଶ ବର୍ଷା ହେଉଥିବା ବେଳେ ଏ ପ୍ରକ୍ରିୟା ରାତିରେ ପ୍ରତ୍ୟହ ହେଉଥିବା ଅଭିଯୋଗ ହେଉଛି। ମଙ୍ଗଳବାର ରାତିରେ ଏଭଳି ପାଉଁଶ ବର୍ଷା ଫଳରେ ସନସନାଟିକ୍ରା, ଭଟଲି, ଚାରପାଲି ବରପାଲି କୁମ୍ଭାରବନ୍ଧ ଅଞ୍ଚଳରେ ଜଳ, ମଣିଷ, ପ୍ରାଣୀଜଗତ, ଗଛପତ୍ର ସମେତ ଚାଷ ହୋଇଥିବା ଚାଷ ଜମିକୁ ବି ବିଷାକ୍ତ କରିଛି। ପରିବେଶବିତ୍‌ଙ୍କ ମତରେ ପଥର କୋଇଲା ଜଳିବା ପରେ ସେଥିରୁ ଯେଉଁ ପାଉଁଶ ହୋଇଥାଏ ସେଥିରେ କ୍ୟାଲସିୟମ, ପଟାସିୟମ୍, ଜିଙ୍କ, ସଲଫର, ଫସ୍‌ଫରସ୍, ଲୌହ ଅଂଶ, ମାଙ୍ଗାନିଜ, ସାଲେନିୟମ, ମରକ୍ୟୁରି ଆଦି ଧାତୁସହ ଅମ୍ଳ ଅଂଶ ରହିଥିବାରୁ ଏହା ପରିବେଶ ପାଇଁ ବହୁ କ୍ଷତିକାରକ। ଏହି କାରଣରୁ ପ୍ରତ୍ୟେକ ଜୀବ ବିଭିନ୍ନପ୍ରକାରର ରୋଗର ଶିକାର ହେବା ସହ ଅଞ୍ଚଳର ପାଣି ପବନକୁ ମଧ୍ୟ ବିଷାକ୍ତ ହେଉଛି। ଏଭଳି ପରିବେଶରେ ବେଶି ଦିନ ପର୍ଯ୍ୟନ୍ତ ରହୁଥିବା ମଣିଷ ଶ୍ୱାସ ଓ ହୃଦରୋଗ ଭଳି ମାରାତ୍ମକ ରୋଗର ଶିକାର ହେବା ସ୍ୱାଭାବିକ ବୋଲି ଜଣାପଡ଼ିଛି। ସବୁବେଳେ ପ୍ରାୟତଃ ଏ ଅଞ୍ଚଳରେ ପାଉଁଶ ଗୁଣ୍ଡ ଖସିବା ଫଳରେ ଲୋକେ ଏହାକୁ ପାଉଁଶ ବର୍ଷା ବୋଲି କହିବା ସହ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ଏ ସଂକ୍ରାନ୍ତରେ ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ, ପିପିଲିକାନି ପଞ୍ଚାୟତ ବାସିନ୍ଦାଙ୍କ ପକ୍ଷରୁ ଗଠିତ ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି, ପଞ୍ଚାୟତ ପ୍ରତିନିଧି ଓ ଅଞ୍ଚଳବାସୀ ଗତ ୨୨ ମେରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସମାନ ଅଭିଯୋଗ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଜଣେଇଛନ୍ତି। ଜିଲ୍ଲାସ୍ତରୀୟ ବୈଠକରେ ସାଂସଦ ଶ୍ରୀ ପୁରୋହିତ ଏକଥା କହି ସାରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ ପ୍ରମାଣ ସହ ଅଭିଯୋଗ କରାଯାଇଥିଲେ ମଧ୍ୟ ସାହାଜବାହାଲ ଜେଏସଡବ୍ଲ୍ୟୁ ପାୱାରପ୍ଲାଣ୍ଟ ସବୁ ଆଇନକୁ ଫୁ କରି ପ୍ଲାଣ୍ଟ ଚଳାଉଥିବା ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

## ଜାତୀୟ ମାଗାଜିନ୍‌ରେ କେଜିବିଭି ଛାତ୍ରୀ ବିଭୂତି



**ଭୁବନେଶ୍ୱର, ୨୩।୭ (ସମିସ):** ଜାତୀୟସ୍ତରୀୟ ମାଗାଜିନ୍‌ରେ ସ୍ଥାନ ପାଇବ ଜାତୀୟସ୍ତରୀୟ ହ୍ୟାଣ୍ଡବଲ୍ ଖେଳାଳି ତଥା କେଜିବିଭି ଛାତ୍ରୀ ବିଭୂତି ମୁଣ୍ଡାଗାଡ଼ିଆଙ୍କ ସଫଳତାର କାହାଣୀ। ମାଲକାନାଗିରି ଜିଲ୍ଲା ସିନ୍ଧିମାଳସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ହେଉଛନ୍ତି ବିଭୂତି ମୁଣ୍ଡାଗାଡ଼ିଆ। ହାଣ୍ଡବଲ୍ ଖେଳ ପ୍ରତି ଥିବା ତାଙ୍କର ଶ୍ରଦ୍ଧା ଓ ସମର୍ପଣ ତାଙ୍କୁ ଆଜି ଜାତୀୟସ୍ତରରେ ପରିଚୟ ପ୍ରଦାନ କରିଛି। ପାଠ ପଢ଼ା ସହ ଖେଳ

**ହ୍ୟାଣ୍ଡବଲ୍ ଚାମ୍ପିୟନସିପ୍‌ରେ ରାଜ୍ୟ ପାଇଁ ଗୌରବ ଆଣିଥିଲେ**

ପ୍ରତି ରୁଚି ରଖୁଥିବା ବିଭୂତି ଜିଲ୍ଲାସ୍ତରରେ ଓ ରାଜ୍ୟସ୍ତରରେ ଅନେକ ପ୍ରତିଯୋଗିତାରେ ବିଜୟୀ ହେବା ପରେ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହେବା ସହ ଜୁନିୟର ନ୍ୟାସ୍‌ନାଲ୍ ସ୍କୁଲ ସ୍ପୋର୍ଟ୍ସ ହ୍ୟାଣ୍ଡବଲ୍ ଚାମ୍ପିୟନସିପ୍‌ରେ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ତାଙ୍କର ଏହି ସଫଳତାକୁ ସମ୍ମାନ ଜଣାଇ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଜାତୀୟ ମାଗାଜିନ୍‌ରେ ବିଭୂତିଙ୍କ କାହାଣୀକୁ ସ୍ଥାନ ଦେବାକୁ ଯାଉଛି।

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଆନୁକୂଲ୍ୟରେ କୃତିତ୍ୱ ହାସଲ୍ କରିଥିବା ବିଦ୍ୟାର୍ଥୀଙ୍କ ସଫଳ କାହାଣୀକୁ ନେଇ ପ୍ରସ୍ତୁତ କରାଯାଉଥିବା ଏହି ମାଗାଜିନରେ ବିଭୂତି ମୁଣ୍ଡାଗାଡ଼ିଆଙ୍କ କାହାଣୀକୁ ସ୍ଥାନିତ କରାଯିବା ରାଜ୍ୟ ପାଇଁ ଗର୍ବର ବିଷୟ। ବାପା ମିସ୍ତ୍ରୀ କାମ କରୁଥିବା ବେଳେ ମାଆ ଛତୁ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି ଉଭୟ। ଏଭଳି ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ଭବିଷ୍ୟତରେ ଏକ ବଡ଼ ଅନ୍ତର୍ଜାତୀୟ ଖେଳାଳି ହେବା ପାଇଁ ସ୍ୱପ୍ନ ଦେଖୁଥିବା ବେଳେ ତାଙ୍କ ଇଚ୍ଛାକୁ ପୂରଣ କରୁଛି କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ। ସୂଚନା ଅନୁସାରେ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗର ବାଳିକାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ୨୦୦୪ ମସିହାରେ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ଯୋଜନାରୁ ଶୁଭାରମ୍ଭ ହୋଇଥିଲା।

# ଅଗଷ୍ଟ ୧ରେ 'ଛିରେ ନନି'



ଓଡ଼ିଆ ଚଳଚ୍ଚିତ୍ର ଜଗତର ସଫଳ ଓ ଅନୁଭବୀ ନିର୍ମାତା ସୀତାରାମ୍ ଅଗ୍ରୱାଲ୍ ନୂଆ କାହାଣୀ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ରକୁ ନୂତନ ଦିଗ ଦେଇଛନ୍ତି। ସେ ଏବେ ଆଉ ଏକ ଗଭୀର ତଥା ଭାବନାତ୍ମକ ପ୍ରେମ କାହାଣୀ 'ଛିରେ ନନି' ସହିତ ବଡ଼ ପରଦାକୁ ଫେରୁଛନ୍ତି। ଏହି ଚଳଚ୍ଚିତ୍ର ଅଗଷ୍ଟ ୧ ତାରିଖରେ ମୁକ୍ତିଲାଭ କରିବ। ଏହି ନୂତନ ପିଢ଼ିର ରୋମାଣ୍ଟିକ୍ ଫିଲ୍ମ ନିରୀହ ପ୍ରେମ, ଗ୍ରାମ୍ୟ ବାସ୍ତବତା ଓ ହୃଦୟ ବିଦାରକ ନାଟକୀୟତାକୁ ଏକତ୍ର କରି ଦେଖାଉଛି। ଯେଉଁଠି ପ୍ରେମ, ପରିବାର ଓ ଭାଗ୍ୟକୁ ଅସ୍ୱୀକାର କରେ। ସିଦ୍ଧାର୍ଥ ମ୍ୟୁଜିକ୍ ବ୍ୟାନର୍‌ରେ ଏହି ଚଳଚ୍ଚିତ୍ର ନିର୍ମିତ ହୋଇଛି। ଶିବାନୀ ସଙ୍ଗୀତା, ଶୈଳେନ୍ଦ୍ର ଓ ଦ୍ୱୀପାନ୍ୱିତ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ତା'ର ବରିଷ୍ଠ କାହାଣୀ ଯୋଗୁଁ ଆରମ୍ଭରୁ ହିଁ ଚର୍ଚ୍ଚାରେ ରହିଛି। ତେବେ ସାରା ବିଶ୍ୱରେ ଚର୍ଚ୍ଚାରେ ଥିବା ଭାଇରାଲ ଗୀତ 'ଛିରେ ନନୀ'କୁ ଏଥିରେ ଦର୍ଶକ ନୂଆ ଭାବେ ଦେଖିବେ।

# ପ୍ରକୃତି-ଦ୍ୱୀପାନ୍ୱିତ ଏକାଠି

ଖୁବ୍‌ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ବିନ୍ଦୁ ସାଗର'। ପ୍ରଯୋଜକ ଶିଳାଦିତ୍ୟ ବୋରାଙ୍କ ପ୍ଲାଟୁନ୍ ୱାନ୍ ଫିଲ୍ମସ ଏହି ଫିଲ୍ମ ସହିତ ଓଡ଼ିଶାରେ ଡେବ୍ୟୁ କରିବ। ଏହି ସିନେମାରେ ପ୍ରକୃତି ମିଶ୍ର ଓ ଦ୍ୱୀପାନ୍ୱିତ ଦାସମହାପାତ୍ର ଅଭିନୟ କରିଛନ୍ତି। ଏହି ଦୁଇ କଳାକାରଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ତା'ସହ ଏ ଦୁହିଁଙ୍କ ଯୋଡ଼ିକୁ ଲୋକେ କିଭଳି ପସନ୍ଦ କରୁଛନ୍ତି, ତାହାକୁ ଅପେକ୍ଷା ରହିଲା। ତେବେ ଏହି ଫିଲ୍ମ କିଭଳି ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆ ମାନଙ୍କୁ ଆକର୍ଷିତ କରିବ, ତାହା ଉପରେ ଦୃଷ୍ଟି ଦିଆଯିବ। ସେହିପରି ଏହି ଫିଲ୍ମ ପୁରାତନ ମୂଲ୍ୟବୋଧକୁ ପ୍ରମାଣିତ କରେ। କେବଳ ସେତିକି ନୁହେଁ, ନିଜ ମାଟି ସହିତ ଗଭୀର ଭାବେ ଜଡ଼ିତ ଏବଂ ଉତ୍କୃଷ୍ଟ ସଙ୍ଗୀତ ସହ ମିଶ୍ରିତ। ସିନେମାର ନିର୍ଦ୍ଦେଶନାରେ ଅଭିଷେକ ସ୍ୱାଇଁ ଅଛନ୍ତି। ଓଡ଼ିଶା ଓ ଲାଣ୍ଡନରେ ସୁଟିଂ ହୋଇଥିବା ଏହି ଫ୍ୟାମିଲି ଡ୍ରାମା ପ୍ରେମ ଓ ପରମ୍ପରାର ଏକ କାହାଣୀ ଉପରେ ପର୍ଯ୍ୟବସିତ। ରବିନ ଦାସ ଓ ସତ୍ୟ ରଞ୍ଜନଙ୍କ ମଧ୍ୟରେ ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ସାତଟି ଗୀତ ଥିବା ଏକ ଆଲବମ୍ ରହିବ। ନିଖିଳ ଚୌଧୁରୀ ଏମ୍‌ଡିସି ଫିଲ୍ମୱାର୍କସ ସହଭାଗିତାରେ ବିନୟ ରେଡ୍ଡି, ଶୁଭୋ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ମିଳିତ ଭାବେ ପ୍ରଯୋଜିତ 'ବିନ୍ଦୁ ସାଗର'ର ନିର୍ଦ୍ଦେଶନା ଦେଇଛନ୍ତି ଅଭିଶେକ ସ୍ୱାଇଁ।



# "ଅଭିନେତା ହେବାକୁ କଠିନ ପରିଶ୍ରମ ଜରୁରି"

**ଚନ୍ଦ୍ରଶେଖର, ଅଭିନେତା**



ବାପାଙ୍କ ମନରେ ଇଚ୍ଛା ଥିଲା ପୁଅ ଆଗଧାଡ଼ିର ଜଣେ ଅଭିନେତା ହେଉ। ବାପାଙ୍କ ସ୍ୱପ୍ନ ପୂରା କରିବାକୁ ପୁଅ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଡ୍ରାମରେ ୬ ବର୍ଷ ପାଠ ପଢ଼ି ଅନେକ ମଞ୍ଚରେ ଅଭିନୟ କରିଲେ। ଅଭିନୟ ପ୍ରତି ସେ ଗଭୀର ଭାବେ ଆକର୍ଷିତ ହୋଇଥିଲେ। ପ୍ରଥମେ ସେ ଓଡ଼ିଆ ଚଳଚ୍ଚିତ୍ରରେ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। 'ଗୁଡ୍ଡୁ ଗ୍ୟାଙ୍ଗ ଷ୍ଟାର୍' ତାଙ୍କର ପ୍ରଥମ ସିନେମା। କିଛି ହାତଗଣତି ସିନେମାରେ ସେ ଅଭିନୟ ମଧ୍ୟ କରିଛନ୍ତି। ସିନେମାରୁ ଏତେଟା ଲୋକପ୍ରିୟତା ନ ମିଳୁବାରୁ ଧାରାବାହିକରେ କାମ କରିବାକୁ ଉଚିତ ଭାବିଲେ। ଏହି ଉଦୀୟମାନ କଳାକାର ଜଣକ ହେଉଛନ୍ତି ଖୋର୍ଦ୍ଧା ଗଡ଼ମାଣତୀରର ଚନ୍ଦ୍ରଶେଖର ରଣସିଂହ। ଏବେ ସେ 'ସାଥି ସାତ ଜନ୍ମର' ଧାରାବାହିକରେ ରବି ଭୂମିକାରେ ଅଭିନୟ କରୁଛନ୍ତି। ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଚନ୍ଦ୍ରଶେଖରଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।

**ମଞ୍ଚରୁ ଓଲିଉଡ୍ ଜଗତକୁ ଯାତ୍ରା କିପରି ଥିଲା?**

● ଗାଁ'ର ଡ୍ରାମାରେ ମୋ' ବାପା ଅଭିନୟ କରୁଥିଲେ। ସେତେବେଳେ ଖୋର୍ଦ୍ଧା ପିଏନ୍ କଲେଜରେ ସେ ଡ୍ରାମାଟିକ୍ ସେକ୍ରେଟାରୀ। ହେଲେ ବାପାଙ୍କ ସ୍ୱପ୍ନକୁ ଜେଜେବାପା ସାକାର କରି ନ ଥିଲା। ଫଳରେ ମୋ ଜରିଆରେ ବାପା ସ୍ୱପ୍ନ ପୂରା କରିବାକୁ ଚିନ୍ତା କରିଥିଲେ। ଏଥିପାଇଁ ସଙ୍ଗୀତ ମହାବିଦ୍ୟାଳୟର ଡ୍ରାମା ବିଭାଗରେ ୬ବର୍ଷର ପାଠ ପଢ଼ିଛି। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମଞ୍ଚ ନାଟକରେ ଅଭିନୟ କରିଛି। ଏବେ ଉତ୍କଳ ୟୁନିଭର୍ସିଟି ଅଫ୍ କଲ୍‌ଚରରେ 'ନାଟକ' ବିଭାଗରେ ସ୍ନାତକୋତ୍ତର କରୁଛି। ମଞ୍ଚ ନାଟକ ପାଇଁ ବହୁ ସ୍ଥାନରେ ସମ୍ମାନିତ ହୋଇଛି। ଅଭିଜ୍ଞତାକୁ ନେଇ ଫିଲ୍ମ ଲାଇନ୍‌କୁ ଆସିଥିଲି। 'ଗୁଡ୍ଡୁ ଗ୍ୟାଙ୍ଗଷ୍ଟାର୍' ମୋର ପ୍ରଥମ ଫିଲ୍ମ। ପରେ 'ବୋହୂକୁ ଲାଗିଛି ରିଲ୍ସ ଭୂତ', 'ତୋ ବିନୁ ଅନ୍ୟ ଗତି ନାହିଁ', 'ଡେଲିଭରି ବୟ' ଆଦି ସିନେମାରେ ଅଭିନୟ କରିଛି।

**ଧାରାବାହିକକୁ ଆସିବାକୁ କାହିଁକି ମନ ବଳାଇଲେ?**

● ସିନେମାରେ ଯେଉଁ ଚରିତ୍ରରେ କାମ କରିଲି ତାହା କେବଳ ଚିହ୍ନା ଲୋକ ଜାଣିପାରିଲେ। ଦର୍ଶକଙ୍କ ହୃଦୟରେ ନିଜ ପାଇଁ ଗୋଟିଏ ସ୍ଥାନ ତିଆରି କରିପାରିଲିନି। ଏପରି ସ୍ଥିତିରେ ମୁଁ 'ଧାରାବାହିକ'ରେ କାମ କରିବାକୁ ମନ ବଳାଇଲି। 'ସାଥି ସାତ ଜନ୍ମର'ରେ ନାୟକର ବନ୍ଧୁ ରବି ଭୂମିକାରେ ଅଭିନୟ କରୁଛି। ଖୁବ୍ କମ୍ ଦିନରେ ଦର୍ଶକଙ୍କ ଢ଼େର ସାରା ଭଲପାଇବା ପାଇଛି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ଅଭିନୟ ସମାନ। ହେଲେ ମଞ୍ଚରେ ଦର୍ଶକଙ୍କ ସାମ୍ନାରେ ଅଭିନୟ କରିବାକୁ ହୁଏ ଆଉ ଧାରାବାହିକରେ କ୍ୟାମେରା ସାମ୍ନାରେ କଟ୍ କଟ୍‌ରେ ଯିବାକୁ ହୁଏ। ପ୍ରଥମେ ଅଶୋକ ପତି ସାର୍‌ଙ୍କ ତତ୍ତ୍ୱାବଧାନରେ 'ଗୁଡ୍ଡୁ ଗ୍ୟାଙ୍ଗ ଷ୍ଟାର୍'ରେ କାମ ଆରମ୍ଭ କରିଥିଲି। ହେଲେ ଧାରାବାହିକ ସୁଟିଂ ପାଇଁ ପ୍ରତିଦିନ କ୍ୟାମେରା ସାମ୍ନାରେ ଅଭିନୟ କରିବାକୁ ହେଉଛି। ପ୍ରତିଦିନ ନୂଆ କଥା ଶିଖି ହୁଏ। ମୋ' ମତରେ ଧାରାବାହିକରେ କାମ କଲେ ପ୍ରତିଦିନ ଅଭିନୟ ମାର୍ଜିତ ହୁଏ।

**ସ୍କ୍ରିପ୍ଟ କେମିତି ମନେ ରଖନ୍ତି?**

● ମଞ୍ଚ ନାଟକ ପାଇଁ ସ୍କ୍ରିପ୍ଟ ପଢୁ। ସଂଳାପ ବେଶ୍ ସହଜରେ ମନେ ରହିଯାଏ। ମଞ୍ଚରେ ସଂଳାପରେ ଛନ୍ଦି ହେଲେ ବି ସହକଳାକାରଙ୍କ ସହିତ ଭଲ ସମ୍ପର୍କ ଥିବାରୁ ତାହା ଆଡ୍‌ଜେଷ୍ଟ ହୋଇଯାଏ। ଧାରାବାହିକ ପାଇଁ ପ୍ରତିଦିନ ଅଭ୍ୟାସ କରିବାକୁ ହୁଏ। ଏହାବାଦ୍ ମୋ ରୁମ୍‌ରେ ଜୁନିୟର୍ ଓ ମୋ ସାଙ୍ଗଙ୍କ ସହ ଅଭ୍ୟାସ କରେ। ଅଭିନୟ ସମ୍ପର୍କିତ ଭିଡିଓ ଦେଖେ।

**ଅଭିନୟ ଆଉ ପଠା ଭିତରେ କେମିତି ସମନ୍ୱୟ ରଖନ୍ତି?**

● ଧାରାବାହିକରେ କାମ କରିବା ପରଠାରୁ ଆଉ ନାଟକ କରିନାହିଁ। ଅଭିନୟରୁ ସମୟ ମିଳିଲେ ମୁଁ ପାଠ ପଢ଼େ।

**ସ୍ମରଣୀୟ ମୁହୂର୍ତ୍ତ?**

● ସଙ୍ଗୀତ ମହାବିଦ୍ୟାଳୟକୁ ଡ୍ରାମ ପାଠ ପଢ଼ିବାକୁ ଆସିଥାଏ। ନାଟକ ଶିଖିବା ମୋର ଲକ୍ଷ୍ୟ ଥିଲା। ହେଲେ ପ୍ରଥମ କ୍ଲାସରେ ସାଧାରଣ ବିଷୟ ବସ୍ତୁ ଯଥା- ଇତିହାସ, ଅର୍ଥନୀତି, ସାଧାରଣ ଜ୍ଞାନ ଆଦି ପଢ଼ିବାକୁ କୁହାଯିବାରୁ ମୁଁ ପୂରା ସ୍ତବ୍ଧ। ଜାଣିଲି ପାଠ ସହିତ ନାଟକ ପଢ଼ିବାକୁ ହୁଏ। ସେ ସମୟର ଅନୁଭୂତି ସବୁବେଳେ ପାଇଁ ସ୍ୱତନ୍ତ୍ର।

**ଆଗାମୀ ଯୋଜନା?**

● ଧାରାବାହିକରେ ମୁଖ୍ୟ ଚରିତ୍ରରେ କାମ କରିବାକୁ ଯୋଜନା ରହିଛି।

**ଅଭିନୟକୁ ଯେଉଁମାନେ ଆସୁଛନ୍ତି, ସେମାନଙ୍କୁ କ'ଣ କହିବେ?**

● ମୋ ମତରେ ଯେଉଁମାନେ ଛୋଟରୁ ବଡ଼ ହୋଇଛନ୍ତି, ସେମାନେ ହୁଏତ ବିଳମ୍ବରେ କାମ ପାଆନ୍ତି। ତେବେ ଯେଉଁ କାମ ସେ ପାଇବେ ସେ କାମରେ ଜୀବନସାରା ରହିବେ। ହେଲେ କିଛି ନ କରି ରାତାରାତି ଷ୍ଟାର୍ ହେଲେ ବହୁତ ଶୀଘ୍ର ଉଠି ବହୁତ ଶୀଘ୍ର ପଡ଼ିବାର ଅନେକ ଉଦାହରଣ ରହିଛି। ତେଣୁ ଜୀବନରେ ସବୁବେଳେ ଅଭିନେତା ହେବାକୁ କଠିନ ପରିଶ୍ରମ ଓ ଧୈର୍ଯ୍ୟ ରଖିବା ଜରୁରି।

# ଟେଲିଭିଜନ ପ୍ରିମିୟର 'ଫାଷ୍ଟ ଲଭ୍'



ଜୁଲାଇ ୨୭ ତାରିଖ ରବିବାର ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ ନୂଆ ଓଡ଼ିଆ ସିନେମା 'ଫାଷ୍ଟ ଲଭ୍'। ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ସିନେମାଟି ନିର୍ମିତ। ଜୀ ସାର୍ଥକ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ର ରଜରେ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିଲା। ଯାହାକୁ ଏବେ ଦର୍ଶକେ ଟେଲିଭିଜନରେ ଦେଖିପାରିବେ। ମୁଖ୍ୟତଃ ବଡ଼ ପରଦାରେ ଦେଖିପାରି ନ ଥିବା ଦର୍ଶକେ ଏବେ ଏହାକୁ ଦେଖିବାର ସୁଯୋଗ ପାଇବେ। ରେଞ୍ଜି ରୟାଲ ସିନେ ଲାବ୍ ବ୍ୟାନର ଏବଂ ଜୀ ସାର୍ଥକ ସହଯୋଗିତାରେ ଫାଷ୍ଟ ଲଭ୍ ଚଳଚ୍ଚିତ୍ରକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ମିତ୍ର। ସଂଳାପ ରଚନା କରିଛନ୍ତି ଡଃ ନିର୍ମଳ ନାୟକ। ଏହାର ଗୀତଗୁଡ଼ିକକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥି, ସାନ୍ତୋଜିତ ଚାଟାର୍ଜୀ, ନବ୍‌ସ ଏବଂ ସରୋଜ। ଗୀତଗୁଡ଼ିକରେ ସ୍ୱର ଦେଇଛନ୍ତି ବଲିଉଡ୍ ଓ ଓଲିଉଡ୍‌ର ସୁନାମଧନ୍ୟ ଗାୟକ ଜାଭେଦ ଅଲି, ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ଗୌରବ ଆନନ୍ଦ ଓ କୁଳଦୀପ ପଟ୍ଟନାୟକ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ, ଗିରିଶ ମହାନ୍ତି ଓ ଦିବ୍ୟ। ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଶୈଳେନ୍ଦ୍ର ଏବଂ ଦିବ୍ୟାଙ୍କ ସମେତ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା ପ୍ରମୁଖ ଅଛନ୍ତି। ଓଡ଼ିଆ ଯୁବଦର୍ଶକଙ୍କ ପସନ୍ଦକୁ ଧ୍ୟାନରେ ରଖି ଏକ ନୂଆ ସ୍ୱାଦର ନିଆରା ପ୍ରେମ କାହାଣୀକୁ ନେଇ 'ଫାଷ୍ଟ ଲଭ୍' ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା।

# ସନ୍ ଅଫ୍ ସର୍ଦ୍ଦାର-୨ର ଟ୍ରେଲର ରିଲିଜ୍

ବଲିଉଡ୍‌ର ଆକ୍ସନ ଅଭିନେତା ଅଜୟ ଦେବଗନ 'ସନ୍ ଅଫ୍ ସର୍ଦ୍ଦାର-୨' ସିନେମାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ପ୍ରଥମ ଟ୍ରେଲର ରିଲିଜ୍ ହୋଇସାରିଥିବା ବେଳେ ଇତିମଧ୍ୟରେ ଏହାର ଦ୍ୱିତୀୟ ଟ୍ରେଲରକୁ ବି ରିଲିଜ୍ କରାଯାଇଛି। ଏହି ଟ୍ରେଲର ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ପ୍ରଦାନ କରିଛି। ବିଶେଷକରି ଦର୍ଶକେ ହସିବା ସହ ଇମୋସନ୍ ଓ ଆକ୍ସନକୁ ମଧ୍ୟ ଏଥିରେ ଦେଖିବାକୁ ପାଇଛନ୍ତି। ସେହିପରି ଟ୍ରେଲରର ଆରମ୍ଭ ଅଜୟଙ୍କ ଚରିତ୍ରରୁ ହୋଇଛି। ଏଥିରେ ସେ ଟ୍ରାକ୍ଟର ଚଳାଉଥିବା ନଜର ଆସିଛନ୍ତି। ଏଥିରେ ସେ ବାହା ହୋଇ ଖୁସି ଥିବା ଦେଖିବାକୁ ମିଳିଛି। ହେଲେ ବାହାଘରର ଦିନ କେଇଟା ପରେ ତାଙ୍କ ପତ୍ନୀ ଛାଡ଼ପତ୍ର ମାଗିଛନ୍ତି। ଏଇଠୁ ଆରମ୍ଭ ହେଇଛି ଅଜୟଙ୍କ ଜୀବନର ଅସଲ କାହାଣୀ। ଏହାସହ କିଭଳି ଗୋଟିଏ ପରେ ଗୋଟିଏ ଅସୁବିଧା ସାମ୍ନାକୁ ଆସୁଛି, ତାହା ମଧ୍ୟ ଦେଖିବାକୁ ମିଳିଛି। ସେହିପରି ଟ୍ରେଲର ଶେଷରେ ଅଜୟଙ୍କ ଆକ୍ସନ ରୂପ ଅଛି। ଲୋକେ ଏହି ଟ୍ରେଲରକୁ ଖୁବ୍ ପସନ୍ଦ ମଧ୍ୟ କରିଛନ୍ତି। ତେବେ ସିନେମାଟି ଜୁଲାଇ ୨୫ରେ ମୁକ୍ତିଲାଭ କରିଥାନ୍ତା, କିନ୍ତୁ ଏବେ ଏହା ଅଗଷ୍ଟ ୧ ତାରିଖରେ ପ୍ରେକ୍ଷାଳୟକୁ ଆସିବ।



ପରଦା ପଛର କାହାଣୀ

# ପ୍ରଥମ 'ସୁପରମ୍ୟାନ୍' ହିନ୍ଦୀ ଫିଲ୍ମ




ସାଧାରଣତଃ ସୁପରମ୍ୟାନ୍ ସିନେମା କହିଲେ ହଲିଉଡ୍ ଫିଲ୍ମ 'ସ୍ପାଇଡରମ୍ୟାନ୍', 'ସୁପରମ୍ୟାନ୍' ସାମ୍ନାକୁ ଆସିଥାଏ। ୧୯୭୮ ମସିହାରେ ହଲିଉଡ୍‌ରେ 'ସୁପରମ୍ୟାନ୍' ଫିଲ୍ମ ମୁକ୍ତିଲାଭ କରିଥିଲା। ତାହା ସୁପରହିଟ୍ ହୋଇଥିଲା। ତେବେ ଭାରତରେ ଏହି ଫିଲ୍ମର ୧୮ ବର୍ଷ ପୂର୍ବେ 'ସୁପରମ୍ୟାନ୍' ଫିଲ୍ମ ନିର୍ମାଣ ହୋଇଥିଲା। ଏଥିରେ ମହିଳା ଅଭିନେତ୍ରୀ ନିରୂପା ରାୟ ସୁପରମ୍ୟାନ୍ ଭୂମିକାରେ ଅଭିନୟ କରିଥିଲେ। ଯାହାଙ୍କୁ ପରବର୍ତ୍ତୀ ସମୟରେ ଦର୍ଶକେ ମାଆ ଚରିତ୍ର ପାଇଁ ଜାଣିଥିଲେ। ୧୯୬୦ରେ ମୁକ୍ତିଲାଭ କରିଥିବା ଶାନ୍ତିନାମ୍ନୀ ଜଣେ ଝିଅକୁ କେନ୍ଦ୍ର କରି ଏହି ଫିଲ୍ମର କାହାଣୀ ପର୍ଯ୍ୟବସିତ। ଯିଏ କି ପିଲାଦିନରୁ ମାଆଠାରୁ ଅଲଗା ହୋଇଯାଇଥିଲା। ଫଳରେ ତାକୁ ଜଣେ ବୈଜ୍ଞାନିକ ନିଜ ପାଖରେ ରଖି ଲାଳନ ପାଳନ କରିଥିଲେ। ବୈଜ୍ଞାନିକ ଏକ ଅମର ସିରମ୍ ଆବିଷ୍କାର କରିଥିଲେ। ଯାହାକୁ ଦେହରେ ଲଗାଇଲେ ଜଣେ ବ୍ୟକ୍ତି ଅମର ହୋଇଯିବେ। ସେହି ସିରମ୍‌କୁ ସେ ଶାନ୍ତିକୁ ଲଗାଇ ଦିଅନ୍ତି। ଏହାଦ୍ୱାରା ଶାନ୍ତି (ନିରୂପା ରାୟ) ସୁପରମ୍ୟାନ୍ ହୋଇଯାଆନ୍ତି। ଅବଶ୍ୟ ଫିଲ୍ମଟି ସେତେ ଲୋକାଦୃତ ହୋଇପାରି ନଥିଲା। ତେବେ ଏଥିରେ ନିରୁପା ରାୟ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଥିଲେ। ନିରୂପା ରାୟଙ୍କୁ ଫିଲ୍ମରେ ଦର୍ଶକେ କାନ୍ଦିବାର ଦେଖିଥିଲେ। ସେହିପରି ସେ ଅଧିକାଂଶ ଫିଲ୍ମରେ ଅମିତାଭ ବଚ୍ଚନଙ୍କ ମାଆ ଭୂମିକାରେ ଅଭିନୟ କରିଛନ୍ତି। ତେଣୁ ତାଙ୍କୁ ଅମିତାଭଙ୍କ ମାଆ ବୋଲି ମଧ୍ୟ କୁହାଯାଉଥିଲା। କିନ୍ତୁ ସୁପରମ୍ୟାନ୍ ଭୂମିକାରେ ଅଭିନୟ କରି ସେ ସମସ୍ତଙ୍କୁ ଚମତ୍କୃତ କରିଥିଲେ। ନିରୂପା ରାୟ ଜଣେ ଅଭିନେତ୍ରୀ ଭାବରେ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। କ୍ୟାରିୟର ପ୍ରାରମ୍ଭରେ ସେ ନାୟିକା ଭାବେ ଅଭିନୟ କରିଥିଲେ। ତେବେ ତାଙ୍କୁ ମାଆ ଚରିତ୍ରରୁ ପରିଚୟ ମିଳିଥିଲା। ସେ ୧୯୪୬ ମସିହାରେ ନିର୍ମିତ ଫିଲ୍ମ 'ଅମର ରାଜା'ରେ ମାଧ୍ୟମରେ ଫିଲ୍ମ ଦୁନିଆରେ ପାଦ ଥାପିଥିଲେ। ଏହାପରେ ସେ 'ଉଦ୍ଧାର', 'ଦି ବିଘା ଜମିନ୍', 'ଚାଲ୍‌ବାଜ୍', 'ଦୁଲ୍‌ହନ୍' ଆଦି ଫିଲ୍ମରେ ନଜର ଆସିଥିଲେ।

# ଲୋକସଭାରେ ଆଗତ ହେଲା ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ

**ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଲୋକସଭାରେ ବୁଧବାର ନ୍ୟାସନାଲ ସ୍ପୋର୍ଟ୍ସ ଗଭର୍ଣ୍ଣାନ୍ସ ବିଲ୍ ବା ଜାତୀୟ କ୍ରୀଡ଼ା ପ୍ରଶାସନ ବିଧେୟକ ଆଗତ ହୋଇଛି। ଏହାକୁ ଆଇନ୍‌ରେ ପରିଣତ କରିବାକୁ ଆହୁରି କିଛି ସମୟ ଅପେକ୍ଷା କରିବାକୁ ହେବ। ଏହି ବିଲ୍ ଆଗତ ହେବା ସହ ଭାରତର କ୍ରୀଡ଼ା ପ୍ରଶାସନ ଏକ ନୂଆ ରୂପ ଓ ଦିଗ ନେବ। ଏହା ଦ୍ୱାରା କ୍ରୀଡ଼ା ପ୍ରଶାସନରେ ନୂଆ ସଂସ୍କାର ଆସିବା ସହ ଆହୁରି ସ୍ୱଚ୍ଛ ହେବ ଓ ପୁରୁଣା ଦୋଷ ତ୍ରୁଟିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଏହି ବିଲ୍ ଆଇନ୍‌ରେ ପରିଣତ ହେଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଏହାର ପରିସରଭୁକ୍ତ ହେବ ବୋଲି କୁହାଯାଉଛି। କ୍ରୀଡ଼ା ସଂଘଗୁଡିକର ଅଧ୍ୟକ୍ଷ, ମହାସଚିବ ଓ କୋଷାଧ୍ୟକ୍ଷଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ବ୍ୟକ୍ତି କେବଳ କ୍ରମାଗତ ୩ଥର (୧୨ ବର୍ଷ) ପାଇଁ ଦାୟିତ୍ୱରେ ରହିପାରିବେ ଓ ଏହାଠାରୁ ଅଧିକ ସମୟ ଦାୟିତ୍ୱରେ ରହିପାରିବେ ନାହିଁ। ସେହିପରି ସର୍ବୋଚ୍ଚ ବୟସକୁ ୭୦ ବର୍ଷ ରଖାଯିବ। କିନ୍ତୁ ଯଦି ଅନ୍ତର୍ଜାତୀୟ ନିୟମ ଅନୁମତି ଦେବ, ତେବେ ନାମାଙ୍କନ ବେଳେ ବୟସ ୭୫ ବର୍ଷକୁ ବୃଦ୍ଧି କରିହେବ। ସେହିପରି ଯେକୌଣସି କ୍ରୀଡ଼ା ସଂସ୍ଥାର କାର୍ଯ୍ୟକାରୀ କମିଟିର ସଦସ୍ୟ ସଂଖ୍ୟା ଅତିବେଶୀରେ ୧୫ ହେବ। ଏହି ବିଲ୍ ଦ୍ୱାରା ଜାତୀୟ କ୍ରୀଡ଼ା ବୋର୍ଡ, ଜାତୀୟ କ୍ରୀଡ଼ା ନ୍ୟାୟାଧିକରଣ, ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ, ସୂଚନା ଅଧିକାର ନିୟମରେ ମଧ୍ୟ ଏକାଧିକ ସଂସ୍କାର ହେବା ନିଶ୍ଚିତ ମନେ ହେଉଛି। ଏହି ବିଲ୍ ଆଇନ୍‌ରେ ପରିଣତ ହେଲେ ବିସିସିଆଇ ଭଳି ଏକାଧିକ କ୍ରୀଡ଼ା ପ୍ରଶାସନ ସଂସ୍ଥା କିଭଳି ଆଭିମୁଖ୍ୟ ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା।

## ଇଞ୍ଜିନିୟର, ଲୟଡ୍‌ଙ୍କ ନାମରେ ନାମିତ ହେଲା ଷ୍ଟାଣ୍ଡ




**ମାଞ୍ଚେଷ୍ଟର, ୨୩।୭ (ଏଜେନ୍ସି):** ପୂର୍ବତନ ଭାରତୀୟ ୱିକେଟ୍‌କିପର ଫାରୁକ୍ ଇଞ୍ଜିନିୟର ଓ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର୍ କ୍ଲାଇଭ ଲୟଡ୍‌ଙ୍କୁ ବୁଧବାର ଏଠାରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ୪ର୍ଥ ଟେଷ୍ଟ ପୂର୍ବରୁ ସ୍ଥାନୀୟ ଲଙ୍କାଶାୟର କ୍ରିକେଟ୍ କ୍ଲବ ଉଭୟ ଇଞ୍ଜିନିୟର ଓ ଲୟଡ୍‌ଙ୍କ ନାମରେ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମର ୨ଟି ଷ୍ଟାଣ୍ଡକୁ ନାମିତ କରିଛି। ଉଲ୍ଲେଖଯୋଗ୍ୟ, ୮୭ ବର୍ଷୀୟ ଇଞ୍ଜିନିୟର ୧୯୬୦ରୁ ୭୦ ଦଶକ ମଧ୍ୟରେ ଭାରତ ପାଇଁ ୪୬ ଟେଷ୍ଟ ଓ ୫ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୨୬୧୧ ଓ ୧୧୪ ରନ କରିଥିଲେ। ସେହିଭଳି ୧୯୬୮ରୁ ୧୯୭୬ ପର୍ଯ୍ୟନ୍ତ ସେ କାଉଣ୍ଟି କ୍ଲବ ଲଙ୍କାଶାୟର ପାଇଁ ୧୭୫ ମ୍ୟାଚ୍ ଖେଳି ୫୯୪୨ ରନ ସହ ୪୨୯ କ୍ୟାଚ୍ ଓ ୩୫ ଷ୍ଟମ୍ପିଂ କରିଥିଲେ। ଅବସର ପରଠାରୁ ଫାରୁକ ମାଞ୍ଚେଷ୍ଟରରେ ରହିଆସୁଛନ୍ତି। ଅପରପକ୍ଷରେ ୮୦ ବର୍ଷୀୟ ଲୟଡ୍ ୭୦ ଦଶକ ପ୍ରାରମ୍ଭରେ ଲଙ୍କାଶାୟର ପାଇଁ ମ୍ୟାଚ୍ ଖେଳିଥିଲେ।


### ଚତୁର୍ଥ ଟେଷ୍ଟ: ପ୍ରଥମ ଦିବସ

# ଜୟସ୍ୱାଲ୍, ସାଇଙ୍କ ଅର୍ଦ୍ଧଶତକ; ଭାରତ ୨୬୪/୪

**ମାଞ୍ଚେଷ୍ଟର, ୨୩।୭ (ଏଜେନ୍ସି):**



କ୍ରିସ୍ ୱକ୍ସଙ୍କ ବଲ୍‌ରେ ଭାଙ୍ଗି ଯାଇଥିବା ବ୍ୟାଟ୍‌କୁ ଦେଖୁଛନ୍ତି ଜୟସ୍ୱାଲ


ଟେଷ୍ଟ କ୍ୟାପ୍ ସହ ପଦାର୍ପଣକାରୀ ଅଂଶୁଲ କାମ୍ବୋଜ୍

ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ବୁଧବାରଠାରୁ ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୪ର୍ଥ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଭାରତ ଯଶସ୍ୱୀ ଜୟସ୍ୱାଲ ଓ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ବଳରେ ଷ୍ଟମ୍ପ ସୁଦ୍ଧା ୮୩

### ବିଶ୍ୱର ପ୍ରଥମ ୱିକେଟ୍‌କିପର ଭାବେ ପନ୍ତଙ୍କ ୧୦୦୦ ରନ୍ ପୂରଣ

ଓଭରରେ ୪ ୱିକେଟ୍ ହରାଇ ୨୬୪ ରନ କରିଛି। ଏହି ସମୟରେ ରବୀନ୍ଦ୍ର ଜାଡେଜା ଓ ଶାର୍ଦ୍ଦୁଳ ଠାକୁର ୧୯ ରନ ଲେଖାଏ କରି ବ୍ୟାଟିଂ କରୁଛନ୍ତି। ଘରୋଇ ଦଳ ପକ୍ଷରୁ ଅଧିନାୟକ ବେନ୍ ଷ୍ଟୋକ୍ସ ସର୍ବାଧିକ ୨ଟି ୱିକେଟ୍ ନେଇଛନ୍ତି। ଇଂଲଣ୍ଡ ଏହି ସିରିଜରେ ୨-୧ରେ ଅଗ୍ରଣୀ ରହିଛି। ତେଣୁ ଭାରତ ଏହି ମ୍ୟାଚ୍ ଜିତି ସିରିଜକୁ ବରାବର୍ ସ୍ଥିତିକୁ ଆଣିବାକୁ ଲକ୍ଷ୍ୟ ରଖିଛି।

ଏହି ମ୍ୟାଚ୍‌ରେ ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଭାରତର ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ବେଶ୍ ସତର୍କତାର ସହ ପାଳି ଆରମ୍ଭ କରିଥିଲେ। ଉଭୟ ଓପନିଂ ୱିକେଟ ଭାଗୀଦାରିରେ ୯୨ ରନ ସଂଗ୍ରହ କରି ଦଳକୁ ଦୃଢ଼ ପ୍ରାରମ୍ଭ ଦେଇଥିଲେ। ତେବେ ୪୬ ରନ କରିଥିବାବେଳେ ରାହୁଲଙ୍କୁ ସ୍ଲିପ୍ ଅଞ୍ଚଳରେ ଆଉଟ୍ କରି କ୍ରିସ ୱକ୍ସ ଘରୋଇ ଦଳକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଏହିକ୍ରମରେ ରାହୁଲ ବିଦେଶ ମାଟିରେ ଓପନର୍ ଭାବେ ଟେଷ୍ଟରେ ୧୦୦୦ ରନ ପୂରଣ କରିଥିଲେ। ଏହି ମାଇଲଖୁଣ୍ଟ ହାସଲ କରିବାରେ ସେ ସୁନିଲ ଗାଭାସ୍କରଙ୍କ ପରେ ଦ୍ୱିତୀୟ ଭାରତୀୟ ଓପନର୍ ହୋଇଛନ୍ତି। ଗାଭାସ୍କର ୩ଟି ଦେଶ ୱେଷ୍ଟଇଣ୍ଡିଜ (୧୪୦୪ ରନ), ଇଂଲଣ୍ଡ (୧୧୫୨) ଓ ପାକିସ୍ତାନ (୧୦୦୧ ରନ) ମାଟିରେ ଓପନର୍ ଭାବେ ହଜାରେରୁ ଊର୍ଦ୍ଧ୍ୱ ରନ କରିଥିଲେ।

ରାହୁଲଙ୍କ ଆଉଟ୍ ପରେ ଲୟରେ ଖେଳୁଥିବା ଜୟସ୍ୱାଲ୍ ମଧ୍ୟ ଅର୍ଦ୍ଧଶତକ ପୂରଣ କରି ପ୍ୟାଭିଲିୟନ ଫେରିଥିଲେ। ୮ ବର୍ଷ ପରେ ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଥିବା ବାମହାତୀ ସ୍ପିନର ଲିଆମ ଡସନଙ୍କ ବଲରେ ଜୟସ୍ୱାଲ୍ କ୍ୟାଚ୍ ହୋଇଥିଲେ। ସେ ୧୦ ଚୌକା ଓ ୧ ଛକା ସହ ୧୦୭ ବଲରେ ୫୮ ରନ କରିଥିଲେ। ତାଙ୍କୁ ଆଉଟ୍ କରିଥିବା ଡସନ ଦୀର୍ଘ ୨୯୨୮ ଦିନର ବ୍ୟବଧାନ ପରେ ଟେଷ୍ଟ ୱିକେଟ୍ ନେଇଛନ୍ତି। ସେ ନିଜର ଶେଷ ଟେଷ୍ଟରେ ୨୦୧୭ରେ ହାସିମ ଆମଲାଙ୍କୁ ଆଉଟ୍ କରିଥିଲେ। ଏହାପରେ କ୍ରିଜ୍‌କୁ ଆସିଥିବା ଅଧିନାୟକ ଶୁବମନ ଗିଲ୍ କିନ୍ତୁ ନିରାଶ କରିଥିଲେ। ମାତ୍ର ୧୨ ରନ କରିଥିବାବେଳେ ପ୍ରତିପକ୍ଷ ଅଧିନାୟକ ଷ୍ଟୋକ୍ସଙ୍କ ବଲରେ ଗିଲ୍ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ତେବେ ୪ର୍ଥ ୱିକେଟ୍ ଭାଗୀଦାରିରେ ଋଷଭ ପନ୍ତ ଓ ସାଇ ସୁଦର୍ଶନ ଦଳୀୟ ସ୍କୋରକୁ ୨୦୦ ରନ ଅତିକ୍ରମ କରାଇଥିଲେ। କିନ୍ତୁ ୬୮ତମ ଓଭରରେ ୱକ୍ସଙ୍କୁ ସଟ୍ ମାରିବାକୁ ଯାଇ ପନ୍ତ ବ୍ୟାଟ୍‌କୁ ନିଜ ଡାହାଣ ଗୋଡ଼ ପାଦରେ ବାଡ଼େଇ ଦେଇଥିଲେ। ଫଳରେ ଗୁରୁତର ଆଘାତ ପାଇଁ ସେ ୩୭ ରନରେ ରିଟାୟାର୍ଡ ହଟ୍ ହୋଇଥିଲେ। ଏହିକ୍ରମରେ ପନ୍ତ ବିଶ୍ୱର ପ୍ରଥମ ୱିକେଟ୍‌କିପର ଭାବେ ଇଂଲଣ୍ଡ ମାଟିରେ ଟେଷ୍ଟରେ ୧୦୦୦ ରନ ସଂଗ୍ରହ କରିଛନ୍ତି। ସେହିଭଳି ସୁଦର୍ଶନ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରି ୬୧ ରନରେ ଷ୍ଟୋକ୍ସଙ୍କ ବଲରେ ଆଉଟ୍ ହୋଇଥିଲେ। ଏହି ମ୍ୟାଚ୍ ଖେଳି ହରିୟାଣା ଦ୍ରୁତ ବୋଲର ଅଂଶୁଲ କାମ୍ବୋଜ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତର ପ୍ରଥମ ପାଳି: ୨୬୪/୪, ୮୩ ଓଭର (ପନ୍ତ-ରିଟାୟାର୍ଡ ହଟ୍-୩୭, ସୁଦର୍ଶନ-- ୬୧, ରାହୁଲ-୪୬, ଜୟସ୍ୱାଲ- ୫୮, ଗିଲ୍- ୧୨, ଶାର୍ଦ୍ଦୁଳ-୧୯*, ଜାଡେଜା-୧୯*, ଷ୍ଟୋକ୍ସ- ୨/୪୫)।

## ରସେଲ୍‌ଙ୍କ ବିଦାୟୀ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ପରାସ୍ତ



**କିଙ୍ଗସଟନ, ୨୩।୭ (ଏଜେନ୍ସି):** ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର ସମାପ୍ତ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷ ୨ୟ ଟି-୨୦ ମ୍ୟାଚ୍ ଖେଳି ରସେଲ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ବୁଧବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚରେ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଫଳରେ ଘରୋଇ ଦର୍ଶକଙ୍କ ସାମ୍ନାରେ ଖେଳିଥିବା ୩୭ ବର୍ଷୀୟ ରସେଲ ନିଜର ଶେଷ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରି ନ ଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ୩ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ୨-୦ରେ ସିରିଜ ଅଗ୍ରଣୀ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୩ୟ ଟି-୨୦ ଶନିବାର ସକାଳେ ଖେଳାଯିବ।

ଦ୍ୱିତୀୟ ଟି-୨୦ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ୱେଷ୍ଟଇଣ୍ଡିଜ ୮ ୱିକେଟ୍‌ରେ ୧୭୨ ରନ କରିଥିଲା। ଦଳ ପକ୍ଷରୁ ଓପନର୍ ବ୍ରାଣ୍ଡନ କିଙ୍ଗ୍ ସର୍ବାଧିକ ୫୧ ରନ କରିଥିଲେ। ବିଦାୟୀ ମ୍ୟାଚ୍ ଖେଳୁଥିବା ରସେଲ ୪ ଛକା ଓ ୨ ଚୌକା ସହ ୧୫ ବଲରୁ ୩୬ ରନ କରି ଅପରାଜିତ ରହିଥିଲେ। ଲେଗ୍-ସ୍ପିନର ଆଦାମ ଜାମ୍ପା ଅଷ୍ଟ୍ରେଲିଆ ପାଇଁ ସବୁଠୁ ସଫଳ ବୋଲର ରହିଥିଲେ। ସେ ୩ଟି ଏବଂ ଗ୍ଲେନ ମ୍ୟାକ୍ସୱେଲ୍ ଓ ନାଥନ ଏଲିସ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଜୋଶ୍ ଇଂଲିଶ (୭୮) ଓ କାମେରନ ଗ୍ରୀନ (୫୬)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୧୫.୨ ଓଭରରେ ୨ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ଇଂଲିଶ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ରସେଲଙ୍କୁ ଏକ ସ୍ୱତନ୍ତ୍ର ଉପହାର ସହ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୁଇ ଦୁଇଥର ଟି-୨୦ ବିଶ୍ୱକପ୍ ବିଜୟୀ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ରହିଥିବାରୁ ଏହାକୁ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ମୁହୂର୍ତ୍ତ ବୋଲି ରସେଲ କହିଛନ୍ତି।

**ରସେଲଙ୍କ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ରନ୍ | ୱିକେଟ୍ | ୫୦/୧୦୦ |
|---|---|---|---|---|
| ଟେଷ୍ଟ | ୧ | ୨ | ୧ | ୦/୦ |
| ଦିନିକିଆ | ୫୬ | ୧୦୩୪ | ୭୦ | ୪/୦ |
| ଟି-୨୦ | ୮୬ | ୧୧୨୨ | ୬୧ | ୩/୦ |


**ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ସେମିରେ ଅନିମେଶ, ପର୍‌ଣୀତ୍



**ଭୁବନେଶ୍ୱର, ୨୩।୭ (ସମିସ):** ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଭାରତର ତାରକା ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ଏହି ରେସ୍‌ରେ ଅନିମେଶ ନିଜ ହିଟ୍ସରେ ୨୧.୧୬ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିସହ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ଅପରପକ୍ଷରେ ତୀରନ୍ଦାଜୀରେ ମହିଳା କମ୍ପାଉଣ୍ଡରେ ପର୍‌ଣୀତ୍ କୌର ମଧ୍ୟ ସେମିଫାଇନାଲରେ ପ୍ରବେଶ କରି ପଦକ ଆଶା ଉଜ୍ଜୀବିତ କରିଛନ୍ତି। ଟାଏକ୍ୱୋଣ୍ଡୋରେ ଭାରତୀୟ ମିକ୍ସଡ୍ ଟିମ୍ ଉଭୟ ରୋମାନିଆ ଓ ଇକ୍ୟୁଡର୍ ଦଳକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଏହାବାଦ୍ ସନ୍ତରଣରେ ରୋହିତ୍ ବେନେଡିକ୍ଟନ ମାଣିକରାଜ ୫୦ ମିଟର ବଟରଫ୍ଲାଏରେ ୨୪.୦୦ ସେକେଣ୍ଡ ରେସ୍ ଫିନିଶ କରି ସେମିଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ସନ୍ତରଣରେ ଅଲିମ୍ପିଆନ ଶ୍ରୀହରି ନଟରାଜ ୧୦୦ ଓ ୨୦୦ ମିଟର ଫ୍ରିଷ୍ଟାଇଲ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଆଗାମୀ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଛନ୍ତି।

## ନବୀଙ୍କ ବଲ୍‌କୁ ଛକା ମାରିଲେ ପୁଅ ହସନ



**କାବୁଲ, ୨୩।୭ (ଏଜେନ୍ସି):** କ୍ରିକେଟ୍‌ରେ ଦୁଇ ଭାଇ ଏକାଠି ଖେଳିବାର ଅନେକ ନଜିର ରହିଛି। କିନ୍ତୁ ଗୋଟିଏ ମ୍ୟାଚରେ ବାପ-ପୁଅ ଏକାଠି ଖେଳିବା ବହୁତ କ୍ୱଚିତ ଦେଖିବାକୁ ମିଳିଥାଏ। ସଦ୍ୟ ଏଭଳି ଏକ ବିରଳ ଘଟଣା ଆଫଗାନିସ୍ତାନରେ ଚାଲିଥିବା ଶପାଗିଜା କ୍ରିକେଟ୍ ଲିଗ୍ ଦେଖିବାକୁ ମିଳିଛି। କାବୁଲ ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ଲିଗ୍‌ର ଏକ ମ୍ୟାଚରେ ଆଫଗାନିସ୍ତାନର ମହାନ ଅଲ୍‌ରାଉଣ୍ଡର ମହମ୍ମଦ ନବୀ ତାଙ୍କ ୧୮ ବର୍ଷୀୟ ପୁଅ ହସନ ଇସାଖିଲଙ୍କ ବିପକ୍ଷରେ ଖେଳିଥିଲେ। ଓପନିଂ ଆସିଥିବା ହସନ ଏହି ମ୍ୟାଚରେ ୩୬ ବଲ୍‌ରେ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ପାଳିରେ ସେ ପ୍ରତିପକ୍ଷ ଦଳରେ ଥିବା ତାଙ୍କ ବାପା ତଥା ୪୦ ବର୍ଷୀୟ ନବୀଙ୍କୁ ସୁଇପ୍ ସଟ୍ ଜରିଆରେ ମିଡ୍‌ୱିକେଟ୍ ଅଞ୍ଚଳରେ ଏକ ବିଶାଳ ଛକା ମାରିଥିଲେ। ହସନଙ୍କ ଏହି ଛକାରେ ନବୀ ସାମାନ୍ୟ ହସି ଚାଲିଯାଇଥିଲେ। ଏହି ମ୍ୟାଚରେ ନବୀଙ୍କ ଦଳ ପରାସ୍ତ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ପରେ ନବୀ ଦିନିକିଆ ଫର୍ମାଟ୍‌ରୁ ଅବସର ନେବାକୁ ଘୋଷଣା କରିଥିଲେ। କିନ୍ତୁ ପରେ କହିଥିଲେ ଯେ, ସେ ତାଙ୍କ ପୁଅ ସହ ଏକାଠି ଖେଳିବାକୁ ସ୍ୱପ୍ନ ରଖିଥିବାରୁ ଏହି ଫର୍ମାଟ୍‌ରେ ଖେଳ ଜାରି ରଖିବେ। ୨୦୧୭ରେ ୱେଷ୍ଟଇଣ୍ଡିଜର ଶିବନାରିନ ଚନ୍ଦ୍ରପଲ୍ ଓ ତାଙ୍କ ପୁଅ ତାଗେନାରିନ ଚନ୍ଦ୍ରପଲ୍ ଏକ ପ୍ରଥମଶ୍ରେଣୀ ମ୍ୟାଚରେ ଏକାଠି ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ।

**ଡୁରାଣ୍ଡ କପ୍ ଉଦ୍‌ଘାଟିତ**

## ୫-୦ରେ ଜିତିଲା ଇଷ୍ଟ ବେଙ୍ଗଲ

**କୋଲକାତା, ୨୩।୭ (ଏଜେନ୍ସି):** ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସଲ୍ଟ ଲେକ୍ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଇଷ୍ଟ ବେଙ୍ଗଲ ୫-୦ ଗୋଲ୍‌ରେ ସାଉଥ୍ ୟୁନାଇଟେଡ୍ ଏଫ୍‌ସିକୁ ହରାଇ ଅଭିଯାନ ଆରମ୍ଭ କରିଛି। ଇଷ୍ଟ ବେଙ୍ଗଲ ପକ୍ଷରୁ ପ୍ରଥମାର୍ଦ୍ଧରେ ୨ଟି ଏବଂ ଦ୍ୱିତୀୟାର୍ଦ୍ଧର ଶେଷ ୧୦ ମିନିଟ୍‌ରେ ୩ଟି ଗୋଲ୍ ହୋଇଥିଲା। ଚଳିତ ସଂସ୍କରଣରେ ମୋଟ୍ ୨୪ଟି ଦଳକୁ ୬ଟି ଗ୍ରୁପ୍‌ରେ ଭାଗ କରାଯାଇ ମ୍ୟାଚ୍ ଖେଳାଯିବ। ଡୁରାଣ୍ଡ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସୋସାଇଟି ଆନୁକୂଲ୍ୟରେ ଏବଂ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍), ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡୋ, ପଶ୍ଚିମବଙ୍ଗ ସରକାରର ମିଳିତ ସହଯୋଗରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।

# ସେମିରେ କଟକ, କୋରାପୁଟ, ସୁନ୍ଦରଗଡ଼

**ସାହାଣୀ କପ୍-୨୦୨୫**

**କଟକ,୨୩।୭ (ସମିସ):**



ସେମିଫାଇନାଲରେ ପ୍ରବେଶ କରିଥିବା ସୁନ୍ଦରଗଡ଼ ଦଳ

ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍‌ର ୩ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ଖେଳାଯାଇଥିଲା। ଏଥିରେ ବିଜୟ ସହ କଟକ, କୋରାପୁଟ ଓ ସୁନ୍ଦରଗଡ଼ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବୌଦ୍ଧ ଜୋନ୍‌ରେ ଲିଗ୍ ମ୍ୟାଚ୍ ଶେଷ ହୋଇନଥିବାରୁ ସେମିରେ ପ୍ରବେଶ କରିବାକୁ ଥିବା ୪ର୍ଥ ଦଳ ଚୂଡ଼ାନ୍ତ ହୋଇନାହିଁ।

ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର ଓ କୋରାପୁଟ ଦଳ କ୍ୱାର୍ଟର ମୁକାବିଲାରେ ମୁହାଁମୁହିଁ ହୋଇଥିଲେ। ୧୦ମ ମିନିଟରେ ସୌମେଶ ମହାନ୍ତି ପ୍ରଥମ ଗୋଲ ଦେଇ ଭୁବନେଶ୍ୱରକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଖେଳର ପ୍ରଥମାର୍ଦ୍ଧ ଶେଷ ହେବାକୁ ଯାଉଥିବାବେଳେ କୋରାପୁଟ ଗୋଲ୍ ସୁଝାଇଥିଲା। ଇଞ୍ଜୁରୀ ଟାଇମ୍ ୪୬ତମ ମିନିଟରେ ଅବିନାଶ ମୁଦୁଲି ମ୍ୟାଚ୍ ବରାବର୍ ସୂଚକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୮୧ତମ ମିନିଟରେ ଅବିନାଶଙ୍କ ଦ୍ୱିତୀୟ ଗୋଲ କୋରାପୁଟକୁ ବିଜୟୀ କରାଇଥିଲା। କେନ୍ଦ୍ରାପଡ଼ା ଜୋନ୍‌ରେ କଟକ ୫-୦ ଗୋଲରେ ଝାରସୁଗୁଡ଼ାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଦୀନବନ୍ଧୁ ଦାସ ହ୍ୟାଟ୍ରିକ ଗୋଲ୍ ଦେଇଥିବା ବେଳେ ପାରାଓ ଟୁଡୁ ଏବଂ ଅବିନାଶ କିଶାନ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ଏବଂ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟ ଭିତରେ କୌଣସି ଦଳ ଗୋଲ ସ୍କୋର କରି ପାରିନଥିଲେ। ତେବେ ଟାଇବ୍ରେକର ପଦ୍ଧତିରେ ମ୍ୟାଚ୍ ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ୩-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଆଜି ବୌଦ୍ଧ ଜୋନରେ ଖେଳାଯାଇଥିବା ଦୁଇ ଲିଗ୍ ମ୍ୟାଚ୍‌ରେ ବରଗଡ଼ ଓ ଦେବଗଡ଼ ବିଜୟୀ ହୋଇଥିଲେ।

## ତୀରନ୍ଦାଜ କ୍ଷୀରୋଦଙ୍କୁ ୨ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୨୩।୭ (ସମିସ):** ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡ଼ା ତାଲିମ ପଦକ୍ଷେପ ଜରିଆରେ ସ୍ଥାନୀୟ ଯୁବ ତୀରନ୍ଦାଜଙ୍କୁ ସମର୍ଥନ କରିଆସୁଛି। ଏହି ଅଞ୍ଚଳର ଯୁବ ତୀରନ୍ଦାଜ କ୍ଷୀରୋଦ କୁମାର କୋଲକାତାରେ ଅନୁଷ୍ଠିତ ସିବିଏସ୍‌ଇ ପୂର୍ବ ଜୋନାଲ ତୀରନ୍ଦାଜ ଚାମ୍ପିଅନସିପ୍‌ରେ ୩ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ରହିଛି। ୧୯ ବର୍ଷରୁ କମ୍ ଇଣ୍ଡିଆନ୍ ରାଉଣ୍ଡ ବର୍ଗରେ ସେ ଏହି ସଫଳତା ପାଇଛନ୍ତି। କ୍ଷୀରୋଦ ଏଥିପୂର୍ବରୁ ଜାତୀୟ ସ୍କୁଲ ତୀରନ୍ଦାଜ ଚାମ୍ପିଅନସିପ୍‌ରେ ୫ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ଗତ ୩ ବର୍ଷ ଧରି ବେଦାନ୍ତର ତୀରନ୍ଦାଜ ତାଲିମ କେନ୍ଦ୍ର ଅଧିନରେ ପ୍ରଶିକ୍ଷଣ ନେଉଛନ୍ତି। କ୍ଷୀରୋଦଙ୍କ ଏହି ସଫଳତାରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'କ୍ଷୀରୋଦର ସଫଳତା ଆମର ତୃଣମୂଳସ୍ତରୀୟ କ୍ରୀଡ଼ା ପଦକ୍ଷେପର ପରିବର୍ତ୍ତନକାରୀ ପ୍ରଭାବର ଏକ ଶକ୍ତିଶାଳୀ ପ୍ରମାଣ। ବେଦାନ୍ତରେ ଆମେ କ୍ରୀଡ଼ା ମାଧ୍ୟମରେ ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା, ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଜାତୀୟ ଗର୍ବକୁ ପ୍ରୋତ୍ସାହିତ କରିବା ପାଇଁ ଗଭୀର ଭାବେ ପ୍ରତିବଦ୍ଧ। କଳାହାଣ୍ଡିରୁ ଏପରି ଆହୁରି ଅନେକ ଚାମ୍ପିଅନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିବଦ୍ଧ।'

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

# ଚାମଚ ଗିଳି ଦେଲେ ଯୁବକ



ଚୀନ୍‌ର ୟାନ୍ ନାମକ ଜଣେ ଯୁବକ ନିଶାରେ ଚାମଚ ଗିଳି ଦେଇଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ସେ ୫ ମାସ ପୂର୍ବରୁ ଥାଇଲାଣ୍ଡ ବୁଲିବାକୁ ଯାଇଥିବା ବେଳେ ଭୁଲବଶତଃ ତାଙ୍କ ଅଜାଣତରେ ଏଭଳି ଘଟଣା ଘଟିଛି । ୟାନ୍ ଥାଇଲାଣ୍ଡର ଏକ ହୋଟେଲରେ ରହଣି ସମୟରେ ଅତ୍ୟନ୍ତ ନିଶା ସେବନ କରିଥିଲେ । ଏହି ସମୟରେ ସେ ବାନ୍ତି କରିବା ପାଇଁ ସେରାମିକ୍‌ର ଏକ କଫି ଚାମଚକୁ ପାଟିରେ ଭର୍ତ୍ତି କରିଥିଲେ । ଯାହାକି ଭୁଲବଶତଃ ତାଙ୍କ ପେଟ ଭିତରକୁ ଚାଲିଯାଇଥିଲା । ଏହାପରେ ନିଶା ଯୋଗୁଁ ସେ ନିଜ ଚେତା ହରାଇଥିଲେ । ଯେତେବେଳେ ସକାଳୁ ଉଠିଲେ ଚାମଚ ଗିଳିବା ଘଟଣା ତାଙ୍କୁ ସ୍ୱପ୍ନ ପରି ମନେ ହେଲା । ସେହିପରି ବାନ୍ତି ଯୋଗୁଁ ପେଟରେ ଯନ୍ତ୍ରଣା ହେଉଥିବା ଭାବିଲେ । ଶଂଘାଇ ଫେରିବା ପରେ ୫ ମାସ ପର୍ଯ୍ୟନ୍ତ ସେ ସ୍ୱାଭାବିକ ଜୀବନ ଜିଇଁଲେ । ଏହି ସମୟ ମଧ୍ୟରେ ତାଙ୍କଠାରେ କୌଣସି ସମସ୍ୟା ଦେଖିବାକୁ ମିଳି ନ ଥିଲା । ହେଲେ ଜୁନ୍‌ରେ ୟାନ୍‌ଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ଶଂଘାଇରେ ଜଣେ ଡାକ୍ତରଙ୍କୁ ଦେଖାଇଥିଲେ । ଡାକ୍ତର ସନ୍ଦେହ କରୁଥିଲେ, ୟାନ୍ ଖାଦ୍ୟ ଖାଉଥିବା ସମୟରେ ଭୁଲବଶତଃ ପ୍ଲାଷ୍ଟିକ୍ ଗିଳି ଦେଇଥାଇପାରନ୍ତି । ହେଲେ ପରୀକ୍ଷାରୁ ଜଣା ପଡ଼ିଲା, ତାଙ୍କ ପେଟରେ ପ୍ଲାଷ୍ଟିକ୍ ନୁହେଁ,୧୫ ସେଣ୍ଟିମିଟର ଲମ୍ବା ଏକ ସେରାମିକ୍ ଚାମଚ ଅଛି । ସେହିପରି ଟିକେ ଅସାବଧାନତା ହୋଇଥିଲେ, ଚାମଚ ଅନ୍ତନଳୀରେ ଛେଦ ବି ସୃଷ୍ଟି କରିପାରିଥାନ୍ତା । ଯଦ୍ୱାରା ରକ୍ତସ୍ରାବ ଭଳି ସମସ୍ୟା ସାମ୍ନା କରିବାକୁ ପଡ଼ିଥାନ୍ତା । ଅନ୍ୟପଟେ ଡାକ୍ତର ୯୦ ମିନିଟ୍ ପର୍ଯ୍ୟନ୍ତ ସର୍ଜରୀ କରି ସଫଳତାର ସହ ୧୫ ସେଣ୍ଟିମିଟରର ଚାମଚଟିକୁ ତାଙ୍କ ପେଟରୁ ବାହାର କରିଛନ୍ତି । ୟାନ୍ ଏବେ ସୁସ୍ଥ ଥିବା ଜଣାପଡ଼ିଛି ।

# ପୋଷ୍ଟର୍ ମାଧ୍ୟମରେ ଚୋରକୁ ନିବେଦନ

ଆଜିକାଲି ଘରୁ ତଥା ଦୋକାନରୁ ଚୋରି ହେବା ଏକ ସାଧାରଣ ଘଟଣା । ସେହିପରି ଚୋର ଦାଉରୁ ଘର ଏବଂ ଦୋକାନକୁ ସୁରକ୍ଷିତ ରଖିବା ଲାଗି କିଏ ସିକ୍ୟୁରିଟି ଗାର୍ଡଙ୍କୁ ନିଯୁକ୍ତ ତ କରୁଛନ୍ତି ତ ଆଉ କିଏ ସିସିଟିଭି ଲଗାଇବା ବ୍ୟବସ୍ଥା କରୁଛନ୍ତି । ଏହି କ୍ରମରେ ଜଣେ ବ୍ୟକ୍ତି ଚୋରି ନ ହେବା ପାଇଁ ଯାହା କରିଛନ୍ତି, ତାହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏପରିକି ଏହା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ସମ୍ପୃକ୍ତ ଯୁବକ ଜଣକ ଚୋରଙ୍କ ଉଦ୍ଦେଶ୍ୟରେ ନିଜ ଘର ବାହାରେ ଏକ ପୋଷ୍ଟର୍ ଲଗାଇଛନ୍ତି । ଏହି ପୋଷ୍ଟର୍ ମାଧ୍ୟମରେ ଚୋରଙ୍କୁ ଚୋରି ନ କରିବା ପାଇଁ ନିବେଦନ କରାଯାଇଛି । କାନପୁରରେ ରହନ୍ତି ଅନୁ ଅବସ୍ତି । ସେ ଜଣେ କଣ୍ଟେଣ୍ଟ କ୍ରିଏଟର । ବିଭିନ୍ନ ସମୟରେ ତାଙ୍କର ମଜାଦାର ଭିଡିଓଗୁଡ଼ିକ ଭାଇରାଲ ହୋଇଥାଏ । ହେଲେ ଏଥର ସେ ସହରରୁ କିଛି ଦିନ ପାଇଁ ବାହାରକୁ ଯାଉଥିବାରୁ ଚୋରଙ୍କ ପାଇଁ ଯେଉଁ ବ୍ୟବସ୍ଥା କରିଛନ୍ତି, ତାହା ସମ୍ପୂର୍ଣ୍ଣ ଅଜବ । ଏ ଲାଗି ସେ ଏକ ପୋଷ୍ଟର୍ ନିଜ ଘର ବାହାର ଗେଟ୍‌ରେ ଲଗାଇଛନ୍ତି । ଏଥିରେ ସେ ଚୋରଙ୍କୁ ଲେଖିଛନ୍ତି, 'ଗାଁରେ ପିଉସାଙ୍କୁ କୁକୁର କାମୁଡ଼ିଛି । ଆମେ ସମସ୍ତେ ଗାଁକୁ ଯାଉଛୁ । ଘରେ କେବଳ ଆମ ଘରୋଇ ସହାୟିକା ଓ ତିନୋଟି କାମୁଡ଼ା କୁକୁର ଅଛନ୍ତି । ଆମ ଘରେ ଗହଣା କହିଲେ ଦୁଇଟି ମୁଦି ଅଛି, ଯାହାକୁ ଆମେ ପିନ୍ଧିକି ଯାଉଛୁ । ଏହି ଘରେ ପରିଶ୍ରମ କରିବା ବୃଥା । ତେଣୁ ପଡ଼ୋଶୀ ଘରେ ଚେଷ୍ଟା କର ।' ତାଙ୍କର ଏହି ପୋଷ୍ଟଟି ଖୁବ୍ ଭାଇରାଲ ହେଉଛି । ତା'ସହ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।




## ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଉପସ୍ଥାପକ ହେଲେ

# ବିଗ୍ ବି

## ଏପିସୋଡ୍ ପିଛା ୫ କୋଟି



ବଲିଉଡ୍‌ର ମହାନାୟକ ଅମିତାଭ ବଚ୍ଚନ ଦୀର୍ଘ ୨୫ ବର୍ଷ ହେଲାଣି କେବିସି ଶୋ'କୁ ହୋଷ୍ଟ କରିଛନ୍ତି । ଗୋଟିଏ ସିଜିନ୍‌କୁ ଛାଡ଼ି ଏଯାବତ୍ ସେ ସବୁଯାକ ସିଜନ୍‌କୁ ହୋଷ୍ଟ ସାଜିଛନ୍ତି । 'କେବିସି ୧୭'କୁ ମଧ୍ୟ ସେ ହୋଷ୍ଟ କରିବେ ବୋଲି ନିକଟରେ ସୋନୀ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଘୋଷଣା କରାଯାଇଛି । ଅଗଷ୍ଟ ୧୧ରେ ଏହାର ପ୍ରିମିୟର ହେବ । ଏହା ପୂର୍ବରୁ ଏଥିରେ ବିଗ୍ ବି' ନେଇଥିବା ପାରିଶ୍ରମିକକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲାଣି । ଏହାର ପ୍ରତି ଏପିସୋଡ୍ ପାଇଁ ବିଗ୍‌ବି ୫ କୋଟି ନେବେ । ଏଥିପାଇଁ ସେ ଏବେ ଟେଲିଭିଜନ ପରଦାର ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଉପସ୍ଥାପକ ହୋଇଛନ୍ତି । ବିଗ୍‌ବିଙ୍କ ଭଳି ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ମଧ୍ୟ 'ବିଗ୍‌ବସ୍' ଶୋ'କୁ ହୋଷ୍ଟ କରିବା ପାଇଁ ବେଶ୍ ମୋଟା ଅଙ୍କର ପାରିଶ୍ରମିକ ନିଅନ୍ତି । ଯଦି ବିଗ୍ ବି ଏପିସୋଡ୍ ପିଛା ୫ କୋଟି ନେଉଛନ୍ତି ତେବେ ପ୍ରତି ସପ୍ତାହକୁ ସେ ୨୫ କୋଟି ନେବେ । ଏବାବଦରେ ସେ ସଲମାନ୍‌ଙ୍କୁ ପଛରେ ପକାଇ ଦେବେ । କାରଣ ସଲମାନ୍ ସପ୍ତାହରେ ଦୁଇଟି 'ବିଗ୍‌ବସ୍' ଶୋ'ର ଏପିସୋଡ୍ ସୁଟ୍ କରନ୍ତି । ଏଥିପାଇଁ ୧୨ କୋଟି ନିଅନ୍ତି । ଅବଶ୍ୟ ସଲମାନ୍ କି ଅମିତାଭଙ୍କ ପାରିଶ୍ରମିକକୁ ନେଇ ଏଯାବତ୍ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ ।

## ଆଜି ବାହୁଡ଼ିଥିଲେ

# କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ଆଧୁନିକ ଓଡ଼ିଆ ନାଟ୍ୟକାର, ଗୀତିକାର, କବି, ସଙ୍ଗୀତଜ୍ଞ ଓ ନୃତ୍ୟ ବିଶାରଦ ଭାବେ କାଳୀଚରଣ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ । ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଅରମ୍ଭ କରିଥିଲେ । ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଲେ । ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' ବୋଲି ମଧ୍ୟ କୁହାଯାଏ । ସାମାଜିକ ନାଟକ, ନୃତ୍ୟନାଟିକା, ପୌରାଣିକ ନାଟକ, ଐତିହାସିକ ନାଟକ, ଜୀବନୀ ନାଟକ, ଏକାଙ୍କିକା, ଗଳ୍ପ, ଗୀତିକବିତା, ଶିଶୁକବିତା, ପ୍ରବନ୍ଧ ଇତ୍ୟାଦି ରଚନା କରି ସେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । "ଗାର୍ଲସ୍କୁଲ୍" ନାଟକ ମାଧ୍ୟମରେ ସେ ତୋଳିଥିବା ସାମାଜିକ ପରିବର୍ତ୍ତନର ସ୍ୱର ତାଙ୍କୁ ଅମର କରି ଦେଇଛି । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲା । କାଳୀଚରଣ ୧୮୯୭ ମସିହା ଡିସେମ୍ବର ୨୩ ତାରିଖରେ ବାଙ୍କୀର ଖମାରଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ । ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲେ । ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁକୁହୁ ତାନକୁ ଉପାଦାନ କରି ଲେଖୁଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ । ରେଭେନ୍ସା କଲେଜରେ ପଢୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ । କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ । ୧୯୧୮ ରେ ଆଇ.ଏ. ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ 'ପ୍ରତିଶୋଧ' । ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ ଓ କବିତା । ଭାରତର ବିଭାଜନରେ ଅସନ୍ତୋଷ ବ୍ୟକ୍ତ କରିବାକୁ ଯାଇ ସେ 'ଫଟା ଭୂଇଁ' ନାଟକ ମଞ୍ଚସ୍ଥ କରିଥିଲେ । ଭାରତର ଖାଦ୍ୟାଭାବକୁ ନାଟ୍ୟ ରୂପ ଦେଇ 'ଭାତ' ନାଟକ ଲେଖିଥିଲେ । ଓଡ଼ିଶାର ପ୍ରଥମ ବ୍ୟାବସାୟିକ ରଙ୍ଗମଞ୍ଚ 'ଓଡ଼ିଶା ଥିଏଟର୍ସ' ତାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା । ଗଜପତି ରାମଚନ୍ଦ୍ର ଦେବ କାଳୀଚରଣଙ୍କୁ 'କବିଚନ୍ଦ୍ର' ଉପାଧି ପ୍ରଦାନ କରିଥିଲେ । ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା । ୧୯୭୪ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପ୍ରଦାନ କରିଥିଲେ । ୧୯୭୮ ମସିହା ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

# ସକାଳର ଆରମ୍ଭ ସୂଚାଇବ ସ୍ୱଭାବ

ଅନେକ ଲୋକଙ୍କର ଭୋରରୁ ଉଠିବା ଅଭ୍ୟାସ ଥିବାବେଳେ ଆଉ କେହି କେହି ବିଳମ୍ବରେ ଉଠନ୍ତି । ସେହିପରି କିଛି ଲୋକ ଏଭଳି ଅଛନ୍ତି, ଯେଉଁମାନଙ୍କ ସକାଳ, ଚା' କିମ୍ବା କଫିରୁ ଆରମ୍ଭ ହେଉଥିବାବେଳେ ଆଉ କାହାର ଯୋଗ, ପ୍ରାଣାୟମରୁ । ତେବେ ଲୋକଙ୍କର ଏହି ସକାଳେ ଉଠିବା ଅଭ୍ୟାସ ମଧ୍ୟ ସେମାନଙ୍କ ବ୍ୟକ୍ତିତ୍ୱ ତଥା ସ୍ୱଭାବ ସମ୍ପର୍କରେ ଅନେକ କିଛି ସୂଚାଇଥାଏ । ଭୋରରୁ ଉଠୁଥିବା ଲୋକେ ବେଶ୍ ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ହୋଇଥାନ୍ତି । ଏଭଳି ଲୋକେ ମୁଖ୍ୟତଃ ବ୍ୟବସ୍ଥିତ ଦିନଚର୍ଯ୍ୟା ଉପରେ ଗୁରୁତ୍ୱ ଦେଇଥାନ୍ତି । ତା'ସହ ସେମାନେ ଦୀର୍ଘକାଳୀନ ଲକ୍ଷ୍ୟ ପ୍ରାପ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଭଲପାଆନ୍ତି । ସେହିପରି ସକାଳୁ ସକାଳୁ ଆଲାର୍ମ ବନ୍ଦ କରି ଉଠୁଥିବା ବ୍ୟକ୍ତି ସୃଜନଶୀଳ ହେବା ସହ ଅନିୟନ୍ତ୍ରିତ ଜୀବନଶୈଳୀ ଆପଣାଇଥାନ୍ତି । ଏହାବାଦ୍ ସକାଳ ବ୍ୟାୟାମରୁ ଦିନ ଆରମ୍ଭ କରୁଥିବା ଲୋକେ ଅନୁଶାସନରେ ରହିବାକୁ ପସନ୍ଦ କରନ୍ତି । ସବୁବେଳେ ନିଜ ଉପରେ ଅଧିକ ଧ୍ୟାନ ଦିଅନ୍ତି । ଏମାନେ ସ୍ୱାସ୍ଥ୍ୟକୁ ନେଇ ବେଶ୍ ସଚେତନ ଥାଆନ୍ତି । ଅନ୍ୟପଟେ କଫିରୁ ଦିନ ଆରମ୍ଭ କରୁଥିବା ଲୋକେ ବେଶ୍ ଆରାମରେ ଜୀବନ କାଟିବା ପାଇଁ ଚାହାନ୍ତି । ମିଳାମିଶାକୁ ଭଲପାଆନ୍ତି ଏବଂ ନିତିଦିନ କାମରେ ଶାନ୍ତି ଅନୁଭବ କରନ୍ତି । ସେହିଭଳି ସକାଳରୁ ଦିନଯାକର କାର୍ଯ୍ୟକୁ ନେଇ ଯୋଜନା କରୁଥିବା ଲୋକେ ବେଶ୍ ବ୍ୟବସ୍ଥିତ ହୋଇଥାନ୍ତି । ଏମାନେ ବିଶ୍ୱସନୀୟ ହେବା ସହ ଜୀବନକୁ ନିୟନ୍ତ୍ରଣରେ ରଖିବାକୁ ପସନ୍ଦ କରନ୍ତି । ଯେଉଁମାନଙ୍କର ସକାଳ ଧୀରେ ସୁସ୍ଥେ ଏବଂ ଆରାମଦାୟକ ଭାବେ ଆରମ୍ଭ ହୁଏ, ସେମାନେ ତରବରିଆ ଭାବେ ନିଷ୍ପତ୍ତି ନେବାରୁ ଦୂରେଇ ରହନ୍ତି । ଜୀବନରେ ଶାନ୍ତିକୁ ଅଧିକ ଗୁରୁତ୍ୱ ଦିଅନ୍ତି । ସେହିପରି ସକାଳ ସମୟରେ ଏକକାଳୀନ ଅନେକ କାମ କରୁଥିବା ବା ମଲଟିଟାସ୍କର ସ୍ୱଭାବରେ ଦକ୍ଷ ହୋଇଥାନ୍ତି । ସେମାନଙ୍କର ଏହି ଅଭ୍ୟାସ ଅଧିକ ଚାପଗ୍ରସ୍ତ ଏବଂ ଅଧିକ କାମ କରୁଥିବା ପ୍ରବୃତ୍ତିକୁ ଦର୍ଶାଏ । ସେହିପରି ପ୍ରକୃତି ସହିତ ସମୟ ଅତିବାହିତ କରି ଦିନ ଆରମ୍ଭ କରୁଥିବା ଲୋକେ ଜୀବନରେ ଶାନ୍ତି, ସନ୍ତୁଳନ ଓ ପ୍ରକୃତି ସହ ଜଡ଼ିତ ରହିବାକୁ ଗୁରୁତ୍ୱ ଦିଅନ୍ତି । ଅନ୍ୟପଟେ ଯେଉଁମାନଙ୍କ ସକାଳ ସାମାଜିକ ଗଣମାଧ୍ୟମ କିମ୍ବା ଫୋନ୍‌ରୁ ଆରମ୍ଭ ହୁଏ, ସେମାନେ ସାମାଜିକ ମିଳାମିଶା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ତେବେ ତରବରିଆ ଭାବେ ଦିନ ଆରମ୍ଭ କରୁଥିବା ଲୋକଙ୍କ ସ୍ୱଭାବ ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀର ସଙ୍କେତ ଦେଇଥାଏ । ଅବଶ୍ୟ ଏଭଳି ଲୋକେ ସ୍ୱଭାବରେ ଉଚ୍ଚାଭିଳାଷୀ ହୋଇଥାନ୍ତି ।



# ମିଛି ମିଛିକା ବାହାଘର

ଆଜିକାଲି ଲୋକେ ବିବାହ ଦିନକୁ ବେଶ୍ ସ୍ମରଣୀୟ କରିବା ପାଇଁ ମାସ ମାସ ଧରି ଯୋଜନା କରୁଛନ୍ତି । କିନ୍ତୁ ଯେଉଁ ପରିବାରଗୁଡ଼ିକରେ ବାହାଘର ହେଉଥାଏ କାମକାର୍ଯ୍ୟ ଓ ଦାୟିତ୍ୱ ଯୋଗୁଁ ପରିବାରର ସଦସ୍ୟମାନେ ମନ ଖୋଲି ଏହାକୁ ଉପଭୋଗ କରିପାରନ୍ତି ନାହିଁ । ଏବେ ଲୋକେ ବିନା କୌଣସି ଦାୟିତ୍ୱରେ ବି ବିବାହକୁ ମନଭରି ଉପଭୋଗ କରିପାରିବେ । ଏଠାରେ ପୁରାପୂରି ବିବାହ ଭଳି ପରିବେଶ ସାଙ୍ଗକୁ ମେହେନ୍ଦି, ସଙ୍ଗୀତ ଭଳି ଅନେକ ଉତ୍ସବ ପାଳନ କରାଯାଏ । ଲାଇଟ୍, ସାଜସଜା, ନାଚଗୀତ, ଖାଇବା ପିଇବା ସବୁର ବନ୍ଦୋବସ୍ତ ଥାଏ । କେବଳ ନ ଥାନ୍ତି ବର କନିଆ । ଏବେ ମିଛି ମିଛିକା ବାହାଘର ବା ଫେକ୍ ୱେଡିଂ ଧାରା ବେଶ୍ ଲୋକପ୍ରିୟ ହେବାରେ ଲାଗିଛି । ମୁଖ୍ୟତଃ ଦିଲ୍ଲୀରେ ଏଭଳି ଏକ ପାର୍ଟି ଟ୍ରେଣ୍ଡ ବେଶ୍ ଲୋକପ୍ରିୟ ହୋଇଛି । ଏହି ପାର୍ଟିକୁ ଲୋକେ ବାହାଘର ଭଳି ପୋଷାକ ପିନ୍ଧି ଆସନ୍ତି, ଢୋଲ ବାଜାର ତାଳେ ତାଳେ ନାଚନ୍ତି ଓ ସ୍ୱାଷ୍ଟିଷ୍ଟ ଖାଦ୍ୟଗୁଡ଼ିକର ମଜା ଉଠାନ୍ତି । ଏଠାରେ ଲୋକେ କୌଣସି ଦାୟିତ୍ୱ ବିନା ବିବାହର ମଜା ନେଇଥାନ୍ତି । ଅନ୍ୟପଟେ ମିଛ ବାହାଘରରେ ସାମିଲ ହେବା ଲାଗି ଲୋକଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ହୁଏ । ଏନେଇ ଏଣ୍ଟ୍ରି ଟିକଟର ବ୍ୟବସ୍ଥା ବି ଅଛି । କିଛି ଇଭେଣ୍ଟ ମ୍ୟାନେଜମେଣ୍ଟ କଂପାନି ଓ ଡ୍ୟାନ୍ସ କୋରିଓଗ୍ରାଫର ବି ଏଭଳି ନକଲି ବିବାହର ଆୟୋଜନ କରୁଛନ୍ତି କେବଳ ସୋସିଆଲ ମିଡିଆ କଣ୍ଟେଣ୍ଟ ପାଇଁ । ସେହିପରି ସାମାଜିକ ଗଣମାଧ୍ୟମରେ ଏଭଳି ମିଛିମିଛିକା ବାହାଘରର ଏକାଧିକ ଭିଡିଓ ଦେଖିବାକୁ ମିଳୁଛି । ଯାହାକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି ।



# ଆଜିର ଇତିହାସ

- ୧୮୨୩- ଚିଲିରେ ଦାସତ୍ୱ ପ୍ରଥାର ଉଚ୍ଛେଦ ହେଲା ।
- ୧୮୭୦- ଆମେରିକାରେ ପ୍ରଥମଥର ରେଳସେବା ଆରମ୍ଭ ହେଲା ।
- ୧୯୩୨- ରାମକୃଷ୍ଣ ମିଶନ ସେବା ପ୍ରତିଷ୍ଠାନର ଆରମ୍ଭ ହେଲା ।
- ୧୯୬୯-ଆପୋଲୋ-୧୧ ମହାକାଶଯାନ ପୃଥିବୀ ପୃଷ୍ଠକୁ ଫେରିଲା ।
- ୨୦୦୦-ଏସ୍.ବିଜୟଲକ୍ଷ୍ମୀ ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର୍ ହେଲେ ।

# ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ । ଲୋକ ସମ୍ପର୍କ ବଢ଼ିବ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ସମାଜରେ ପ୍ରତିଷ୍ଠା ବଢ଼ିବ । ମାନ ସମ୍ମାନ ବୃଦ୍ଧି ହେବ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଦାନଧର୍ମ କରନ୍ତୁ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଦାନ ଧର୍ମ କରିବେ ।